visit us at
www.paryabekhyak.com

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

ପର୍ଯ୍ୟବେକ୍ଷକ

PARYABEKHYAK

पर्यवेक्षक

FIND US ON
facebook.com/paryabekhyak
FOLLOW US
ON TWITTER
twitter.com/paryabekhyak

Vol.23 . No.05, Bhubaneswar Friday, February 7, 2020 ୨୩ତମ ବର୍ଷ ସଂଖ୍ୟା–୦୫ ଭୁବନେଶ୍ୱର, ଶୁକ୍ରବାର, ଫେବୃଆରୀ ୭, ୨୦୨୦ (୮ ପୃଷ୍ଠା) ମୂଲ୍ୟ–୧.୫୦ ₹ 1.50 (Air Surcharge - 0.50P) Member-INS

ପିକନିକ୍ ବସର ଆଗଚକ ଫାଟିଲା : ଦାରିଙ୍ଗବାଡି ଘାଟିରେ ଅଳ୍ପକେ ବର୍ତିଲେ ୫୦ ଜଣ

କନ୍ଧମାଳ,୬।୨(ପି.ଏନ): ଓଡିଶାର କାଶ୍ମିର ଦାରିଙ୍ଗବାଡି ଦେଖିଲେ। ପ୍ରାକୃତିକ ମନୋରମ ପରିବେଶ ସାଙ୍ଗକୁ ଥଣ୍ଡାର ମଜା ନେବାସହ ବଣଭୋଜି ବି କଲେ, ସେଲ୍ଫି ଉଠାଇଲେ ଆଦି କେତେ କ'ଣ ମଜା କରି ନିଜ ଗାଁକୁ ଯିବାବେଳେ ଦାରିଙ୍ଗବାଡି ନିକଟସ୍ଥ ଗାଜଲବାଡି ଘାଟିରେ ଗାଡିଟି ଭାରସାମ୍ୟ ହରାଇବା ଫଳରେ ଘାଟି ତଳକୁ ଖସିଯିବା ବେଳେ ପଥରରେ ଅଟକିଯିବା ଫଳରେ ଅଳ୍ପକେ ବର୍ତିଯାଇଥିଲା ୫୦ ଜୀବନ। ବସଟି ଟିକିଏ ହଲଚଲ ହୋଇଥିଲେ ୨୫ ଫୁଟ ତଳକୁ ଖସିପଡିଥାନ୍ତା ଆଉ କ'ଣ ଯେ ହୋଇଥାନ୍ତା ତାହା ଭାବି ହେଉନି। ଖବର ପାଇ ସୋରଡା ପୋଲିସ ଦମକଳ ବାହିନୀ ଓ ଦାରିଙ୍ଗବାଡି ଦମକଳ ବାହିନୀ ତତକ୍ଷଣାତ୍ ଘଟଣାସ୍ଥଳରେ ପଂହଚି ସମସ୍ତ ପର୍ଯ୍ୟଟକଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରିଥିଲେ। ସମୟ ପ୍ରାୟ ୯ଟା ବେଳେ ଏହି ଦୁର୍ଘଟଣା ଘଟିଥିଲା। ଏହି ବସଟି ପୁରୀ ଅଂଚଳର ୫୦ଜଣ ପର୍ଯ୍ୟଟକଙ୍କୁ ନେଇ ଦାରିଙ୍ଗବାଡି ଆସିଥିଲା। ଫେରିବା ବେଳେ ଏହି ଅଘଟଣ ଘଟିଥିଲା। ବସ ଭିତରେ ଖୁସି ମଜା କରି ସମସ୍ତେ ଫେରୁଥିଲେ ହେଲେ କିଛି ସମୟ ପରେ ସବୁ ଖୁସି ପାଣି ଫୋଟକା ପରି ମିଳେଇଯାଇ ଦୁଃଖ ଆଣିଦେଇଥିଲା। ବର୍ଷାଯୋଗୁଁ ଘାଟିର ଶେଷ ବୁଲାଣିରେ ଗାଡିଟି ଭାରସାମ୍ୟ ହରାଇ ଖସିଯାଇ ବସ ଆଗ ଚକା ଘାଟିତଳକୁ ଖସି ଝୁଲି ରହିଥିଲା। ପର୍ଯ୍ୟଟକ ମାନଙ୍କ ମଧ୍ୟରେ କାନ୍ଦ ବୋବାଳି ପଡିଯାଇଥିଲା। ସମସ୍ତେ ଠାକୁରଙ୍କୁ ଡାକୁଥିଲେ ରକ୍ଷା କରିବାଲାଗି। ତେବେ, ଠାକୁର ଶୁଣିଲେ ସେମାନଙ୍କ କଥା। ପୋଲିସ ଓ ଦମକଳ ବାହିନୀ ଦେବଦୂତ ସାଜି ସମସ୍ତ ଯାତ୍ରୀଙ୍କୁ ଉଦ୍ଧାର କରିଥିଲେ। ସମସ୍ତ ଯାତ୍ରୀଙ୍କୁ ଅନ୍ୟ ବସ ଯୋଗେ ପଠାଯାଇଥିଲା। ସୂଚନା ଯୋଗ୍ୟ ଯେ, କିଛିଦିନ ତଳେ ରାୟଗଡାରୁ ବ୍ରହ୍ମପୁର ଆସୁଥିବା ଏକ ଯାତ୍ରୀବାହୀ ବସ ତପ୍ତପାଣି ଘାଟିରେ ଖସିପଡିବା ଫଳରେ ୮ ଜଣଙ୍କୁ ମୃତ୍ୟୁ ଘଟିଥିଲା। ୪୦ରୁ ଉର୍ଦ୍ଧ୍ୱ ଯାତ୍ରୀ ଗୁରୁତର ଆହତ ହୋଇଥିଲେ। ଏହି ମର୍ମନ୍ତୁଦ ଛାତିଥରା ଘଟଣା ଲୋକଙ୍କ ମନରୁ ନଯାଉଣୁ ଗତକାଲି ରାତିରେ ଦାରିଙ୍ଗବାଡିର ଗାଜଲବାଡି ଘାଟିରେ ବସ ଘାଟିତଳକୁ ଖସିପଡୁଥିବା ବେଳେ ଅଳ୍ପକେ ବର୍ତି ଯାଇଥିବା ଘଟଣା ନେଇ ଆଲୋଚନା ଯୋର ଧରିଛି।

ମନ୍ତ୍ରୀ ପରିଷଦ ଓ କ୍ୟାବିନେଟ୍ ବୈଠକ ଆଜି

ଭୁବନେଶ୍ୱର, ୬।୨(ପି.ଏନ): ଆସନ୍ତାକାଲି (ଶୁକ୍ରବାର)ପୂର୍ବାହ୍ନ ୧୧ ଟା ୪୫ ରେ ଲୋକସେବା ଭବନ ଠାରେ ରାଜ୍ୟ ମନ୍ତ୍ରୀ ପରିଷଦର ବୈଠକ ଅନୁଷ୍ଠିତ ହେବ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏଥିରେ ଅଧ୍ୟକ୍ଷତା କରିବେ। ଏହା ପରେ ମଧ୍ୟାହ୍ନ ୧୨ ଟାରେ କ୍ୟାବିନେଟ୍ ବୈଠକ ଅନୁଷ୍ଠିତ ହେବ। ଏହି ବୈଠକରେ ଆସନ୍ତା ୧୮ ତାରିଖରେ ବିଧାନସଭା ଅଧିବେଶନରେ ଉପସ୍ଥାପିତ ହେବାକୁ ଥିବା ୨୦୨୦-୨୧ ଆର୍ଥିକ ବର୍ଷ ପାଇଁ ପୂର୍ଣ୍ଣାଙ୍ଗ ବଜେଟ୍ ର ଚିଠା ପ୍ରସ୍ତାବକୁ ଅନୁମୋଦନ କରାଯିବ।

ସରକାରଙ୍କ ଇ-ମାର୍କେଟ୍ ପ୍ଲେସ୍ ଜିଇଏମ୍ ପୋର୍ଟାଲର ବହୁଳ ଉପଯୋଗ ଉପରେ ଗୁରୁତ୍ୱ

ଭୁବନେଶ୍ୱର, ୬।୨(ପି.ଏନ): ସରକାରୀ କାର୍ଯ୍ୟାଳୟଗୁଡ଼ିକର ବିଭିନ୍ନ ଆବଶ୍ୟକତାକୁ ପୂରଣ କରିବା ପାଇଁ ୨୦୧୬ ଅଗଷ୍ଟ ୯ରୁ ସରକାରଙ୍କ ଇ-ମାର୍କେଟ ପ୍ଲେସ୍ ଜିଇଏମ୍ ପୋର୍ଟାଲର ଶୁଭାରମ୍ଭ ହୋଇଛି। ଏହି ପୋର୍ଟାଲକୁ ବ୍ୟବହାର କରି ସ୍ୱଚ୍ଛତାର ସହିତ ଅଳ୍ପ ସମୟ ମଧ୍ୟରେ ଦ୍ରବ୍ୟ କ୍ରୟ କରାଯାଇପାରୁଛି ଏବଂ ଏଥି ସହତ ବିକ୍ରେତାମାନେ ମଧ ଉପଯୁକ୍ତ ମୂଲ୍ୟରେ ଦ୍ରବ୍ୟ ଯୋଗାଇଦେଲେ ପାରୁଛନ୍ତି। ଆଜି ଏହି ଏକ ଦିବସୀୟ ମତବିନିମୟ କାର୍ଯ୍ୟକ୍ରମରେ ଉଦବୋଧନ ଦେଇ ଭାରତ ସରକାରଙ୍କ୍ ଇ-ମାର୍କେଟ୍ ପ୍ଲେସ ଜିଇଏମ୍‌ର ମୁଖ୍ୟ କାର୍ଯ୍ୟନିର୍ବାହୀ ତଲ୍ଲିନ କୁମାର କହିଥିଲେ ଯେ, ସରକାରଙ୍କ ଦ୍ରବ୍ୟ ସଂଗ୍ରହ କ୍ଷେତ୍ରରେ ଏହା ଅତ୍ୟନ୍ତ ସ୍ୱଚ୍ଛତାର ସହ ଠିକ୍ ସମୟରେ କାର୍ଯ୍ୟ ସମ୍ପନ କରିବାର ଏକ ପ୍ରକୃଷ୍ଟ ମାଧ୍ୟମ। ଇ-ବିଡ଼ିଂ, ଇ-ଅକ୍ସନକୁ ସୁରୁଖୁରୁରେ କରାଇବା ସହ ଉପଯୁକ୍ତ ମୂଲ୍ୟରେ ସେବା ଯୋଗାଇ ଦିଆଯାଉଛି। ସରକାରୀ କାର୍ଯ୍ୟ ପାଇଁ ବ୍ୟବହାର ହେଉଥିବା କମ୍ପ୍ୟୁଟରଠାରୁ ଆରମ୍ଭ କରି ପାଣିବୋତଲ ପର୍ଯ୍ୟନ୍ତ ସବୁ ଦ୍ରବ୍ୟ ସ୍ୱଚ୍ଛତାର ସହ ଠିକ୍ ସମୟରେ ଯୋଗାଯାଇପାରୁଛି। କର୍ମଶାଳାରେ ଯୋଗଦେଇ ଅର୍ଥ ବିଭାଗ ପ୍ରମୁଖ ଶାସନ ସଚିବ ଏ.କେ.କେ.ମୀନା ତାଙ୍କର ବକ୍ତବ୍ୟରେ କହିଥିଲେ ଯେ, ଆଜିର ଏହି ମତ ବିନିମୟ ଅଧିବେଶନରେ ସେମାନଙ୍କର ଅଭିଜ୍ଞତା ଓ ଅନୁଭୂତି ଏବଂ ଅସୁବିଧା ସମ୍ପର୍କରେ ସମସ୍ତେ ଅବଗତ ହେବେ। ବର୍ତମାନ ସୁଦ୍ଧା ୭୩୦ କ୍ରେତା, ୩୧୯୦ ବିକ୍ରେତା ଏହି ଇ-ମାର୍କେଟ ଜିଇଏମ୍‌ରେ ପଂଜୀକୃତ ହୋଇଛନ୍ତି। ରାଜ୍ୟ ସରକାର ଜିଇଏମର ପୋର୍ଟାଲ ଆରମ୍ଭ ହେବା ପରେ ୩୫୭ କୋଟି ଟଙ୍କାର ଦ୍ରବ୍ୟ କିଣାବିକା ହୋଇଛି। ଜିଇଏମ୍ ପୋର୍ଟାଲ ମାଧ୍ୟମରେ ଦ୍ରବ୍ୟ ସଂଗ୍ରହ କରାଗଲେ ତାହା ରାଜ୍ୟ ସରକାରଙ୍କ ୫-ଟି କାର୍ଯ୍ୟକ୍ରମକୁ ଅଧିକ ତ୍ୱରାନ୍ୱିତ କରିବ। ରାଜ୍ୟ ଔଷଧ ନିଗମର ପରିଚାଳନା ନିର୍ଦ୍ଦେଶିକା ଯାମିନୀ ଷଡ଼ଙ୍ଗୀ ଆମାଜନ ପରି ସରକାରଙ୍କ ଏହା ଅନଲାଇନ୍ ପୋର୍ଟାଲ୍ ବୋଲି କହିଥିଲେ। ଜାତୀୟ ସ୍ୱାସ୍ଥ୍ୟ ମିଶନର ପରିଚାଳନା ନିର୍ଦ୍ଦେଶିକା ଶାଳିନୀ ପଣ୍ଡିତ କହିଥିଲେ ଯେ, ଏହି ପୋର୍ଟାଲ ଉପଯୋଗ କରି ଜାତୀୟ ସ୍ୱାସ୍ଥ୍ୟ ମିଶନ ସର୍ବାଧିକ କ୍ରୟ କରିଛି। ଏହି ଜିଇଏମ୍ ପୋର୍ଟାଲ ମାଧ୍ୟମରେ ୧୦୦ଟି ଆମ୍ବୁଲାନ୍ସ ଅଦ୍ୟାବଧି କିଣାଯାଇଥିବା ବେଳେ ଆଉ ଅଧିକ ୧୦୦ଟି ଆମ୍ବୁଲାନ୍ସ କିଣାଯିବ। ରାଜ୍ୟର ବିଭିନ୍ନ ପ୍ରଶାସନିକ ବିଭାଗ, ମୁଖ୍ୟ ଦପ୍ତର, ସ୍ୱୟଂଶାସିତ ଅନୁଷ୍ଠାନ, ସ୍ୱାୟତ ଶାସନ ଅନୁଷ୍ଠାନମାନେ କ୍ରେତା ବର୍ଗରେ ଥିବା ବେଳେ ଏମଏସଏମଇ, ସ୍ୱୟଂ ସହାୟକ ଗୋଷ୍ଠୀ, ଷ୍ଟାର୍ଟ ଅପ୍, ସ୍ଥାନୀୟ ବୁଣାକାର ଓ କାରିଗରମାନେ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଅଗ୍ରଣୀ କ୍ରେତା ଭାବେ ରାଜ୍ୟ ସ୍ୱାସ୍ଥ୍ୟ ମିଶନ ପାଇଁ ପରିଚାଳନା ନିର୍ଦ୍ଦେଶିକା ଶାଳିନୀ ପଣ୍ଡିତ ଏବଂ ଓଡ଼ିଶା ରାଜ୍ୟ ଔଷଧ ନିଗମ ପାଇଁ ଯାମିନୀ ଷଡ଼ଙ୍ଗୀ ପୁରସ୍କାର ଗ୍ରହଣ କରିଥିଲେ। କଟକର ରାଜ୍ୟ ପୋଲିସ ମୁଖ୍ୟ ଦପ୍ତରକୁ ମଧ୍ୟ ପୁରସ୍କୃତ କରାଯାଇଥିଲା। ଆଜିର ଏହି ଦିନିକିଆ ମତ ବିନିମୟ କାର୍ଯ୍ୟକ୍ରମରେ ଅର୍ଥ ବିଭାଗର ସ୍ୱତନ୍ତ୍ର ସଚିବ ପି. କେ. ବିଶ୍ୱାଳ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଯୁଗ୍ମ ଶାସନ ସଚିବ ଜୟଶ୍ରୀ ତ୍ରିପାଠୀ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

ଭଞ୍ଜନଗର ଆରଏମସିର କୋଟି ଟଙ୍କା ହଡ଼ପ

ଗଞ୍ଜାମ, ୬।୨(ପି.ଏନ): ଭଞ୍ଜନଗର ଆରଏମସିର କୋଟିକୋଟି ଟଙ୍କା ଏକାଉଂଟ ଟେଂଟ ଓ ପୂର୍ବତନ ସମ୍ପାଦକ ଦ୍ୱାରା ହଡ଼ପ ହୋଇଥିବା ଘଟଣା ସରକାରୀ ଅଡିଟ୍ ପରେ ଲୋକଲୋଚନକୁ ଆସିଛି। ଏଠାରେ ୧୩ଟି ଚେକଗେଟ୍‌ରୁ ଆଦାୟ ଅର୍ଥକୁ ବାଟମାରଣା କରାଯାଇଥିବା ସୂଚନା ମିଳିଛି। ପ୍ରଥମ ବିଲ୍‌ର ଆଦାୟ ଅର୍ଥକୁ ଦ୍ୱିତୀୟ ବିଲ୍ କମ ଅର୍ଥ ଆଦାୟ ବୋଲି ଉଲ୍ଲେଖ ଦେଇଥିବା ଜଣାପଡ଼ିଛି। ଗଞ୍ଜାମ ଜିଲ୍ଲା ବିଜୟ ଅମୃତ କୁଲାଙ୍ଗେ ଘଟଣାର ତଦନ୍ତ କରିବାକୁ ବିଭାଗୀୟ କାର୍ଯ୍ୟକର୍ତା ନିର୍ଦ୍ଦେଶ ଦେଇଛନ୍ତି।

ଦିଲ୍ଲୀରେ ବିଜେପି ୪୫ରୁ ଅଧିକ ଆସନ ପାଇବ : ଅମିତ ଶାହ

ନୂଆଦିଲ୍ଲୀ, ୬।୨(ପି.ଏନ): ଆଗାମୀ ୧୧ ତାରିଖ ଦିନ ଦିଲ୍ଲୀ ବିଧାନସଭା ନିର୍ବାଚନରେ ବିଜେପି ୪୫ରୁ ଅଧିକ ଆସନ ପାଇ ସରକାର ଗଢିବ ବୋଲି ଦୃଢୋକ୍ତି ପ୍ରକାଶ କରିଛନ୍ତି କେନ୍ଦ୍ର ଗୃହ ମନ୍ତ୍ରୀ ଅମିତ ଶାହ। ଶ୍ରୀ ଶାହ ଟ୍ୱିଟ କରି ଏହା କହିଛନ୍ତି। ଶ୍ରୀ ଶାହ ଟ୍ୱିଟ କରି କହିଛନ୍ତି ଯେ ନିର୍ବାଚନ ପ୍ରଚାରରେ ଦିଲ୍ଲୀର ଜନସାଧାରଣଙ୍କ ସହ କଥାବାର୍ତା ହେବାର ସୁଯୋଗ ମିଳିଲା। ଦିଲ୍ଲୀର ଲୋକ ମାନଙ୍କୁ ମିଛ ପ୍ରତିଶ୍ରୁତି, ତୁଷ୍ଟିକରଣ ଓ ଅରାଜକତାକୁ ନେଇ ପୀଡିତ ଅଛନ୍ତି।ଏବେ ଦିଲ୍ଲୀର ଲୋକ ମାନଙ୍କୁ କେବଳ ବିକାଶର ଆବଶ୍ୟକତା ରହିଛି।

ଓଡିଶାକୁ ରେଳ ଅନୁଦାନ ରାଜ୍ୟବାସୀଙ୍କୁ ନିରାଶ କରିଛି : ପରିବହନ ମନ୍ତ୍ରୀ

ଭୁବନେଶ୍ୱର, ୬।୨(ପି.ଏନ): ୨୦୨୦-୨୧ ଆର୍ଥିକ ବର୍ଷ କେନ୍ଦ୍ରୀୟ ବଜେଟ୍ ରେ ଓଡିଶା ପାଇଁ ରେଳବାଇ କ୍ଷେତ୍ରରେ ଯେଉଁ ବ୍ୟୟ ବରାଦ କରାଯାଇଛି ତାହା ଆଶାନୁରୂପକ ନୁହେଁ। ଏହା ଓଡିଶାବାସୀଙ୍କୁ ନିରାଶ କରିଛି ବୋଲି ରାଜ୍ୟ ପରିବହନ ମନ୍ତ୍ରୀ ପଦ୍ମନାଭ ବେହେରା ପ୍ରକାଶ କରିଛନ୍ତି। ସେହିପରି କଂଗ୍ରେସର ବରିଷ୍ଠ ବିଧାୟକ ସୁରେଶ କୁମାର ରାଉତରାୟ ଏହାକୁ ଦୁଃଖଦାୟକ ବୋଲି କହିଛନ୍ତି। ଅନ୍ୟପକ୍ଷରେ ବର୍ତନ ବିଜେପି ବିଧାୟକ ପ୍ରଦୀପ ପୁରୋହିତ କହିଛନ୍ତି ଯେ ଗତ ବର୍ଷ ତୁଳନାରେ ଚଳିତ ବର୍ଷ ଓଡିଶଶ ପାଇଁ ଅଧିକ ବ୍ୟୟ ବରାଦ କରାଯାଇଛି। ରେଳ ଲାଇନ୍ ନିର୍ମାଣ ପାଇଁ ଆବଶ୍ୟକ ହେଉଥିବା ଜମି ଓ ଅର୍ଥ ଯାଗାଇ ଦେବେ ବୋଲି ରାଜ୍ୟ ସରକାର ପ୍ରତିଶ୍ରୁତି ଦେଇଥିବା ବେଳେ ଏହାକୁ କାର୍ଯ୍ୟକାରୀ ନକରିବା ରାଜ୍ୟ ପାଇଁ ଦୁର୍ଭାଗ୍ୟଜନକ ବୋଲି ସେ କହିଛନ୍ତି। କେନ୍ଦ୍ରୀୟ ରେଳ ବଜେଟ୍ ଉପରେ ପ୍ରତିକ୍ରିୟା ଦେଇ ପରିବହନ ମନ୍ତ୍ରୀ ଶ୍ରୀ ବେହେରା କହିଛନ୍ତି ଯେ ନୂଆ ରେଳ ଲାଇନ୍ ପାଇଁ ବଜେଟ୍ ରେ ଅର୍ଥ ବ୍ୟବସ୍ଥା ନାହିଁ। ଅଧିକ ଅର୍ଥ ବ୍ୟୟ ବରାଦ ପାଇଁ ମୁଖ୍ୟମନ୍ତ୍ରୀ ଚିଠି ଲେଖିଥିଲେ ମଧ୍ୟ ତାହା ଉପରେ ଗୁରୁତ୍ୱ ଦିଆଗଲା ନାହିଁ। ପ୍ରଧାନମନ୍ତ୍ରୀ ଓ ରେଳ ମନ୍ତ୍ରୀଙ୍କ ସହ ଆଲୋଚନା କରି ଅଧିକ ଅର୍ଥ ବ୍ୟୟବରାଦ କରାଯିବ ବୋଲି ମନ୍ତ୍ରୀ କହିଛନ୍ତି। କଂଗ୍ରେସ ବିଧାୟକ ଶ୍ରୀ ରାଉତରାୟ ପ୍ରତ୍ରକ୍ରିୟା ଦେଇ କହିଥିଲେ ଯେ ଗତବର୍ଷ ତୁଳନାରେ ଓଡିଶାକୁ ରେଳ ବାବଦରେ ୧୬୨୦ କୋଟି ଟଙ୍କା କମ୍ ଦିଆଯାଇଛି। ଓଡିଶା ରେଳବାଇକୁ ରାଜସ୍ୱ ଦେବା କ୍ଷେତ୍ରରେ ତୃତୀୟ ସ୍ଥାନରେ ରହିଥିବା ବେଳେ ସେହି ଅନୁଯାୟୀ ରାଜ୍ୟକୁ ଅର୍ଥ ଦିଆଯାଉ ନାହିଁ କିମ୍ବା ରେଳବାଇର ବିକାଶ କରାଯାଉନାହିଁ। ରେଳବାଇକୁ ହସ୍ପିଟାଲ କରିବା, ଡିଏମୟୁ ଟ୍ରେନ୍ ଚଲାଇବା ପାଇଁ ବହୁ ସମୟରେ ପ୍ରସ୍ତାବ ଦିଆଯାଇଥିଲେ ହେଁ ତାହା ଉପରେ କୌଣସି ଗୁରୁତ୍ୱ ଦିଆଯାଇ ନାହିଁ। ରାଜ୍ୟ ସରକାର ମଧ୍ୟ ଯେଉଁଭଳି ଭାବେ ଦାବି କରିବା କଥା ତାହା କଲେ ନାହିଁ। ଚଳିତ ରେଳ ବଜେଟ୍ କୁ ଆମେ ନିନ୍ଦା କରୁଛୁ ବୋଲି ଶ୍ରୀ ରାଉତରାୟ କହିଛନ୍ତି। ଅନ୍ୟପକ୍ଷରେ ଶ୍ରୀ ପୁରୋହିତ କହିଥିଲେ ଯେ ରାଜ୍ୟ ସରକାର ଓ ରେଳବାଇ ମଧ୍ୟରେ ହୋଇଥିବା ଚୁକ୍ତିନାମା ଅନୁଯାୟୀ କେତେକ ରେଳ ପ୍ରକଳ୍ପ ପାଇଁ ରାଜ୍ୟ ସରକାର ପ୍ରତିଶ୍ରୁତି ଦେଇ ପାଳନ କରି ନାହାନ୍ତି। କେନ୍ଦ୍ର ସରକାର ରେଳର ବିକାଶ ପାଇଁ ଯେତିକି ଅର୍ଥ ଦେଉଛି ରାଜ୍ୟ ସରକାର ତାହାକୁ ଖର୍ଚ୍ଚ କରିପାରୁନାହାନ୍ତି। ରେଳ ବିକାଶ ପାଇଁ ଯେଉଁଭଳି ତତ୍ପରତା ପ୍ରକାଶ ପାଇବା କଥା ସେଭଳି ହେଉନାହିଁ। ଖୋର୍ଦ୍ଧା-ବଲାଙ୍ଗୀର ରେଳ ଲାଇନ୍ ନିର୍ମାଣ ପାଇଁ ଆବଶ୍ୟକ ଜମି ଏଯାବତ୍ ଅଧିଗ୍ରହଣ ହୋଇପାରିଲା ନାହିଁ। କେନ୍ଦ୍ରକୁ କେବଳ ଦୋଷ ଦେବା ରାଜ୍ୟ ସରକାରଙ୍କ ଏକକ କାର୍ଯ୍ୟକ୍ରମ ହୋଇଛି।

ବିଧାନସଭା ପୂର୍ବରୁ ସର୍ବ ଦଳୀୟ ବୈଠକ ଆସନ୍ତା ୧୩ ରେ

ଭୁବନେଶ୍ୱର, ୬।୨(ପି.ଏନ):ଆସନ୍ତା ଫେବୃଆରୀ ୧୪ ତାରିଖରେ ଆରମ୍ଭ ହେବାକୁ ଯାଉଥିବା ବଜେଟ ଅଧିବେଶନ ପୂର୍ବରୁ ବାଚସ୍ପତି ଡ. ସୂର୍ଯ୍ୟ ନାରାୟଣ ପାତ୍ର ଆସନ୍ତା ୧୩ ତାରିଖ ଦିନ ସର୍ବଦଳୀୟ ବୈଠକ ଡାକିଛନ୍ତି। ବିଧାନସଭା ସୁରୁଖୁରୁରେ ଚଳାଇବା ପାଇଁ ୧୩ ତାରିଖ ଦିନ ୧୨ଟାରେ ଏହି ବୈଠକ ଅନୁଷ୍ଠିତ ହେବ।ଏଥିରେ ଯୋଗ ଦେବା ପାଇଁ ସବୁ ବିରୋଧୀ ଦଳକୁ ଡକାଯାଇଛି। ପାର୍ଲିଆମେଂଟ ଢାଂଚାରେ ଏହି ବୈଠକ ହେବ ବୋଲି ସୂଚନା ମିଳିଛି। ଅନ୍ୟପକ୍ଷରେ ଏଥର ବିଧାନସଭାକୁ ନୂଆ ରୂପରେ ଆସିବେ ବିଧାୟକ। ସବୁ ବିଧାୟକ ଲାପଟପ ଧରି ବିଧାନସଭା ଆସିବାକୁ କୁହାଯାଇଛି। ଅର୍ଥ ବିଭାଗ ଏନେଇ ବ୍ୟବସ୍ଥା କରିଛି। ସେହି ଲାପଟପ ବ୍ୟବହାର କରି ସମସ୍ତ ପ୍ରଶ୍ନୋତର, ସବ ମିଶନ, ସମେତ ଅନ୍ୟାନ୍ୟ କାର୍ଯ୍ୟ ଅନଲାଇନରେ କରିବେ। ସେହି ଲାପଟପରେ ନେଭା ଆପ ଅପଲୋଡ଼ କରାଯାଇ ଦିଆଯିବ। ଯେଉଁ ବିଧାୟକ ଲାପଟପ ଚଲାଇ ଜାଣିବେ ନାହିଁ ସେମାନଙ୍କୁ ତାଲିମ ଦିଆଯିବ। ଓକାକ ଏହି ତାଲିମ ଦେବ। ବିଧାନସଭାକୁ ଦୁଇ ମାସରେ ୱାଇଫାଇ କରାଯିବ। ଏନେଇ ବିଏସଏନଲ ସହିତ କଥାବାର୍ତା ସରିଛି। ଏନେଇ ୧୧ କୋଟି ଟଙ୍କାର ବଜେଟ କରାଯାଇଛି।

ଘର କବାଟ ଭାଙ୍ଗି ୫ ଲକ୍ଷ ଟଙ୍କାର ସୁନାଗହଣା ଓ ନଗଦ ଟଙ୍କା ଚୋରି

ଭଦ୍ରକ, ୬।୨(ପି.ଏନ): ଘରେ କେହି ନଥିବାବେଳେ ଦୃବୃର୍ତମାନେ ଗ୍ରୀଲ୍ ଗେଟ୍ ସହ କବାଟ ଭାଙ୍ଗି ନଗଦ ୪୫ ହଜାର ଟଙ୍କା ଓ ୫ ଲକ୍ଷ ଟଙ୍କାର ସୁନା ଅଳଙ୍କାର ଚୋରି କରିନେବା ଘଟଣା ଚର୍ଚ୍ଚାର ବିଷୟ ହୋଇଛି। ଭଦ୍ରକ ଗ୍ରାମାଞ୍ଚଳ ଥାନା ଅଧୀନସ୍ଥ ସାମରାଇପୁର କଲ୍ୟାଣୀ ନଗରରେ ଘଟିଛି ଏହି ଘଟଣା। କଲ୍ୟାଣ ନଗର ନିବାସୀ ପ୍ରଫୁଲ୍ଲ ନାୟକଙ୍କ ପରିବାର ଗତକାଲି ଘରେ ଚାବି ପକାଇ କେନ୍ଦ୍ରାପଡା ଯାଇଥିଲେ। ତାଙ୍କର ଏହି କୋଠରିରେ ସେ ତଳ ତାଲାରେ ରହୁଥିବାବେଳେ ଅନ୍ୟ ଚାରିଗୋଟି ପରିବାର ଭଡାସୂତ୍ରେ ଉପର ତାଲାରେ ରହୁଥିଲେ।

ଉହାନରୁ ଉଦ୍ଧାର ସମସ୍ତ ଭାରତୀୟଙ୍କ କରୋନା ପରୀକ୍ଷା ରିପୋର୍ଟ ନେଗେଟିଭ

ନୂଆଦିଲ୍ଲୀ , ୬।୨(ପି.ଏନ): ୬ ଫେବୃଆରୀ ସୁଦ୍ଧା ୧୨୬୫ଟି ବିମାନରେ ଚୀନ୍ ରୁ ଆସିଥିବା ୧,୩୮,୭୫୦ ଜଣ ଭାରତୀୟ ଯାତ୍ରୀଙ୍କର ନୋଭେଲ କରୋନା ଭୂତାଣୁ ପରୀକ୍ଷା କରାଯାଇଛି। ବର୍ତମାନ ସୁଦ୍ଧା ଅନ୍ୟ କେହି ନୋଭେଲ କରୋନା ଭୂତାଣୁ ସଂକ୍ରମିତ ହେବାର ସୂଚନା ନାହିଁ। ଚୀନର ଉହାନରୁ ଉଦ୍ଧାର ହୋଇଥିବା ସମସ୍ତ ୬୪୫ ଜଣ ଭାରତୀୟଙ୍କ ରକ୍ତନମୁନା ନେଗେଟିଭ ବାହାରିଛି। ସେମାନେ କରୋନା ଭୂତାଣୁ ସଂକ୍ରମଣରୁ ମୁକ୍ତ ଥିବା ସ୍ପଷ୍ଟ ହୋଇଛି। ଏହାବାଦ ୫୧୦ଟି ନମୁନା ଆଇସିଏମଆରର ପରୀକ୍ଷାଗାରରେ ପରୀକ୍ଷା କରାଯାଇଥିବା ବେଳେ କେବଳ ତିନୋଟି ପଜିଟିଭକୁ ବାଦ ଦେଲେ ଅନ୍ୟସବୁ ନେଗେଟିଭ ଆସିଛି। ତିନି ସଂକ୍ରମିତ ରୋଗୀଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଛି।୩୨ଟି ରାଜ୍ୟ ଓ କେନ୍ଦ୍ର ଶାସିତ ପ୍ରଦେଶରେ ସମନ୍ୱିତ ରୋଗ ନିରୀକ୍ଷଣ କାର୍ଯ୍ୟକ୍ରମ (ଆଇଡିଏସପି) ଜରିଆରେ ୬୫୫୮ ଲୋକଙ୍କର ଗୋଷ୍ଠୀ ନିରୀକ୍ଷଣ ଓ ଯାଂଚ କରାଯାଇଛି। ସ୍ୱାସ୍ଥ୍ୟସେବା ମହାନିର୍ଦ୍ଦେଶକଙ୍କ ଅଧକ୍ଷତାରେ ୬ ଫେବୃଆରୀ, ୨୦୨୦ରେ ଯୁଗ୍ମ ଅନୁଧ୍ୟାନ ଗୋଷ୍ଠୀ (ଜେଏମଜି)ର ଚତୁର୍ଥ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଚୀନରୁ ଆସୁଥିବା ଯାତ୍ରୀଙ୍କ ପାଇଁ ଆବଶ୍ୟକ ଯାଂଚ ଅବଧି ବୃଦ୍ଧି ଆଦି ସମେତ ବିଭିନ୍ନ ବୈଷୟିକ ପ୍ରସଙ୍ଗରେ ଆଲୋଚନା କରାଯାଇଥିଲା।ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ମନ୍ତ୍ରଣାଳୟ ଅନ୍ୟ କେନ୍ଦ୍ର ମନ୍ତ୍ରଣାଳୟ ଓ ସମସ୍ତ ରାଜ୍ୟ ତଥା କେନ୍ଦ୍ରଶାସିତ ପ୍ରଦେଶ ସରକାରଙ୍କ ସହିତ ସମନ୍ୱୟ ରକ୍ଷା କରି ଭାରତରେ ନୋଭେଲ କରୋନା ଭୂତାଣୁ ନିରାକରଣ ଦିଗରେ ଯଥେଷ୍ଟ ପଦକ୍ଷେପ ଗ୍ରହଣ କରିଛି।ଜ୍ୱର, କଫ ଓ ନିମୋନିଆର ଲକ୍ଷଣ ଦେଖାଦେଲେ ତୁରନ୍ତ ଡାକ୍ତରଙ୍କ ପରାମର୍ଶ ନେବାକୁ ସମସ୍ତଙ୍କୁ ପରାମର୍ଶ ଦିଆଯାଉଛି। ନୋଭେଲ କରୋନା ଭୂତାଣୁ ୨୦୧୯ ସମ୍ପର୍କରେ ଅନ୍ୟ କୌଣସି ବୈଷୟିକ ସୂଚନା ପାଇଁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟର ହେଲ୍ପଲାଇନ +୯୧-୧୧-୨୩୯୭୮୦୪୬ କିମ୍ବା ଇ ମେ ଲ ncov2019@gmail.com ରେ ଯୋଗାଯୋଗ କରିବାକୁ କୁହାଯାଇଛି।

ସାଧାରଣ ଲୋକଙ୍କ ଠାରୁ ଜବରଦସ୍ତି ଟଙ୍କା ଆଦାୟର ଷଡଯନ୍ତ୍ର କରିଛନ୍ତି ରାଜ୍ୟ ସରକାର : ବିଜେପି

ଭୁବନେଶ୍ୱର, ୬।୨(ପି.ଏନ): ଓଡିଶାର ଘରୋଇ ବିଜୁଳି ଉପଭୋକ୍ତାଙ୍କ ବିଜୁଳି ଟାରିଫ୍ ବଢିବା ନେଇ ଓଇଆରସିରେ ଚାଲୁଥିବା ଶୁଣାଣି ତଥା ବିଭିନ୍ନ ବିଜୁଳି ବିତରକ କମ୍ପାନୀ ମାନେ ଉପଭୋକ୍ତାଙ୍କ ବିଜୁଳି ସଂଯୋଗ କାଟିବା ଘଟଣାରେ ଦୃଢ ପ୍ରତିବାଦ କରିଛି ବିଜେପି। ରାଜ୍ୟର ଘରୋଇ ବିଜୁଳି ଉପଭୋକ୍ତାଙ୍କ ବିଜୁଳି ଟାରିଫ୍ ବୃଦ୍ଧିକୁ ଦୃଢ ବିରୋଧ କରିବା ସହ ପର୍ଯ୍ୟାପ୍ତ ସମୟ ନଦେଇ ବିଜୁଳି ବିଲ୍ ବାକି ଥିବା ରାଜ୍ୟର ସାଧାରଣ ଗରିବ ଘରୋଇ ଉପଭୋକ୍ତାଙ୍କ ବିଜୁଳି ସଂଯୋଗ କାଟିଦେବାକୁ ମଧ୍ୟ ଦଳ ଦୃଢ ବିରୋଧ କରୁଛି ବୋଲି ରାଜ୍ୟ ମୁଖପାତ୍ର ଗୋଲକ ମହାପାତ୍ର ଏକ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି। ରାଜ୍ୟର ବଡ ଶିଳ୍ପାନୁଷ୍ଠାନ, ବିଜୁଳି ଉତ୍ପାଦନକାରୀ କମ୍ପାନୀ ମାନଙ୍କୁ ରାଜ୍ୟର ଗରିବ ଜନସାଧାରଣଙ୍କ ଝାଳବୁହା ଟିକସ ଟଙ୍କାରୁ ରିହାତି ଅଥବା ବିଭିନ୍ନ ଆଳରେ ପଡି ରହିଥିବା ମୋଟା ବିଲ୍ ଆଦାୟ ନକରି କାଉ ଖାଇଲା ପଣସ ବଗ ମୁଣ୍ଡରେ ଅଠା ପରି ସାଧାରଣ ଲୋକଙ୍କ ଠାରୁ ଯୋର ଜବରଦସ୍ତି ରାଜ୍ୟ ସରକାର ବୋଝ ଲଦି ଦେଉଛନ୍ତି। ରାଜ୍ୟର ୨୬ଟି ବଡ ଶିଳ୍ପ ସଂସ୍ଥାଙ୍କ ଉପରେ ୧୮୭୪ କୋଟି ଟଙ୍କାର ବକେୟା ବିଜୁଳି ବିଲ୍ ପଡିରହିଛି। ସରକାର ଓ ପ୍ରଶାସନର ପ୍ରଚ୍ଛନ୍ନ ଷଡଯନ୍ତ୍ରରେ ଏହି କମ୍ପାନୀ ମାନେ କୋଟରୁ ରହିତାଦେଶ ଆଣି ରାଜ୍ୟ ରାଜକୋଷକୁ ରୁଗ୍ଣ କରିଛନ୍ତି। ରାଜ୍ୟ ସରକାର ବିଧାନସଭାର ଦେଇଥିବା ତଥ୍ୟନୁସାରେ ବାହାର ରାଜ୍ୟକୁ ଓଡିଶା ସରକାର ଯେଉଁ ବିଜୁଳି ବିକୁଛନ୍ତି ତାହାର ୟୁନିଟ୍ ପିଛା ମୂଲ୍ୟ ୩ଟ ୨୧ପଇସା ରହିଛି। ମାତ୍ର ବାହାର ରାଜ୍ୟ ମାନଙ୍କରୁ ଯେଉଁ ବିଜୁଳି ରାଜ୍ୟ ସରକାର କିଣୁଛନ୍ତି ତାହାର ୟୁନିଟ୍ ପିଛା ହାରାହାରି ମୂଲ୍ୟ ରହିଛି ୩ଟ ୮୧ ପଇସା। କିଣାବିକାରେ ଏହି ତାରତମ୍ୟ କାରଣରୁ ରାଜ୍ୟର ରାଜକୋଷ ଦୁର୍ବଳ କରି କେଉଁମାନେ ଏଥିରୁ ଲାଭ ଉଠାଉଛନ୍ତି ବୋଲି ଶ୍ରୀ ମହାପାତ୍ର ପ୍ରଶ୍ନ କରିଛନ୍ତି। ଏହା ସହ କମ୍ ଦରରେ ବିଜୁଳି ବିକି ଚଢା ଦରରେ ବିଜୁଳି କିଣି ଏହାର ବୋଝ ସାଧାରଣ ଖାଉଟିଙ୍କ ମୁଣ୍ଡରେ ଲଦିବାର କାରଣ କଣ ବୋଲି ଶ୍ରୀ ମହାପାତ୍ର ପ୍ରଶ୍ନ କରିଛନ୍ତି। ଏହାସହ ରାଜ୍ୟ ସରକାରଙ୍କର ଖାଉଟି ମାରଣ କମ୍ପାନୀ ପ୍ରିତୀର ଉଦାହରଣ ଏକ ଆରଟିଆଇ ଉତର ଆଧାରରେ ଶ୍ରୀ ମହାପାତ୍ର କହିଛନ୍ତି ଯେ, ରାଜ୍ୟରେ ୩୩୨ଟି କମ୍ପାନୀ ଉପରେ ଜଳକର ବାବଦରେ ୫୧୫ କୋଟିରୁ ଅଧିକ ଟଙ୍କା ଦୀର୍ଘ ଦିନରୁ ପଡିରହିଛି। ରାଜ୍ୟ ସରକାର କୋହଳ ଭାବ ଅବଲମ୍ବନ କରି ଏହି କମ୍ପାନୀ ମାନଙ୍କ ଠାରୁ ପଡିରହିଥିବା ଟିକସ ଆଦାୟ କରୁନାହାନ୍ତି। ସେହିପରି ବିଭିନ୍ନ ବିଦ୍ୟୁତ ବଂଟନ କମ୍ପାନୀ ମାନଙ୍କ ଉପରେ ମୋଟ ୩୯୩୭.୪୮ କୋଟି ଟଙ୍କା ବକେୟା ରହିଛି। ରାଜ୍ୟ ସରକାର ଯେଉଁ ବିତରକ କମ୍ପାନୀ ମାନଙ୍କ ପାଇଁ ସାଧାରଣ ଖାଉଟିଙ୍କୁ ବଳିଦେବାକୁ ଚାହୁଁଛନ୍ତି ସେମାନେ ରାଜ୍ୟ ସରକାରଙ୍କ ଅଧିନସ୍ଥ ଗ୍ରୀଡକୋକୁ ହଜାର ହଜାର କୋଟି ଟଙ୍କା ପୈଠ କରୁନାହାନ୍ତି। ଆଜି ଦିନରେ ରାଜ୍ୟ ସରକାର ନିଜ ଅଧୀନରୁ ବିତରଣ କମ୍ପାନୀ ଗୁଡିକୁ ବେସରକାରୀ ସଂସ୍ଥା ମାନଙ୍କୁ ହସ୍ତାନ୍ତର କରୁଛନ୍ତି ସେତେବେଳେ ବିତରଣ କମ୍ପାନୀ ମାନଙ୍କ ଠାରୁ ପାଇବାକୁ ଥିବା ବକେୟା ଅର୍ଥ ସମ୍ବନ୍ଧରେ ଅହେତୁକ ନିରବତା ଅବଲମ୍ବନ କରୁଛନ୍ତି। ବିଧାନସଭାରେ ରାଜ୍ୟ ସରକାରଙ୍କ ପ୍ରଦତ ଉତର ଆଧାରରେ ଶ୍ରୀ ମହାପାତ୍ର କହିଛନ୍ତି ୪ଟି ବିତରକ କମ୍ପାନୀ ଉପରେ ମାର୍ଚ୍ଚ ୨୦୧୯ ସୁଦ୍ଧା ଗ୍ରୀଡକୋର ବକେୟା ୩୯୩୭.୪୮ କୋଟି ଟଙ୍କା ପଡିରହିଛି। ଏହାସହ ଏହି କମ୍ପାନୀ ମାନଙ୍କ ପାଇଁ ବିଶ୍ୱ ବ୍ୟାଙ୍କ ଓ ସରକାର ୨୯୦୮.୫୫ କୋଟି ଟଙ୍କା ଋଣ ଯୋଗାଇଦେଇଛନ୍ତି। ଏତେ ସୁବିଧା ଦିଆଯିବା ପରେ ବି ବିତରକ କମ୍ପାନୀ ମାନଙ୍କ ପାଇଁ ବିଜୁଳି କାଟିବା ଓ ବିଜୁଳି ଟାରିଫ ବୃଦ୍ଧି କରିବା ପାଇଁ ରାଜ୍ୟ ସରକାର କାହିଁକି ତତ୍ପର ବୋଲି ଶ୍ରୀ ମହାପାତ୍ର ପ୍ରଶ୍ନ କରିଛନ୍ତି। ଏହାସହ ଶ୍ରୀ ମହାପାତ୍ର ଆରଟିଆଇ ତଥ୍ୟ ଆଧାରରେ କହିଛନ୍ତି ବିଗତ ଦିନମାନଙ୍କରେ ରାଜ୍ୟ ସରକାରଙ୍କ ତରଫରୁ ରାଜ୍ୟ ସରକାରଙ୍କ ଉଦ୍ୟୋଗ ଓଏଚପିସିକୁ କମ୍ ଦରରେ ବିଜୁଳି ଉତ୍ପାଦନ ପାଇଁ ୫୨୨୫ କୋଟି ଟଙ୍କା ଛାଡ କରାଯାଇଛି। ଏହା ପରେ ବି ବିଦ୍ୟୁତ ନିୟାମକ ଆୟୋଗ ସାମ୍ନାରେ ଓଏଚପିସି ତରଫରୁ ବିଜୁଳି ଟାରିଫ୍‌ରେ ବଡ ବୃଦ୍ଧି ପାଇଁ ଦାବୀ କରାଯାଇଛି। ଏତେ ବଡ ପାଣି ବିଲ୍ ଛାଡ କଲା ପରେ ବି ଏହି ସରକାରୀ କମ୍ପାନୀ ଖାଉଟି ମାନଙ୍କ ଉପରେ ବୋଝ ଲଦିବା ପାଇଁ କାହିଁକି ଦାବୀ କରୁଛି ଓ ଏଥିପାଇଁ ରାଜ୍ୟ ସରକାରଙ୍କ ସ୍ୱୀକୃତି ନେଇଛି ନା ନାହିଁ ବୋଲି ଏହା ସ୍ପଷ୍ଟ କରିବା ପାଇଁ ଶ୍ରୀ ମହାପାତ୍ର ଦାବୀ କରିଛନ୍ତି। ଓଡିଶାରେ ଘରୋଇ ବିଦ୍ୟୁତ ଟାରିଫ ୟୁନିଟ ପିଛା ପ୍ରଥମ ୫୦ ୟିନିଟ୍ ପର୍ଯ୍ୟନ୍ତ ୨ଟ ୫୦ ପଇସା ରହିଥିବା ବେଳେ ଦେଶର ସିକିମ ରାଜ୍ୟରେ ଯଥାକ୍ରମେ ୟୁନିଟ୍ ପିଛା ୧ଟ ୨୦ ପଇସା, ଆନ୍ଧ୍ର ଓ ତେଲେଙ୍ଗାନାରେ ୧ଟଙ୍କା ୪୫ ପଇସା, ଗୋଆରେ ୧ଟଙ୍କା ୪୦ ପଇସା ଓ ଛତିଶଗଡରେ ୨ଟଙ୍କା ୪୦ ପଇସା ରହିଛି। ସେହିପରି ତାମିଲନାଡୁ ଭଳି ରାଜ୍ୟରେ ୧୦୦ ୟୁନିଟ ଯାଏଁ ମାଗଣା ବ୍ୟବସ୍ଥା ରହିଛି ଅର୍ଥାତ୍ ୧୦୦ ୟୁନିଟ୍ ଯାଏଁ କୌଣସି ଟଙ୍କା ଦେବାକୁ ପଡେନାହିଁ। ଖାଉଟି ମାନଙ୍କର ବିଜୁଳି ଟାରିଫ୍ ଅପରିବର୍ତିତ ରଖିବା ସହ ରାଜ୍ୟର କୃଷକ ମାନଙ୍କୁ ଶାସକ ଦଳର ପ୍ରତିଶ୍ରୁତି ଅନୁସାରେ ମାଗଣା ବିଜୁଳି ଯୋଗାଇଦେବା ପାଇଁ ଦାବୀ କରିଛନ୍ତି। ଏହାସହ ରାଜ୍ୟରେ ଶିଳ୍ପ ବିକାଶ ପାଇଁ ବର୍ତମାନ ପ୍ରଚଳିତ ୟୁନିଟ୍ ପିଛା ୫ ଟଙ୍କା ୭୦ ପଇସାର ଟାରିଫ୍ ବଦଳରେ ଦେଶର ଶିଳ୍ପ ସମୃଦ୍ଧ ରାଜ୍ୟ ଗୁଜୁରାଟ ପରି ୪ ଟଙ୍କା ୫୦କୁ କମ୍ କରିବା ପାଇଁ ଦାବୀ କରିଛନ୍ତି। ଏହାସହ ଆନ୍ଧ୍ର ଓ ଗୁଜୁରାଟ ଭଳି ରାଜ୍ୟରେ ଅଣୁ କ୍ଷୁଦ୍ର ଶିଳ୍ପ ପାଇଁ ବିଶେଷ ରିହାତି ସହ ୟୁନିଟ୍ ପିଛା ମୂଲ୍ୟ ୨ ଟଙ୍କା ୬୦ ପଇସା ରଖାଯାଇଛି। ଓଡିଶାରେ ଶିଳ୍ପ ବିକାଶ ପାଇଁ ଏହି ଶିଳ୍ପ ଅଗ୍ରଣୀ ରାଜ୍ୟ ମାନଙ୍କର ପଦାଙ୍କ ଅନୁସରଣ କରିବା ପାଇଁ ଶ୍ରୀ ମହାପାତ୍ର ଦାବୀ କରିଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ଯୁବମୋର୍ଚ୍ଚା ରାଜ୍ୟ ସଭାପତି ଶ୍ରୀ ଟଙ୍କଧର ତ୍ରିପାଠୀ ଉପସ୍ଥିତ ଥିଲେ।

ମାଟ୍ରିକ୍ ପ୍ରଶ୍ନପତ୍ର ଭାଇରାଲ୍ ହେଲେ ଦାୟୀ ହେବେ ପରୀକ୍ଷାକେନ୍ଦ୍ର ମୁଖ୍ୟ

ଭୁବନେଶ୍ୱର, ୬।୨(ପି.ଏନ): ଚଳିତ ବର୍ଷ ମାଟ୍ରିକ୍ ପରୀକ୍ଷାରେ ପ୍ରଶ୍ନପତ୍ର ଭାଇରାଲ ଯେପରି ନହେବ ସେଥିପ୍ରତି ଦୃଷ୍ଟି ଦିଆଯାଇଛି। ଯଦି କୌଣସି କ୍ଷେତ୍ରରେ ଏଭଳି ହୁଏ ତେବେ ସମ୍ପୃକ୍ତ କେନ୍ଦ୍ରର ମୁଖ୍ୟଙ୍କୁ ଦାୟୀ କରାଯିବ ଏବଂ କାର୍ଯ୍ୟାନୁଷ୍ଠାନ ନିଆଯିବ। ଏହା ନହେବା ପାଇଁ କୋଡିଂ ବ୍ୟବସ୍ଥା କରାଯାଇଛି। ତେଣୁ ଏଥର ପ୍ରଶ୍ନପତ୍ର ଭାଇରାଲ ଭାଇରାଲ ହୋଇପାରିବ ନାହିଁ ବୋଲି ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀରରଂଜନ ଦାଶ ପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ ଚଳିତ ବର୍ଷ ମାଟ୍ରିକ ପରୀକ୍ଷା ଆଗାମୀ ୧୯ ତାରିଖରେ ଆରମ୍ଭ ହେବ। ଏହି ପରୀକ୍ଷା ମାର୍ଚ୍ଚ ୨ ତାରିଖରେ ଶେଷ ହେବ। ୨,୮୮୮ଟି କେନ୍ଦ୍ରରେ ମୋଟ ୫ ଲକ୍ଷ ୬୦ ହଜାର ୮୯୧ ଜଣ ଛାତ୍ରଛାତ୍ରୀ ମାଟ୍ରିକ ପରୀକ୍ଷା ଦେବେ। ମାଟ୍ରିକ୍ ବୋର୍ଡ ପରୀକ୍ଷା ପାଇଁ ମୋଟ୍ ୩୦୭ଟି ନୋଡାଲ ସେଂଟର କରାଯାଇଛି। ବୋର୍ଡ ପକ୍ଷରୁ ସମ୍ବେଦନଶୀଳ ୧ ହଜାର ପରୀକ୍ଷା କେନ୍ଦ୍ରରେ ସିସିଟିଭି ଲଗାଇବା କାମ ଜାରି ରହିଛି। ସେହିଭଳି ନୋଡାଲ ସେଂଟରଗୁଡ଼ିକରେ ୨୪ ଘଂଟିଆ ସୁରକ୍ଷା ବ୍ୟବସ୍ଥା ପାଇଁ ଆବଶ୍ୟକ ପଦକ୍ଷେପ ନିଆଯାଇଛି। ପରୀକ୍ଷା ପାଇଁ ତ୍ରିସ୍ତରୀୟ ସ୍କ୍ୱାର୍ଡ ବ୍ୟବସ୍ଥା କରାଯିବ। ଆଗାମୀ ୮ ତାରିଖରେ ଓଏମ୍‌ଆର ଉପସ୍ଥାନ ସିଟ୍ ଓ ଆଡମିଟ୍ କାର୍ଡ ସ୍କୁଲଗୁଡ଼ିକରେ ପହଂଚିବ।

ମଧ୍ୟାହ୍ନ ଭୋଜନରେ ମୂଷା ଲେଣ୍ଡି, ଅଭିଭାବକ, ଛାତ୍ରଛାତ୍ରୀଙ୍କ ମଧରେ ଅସନ୍ତୋଷ

କନ୍ଧମାଳ,୬।୨(ପି.ଏନ):ସ୍ୱଚ୍ଛ ପରିବେଶ ମଧରେ ସୁସ୍ୱାଦୁ ଗରମ ଗରମ ପୃଷ୍ଟିକର ମଧ୍ୟାହ୍ନ ଭୋଜନ ପିଲାଙ୍କୁ ଖାଇବାକୁ ଦେବାଲାଗି ସରକାରୀ ନିର୍ଦ୍ଦେଶ ରହିଥିଲେ ମଧ ଏସବୁ ନିତି ନିୟମକୁ ଫୁ କରି ଅତି ନିମ୍ନମାନର ମଧ୍ୟାହ୍ନ ଭୋଜନ ପିଲାଙ୍କୁ ଦେବାସହ ମୂଷାଲେଣ୍ଡି ବାହାରୁଥିବା ଚାଉଳର ଭାତ ମଧ ଦିଆଯାଉଥିବା ଅଭିଯୋଗ ହେଉଛି। ତା'ସାଙ୍ଗକୁ ଅସ୍ୱାସ୍ଥ୍ୟକର ପରିବେଶ ମଧରେ କେଉଁଠି ବାହାରେ ତ ଆଉ କେଉଁଠି ଗଛମୂଳେ ମଧ୍ୟାହ୍ନ ଭୋଜନ ସବୁ ରନ୍ଧାଯାଉଛି। ମଧ୍ୟାହ୍ନ ଭୋଜନ ଚାଉଳରେ ମୂଷାଲେଣ୍ଡି ଭର୍ତି ହୋଇଥିବା ନେଇ ଜିଲ୍ଲାର ଦାରିଙ୍ଗବାଡି ବ୍ଲକର ଗଦାପୁର ହାଇସ୍କୁଲରୁ ଅଭିଯୋଗ ଆସିଛି। ଯାହାକି ବିଦ୍ୟାଳୟର ପ୍ରଧାନ ଶିକ୍ଷକ, ରୋଷେୟାଙ୍କ ଦାୟୀତ୍ୱହୀନତା, ଖାମଖିଆଲି କାରବାର ଯୋଗୁଁ ଏଭଳି ବିଭ୍ରାଟ ଦେଖାଦେଇଥିବା କୁହାଯାଉଛି। ଚାଉଳ ଗୁଡିକୁ ସୁରକ୍ଷିତ ଭାବେ ନରଖି ଏପଟେ ସେପଟେ ପକାଇଦେବା ଫଳରେ ମୁଷା ପଶି ଖାଇବା ଫଳରେ ମୁଷାଲେଣ୍ଡି ଚାଉଳରେ ମିଶିଯାଇଛି। ଅଭିଯୋଗ କଲେ ଶୁଣିବାକୁ କିଏ ନାହିଁ, ଅବସ୍ଥାରେ ସୁଧାର ଆସୁନି। ଏନେଇ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ପଚାରିଲେ ଅଭିଯୋଗ ମିଳିଲେ ତଦନ୍ତ କରାଯାଇ ପ୍ରଧାନ ଶିକ୍ଷକଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି। ତେବେ, ତଦନ୍ତ କେବେ ହେବ ଆଉ କି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ତାହା ଦେଖିବାର କଥା।

ଟି ଟାଇମ୍

ଥକ୍କାପଣ ଦୂର କରିବ ପ୍ରୋଟିନ୍ ଖାଦ୍ୟ

ଅଧିକାଂଶ ସମୟ ଲୋକଙ୍କର ଅଭିଯୋଗ ରହିଆସିଛି ଯେ, ସେମାନେ ଅଳ୍ପ କାମ ରେ ଜଲଦି ଥକିପଡ଼ନ୍ତି । କିଛି ବ୍ୟକ୍ତି ଏଭଳି ବି ଅଛନ୍ତି ଯିଏ କିଛି କାମ ନ କରି ମଧ୍ୟ ଥକ୍କା ଅନୁଭବ କରିଥାନ୍ତି। ଶରୀରରେ ଶକ୍ତିର କମି ଫଳରେ ଜଣେ ବ୍ୟକ୍ତି ଥକ୍କା ଅନୁବବ କରିଥାଏ । ତେଣୁ ଶରୀରକୁ ଶକ୍ତିଶାଳୀ ବନାଇବାପାଇଁ ଆପଣ ଆପଣଙ୍କ ଖାଦ୍ୟରେ ଦିନଚର୍ଯ୍ୟାରେ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ । ପୂରା ଦିନ ପାଣି କିମ୍ବା କିଛି ତରଳ ପଦାର୍ଥ ପିଇବା ଉଚିତ୍ । ପାଣି ଶରୀରର ହାନୀକାରକ ତତ୍ତ୍ୱକୁ ବାହାରକୁ ବାହାର କରି ଶାରୀରିକ ପ୍ରଣାଳୀରେ ନୂତନ ଶକ୍ତି ସୃଷ୍ଟି କରିଥାଏ । ସର୍ବତ, ଫଳରସ, ନଡ଼ିଆ ପାଣି ଭଳି ପାଣି ଜିନିଷ ପିଇବା ଉଚିତ୍ । ଶାରୀରିକ ସତେଜ ରହିବା ପାଇଁ ପ୍ରୋଟୀନ୍ ଯୁକ୍ତ ଖାଦ୍ୟ ନିଜ ଖାଦ୍ୟରେ ଗ୍ରହଣ କରିବା ଉଚିତ୍ । କାବ୍ରୋହାଇଡ୍ରେଟ୍ରୁ ଶରୀରକୁ ଶକ୍ତି ମିଳିଥାଏ। ଫଳମାନଙ୍କ ମଧ୍ୟରେ କମଳା, ଆତାବି, ଲିଚି ଆଦି ଖାଇବା ଉଚିତ୍ । ଏଥିରେ ପ୍ରଚୁର ମାତ୍ରାରେ ଗ୍ଳୁକୋଜ ରହିଥାଏ । କ୍ଷୀରରେ ମହୁ ମିଶାଇ ଓ କଦଳୀର ସେକ୍ ପିଇଲେ ଶରୀରକୁ ଭଲ ଶକ୍ତି ମିଳିଥାଏ । ସବୁଠାରୁ ମହତ୍ତ୍ୱପୂର୍ଣ୍ଣ କଥା ହେଉଛି ଆପଣ ପୂରା ଦିନ ଯେତେ କାମ କରିଲେ ମଧ୍ୟ ୭ରୁ ୮ ଘଣ୍ଟାର ନୀଦ ପୂରା କରିବା ଉଚିତ୍ । ଏଭଳି କଲେ ପର ଆପଣଙ୍କୁ ସଠିକ୍ ଶକ୍ତି ମିଳିପାରିବ । ଯେବେ ବି ଥକ୍କାପଣ ଅନୁଭବ ହୁଏ ତେବେ ୧୫ କିମ୍ବା ୨୦ମିନିଟ୍‌ର ବିଶ୍ରାମ ଯେମିତି ହେଲେ ନେବେ । ନୀଦ ପୂରା ନହେଲେ ଶରୀରର ଓଜନ ମଧ୍ୟ ବଢ଼ିଥାଏ ଓ ଥକ୍କାପଣ ଜଲଦି ଆସିଯାଇଥାଏ ।

କର୍କଟ ପିଡ଼ିତଙ୍କ ନିମନ୍ତେ ପାଣ୍ଠି ସଂଗ୍ରହ ଓ ସଂସ୍କୃତିକ କାର୍ଯ୍ୟକ୍ରମ

ଭୂବନେଶ୍ୱର : ରେଡ୍ ସ୍ୱସ୍ତିକ ସୋସାଇଟି ଓଡ଼ିଶା ଶଖା, ସମ୍ପଲି କେୟାର କ୍ଲିନିକ୍ ଓ ଲାୟନ ମିନତୀ ବେହେରା କ୍ୟାନସର 'ଫାଉଣ୍ଡେସନ୍‌ର ମିଳିତ ସହଯୋଗରେ କର୍କଟ ପିଡ଼ିତଙ୍କ ଚିକିତ୍ସା ପାଇଁ ପାଣ୍ଠି ସଂଗ୍ରହ କାର୍ଯ୍ୟକ୍ରମ ସ୍ଥାନୀୟ ଜୟଦେବ ଭବନଠାରେ ଅନୁଷ୍ଠିତ ହୋଇଯାଇଛି । ରେଡ୍ ସ୍ୱସ୍ତିକ ସୋସାଇଟି ଓଡ଼ିଶା ଶଖାର ସଭାପତି ଶ୍ରୀ ବିଜୟ ଆଚାର୍ଯ୍ୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସମ୍ମାନନୀୟ ଅତିଥି ଭାବେ ପୂର୍ବତନ ବିଧାୟକ ଓ ଚେୟାରମ୍ୟାନ(ମୋ କଲେଜ) ଶ୍ରୀ ଆକାଶ ଦାସ ନାୟକ, ଅଭିନେତ୍ରୀ ଭୂମିକା ଦାସ, ହାସ୍ୟ କଳାକାର ସ୍ମୃତି ରଞ୍ଜନ (ନଟିଆ) ପ୍ରମୁଖ ଯୋଗ ଦେଇଥିଲେ । ଶ୍ରୀ ନାୟକ ଅନୁଷ୍ଠାନମାନଙ୍କର ଏହି ପ୍ରୟାସ ମାଧ୍ୟମରେ ବହୁ ପିଡ଼ିତ ଲାଭବାନ ହେବା ସହ ଅନୁଷ୍ଠାନର ଏହି ନିଆରା କାର୍ଯ୍ୟକ୍ରମକୁ ସାଧୁବାଦ ଜଣାଇଥିଲେ ଏବଂ ଅନ୍ୟମାନେ ଏହିପରି ମହତ୍ ପ୍ରୟାସ ଆପଣେଇବା ପାଇଁ ଅହ୍ୱାନ ଦେଇଥିଲେ । ରେଡ୍ ସ୍ୱସ୍ତିକ୍ ସୋସାଇଟିର ଦୀର୍ଘ ୧୮ବର୍ଷ ଧରି କ୍ୟାନ୍‌ସର ପିଡ଼ିତ ଓ ଭିନ୍ନକ୍ଷମମାନଙ୍କ ବହୁବିଧ କଲ୍ୟାଣ ନିମନ୍ତେ କାର୍ଯ୍ୟ କରିଆସୁଛି ଓ ଆଗାମୀ ଦିନରେ ଏହି ପ୍ରୟାସ ଜାରି ରହିବ ବୋଲି ଅନୁଷ୍ଠାନର ସଭାପତି ଶ୍ରୀ ଆଚାର୍ଯ୍ୟ ମତ ପ୍ରକାଶ କରିଥିଲେ । ଅନ୍ୟ ଅତିଥି ଭାବରେ ପୋଲିସ୍ ଗୃହ ନିଗମର ନିର୍ଦ୍ଦେଶକ ଡ଼ାଃ. ଲଳିତ୍ ଦାସ, ଓଡ଼ିଶୀ ଗବେଷଣା କେନ୍ଦ୍ରର ମୁଖ୍ୟ କାର୍ଯ୍ୟନିବାହୀ ଅଧିକାରୀ ସଂଗୀତା ଗୋସାଇଁ, ଗ୍ୟାଷ୍ଟ୍ରୋଲୋଜିଷ୍ଟ ଡ଼ାଃ. ମନୋଜ୍ କୁମାର ସାହୁ, ବରିଷ୍ଠ ଅନକୋଲୋଜିଷ୍ଟ୍ ଡ଼ାଃ. ଘନଶ୍ୟାମ ବିଶ୍ୱାସ, ଚାଟାର୍ଡ଼ ଆକାଉଟାଣ୍ଟ ଏସ୍.ସି.ଭଦ୍ରା, ମେଟ୍ରୋଗ୍ରୁପ୍‌ର ମ୍ୟାନେଜିଙ୍ଗ ପାର୍ଟନେର ଇଂ ପିୟୁଷ ମହାନ୍ତି, କଣ୍ଠଶିଳ୍ପୀ ଅନିନ୍ଦିତା ଦାସ, ଆୟକର ବିଭାଗର ପୂର୍ବତନ ସଚିବ ଶ୍ରୀ ଶରତ ଦାସ, ସିମ୍ପଲି କେୟାର କ୍ଲିନିକର କାର୍ଯ୍ୟ ନିବାହୀ ଅଧିକାରୀ ଡ଼ାଃ. ନିମାଇଁ ଚରଣ ପରିଜା, ସିମ୍ପଲି କେୟାର କ୍ଲିନିକ୍‌ର ଉପଦେଷ୍ଟା ଡ଼ାଃ. ସ୍ୱରଜିତ୍ ପଟ୍ଟନାୟକ, ଲାୟନ ମିନତୀ ବେହେରା କ୍ୟାନ୍‌ସର 'ଫାଉଣ୍ଡେସନ୍‌ର ସମ୍ପାଦିକା ସୁଚିସ୍ମିତା ପୃଷ୍ଟି ପ୍ରମୁଖ ଉପସ୍ଥିତ ଥିଲେ । ଏହି କାର୍ଯ୍ୟକ୍ରମକୁ ରେଡ୍ ସ୍ୱସ୍ତିକ୍ ସୋସାଇଟି କୋଷାଧ୍ୟକ୍ଷ ଓ ସମ୍ପାଦକ ଦେବାଶିଷ ପଟ୍ଟନାୟକ ପରିଚାଳନା କରିଥିଲେ । ଏହି ଅବସରରେ ସାଜ୍ ଓ ଆୱାଜ୍ ଟର୍'ରୁ ସଙ୍ଗୀତଜ୍ଞ ଲକ୍ଷ୍ମୀକାନ୍ତ ପ୍ୟାରେଲାଲ୍‌ଙ୍କର ଲୋକପ୍ରିୟ ସଙ୍ଗୀତମାନ ପରିବେଷଣ କରାଯାଇଥିଲା ।

ଦେବୀ ରାଧାଙ୍କ ଜନ୍ମ ରହସ୍ୟ

ବ୍ରହ୍ମବୈବର୍ତ୍ତ ପୁରାଣରେ ଦେବୀ ରାଧାଙ୍କ ଜନ୍ମ ରହସ୍ୟ କଥା ଉଲ୍ଲେଖ କରାଯାଇଛି । ଦେବୀ ରାଧା ଭଗବାନ୍ ଶ୍ରୀକୃଷ୍ଣଙ୍କ ସହ ଗୋଲକରେ ନିବାସ କରୁଥାନ୍ତି । ଥରେ ଗୋଲକରେ ଦେବୀ ସୀତା ନଥିଲେ । ଶ୍ରୀକୃଷ୍ଣ ବିରଜା ନାମକ ପତ୍ନୀଙ୍କ ସହ ବିବାହ କରୁଥିଲେ । କୃଷ୍ଣ ଓ ବିରଜାଙ୍କ ବିବାହର କଥା ରାଧାଙ୍କୁ ସୂଚନା ମିଳିବା ମାତ୍ରେ ସେ ଗୋଲକକୁ ଆସିଲେ । ସେ କୃଷ୍ଣ ଓ ବିରଜାଙ୍କୁ ଦେଖି ରାଗିଯାଇ ଶ୍ରୀକୃଷ୍ଣଙ୍କୁ ଅନେକ କଥା ଶୁଣାଇଲେ । ଯାହାଫଳରେ ଶ୍ରୀକୃଷ୍ଣଙ୍କ ମିତ୍ର ସୁଦାମାଙ୍କୁ କ୍ରୋଧ ଆସିଲା । ସେ କ୍ରୋଧିତ ହୋଇ ଦେବୀ ରାଧାଙ୍କୁ ଅପମାନ କଲେ । ଯାହାଫଳରେ ଦେବୀ ରାଧା ଓ ସୁଦାମା ପରସ୍ପରକୁ ଅଭିଶାପ ଦେଲେ । ସୁଦାମାଙ୍କ ଅଭିଶାପ କଥା ରାଧା ଶ୍ରୀକୃଷ୍ଣଙ୍କୁ କହିଥିଲେ । ଶ୍ରୀକୃଷ୍ଣ ଦେବୀ ରାଧାଙ୍କୁ କହିଥିଲେ ଯେ ପୃଥିବୀରେ ତୁମେ ଗୋକୁଳରେ ଦେବୀ କୀର୍ତ୍ତି ଏବଂ ବୃଷଭାନୁଙ୍କ କନ୍ୟାରୂପେ ଜନ୍ମଗ୍ରହଣ କରିବ ।

ପୁରାଣ କାହାଣୀ

ପଂଚବଟୀ ରେ ରାମଚନ୍ଦ୍ର



ଭାରତ ରାମଙ୍କୁ ବହୁତ ଅନୁନୟ ବିନୟ ପୂର୍ବକ ଫେରିଆସିବାକୁ ଏବଂ ରାଜ୍ୟ ଭାର ଗ୍ରହଣ କରିବାକୁ ଆକୁଳ ପ୍ରାର୍ଥନା କଲେ । ମାତ୍ର ରାମ ଭରତଙ୍କ ଅନୁରୋଧ ପ୍ରତ୍ୟାଖାନା କରିଥିଲେ । ରାମ, ସୀତା ଏବଂ ଲକ୍ଷ୍ମଣ ଏହି ବନବାସ ସମୟରେ ଗୋଦାବରୀ ନାଦୀ ତଟରେ ଗମନ କରି ପଞ୍ଚବଟୀ ଠାରେ ଏକ କୁଟୁର ନିର୍ମାଣ କରି ଅବସ୍ଥାନ କଲେ । ସେହି ସମୟରେ ଋଷିମୁନିମାନଙ୍କର ଅନୁରୋଧ କ୍ରମେ ସେମାନେ ଅନେକ ରାକ୍ଷ କୁ ବଧ କରିଥିଲେ । ବିରାଧ ରାକ୍ଷସ ଏମାନଙ୍କ ମଧ୍ୟରେ ପ୍ରଥମ ଥିଲା ।

ପତ୍ନୀ ଛାଡ଼ି ପଳାଇଲେ ଉପହାରରେ ମିଳୁଛି ଅବିବାହିତ ଝିଅ

ବେଜିଂ ଯଦି କୌଣସି ବ୍ୟକ୍ତିଙ୍କ ପତ୍ନୀ ତାଙ୍କୁ ଛାଡି ଅନ୍ୟ କାହା ସହ ଫେରାର ହୋଇଥାନ୍ତି ତେବେ ଏନେଇ ସ୍ୱାମୀଙ୍କୁ ଚିନ୍ତା କରିବାର ଆଉ ଆବଶ୍ୟକତା ନାହିଁ । କାରଣ ଏଭଳି ସ୍ୱାମୀଙ୍କୁ ଉପହାରରେ ଦିଆଯାଉଛି ଅବିବାହିତ ଝିଅ । ତା' ପୁଣି ପତ୍ନୀ ଛାଡି ପଳାଇବାର ୧ବର୍ଷ ଭିତରେ । ଚୀନର ଏକ ମ୍ୟାରେଜ ବ୍ୟୁରୋ ସଂସ୍ଥା ନିଜ ବିଜ୍ଞାପନରେ ଏହି ଅଫର ଦେଇଛି । ସୋସିଆଲ ମିଡିଆରେ ପ୍ରକାଶିତ ଖବର ଅନୁସାରେ ଚୀନର ଏକ ମ୍ୟାରେଜ ବ୍ୟୁରୋ ସଂସ୍ଥା ନିଜ ବିଜ୍ଞାପନରେ ଉଲ୍ଲେଖ କରିଛି ଯେ ଯଦି କୌଣସି ଚୀନର ବ୍ୟକ୍ତି ଭିଏତନାମର ମହିଳାଙ୍କୁ ବିବାହ କରିଛନ୍ତି ଏବଂ ଏହି ମହିଳା ତାଙ୍କୁ ଛାଡି ଅନ୍ୟତ୍ର ଘର ବସାଉଛନ୍ତି ତେବେ ଏହାର ପ୍ରତିବଦଳରେ ଉକ୍ତ ବ୍ୟକ୍ତିଙ୍କୁ ଭିଏତ୍‌ନାମର ଜଣେ ଅବିବାହିତା କନ୍ୟାଙ୍କୁ ମାଗଣାରେ ବିବାହ କରିବାର ସୁବିଧା ପ୍ରଦାନ କରାଯିବ । ୧ବର୍ଷ ଭିତରେ ଏହି ସୁବିଧା ପ୍ରଦାନ କରାଯିବ ବୋଲି ସଂସ୍ଥା ପକ୍ଷରୁ କୁହାଯାଇଛି ।

ସଉକ ପୂରା କରିବା ପାଇଁ ବିକିଦେଲେ ସମସ୍ତ ସମ୍ପତି

ଟେକ୍ସାସ୍ ସାଧାରଣତଃ ନିଜ ଘର ଓ ପରିବାରର ଆବଶ୍ୟକତା ପାଇଁ ଲୋକେ ଅର୍ଥ ସଂଚୟ କରିଥାନ୍ତି । ହେଲେ ଟେକସାସ୍‌ରେ ରହୁଥିବା ଜଣେ ଦମ୍ପତି ନିଜର ଭ୍ରମଣ ସଉକ ପୂରା କରିବା ପାଇଁ ନିଜ ଘର ସହ ସମସ୍ତ ସମ୍ପତ୍ତିକୁ ବିକ୍ରି କରିଦେଇଛନ୍ତି । ଏହି ଦମ୍ପତ୍ତିଙ୍କର ମଧ୍ୟ ୫ଟି ସନ୍ତାନ ଅଛି । ଏହି ସ୍ୱାମୀ ସ୍ତ୍ରୀ ଜଣଙ୍କ ହେଉଛନ୍ତି ଷ୍ଟିଫେନ୍ ଏବଂ ଜୋର୍ଡାନ୍ । ବର୍ତ୍ତମାନ ସେମାନେ ତୁର୍କୀ ଓ ଅଷ୍ଟ୍ରେଲିଆ ଟୁର୍ କରି ଫେରିଥିଲା ବେଳେ ଖୁବ୍ ଶୀଘ୍ର ଆଣ୍ଟାର୍କଟିକା, ନ୍ୟୁଜଲାଣ୍ଡ ଗସ୍ତରେ ଯିବାର ଯୋଜନାରେ ଅଛନ୍ତି । ପେଶାରେ ୱେବ ଡିଜାଇନର ଥିବା ଷ୍ଟିଫେନ୍ କୁହନ୍ତି ଯେ ମୋ ସ୍ୱାମୀ ଜୋଡାନ୍‌ଙ୍କର ଭ୍ରମଣ କରିବାର ବଡ଼ ସଉକ ରହିଛି । ସେ ମୋ ସହ ପିଲାମାନଙ୍କୁ ନେଇ ବିଭିନ୍ନ ଦେଶ ଭ୍ରମଣ କରୁଛନ୍ତି । ଏଥିପାଇଁ ଆମେ ଆମର ଘର ଓ ସମସ୍ତ ସମ୍ପତ୍ତି ବିକ୍ରି କରିଦେଇଛୁ । ତେବେ ଭ୍ରମଣ ପରେ ପୁଣି ଥରେ ନୂଆ ଘର ବସାଇବା ଯଦିଓ କଷ୍ଟକର ତଥାପି ଭ୍ରମଣ ସାରିବା ପରେ ହିଁ ଆମେ ଏ ସମ୍ପର୍କରେ ନିଷ୍ପତ୍ତି ନେଉ । ବିଶ୍ୱ ଭ୍ରମଣ ଦ୍ୱାରା ନୂଆ ଭାଷା, ନୂଆ ସଂସ୍କୃତି ସହ ଆମେ ଅବଗତ ହୋଇପାରୁଛୁ ।

ମହିଳା ଚପଲ ଉଠାଇବାରୁ ପଳାଇଲା କୁମ୍ଭୀର

ସିଡନୀ କୁମ୍ଭୀରଟିଏ ଦେଖିଲେ ଯେକୌଣସି ବ୍ୟକ୍ତିର ମନରେ ଭୟ ସୃଷ୍ଟି ହେବା ସ୍ୱାଭାବିକ । ହେଲେ ଅଷ୍ଟ୍ରେଲିଆର କକାଡୁ ନ୍ୟାସନାଲ ପାର୍କରେ ଏକ ଭିନ୍ନ ଘଟଣା ଦେଖିବାକୁ ମିଳିଛି । ଯେତେବେଳେ ଜଣେ ମହିଳା ଆକ୍ରମଣାତ୍ମକ ଆଭିମୁଖ୍ୟ ରଖିଥିବା ଏକ କୁମ୍ଭୀରକୁ ଚପଲ ଦେଖାଇଲେ ସେତେବେଳେ କୁମ୍ଭୀରଟି ହ୍ରଦ ଭିତରକୁ ପଳାଇଥିଲା । ମହିଳା ଜଣଙ୍କ ପାର୍କରେ ନିଜ କୁକୁର ସହ ବୁଲୁଥିଲା ବେଳେ ପାଖରେ ଥିବା ଏକ ହ୍ରଦରୁ କିଛି କୁମ୍ଭୀର ତାଙ୍କୁ ଦେଖିବା ସହ ଆକ୍ରମଣ କରିବାର ପରିସ୍ଥିତିକୁ ଆସିଥିଲେ । ଏହାଦେଖି ମହିଳା ଜଣଙ୍କ ବିନା ଡରରେ ଚପଲ ଉଠାଇ ମାରିବାକୁ ଗୋଡାଇଥିଲେ କୁମ୍ଭୀରମାନଙ୍କୁ । ଆଉ କୁମ୍ଭୀରମାନେ ପଳାଇଥିଲେ ହ୍ରଦ ଭିତରକୁ । ଏହି ଘଟଣାଟି ପାର୍କରେ ଲାଗିଥିବା ସିସି ଟିଭି କ୍ୟାମେରାରେ କଏଦ ହୋଇଯାଇଥିଲା । ବର୍ତ୍ତମାନ ଏହି ଭିଡିଓ ସୋସିଆଲ ମିଡିଆରେ ବଡ଼ ଭାଇରାଲ ହୋଇଛି ।

କାଳୀ ଚରଣ ପଟ୍ଟନାୟକ

ଓଡିଆ ନାଟ୍ୟକାର ଓ କବି ଥିଲେ । ସେ ୧୮୯୭ ଡିସେମ୍ବର ୩ ତାରିଖ, ବକୁଳ ଅମାବାସ୍ୟା ଦିନ ବାଙ୍କୀ ସହର ଉପକଣ୍ଠରେ ଥିବା ଖମାରଙ୍ଗା ଗ୍ରାମରେ ପିତା ଦୁର୍ଗାଚରଣ ପଟ୍ଟନାୟକ ଓ ମାତା ରାଧାମାଳୀ ଦେବୀଙ୍କଠାରୁ ଜନ୍ମ ଗ୍ରହଣ କରିଥିଲେ । ସେ ପିତାମାତାଙ୍କର ଦ୍ୱିତୀୟ ସନ୍ତାନ ଥିଲେ । କାଳୀଚରଣଙ୍କ ପିତା ବଡମ୍ବାଗଡର ଦେବାନ ଥିଲେ । କାଳୀଚରଣ ପାରମ୍ପରିକ ଲୀଳା ନାଟକ ପ୍ରଦର୍ଶନ କରି ନିଜର ନାଟ୍ୟକାର ଜୀବନ ଆରମ୍ଭ କରିଥିଲେ ୪ର୍ଥ ଦଶକ ଦେବଳକୁ ସେ ଆଧୁନିକ ମଞ୍ଚ ନାଟକ ଲେଖି ତାହାର ବିପଣନ କରିବା ଆରମ୍ଭ କରିଥିଲେ । ସେଥି ପାଇଁ ୧୯୨୯ ମସିହାରେ "ସାକ୍ଷୀଗୋପାଳନାଟକ ସଂଘ" ଓ ୧୯୩୯ରେ "ଓଡିଶା ଥିଏଟର୍ସ" ନାମରେ ଏକ ରଙ୍ଗମଂଚ ଗଠନ କରି ଓଡିଶା ନାଟକାଭିନୟ ଜଗତର ପ୍ରସାର ଓ ଉନ୍ନତି କରିଥିଲେ । ତାଙ୍କର ଜନପ୍ରିୟ ନଟକ ଗାର୍ଲ ସ୍କୁଲ (୧୯୩୯) ଓଡିଆ ମଞ୍ଚାଭିନୟରେ ନୂତନ ଯୁଗର ଆରମ୍ଭ କରିଥିଲେ । ତାଙ୍କୁ ଆଧୁନିକ ଓଡଆ ନାଟ୍ୟଶାସ୍ତ୍ରର 'ଭରତ ମୁନି' ବୋଲି ମଧ୍ୟ କୁହାଯାଏ । ତାଙ୍କ ପ୍ରଚେଷ୍ଟାରୁ ୧୯୫୮ ମସିହାରେ ଓଡିଶୀ ନୃତ୍ୟ ଶାସ୍ତ୍ରୀୟ ମର୍ଯ୍ୟାଦା ପାଇଥିଲେ । ସେଥି ପାଇଁ ସମସ୍ତ ଓଡିଶୀ ନାଟ୍ୟଗୁରୁ ଓ ନୃତ୍ୟଶିଳ୍ପୀମାନେ ତାଙ୍କୁ ମନେ ରଖିଛନ୍ତି । କାଳୀଚରଣ ତାଙ୍କର ପ୍ରାଥମିକ ଶିକ୍ଷା ଚର୍ଚ୍ଚିକା ପ୍ରାଥମିକ ବିଦ୍ୟାଳୟରେ ସମ୍ପନ୍ନ କରି ଖୋର୍ଦ୍ଧା ଉଚ୍ଚବିଦ୍ୟାଳୟରେ ମାଟ୍ରିକ ପଢ଼ିଥିଲେ । କଟକର ରେଭେନ୍ସା କଲେଜରୁ ସେ ଉଚ୍ଚତର ଶିକ୍ଷା ଗ୍ରହଣ କରିଥିଲେ । ଖୋର୍ଦ୍ଧା ସ୍କୁଲରେ ପଢୁଥିବା ସମୟରେ ସଙ୍ଗୀତ ନାଟକ ପ୍ରତି ଆସକ୍ତ କଳୀଚରଣ ପ୍ରଥମ ସଙ୍ଗୀତଜ୍ଞ ବାସୁଦେବ ମହାପାତ୍ର ଓ ପରେ ଓସ୍ତାଦ୍ ଖାନୁ ଖାଁ, ବନୱାରୀ ମିଶ୍ରଙ୍କ ଭଳି ବିଶାରଦଙ୍କଠାରୁ ଶାସ୍ତ୍ରୀୟ ସଂଗୀତ ଶିକ୍ଷା କରିଥିଲେ ।

ଆଜିର ଭାଗ୍ୟ

ମେଷ	ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ । ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟର ସମାଧାନ ହେବ । ଶତ୍ରୁ ବୃଦ୍ଧି ହୋଇପରେ । ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ ।
ବୃଷ	ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ୍ୟ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ । ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ । ମହିଳାମାନେ ଅପମାନିତ ହୋଇପରନ୍ତି ।
ମିଥୁନ	ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ । ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ । ଆର୍ଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କର ସାନ୍ନିଧ ଲାଭରୁ ଖୁସି ହେବେ ।
କର୍କଟ	ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ । ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି । ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ । ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ ।
ସିଂହ	ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ । ସାମ୍ପତ୍ୟ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ । ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ । ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ ।
କନ୍ୟା	ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ । କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ୍ୟ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ । ଆନୁଷ୍ଠାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ ।
ତୁଳା	ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ । କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ ହେବେ । ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ । ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ ।
ବିଛା	ଚୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ । ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ । ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ ।
ଧନୁ	ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ୍ୟ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ । ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ । ରାଜନୀତିକ ସ୍ତରରେ ଉନ୍ନତି କରିବେ । ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ ।
ମକର	କର୍ମକ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରିବେ । ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ । ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ । ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ ।
କୁମ୍ଭ	ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ । ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡିବେ । ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ । ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ ।
ମୀନ	ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ । ମଜଳିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ । କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି । ସନ୍ତାନଙ୍କ ପାଇଁ ଗୌରାବାନିତ୍ୱ ମନେ କରିବେ ।

କୃତ୍ରିମ ଜଳପ୍ରପାତ

ଚାଇନା ଅନ୍ତର୍ଗତ ୟୁନାନ ପ୍ରଦେଶର କୁନମିଂରେ ପର୍ଯ୍ୟଟକଙ୍କ ମନୋରଞ୍ଜନ ପାଇଁ ଏକ କୃତ୍ରିମ ଜଳ ପ୍ରପାତ ସୃଷ୍ଟି କରାଯାଇଛି । ଏହାର ଉଚ୍ଚତା ସାଢ଼େ ୧୨ ମିଟର । ଚଉଡା ଚାରି ଶହ ମିଟର । ନିଉଲାନ୍ ନଦୀରେ ପ୍ରବାହିତ ଜଳକୁ ୟୁନାନର ବୃହତ୍ତମ ମଧୁର ଜଳ ହ୍ରଦ ଡିଆନସି ମଧ୍ୟରେ ପ୍ରବେଶ କରାଇ ଏହି ପ୍ରପାତ ସୃଷ୍ଟି କରାଯାଇଛି । ଏହାଦ୍ୱାରା ବନ୍ୟା ବିପ୍ତାତରୁ ରକ୍ଷା ମିଳିବା ସହ ସହରର ପାନୀୟ ଜଳ ଯୋଗାଣ ବ୍ୟବସ୍ଥାରେ ଉନ୍ନତି ଆସି ପାରିବ । କୃତ୍ରିମ ଜଳ ପ୍ରପାତ ଚାରିପଟେ ଉଦ୍ୟାନ ରହିଛି । ଦୁଇ ବର୍ଷ ତଳେ ଉଭୟ ପ୍ରପାତ ଓ ଉଦ୍ୟାନ ବିକଶିତ କରାଯାଇଛି । ଉକ୍ତ ପ୍ରକଳ୍ପରେ ସତର କୋଟି ମାର୍କିନ୍ ଡଲାର ବ୍ୟୟ ହୋଇଥିବା ପ୍ରକାଶ ।

ପର୍ଯ୍ୟବେକ୍ଷକ
ମହାନଗର

ବିଶ୍ୱବିଦ୍ୟାଳୟ ବିଶୃଙ୍ଖଳିତ କେନ୍ଦ୍ର ନହେଉ

ଶାସ୍ତ୍ରରେ ଲେଖା ଅଛି- 'ଶାସ୍ତ୍ରଣ୍ୟଧୀତ୍ୟାପି ଭବନ୍ତି ମୂର୍ଖାଃ ଯସ୍ତୁ କ୍ରିୟାବାନ ପୁରୁଷଃସବିଦ୍ୱାନ'। ଅର୍ଥାତ୍ କେବଳ ଜଣେ ଗୁଡ଼ାଏ ପୁରାଣ ଶାସ୍ତ୍ର ଅଧ୍ୟୟନ କରିଦେଲେ ଯେ ଜଣେ ବିଦ୍ୱାନ ହୋଇଯାଆନ୍ତି ତାହା ନୁହେଁ ଯେଉଁମାନେ ଆଚରଣ ସିଦ୍ଧ ବା ତାଙ୍କ କର୍ମ କର୍ତ୍ତବ୍ୟରେ ଉତ୍ତମ ପ୍ରଦର୍ଶନ ଦେଖିବାକୁ ନ ମିଳିଥାଏ ସେମାନେ ଯଥାର୍ଥରେ ବଡ଼ ମୂର୍ଖ। ଯେକୌଣସି ବିଶ୍ୱବିଦ୍ୟାଳୟ କେବଳ ତା ଶିକ୍ଷାୟତନର ଅନୁଷ୍ଠାନ ନୁହେଁ ଏହା ଦେଶ ବା ସମ୍ପୃକ୍ତ ରାଜ୍ୟର ଶିକ୍ଷା ମହଲ ଠାରୁ ବିଦ୍ୟାର୍ଥୀ ଅନୁସନ୍ଧିତ୍ସୁଙ୍କ ଠାରୁ ଗବେଷକ ସମସ୍ତଙ୍କ ପାଇଁ ପୂଣ୍ୟ ପାବନ ଶିକ୍ଷା ସାଧନ କ୍ଷେତ୍ର ପାଲଟିଥାଏ। ଆର୍ଯ୍ୟ ସନାତନ ସଂସ୍କୃତିରେ ଏମାନଙ୍କୁ ଆଚାର୍ଯ୍ୟ କୁହାଯାଏ। ଆଚାର୍ଯ୍ୟ ହେଉଛନ୍ତି ସେହିମାନେ ଯେଉଁମାନେ ଶୃଙ୍ଖଳିତ ଆଚରଣ, ନିତ୍ୟନିଷ୍ଠତା, ପ୍ରେରଣାଦାୟୀ ଜୀବନଚର୍ଯ୍ୟା, ଆଦର୍ଶ, ଛାତ୍ରବତ୍ସଳତା ଓ ସାମାଜିକ ମର୍ଯ୍ୟାଦାରେ ପରିପୂର୍ଣ୍ଣ ହୋଇଥାନ୍ତି। ସେହିପାଇଁ ବିଶ୍ୱବିଦ୍ୟାଳୟର ଦୀକ୍ଷାନ୍ତ ସମାରୋହ ଏକ ଗୁରୁତ୍ୱ ଓ ମହତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମ। ଏହି ସମାରୋହରେ ଯେପରି ପ୍ରାଚୀନ ଗୁରୁକୁଳରେ ବ୍ରହ୍ମଚାରୀ ବିଦ୍ୟାର୍ଥୀଙ୍କୁ ଗୁରୁମାନେ ବିଦ୍ୟା ଶେଷ ପରେ ନୂତନ ଜୀବନ ଆରମ୍ଭ ପାଇଁ କିଛି ମୂଲ୍ୟବାନ ଉପଦେଶ ଦେଇଥାନ୍ତି ଯାହାକି ସେମାନେ ତାଙ୍କ ପରବର୍ତ୍ତୀ ଜୀବନରେ କାର୍ଯ୍ୟକାରୀ କରିଥାନ୍ତି। ଆଧୁନିକ ପରମ୍ପରାରେ ବିଶ୍ୱବିଦ୍ୟାଳୟର କୁଳପତିମାନେ ହେଉଛନ୍ତି ସ୍ଥାନୀୟ ରାଜ୍ୟର ରାଜ୍ୟପାଳ। ଯେଉଁମାନେ କି ଗଣତାନ୍ତ୍ରିକ ବିଧିବ୍ୟବସ୍ଥାରେ ମହାମହିମ ରାଷ୍ଟ୍ରପତିଙ୍କ ପ୍ରତିନିଧି। ତେବେ ଦୁଃଖ ଓ ପରିତାପର ବିଷୟ ନିକଟ ଅତୀତରେ ଭାରତର ନାମଜାଦା କିଛି ବିଶ୍ୱବିଦ୍ୟାଳୟରେ କୁଳପତିଙ୍କୁ ଯେଉଁପରି ଅମର୍ଯ୍ୟାଦା ଓ ପ୍ରକାରାନ୍ତରେ ବିରୋଦ୍ଧାଭାଷା ସହ ଅପମାନ କରାଯାଇଛି ତାହା କେବଳ ଶିକ୍ଷାବିତ୍ ମାନଙ୍କୁ ନୁହେଁ ପ୍ରତିଟି ଶିକ୍ଷା ସଚେତନ ଭାରତୀୟଙ୍କୁ ଅତ୍ୟନ୍ତ ବ୍ୟଥିତ କରିଛି। ଭାରତର କେତେକ ଖ୍ୟାତନାମା ବିଶ୍ୱବିଦ୍ୟାଳୟରେ ଚାଇନାର ଦଲାଲ କୁହାଯାଉଥିବା ବାମପନ୍ଥୀମାନେ ନିଜ ହୀନକାର୍ଯ୍ୟର ପ୍ରୟୋଗଶାଳା ଗଢ଼ିଛନ୍ତି। ଯେଉଁଠାରେ ଦେଶ ଓ ରାଷ୍ଟ୍ରବାଦ ବିରୁଦ୍ଧରେ ବିଷ ବୁଣାଯାଉଥିବାବେଳେ ଭାଇଚାରାକୁ କ୍ଷତବିକ୍ଷତ କରିବା ପାଇଁ କୁମନ୍ତ୍ରଣା ଦିଆଯାଇଥାଏ। ନିରୀହ କୋମଳମତି ଛାତ୍ରଛାତ୍ରୀମାନେ ଏହାର ସହଜ ଶିକାର ହୋଇଯାଇଥାନ୍ତି। ଦିଲ୍ଲୀର ଜେଏନ୍‌ୟୁର ଘଟଣାବଳୀ ଦେଶବାସୀ ଜାଣନ୍ତି। ଏଠାରେ ଅସାମାଜିକ ତତ୍ତ୍ୱର କିଛି ହାତଗଣତି ଛାତ୍ରଛାତ୍ରୀ ଓ ଅଧ୍ୟାପକମାନେ ବାମପନ୍ଥୀ ବିଚାରର ବଡ଼ ବଡ଼ ପୃଷ୍ଠପୋଷକ ହୋଇଥିବାରୁ ରୀତିମତ ବାତାବରଣକୁ କଳୁଷିତ କରାଯାଉଛି। ଦେଶ ବିରୋଧୀ ଧ୍ୱନୀ ଦେବା ସହ ଗଣତନ୍ତ୍ରର ସର୍ବୋଚ୍ଚ ପବିତ୍ର ମନ୍ଦିର ସଂସଦ ଉପରେ ଆକ୍ରମଣ କରିଥିବା ଅଫ୍‌ଜଲ ଗୁରୁକୁ ଶ୍ରଦ୍ଧାଞ୍ଜଳି ଦେବା ପାଇଁ କାର୍ଯ୍ୟକ୍ରମ ହାତକୁ ନେଇଥାନ୍ତି। ସବୁଠାରୁ ଅଭାବନୀୟ ଓ ଆଶ୍ଚର୍ଯ୍ୟଜନକ ଘଟଣା ହେଉଛି ଦେଶକୁ ଟୁକୁଡେ ଟୁକୁଡେ କରିବାର ଭୟଙ୍କର ଆସ୍ପର୍ଦ୍ଧା ଏମାନେ ଖୋଲାଖୋଲି ମତ ଦିଅନ୍ତି। ଏହି ବିଶୃଙ୍ଖଳାକୁ ଶୃଙ୍ଖଳିତ କରିବାକୁ କୁଳପତି ଉଦ୍ୟମ କଲେ ସେମାନଙ୍କ ଭାଷାରେ ଏହା ଛାତ୍ର ଓ ଶିକ୍ଷାବିରୋଧୀ ଦମନଲୀଳା। ପରବର୍ତ୍ତୀ ସମୟରେ ସଂସଦ ଭବନ ହେଉ ବା ନୂଆଦିଲ୍ଲୀ ଗେଟ ସେଠାରେ ଦେଶଦ୍ରୋହୀଙ୍କ ପାଇଁ ଗଳାଫଟା ଚିତ୍କାର କରିଥାନ୍ତି। କିନ୍ତୁ ଦେଶ ପାଇଁ ଓ ଅଖଣ୍ଡ ଭାରତ ପାଇଁ ନିଜ ଜୀବନକୁ ଉତ୍ସର୍ଗ କରିଥିବା ବୀର ସୈନିକଙ୍କ ଅପୂର୍ବ ତ୍ୟାଗର ବଳୀଦାନକୁ ବିନ୍ଦୁଟିଏ ମାତ୍ର ପ୍ରଶଂସା କରନ୍ତି ନାହିଁ। ଭାରତର ମହାମହିମ ଓ ଲୋକପ୍ରିୟ ଉପରାଷ୍ଟ୍ରପତି ଏମ୍.ଭେଙ୍କୟାନାଇଡୁ ଏହି ବିଶ୍ୱବିଦ୍ୟାଳୟର ଦିକ୍ଷ୍ୟାନ୍ତ ସମାରୋହରେ ଭାଷଣ ଦେବା ପାଇଁ ପହଞ୍ଚିଥିବାବେଳେ ଏମାନେ ବିକ୍ଷୋଭ ଓ କଳାପତାକା ଦେଖାଇବାକୁ ଭୁଲି ନଥିଲେ। ତେବେ କେତେ ଜଣ ହାତଗଣତି ଉଦ୍‌ଭ୍ରାନ୍ତକୁ ଛାଡ଼ିଦେଲେ ଅନ୍ୟ ବହୁ ସଂଖ୍ୟକ ଛାତ୍ରଛାତ୍ରୀ ଅତ୍ୟନ୍ତ ଆଗ୍ରହ ଓ ଶ୍ରଦ୍ଧାପୂର୍ଣ୍ଣ ଭାବେ ଉପରାଷ୍ଟ୍ରପତିଙ୍କୁ ସ୍ୱାଗତ ସହ ତାଙ୍କ ଭାଷଣ ଶୁଣିଥିଲେ।

ଆମ୍ ଆଦ୍‌ମୀମାନଙ୍କ ନେତ୍ରୀ ସାଜି ଦେଶବିରୋଧୀ ତତ୍ତ୍ୱମାନଙ୍କୁ ସହଯୋଗ କରୁଥିବା ପଶ୍ଚିମବଙ୍ଗର ଦିଦିଙ୍କ ସରକାର ମଧ୍ୟ ଏ କ୍ଷେତ୍ରରେ ପଛରେ ନାହିଁ। ସେଠାରେ ବାମପନ୍ଥୀ ଶାସନ ଥିବାବେଳେ ଏହା ଭାରତର ଏକପ୍ରକାର ବାମପନ୍ଥୀଙ୍କ ବିଚିତ୍ର ପ୍ରୟୋଗଶାଳା ଥିଲା। କିନ୍ତୁ ବାମପନ୍ଥୀଙ୍କ ବଦଳରେ ଦିଦିଙ୍କ ତୃଣମୂଳ ସରକାର ଥିଲେ ମଧ୍ୟ ସେମାନଙ୍କର ଦେଶବିରୋଧୀ ଚରିତ୍ର ଯେପରି ଶେଷ ହୋଇନି। ପଶ୍ଚିମବଙ୍ଗର ଯାଦବପୁର ବିଶ୍ୱବିଦ୍ୟାଳୟରେ କୁଳାଧିପତି ଥିବା ମହାମହିମ ରାଜ୍ୟପାଳ ଜଗଦୀପ ଧନକଡ଼ଙ୍କୁ ଏହାର ପରିସରରେ ପୁରାଇ ଦିଆଗଲାନାହିଁ। କେବଳ ସେତିକି ନୁହେଁ ରାଜ୍ୟର ବିଧାନସଭା ଲାଇବ୍ରେରୀକୁ ଯିବା ପାଇଁ ଉଦ୍ଦିଷ୍ଟ ଥିବା ଗେଟ ମଧ୍ୟ ବନ୍ଦ କରିଦିଆଗଲା। ଭାରତବର୍ଷର ଇଏ ଏକ ପ୍ରକାର ବିଚିତ୍ର ରାଜ୍ୟ ସାଧାରଣ ଜୀବନର ବାର୍ତ୍ତା ଦେଖାଉଥିବା ଦିଦିଙ୍କ ଦାଦାଗିରିରେ ଏଠାରେ ରାଜ୍ୟପାଳଙ୍କ ସମସ୍ତ ଶିକ୍ଷାୟତନର କାର୍ଯ୍ୟକ୍ରମକୁ ବିରୋଧ କରାଯାଉଛି। ତେବେ ସବୁଠାରୁ ଅତ୍ୟନ୍ତ ଦୁଃଖଦ ଓ ଲଜ୍ଜାକର ଘଟଣା ଘଟିଛି କେରଳରେ। ଏଠାରେ ଭାରତ ଇତିହାସ କଂଗ୍ରେସର ୮୦ତମ ଅଧିବେଶନ ବେଳେ ବିଶ୍ୱବିଦ୍ୟାଳୟର କୁଳାଧିପତି ରାଜ୍ୟପାଳ ଅରିଫ୍ ଅହମ୍ମଦ ଖାନ୍ ଙ୍କୁ ମୁଖ୍ୟ ଅତିଥି ଭାବେ ନିମନ୍ତ୍ରଣ କରାଯାଇଥିଲେ ମଧ୍ୟ ତାଙ୍କ ଅଭିଭାଷଣ ବେଳେ ତାଙ୍କ ସମ୍ମୁଖରେ ବସିଥିବା ଐତିହାସିକ ଇରଫାନ୍ ହବିବ୍ ତାଙ୍କୁ ବିରୋଧ କରି ଚିତ୍କାର କରି କହିଥିଲେ ଯେ ଆପଣ ଅବଦୁଲ କଲାମ୍‌ଙ୍କୁ ଉଦ୍ଧୃତ ନକରି ନାଥୁରାମ ଗଡ଼ସେଙ୍କୁ ଉଦ୍ଧୃତ କରନ୍ତୁ। ଏଭଳି ଅପମାନଜନକ ବ୍ୟବହାର ବେଳେ ସେଠାରେ ଉପସ୍ଥିତ କିଛି ବାମପନ୍ଥୀ ଅଧ୍ୟାପକ ଓ ଛାତ୍ରଛାତ୍ରୀମାନେ ଇରଫାନଙ୍କୁ ସମର୍ଥନ କରି ରାଜ୍ୟପାଳଙ୍କ ଭାଷଣରେ ବାଧା ସୃଷ୍ଟି କରିଥିଲେ। ତେବେ ଏହା ପଛର ଘଟଣା କିଛି ଅଲଗା। ରାଜ୍ୟପାଳ ଅରିଫ୍ ଅହମ୍ମଦ ଖାନ୍ ସ୍ୱର୍ଗତ ରାଜୀବ ଗାନ୍ଧୀଙ୍କ ମନ୍ତ୍ରୀମଣ୍ଡଳରେ ଜଣେ ମନ୍ତ୍ରୀ ଥିବାବେଳେ ତିନି ତଲାକ୍ ବିରୁଦ୍ଧରେ ସୁପ୍ରିମକୋର୍ଟଙ୍କ ରାୟ ସତ୍ତ୍ୱେ ମୌଳବାଦୀ ମୁସିଲମ ମାନଙ୍କ ଚାପରେ ଆସି ସମ୍ବିଧାନ ସଂଶୋଧନ କରିଦେଲେ ସେତେବେଳେ ତା ପ୍ରତିବାଦରେ ସେ ରାଜୀବଙ୍କ କ୍ୟାବିନେଟରୁ ଇସ୍ତଫା ଦେଇଥିଲେ। କେନ୍ଦ୍ରର ଶକ୍ତିଶାଳୀ ମୋଦି ସରକାରଙ୍କ କାଶ୍ମୀର ନୀତି ହେଉ ବା ତିନି ତଲାକ ବିରୋଧୀ ଆଇନ ଏହାକୁ ସ୍ୱାଗତ କରିବା ସହ ନାଗରିକତା ସଂଶୋଧନତା ଆଇନକୁ ଦୃଢ଼ ସମର୍ଥନ କରୁଥିବାରୁ ତାଙ୍କରି ଏହି ମନୋଭାବ କିଛି ତଥାକଥିତ ମୌଳବାଦୀଙ୍କୁ କ୍ଷୁବ୍ଧ କରିଛି। ଭାରତରେ ବାମପନ୍ଥୀମାନେ କେବେ ଠାରୁ ମୁସଲିମ୍ ମାନଙ୍କ ବନ୍ଧୁ ପାଲଟିଲେ ତାହା ଏହି ଲେଖକଙ୍କୁ ତ ଜଣାନାହିଁ କିନ୍ତୁ ସେମାନଙ୍କ ଅଭେଦ ଦୁର୍ଗ ଓ ପ୍ରତିଷ୍ଠା ସ୍ଥାନ ଚୀନରେ ଯେପରି ଉଇଜର ମୁସଲିମମାନଙ୍କୁ ଦମନ କରାଯାଇ ନଂପୁଂଷକ କରିବା ସହ ବନ୍ଦୀ କରାଯାଇଛି ଏବଂ ସେମାନଙ୍କ ମହିଳାମାନଙ୍କୁ ବର୍ଷ ବର୍ଷ ଧରି ବଳାତ୍କାର କରାଯାଉଛି ସମ୍ଭବତଃ ସେଠାରେ ସେମାନେ ମସିହା ସାଜି ସେମାନଙ୍କ ପାଇଁ ଉଦ୍ଧାର କର୍ତ୍ତା ହୋଇପାରନ୍ତେ। ଭାରତରେ ବର୍ଷ ବର୍ଷ ଧରି ଲକ୍ଷ ଲକ୍ଷ ମୁସଲମାନ ମହିଳାମାନେ ତିନି ତଲାକ ଭଳି କୁସଂସ୍କାରରେ ଯେଉଁପରି ହା ହୁତାଶ ଜୀବନ ବିତାଉଥିଲେ ତାକୁ କିପରି ଏହି ବାମପନ୍ଥୀମାନେ ନିରବରେ ସହିଥିଲେ? କାଶ୍ମୀରରେ ମାନବାଧିକାର ନଷ୍ଟ ହୋଇଯାଇଛି ବୋଲି ଚିତ୍କାର କରୁଥିବା ଏହି ବାମପନ୍ଥୀମାନେ ସେଠାକାର କାଶ୍ମୀର ପଣ୍ଡିତମାନଙ୍କ ଉପରେ ହୋଇଥିବା ଅକଥନୀୟ ଅତ୍ୟାଚାର ବିରୁଦ୍ଧରେ କେବେ ସ୍ୱର ଉଠାଇଛନ୍ତି କି? ଦେଶର ଅଭିବୃଦ୍ଧି ଓ ଏକ ଶକ୍ତିଶାଳୀ ସମୃଦ୍ଧ ରାଷ୍ଟ୍ର ଗଠନରେ ଆଜି ନରେନ୍ଦ୍ର ମୋଦି ଓ ଅମିତ୍ ଶାହାଙ୍କ ବିଶାଳ ଅବଦାନ ରହିଛି। ତେଣୁ ଆସନ୍ତୁ ପ୍ରତିଟି ଭାରତୀୟ ଛାତ୍ରଛାତ୍ରୀ ଦେଶର ବିକାଶକୁ ସବୁ ରାଜନୈତିକ ମତଭେଦକୁ ପଛରେ ପକାଇ ଆଗେଇ ନେବା ପାଇଁ ସଂକଳ୍ପବଦ୍ଧ ହେବା।

ଡାକ୍ତର ନୀଳମାଧବ ପୃଷ୍ଟି, ପାଣିକୋଇଲି, ଯାଜପୁର, ଦୂରଭାଷ : ୯୪୩୯୪୮୨୫୨୬

ଭୋଟ ବର୍ଜନ ପରେ ବି ଚେତିଲାନି ପ୍ରଶାସନ, ଅବହେଳିତ ଅବସ୍ଥାରେ କବିତ୍ରା ଗ୍ରାମବାସୀ

କେନ୍ଦୁଝର (ପିଏନ୍): କେନ୍ଦୁଝର ସହର ଠାରୁ ମାତ୍ର ୪/୫ କି.ମି.ଦୂରରେ ବୋଦାପଳଶା ପଂଚାୟତର କବିତ୍ରା ଗ୍ରାମ ରହିଛି। ମାତ୍ର ସତେ ଯେମିତି ଏହି ଗ୍ରାମ ଉପରେ କାହାରି ନଜର ପଡୁନାହିଁ। ଦୀର୍ଘ ୧୫ବର୍ଷ ତଳେ ଭୋଟ ବର୍ଜନ କରିଥିଲେ ଗ୍ରାମବାସୀ। ଆଶା ଥିଲା ଭୋଟ ବର୍ଜନ ପରେ ଜିଲ୍ଲା ପ୍ରଶାସନ ସେମାନଙ୍କର ଗୁହାରୀ ଶୁଣିବ। କିନ୍ତୁ ଆଶା ଆଶାରେ ହିଁ ରହିଗଲା। ଜିଲ୍ଲା ପ୍ରଶାସନ ନିକଟରେ ବହୁବାର ଆପତ୍ତି ଅଭିଯୋଗ କରିଥିଲେ ମଧ୍ୟ କିଛି ଲାଭ ହେଲାନାହିଁ। ନିର୍ବାଚନ ସମୟରେ ମିଠା ମିଠା କଥା କହି ସରପଂଚଙ୍କ ଠାରୁ ବିଧାୟକ, ସାଂସଦ ସମସ୍ତେ ଭୋଟ୍ ହାତେଇ ନେଲେ। ହେଲେ ଗ୍ରାମର କୌଣସି ଉନ୍ନତି ହୋଇ ପାରିଲା ନାହିଁ।। ନା ଅଛି ଗାଁକୁ ପକ୍କା ରାସ୍ତା, ନା ଅଛି ବିଜୁଳୀ, ନା ଏଠାରେ ଫଳପ୍ରଦ ହେଉଛି ଆବାସ ଯୋଜନା। ଶୌଚାଳୟ, ପାନୀୟଜଳ ଯୋଗାଣ ଆଦି ସମସ୍ୟାକୁ ନେଇ ଦୀର୍ଘଦିନ ଧରି ଗ୍ରାମବାସୀମାନେ ଜନପ୍ରତିନିଧି ଏବଂ ବାବୁଭାୟାଙ୍କ ଦ୍ୱାରସ୍ଥ ହୋଇଥିଲେ ହେଁ ମହାଶୟମାନଙ୍କର କୁମ୍ଭକର୍ଣ୍ଣ ନିଦ୍ରା ଭାଙ୍ଗୁନାହିଁ। କହିବେ କାହାକୁ, ଗୁହାରୀ ଶୁଣିବ କିଏ? ଏହି ଗ୍ରାମରେ ପାଖାପାଖି ୨୩ ଶହ ଜନସାଧାରଣ ବସବାସ କରୁଛନ୍ତି। ଭୋଟ୍ ବର୍ଜନ ପରେ କିଛିବର୍ଷ ତଳେ ଏହି ଗ୍ରାମକୁ ପଂଚାୟତରେ ସାମିଲ କରାଯାଇଥିଲା। ହେଲେ ଏବେ ସେ ଅଂଚଳ ପଂଚାୟତରେ ଅଛି କି ନାହିଁ ତାହା ଗ୍ରାମବାସୀଙ୍କ ମନରେ ସନ୍ଦେହ ସୃଷ୍ଟି କରିଛି। ଆଦିବାସୀ ବହୁଳ ଏହି ଗ୍ରାମରେ ଅଶିକ୍ଷିତ, ଅପାଠୁଆମାନେ ରହୁଛନ୍ତି। ଏହାର ସୁଯୋଗ ନେଇ ତଳପାହ୍ୟା ନେତାମାନେ ଗ୍ରାମକୁ ଆସି ନାନା ପ୍ରତିଶ୍ରୁତି ଦେଇ ଲୋକମାନଙ୍କୁ ଭଣ୍ଡେଇ ତାଙ୍କଠାରୁ କାମ ହାସଲ କରିନେଉଛନ୍ତି। ମଣ୍ଟିକାର୍ଲୋ କମ୍ପାନୀ ରାସ୍ତା କାମ ପାଇଁ ଗାଁ ନିକଟରେ ଏକ ଗଭୀର ନଳକୂପ ଖୋଳି ପାଣି ନେଇଯାଉଛି। ଗ୍ରାମବାସୀଙ୍କ କହିବା ଅନୁସାରେ କମ୍ପାନୀର କାମକୁ କମ୍ ପରିମାଣରେ ପାଣି ନେବାକୁ କୁହାଯାଇଥିଲା। ହେଲେ ସେ ମନମାନୀ କରି ଭୂତଳରୁ ଅଧିକ ମାତ୍ରାରେ ପାଣି ଶୋଷିବାକୁ ଲାଗିଛି। ଫଳରେ ଗ୍ରାମରେ ଥିବା ନଳକୂପରୁ ପାଣି ବାହାରୁନାହିଁ। ସରକାର ପ୍ରତ୍ୟେକ ଗ୍ରାମକୁ ବିଜୁଳୀ ଯୋଜନାରେ ବିଜୁଳୀ ଯୋଗାଇଦେଉଥିବା ବେଳେ କବିତ୍ରା ଗ୍ରାମବାସୀଙ୍କ ପାଇଁ ଏହା ସାତସପନ ହୋଇ ଯାଇଛି। ସବୁ ସମୟରେ ସରକାରୀ ବାବୁମାନେ ଆସି ଏଠାକାର ସମସ୍ୟାକୁ ଅନୁଧ୍ୟାନ କରି ଯାଉଥିଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ। ଗ୍ରାମର ଅଧିକାଂଶ ଲୋକ ଦିନମଜୁରିଆ ହୋଇଥିବା ବେଳେ ଆଉ କେତେକ ଚାଷ ଉପରେ ନିର୍ଭର କରିଥା'ନ୍ତି। ଆବାସ ଯୋଜନାରେ ଏମାନଙ୍କୁ ଘର ମିଳୁନଥିବାରୁ ଏମାନେ ଚାଳ ଛପର ଘରେ ରହିବାକୁ ବାଧ୍ୟ ହେଉଛନ୍ତି। ସ୍ୱାଧୀନତାର ୭୩ବର୍ଷ ବିତି ଯାଇଥିଲେ ମଧ୍ୟ ଏହି ଗ୍ରାମର ଜନସାଧାରଣ ପରାଧିନ ହୋଇ ରହିଛନ୍ତି। ଏହି ଗ୍ରାମ ନିକଟରେ କୋଟି କୋଟି ଟଙ୍କା ବ୍ୟୟରେ ଇଂଜିନିୟରିଂ କଲେଜ ତିଆରି ଚାଲିଛି, ହେଲେ ଜଣେ ନାଗରିକ ତା'ର ମୌଳିକ ଅଧିକାର ପାଇପାରୁନାହିଁ। ଯଥାଶୀଘ୍ର ଏହି କବିତ୍ରା ଗ୍ରାମର ସମସ୍ୟାକୁ ଦୂର କରିବା ପାଇଁ ଗ୍ରାମବାସୀମାନଙ୍କ ମଧ୍ୟରେ ପୁରୁଣା ୱାର୍ଡମେମ୍ବର ଦୁର୍ଯ୍ୟୋ ମୁଣ୍ଡା, ଚୈତନ୍ୟ ନାୟକ, କାନନ ଜେନା, ଭଗବତୀ ମୁଣ୍ଡା, ରାଜବତୀ ମୁଣ୍ଡା, ଫୁଲମଣୀ ମୁଣ୍ଡା, ମିନତୀ ମୁଣ୍ଡା, ଆରତୀ ମୁଣ୍ଡା, ଶ୍ରୀମତୀ ମୁଣ୍ଡା, ଦଶମା ମୁଣ୍ଡା, ମଙ୍ଗୁଳି ମୁଣ୍ଡା, ରଇବାରୀ ମୁଣ୍ଡା, ସୁରେଶ ସାହୁ, ଦୈତାରୀ ନାଏକ, ଟୁରା ନାଏକ, ବାଟୁ ନାଏକ, ଚନ୍ଦା ମହାରଣା, କେଶବ ମୁଣ୍ଡା, କାଳିଆ ମୁଣ୍ଡା, ଟୁଇ ମୁଣ୍ଡା, ସାହେବ ମୁଣ୍ଡା, ମୁନା ନାଏକ, ଭଗ ମୁଣ୍ଡା, ଗାଦୁ ମୁଣ୍ଡା, ନାଉ ମୁଣ୍ଡା, ଟେଙ୍ଗ ମୁଣ୍ଡା, ସୋମବାରୀ ମୁଣ୍ଡା ପ୍ରମୁଖ ନିକଟରେ ଦାବି କରିଛନ୍ତି।

କଳାହାଣ୍ଡିର ମାଟିର ମଣିଷ ସ୍ୱାମୀ ବୈରାଗ୍ୟାନନ୍ଦ

(ଏକାଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି)

ଛାତ୍ରଜୀବନରୁ ସମାଜସେବା ପ୍ରତି ସଂକଳ୍ପବଦ୍ଧ ମଣିଷ ଥିଲେ ସ୍ୱାମୀ ବୈରାଗ୍ୟାନନ୍ଦ ସରସ୍ୱତୀ ମହାରାଜ। ଏହିଭଳି ଜଣେ ସମାଜ ପ୍ରତି ସମର୍ପିତ ମଣିଷଙ୍କର ଜନ୍ମ ହୁଏ ସୁବର୍ଣ୍ଣପୁର ଜିଲ୍ଲାର ଏକ ଅଖ୍ୟାତ ପଲ୍ଲୀ ଗ୍ରାମ ମହାଦେବପଲ୍ଲୀଠାରେ ନଭେମ୍ବର ୪ ତାରିଖ ୧୯୪୬ ମସିହାରେ। ସୁବର୍ଣ୍ଣପୁରଠାରେ ବାଲ୍ୟଶିକ୍ଷା ଶେଷ କରି ପୁରୀର ସାମନ୍ତଚନ୍ଦ୍ରଶେଖର ମହାବିଦ୍ୟାଳୟରୁ ସ୍ନାତକ ଶିକ୍ଷା ପରେ ଶ୍ରୀରାମକୃଷ୍ଣ ପରିବାର ପ୍ରତି ନିଜକୁ ସମର୍ପିତ କରିଥିଲେ। ପୂର୍ବାଶ୍ରମରେ ଅନନ୍ତ, ବେଲୁର ମଠର ୧୦ମ ସଭାପତି ସ୍ୱାମୀ ବିରେଶ୍ୱରାନନ୍ଦଙ୍କଠାରୁ ୧୯୮୨ ମସିହାରେ ସନ୍ନ୍ୟାସ ଗ୍ରହଣ କରି ସ୍ୱାମୀ ବୈରାଗ୍ୟାନନ୍ଦ ନାମରେ ପରିଚିତ ହେଲେ। ତଳେ ପଡିଥିବା ମଣିଷର, ବିଶେଷ ଭାବରେ ଆଦିବାସୀ ଦଳିତ ଯୁବକଯୁବତୀମାନଙ୍କୁ ସମାଜର ମୁଖ୍ୟସ୍ରୋତକୁ ଆଣିବା ପାଇଁ ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁବାବୁଙ୍କ ପ୍ରେରଣା ଓ ପୂର୍ବତନ ମୁଖ୍ୟମନ୍ତ୍ରୀ ଜାନକୀବଲ୍ଲଭ ପଟ୍ଟନାୟକଙ୍କ ପ୍ରୋତ୍ସାହନରେ ସ୍ୱାମୀଜୀ ୧୯୯୩ ମସିହାରେ କଳାହାଣ୍ଡି ଜିଲ୍ଲାର ମଦନପୁର ରାମପୁରଠାରେ ଆରମ୍ଭ କଲେ ମଣିଷଗଢା କାରଖାନା ଶ୍ରୀରାମକୃଷ୍ଣ ଆଶ୍ରମ। ୬୪ ଏକର ଜମି ଉପରେ ସ୍ୱାମୀଜୀଙ୍କର ୨୭ ବର୍ଷର ସାଧନାକୁ ଯେ କେହି ଦେଖିବ ସ୍ତମ୍ଭିଭୂତ ହୋଇଯିବ। ଏହି ଅନୁଷ୍ଠାନକୁ ଭାରତବର୍ଷର ମହାମହିମ ରାଷ୍ଟ୍ରପତି ପ୍ରଣବ ମୁଖାର୍ଜୀଙ୍କଠାରୁ ଆରମ୍ଭ କରି ବହୁ ରାଜନେତା, ବୁଦ୍ଧିଜୀବୀ, ସମାଜସେବକ ପଦାର୍ପଣ କରି ସ୍ୱାମୀଜୀଙ୍କର କାର୍ଯ୍ୟଶୈଳୀର ପ୍ରଶଂସା କରିଛନ୍ତି। ଆଜି ସ୍ୱାମୀଜୀଙ୍କ ଏକାଦଶାହରେ ଆମ୍ଭେ ତାଙ୍କ ପ୍ରତି ଗଭୀର ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଜଣାଉଛୁ!

-ଡକ୍ଟର ଆର୍ଯ୍ୟ କୁମାର ଜ୍ଞାନେନ୍ଦ୍ର

ପୁରାତନ ଛାତ୍ରଛାତ୍ରୀଙ୍କ ପକ୍ଷରୁ ଗୁରୁପୂଜନ

ବାଲିଚନ୍ଦ୍ରପୁର (ପିଏନ୍): ପିତାମାତାଙ୍କ ପରେ ଶିକ୍ଷାଦାତା ହିଁ ଶିଶୁକୁ ଭଲ ମଣିଷ ଭାବେ ଗଢ଼ିବାପାଇଁ ନିରନ୍ତର ପ୍ରୟାସ କରିଥାନ୍ତି। ଶିକ୍ଷାଦାତାଙ୍କ ସଂସ୍କାର ଓ ଶୃଙ୍ଖଳା ହିଁ ବିଦ୍ୟାର୍ଥୀଙ୍କ ଜୀବନରେ ସଫଳତା ଆଣିଦିଏ। ଆଜିର ସମାଜରେ ଏହି ମୂଲ୍ୟବୋଧକୁ ନେଇ ପ୍ରତ୍ୟେକ ଛାତ୍ରଛାତ୍ରୀ ଓ ଅଭିଭାବକ ଗୁରୁ-ଶିଷ୍ୟ ପରମ୍ପରାକୁ ଅକ୍ଷୁଣ୍ଣ ରଖିବା ଉଚିତ ବୋଲି ମତ ପ୍ରକାଶ ପାଇଛି। ବରଦା ନିଗମାନନ୍ଦ ବିଦ୍ୟାପୀଠ ଓ ପ୍ରହଲ୍ଲାଦ ମଧ୍ୟଇଂରାଜୀ ବିଦ୍ୟାଳୟର ୧୯୯୧ ବ୍ୟାଚ ଛାତ୍ରଛାତ୍ରୀଙ୍କ ବନ୍ଧୁମିଳନ ଅବସରରେ ସ୍ଥାନୀୟ ବେଲବଣ ପଡ଼ିଆରେ ଗୁରୁପୂଜନ ଉତ୍ସବ ଅନୁଷ୍ଠିତ ହୋଇଥିଲା। ବିଦ୍ୟାପୀଠର ଅବସରପ୍ରାପ୍ତ ଶିକ୍ଷାଦାତାମାନେ ଉତ୍ସବରେ ଯୋଗଦେଇଥିଲା ବେଳେ ଦିବଂଗତ ଶିକ୍ଷକମାନଙ୍କ ସ୍ମୃତିରେ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଉମାକାନ୍ତ ବଳ, ଶିକ୍ଷକ ଗଙ୍ଗାଧର ମହାନ୍ତି, ପ୍ରଫୁଲ୍ଲ କୁମାର ନନ୍ଦ, ଧରଣୀଧର ପ୍ରଧାନ, ଗୁରୁଚରଣ ମିଶ୍ର, ବଂଶୀଧର ସାହୁ, ଉମେଶ ଚନ୍ଦ୍ର ଜେନା, ଶରତ ସାହୁ, ନଟବର ସାମଲ, ମହେନ୍ଦ୍ର କୁମାର ନନ୍ଦ ପ୍ରମୁଖ ଯୋଗଦେଇ ଶିକ୍ଷାଦାନ ସମୟର ଅନୁଭୂତି ଏବଂ ବର୍ତ୍ତମାନର ଉପଲବ୍ଧି ସଂପର୍କରେ ଉଲ୍ଲେଖ କରିଥିଲେ। ଦିବଂଗତ ପୂର୍ବତନ ପ୍ରଧାନଶିକ୍ଷକ କୃପାସିନ୍ଧୁ ରାଉତ, ଭାଗିରଥୀ ନନ୍ଦ, କୃଷ୍ଣଚନ୍ଦ୍ର ଦାଶ, ପ୍ରେମାନନ୍ଦ ସାମଲ, ନାରାୟଣ ଗିରି ପ୍ରମୁଖଙ୍କ ସ୍ମୃତି ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ଏହି ଅବସରରେ ପୁରାତନ ଛାତ୍ରଛାତ୍ରୀମାନଙ୍କ ପକ୍ଷରୁ 'ପ୍ରଗତିବାଦୀ'ର କାର୍ଯ୍ୟନିର୍ବାହୀ ସଂପାଦକ ବିରୂପାକ୍ଷ ତ୍ରିପାଠୀ, ପ୍ରକାଶ ଚନ୍ଦ୍ର ଦାଶ, ଅଧ୍ୟାପକ ରଞ୍ଜନ ବେହୁରା, ପ୍ରମୋଦିନୀ ସାମଲ, ସତ୍ୟବ୍ରତ ସାମଲ, ହିମାଂଶୁଭୂଷଣ ମିଶ୍ର ଓ ଅନ୍ୟମାନେ ସ୍କୁଲ ଜୀବନ ସରିବାର ୩୦ ବର୍ଷ ପରେ ଶିକ୍ଷାଦାତାମାନେ ନିମନ୍ତ୍ରଣ ରକ୍ଷାକରି ଆଶୀର୍ବାଦ ପ୍ରଦାନ କରିବାକୁ ଆସିଥିବାରୁ କୃତଜ୍ଞତା ଜଣାଇଥିଲେ। ଗୁରୁପୂଜନ ଉତ୍ସବକୁ ଅହଲ୍ୟା ଧଳ, ସୁଦୀପ୍ତା ସାମଲ, ରଂଜନ କୁମାର ସାହୁ, ଉମାକାନ୍ତ ମଲ୍ଲିକ, ପ୍ରମୋଦିନୀ ସାମଲ, ରତ୍ନାକର ସାମଲ, ସୁବ୍ରତ ସାମଲ, ମନ୍ମଥ କୁମାର ସାମଲ, ହିରଣ୍ୟମୟୀ ସାମଲ, ନିରୂପମା ବାଇ ଓ ବିଶ୍ୱପ୍ରକାଶ ସାମଲ ପ୍ରମୁଖ ପରିଚାଳନା କରିଥିଲେ।

କେନ୍ଦୁଝରରେ କେ. ଓକ୍ୱାରିଆର ଟାଇକୋଣ୍ଡ ଏକାଡେମୀ ଶୁଭାରମ୍ଭ

କେନ୍ଦୁଝର (ପିଏନ୍): ବର୍ତ୍ତମାନ ପ୍ରତିଯୋଗିତାର ଯୁଗ, ପ୍ରତ୍ୟେକ ଅଭିଭାବକ ନିଜର ପିଲାମାନଙ୍କୁ ପାଠ ପଢିବା ସହିତ ଖେଳକୁଦ ଓ ନାଚଗୀତ, ପ୍ରତିରକ୍ଷା ପାଇଁ ଟାଇକୋଣ୍ଡ ପ୍ରଭୃତି ଶିକ୍ଷା ଦେବା ପାଇଁ ପଛାଉନାହାଁନ୍ତି। ଏହାକୁ ନଜରରେ ରଖି କେନ୍ଦୁଝରରେ ଆରମ୍ଭ ହୋଇଛି କେଓ୍ୱାରୀଅର ଟାଇକୋଣ୍ଡ ଏକାଡେମୀ। ଏହା ଓଡିଶା ଟାଇକୋଣ୍ଡ ଆସୋସିଏସନ୍‌ର ମାନ୍ୟତାପ୍ରାପ୍ତ। ଏହି ପରିପ୍ରେକ୍ଷୀରେ କେ. ଓକ୍ୱାରୀଅର ଟାଇକୋଣ୍ଡ ଏକାଡେମୀର ପ୍ରଥମ ୬୧୬ କୋଣ୍ଡା କଲର ବେଲ୍‌ଟ ପରୀକ୍ଷା ହୋଇଯାଇଛି। କାଶିପୁରସ୍ଥିତ ଏକାଡେମୀରେ ଅନୁଷ୍ଠିତ ଏହି ପରୀକ୍ଷାରେ ଓଡିଶା ଟାଏକୋଣ୍ଡ ଆସୋସିଏସନ୍‌ର ସାଧାରଣ ସମ୍ପାଦକ ମନମୋହନ ଭଂଜ ପରୀକ୍ଷକ ଭାବେ ଯୋଗଦେଇଥିଲେ ଓ ପରୀକ୍ଷାର୍ଥୀମାନଙ୍କର ବିଭିନ୍ନ ପ୍ରକାରର ପରୀକ୍ଷା ନେଇଥିଲେ। ପରୀକ୍ଷାରେ ୨୦ରୁ ଉର୍ଦ୍ଧ୍ୱ ବାଳକବାଳିକା ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଏଠାରେ ଏଲୋ, ଗ୍ରୀନ୍, ବ୍ଲୁ ଓ ରେଡ୍ ବେଲ୍ଟ ପାଇଁ ପରୀକ୍ଷା ନେଇଥିଲେ। ଏକାଡେମୀର କୋଚ୍ ଏମ୍‌ଡି ରମ୍‌ଜାନ ପରୀକ୍ଷା ପରିଚାଳନାରେ ସହଯୋଗ କରିଥିଲେ।

ହରିହର ମନ୍ଦିର ଦାନପାତ୍ର ହୁଣ୍ଡି ଲୁଟ୍ ଘଟଣାରେ ଜଣେ ଗିରଫ

କେନ୍ଦୁଝର (ପିଏନ୍): ହରିହର ମନ୍ଦିରରେ ଦାନ ହୁଣ୍ଡି ଲୁଟ୍ ଘଟଣାରେ ବଡବିଲ ପୋଲିସ୍ ତରଫରୁ ତଦନ୍ତ କରାଯାଇ ଜଣେ ଅଭିଯୁକ୍ତ ସନ୍ଦୀପ କଣ୍ଡୋ, ପିତା- ବାବୁଲୁ କଣ୍ଡୋ, ବୟସ-୧୯କୁ ଗିରଫ କରାଯାଇଛି। ତା' ନିକଟରୁ ଲୁଟ୍ ହୋଇଥିବା ୧୧୩୦ଟଙ୍କା ମଧ୍ୟ ଜବତ କରାଯାଇଛି। ମନ୍ଦିର ଲୁଟ୍ ଘଟଣା ଜଣାପଡିବା ପରେ ମନ୍ଦିର ପରିଚାଳନା କମିଟିର ସଭାପତି ଓ ବଡବିଲ ତହସିଲଦାର ଶ୍ରୀ କ୍ଷୀରୋଦ କୁମାର ବେହେରା ଏଥିପାଇଁ କ୍ଷୋଭ ପ୍ରକାଶ କରିଥିଲେ। ବିଗତ ଦିନରେ ବଡବିଲ ଅଂଚଳରେ ବଢିଥିବା ଚୋରି ଡକାୟତି ଆଦି ଘଟଣା ଓ ବିଶେଷ କରି ଏସବୁ ଅପରାଧରେ ନାବାଳକ ଅଥବା କମ୍ ବୟସରୁ ପିଲାଙ୍କର ସଂଶ୍ଲିଷ୍ଟ ହେବା ଅତ୍ୟନ୍ତ ଚିନ୍ତାର ବିଷୟ ହୋଇଥିବାରୁ ଏହା ଉଦ୍‌ବେଗର କାରଣ ହୋଇଛି।

ଓଡ଼ିଶାର ବିକାଶରେ ଉର୍ଜାଗଙ୍ଗା ପ୍ରକଳ୍ପ

କେନ୍ଦ୍ର ସରକାରଙ୍କ ଏକ ଉଜ୍ଜ୍ୱଳ ହେଉଛି ଉର୍ଜାଗଙ୍ଗା ପ୍ରକଳ୍ପ। ଏହି ଜିଲ୍ଲାରେ ୭୭୦ କିଲୋମିଟର ବିଛାଇବା କାର୍ଯ୍ୟ ଯୋଜନା ହାତକୁ କଟକ ପରି ଦ୍ୱୈତନଗରୀ ଓ ଓଡ଼ିଶାର ଲାଇନ ଦ୍ୱାରା ଗ୍ୟାସ ଯୋଗାଣ କାର୍ଯ୍ୟର ପ୍ରସଙ୍ଗ ହେଉଛି ସଚେତନତାର ଅଭାବରୁ ଏହାର ବିରୋଧ କରୁଥିବାବେଳେ ପଛେଇ ଯାଇଥିବାର ଅଭିଯୋଗ ନେଇଥିବା ଗେଲ୍ ଇଣ୍ଡିଆ ଏଥିରେ ମାଗିବା ଘଟଣା ଗଣମାଧ୍ୟମରେ ପ୍ରକାଶ ଭବିଷ୍ୟତ ସମୃଦ୍ଧ ଅଭିବୃଦ୍ଧି ଯୋଜନା ଯୋଜନାରେ ଓଡ଼ିଶାର ପ୍ରମୁଖ ତେରଟି ଦୈର୍ଘ୍ୟର ଗ୍ୟାସ ପାଇପ୍ ଲାଇନ ନିଆଯାଇଛି। ଏହାସହ ଭୁବନେଶ୍ୱର, ପ୍ରମୁଖ ଏହି ପ୍ରାଚୀନ ସହରରେ ପାଇପ ବ୍ୟବସ୍ଥା ରହିଛି। ତେବେ ଦୁର୍ଭାଗ୍ୟର ଅନେକ ସ୍ଥାନରେ ସ୍ଥାନୀୟ ଲୋକ ପ୍ରଶାସନିକ କ୍ଷେତ୍ରରେ ମଧ୍ୟ ଏହା ଉଠୁଛି। ଏହି କାର୍ଯ୍ୟକ୍ରମକୁ ହାତକୁ ସରକାରଙ୍କ ହସ୍ତକ୍ଷେପ ଲୋଡ଼ି ସାହାଯ୍ୟ ପାଇଛି। ଓଡ଼ିଆ ପୁଅ ତଥା କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରୀ ଧର୍ମେନ୍ଦ୍ରବାବୁଙ୍କ ବଳିଷ୍ଠ ନେତୃତ୍ୱରେ ଓଡ଼ିଶାରେ ବ୍ୟାପକ କେନ୍ଦ୍ରୀୟ ଯୋଜନା ସହ ବିଶେଷକରି ପେଟ୍ରୋଲିୟମ ଯୋଜନା ବ୍ୟାପକ ହେଉଛି। ଓଡ଼ିଶାବାସୀ ଏହାର ସୁଫଳ ପାଇବା ସହ ସ୍ଥାନୀୟ କ୍ଷେତ୍ରରେ ଯେଉଁ କର୍ମନିଯୁକ୍ତି ସୃଷ୍ଟି ହେବ ଏହାର ଭରପୁର ଫାଇଦା ସ୍ଥାନୀୟ ଅଧିବାସୀମାନେ ପାଇବେ। ଏସବୁ ସତ୍ତ୍ୱେ ଝାରସୁଗୁଡ଼ା ଓ ସୁନ୍ଦରଗଡ଼ ଜିଲ୍ଲାରେ ସ୍ଥାନୀୟ ଅଞ୍ଚଳର ବାସିନ୍ଦା ବିରୋଧ କରୁଥିବାବେଳେ ଅନୁଗୁଳ ଜିଲ୍ଲାର ଛେଣ୍ଡିପଦା ତହସିଲରେ ଏହାର ବିରୋଧ କରାଯିବାରୁ ଏହାର କାର୍ଯ୍ୟ ଅଟକିଯାଇଛି। ଲୋକ ସଠିକ୍ ଓ ଉପଯୁକ୍ତ ପ୍ରାପ୍ୟ ପାଇ ମଧ୍ୟ ନିଜ ଜମି ଏହି ପ୍ରକଳ୍ପ ପାଇଁ ଦେବାକୁ ରାଜି ହେଉ ନ ଥିବାବେଳେ ଅନେକ ସ୍ଥାନରେ ସରକାରୀ ଜମି ବେଆଇନ ଭାବେ ଜବରଦଖଲ ହୋଇଥିବାରୁ ଏହା ପ୍ରକଳ୍ପ ଅନ୍ତର୍ଭୁକ୍ତ ହେବାକୁ କାଠିକରପାଠ ହୋଇଯାଉଛି। ୨୦୧୭ ମସିହାରୁ ସରକାରୀ ଜମିରେ ପାଇପ ଲାଇନ ବିଛାଇବା ପାଇଁ ଆବେଦନ ହୋଇଥିଲେ ମଧ୍ୟ ଏହା ପ୍ରଶାସନିକ ନାଳିଫିତାରେ ବନ୍ଧା ହୋଇଛି। ଭାରତ ସରକାରଙ୍କ ଏକ ପ୍ରମୁଖ କମ୍ପାନୀ ଜଗତ୍‌ସିଂହପୁର-ହଳଦିଆ-ବୋକାରୋ-ଧାମରା ଦେଇ ଭାରତର ଅନ୍ୟତମ ସର୍ବବୃହତ୍ ଗ୍ୟାସ ପାଇପ ଲାଇନ ବିଛାଇଛି। ଏହାସହ କଟକ ଭୁବନେଶ୍ୱର ବାସିନ୍ଦାଙ୍କ ପାଇଁ ପାଇପ ଦ୍ୱାରା ଗ୍ୟାସ ପ୍ରଦାନ ସହ ଧାମରାରୁ ଅନୁଗୁଳ ପର୍ଯ୍ୟନ୍ତ ୪୦୧ କିଲୋମିଟର ଓ ବୋକାରୋ ଠାରୁ ଅନୁଗୁଳ ୩୬୭ କିଲୋମିଟର ଦୈର୍ଘ୍ୟର ପାଇପ ଲାଇନ ବିଛାଇବା ପାଇଁ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ଏଥିନିମିତ୍ତ ରାଜ୍ୟର ପ୍ରମୁଖ ଉପକୂଳବର୍ତ୍ତୀ ଜିଲ୍ଲା କଟକ, ଯାଜପୁର, କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର, ପୁରୀ, ଖୋର୍ଦ୍ଧା ସହ ଭଦ୍ରକ, ଦେବଗଡ଼, ଝାରସୁଗୁଡ଼ା, ସମ୍ବଲପୁର, ସୁନ୍ଦରଗଡ଼ ଆଦି ଜିଲ୍ଲାରେ ପାଇପ ଲାଇନ ବିଛାଯିବ। ଯାହାପାଇଁ ପ୍ରମୁଖ ଶିଳ୍ପସଂସ୍ଥାଗୁଡ଼ିକ ବିଶେଷ ଲାଭବାନ ହେବେ।

କେନ୍ଦ୍ରରେ ନରେନ୍ଦ୍ର ମୋଦିଙ୍କ ସରକାର ଦ୍ୱିତୀୟଥର କ୍ଷମତାକୁ ଆସିବା ପରେ ପୂର୍ବଥର ପରି ପୂର୍ବଭାରତର ବିକାଶରେ ଭାରତର ବିକାଶ ପରି ସ୍ଲୋଗାନ ଦେଇଥିଲେ। ଏହାକେବଳ ପ୍ରଚାରଧର୍ମୀ ସ୍ଲୋଗାନ ନ ହୋଇ ବାସ୍ତବରେ ଏଥିରେ କେନ୍ଦ୍ର ସରକାରଙ୍କ ଆଗ୍ରହ ପ୍ରତିଫଳିତ ହେଉଛି। ଓଡ଼ିଶାରେ ପେଟ୍ରୋଲିୟମ ଓ ଇସ୍ପାତ ଶିଳ୍ପ ଆଜି ପ୍ରଭାବୀ ଢ଼ଙ୍ଗରେ ଦିନକୁ ଦିନ ବିକଶିତ ହୋଇ ଦ୍ରୁତ ଅଭିମୁଖୀ ବାଟରେ ଚାଲିଛି। ଏହାର ସମସ୍ତ ଶ୍ରେୟ ନରେନ୍ଦ୍ର ମୋଦିଙ୍କ କ୍ୟାବିନେଟର ପ୍ରଭାବଶାଳୀ ମନ୍ତ୍ରୀ ତଥା ଓଡ଼ିଶା ବିଜେପିର ପୋଷ୍ଟର ବୟ ଧର୍ମେନ୍ଦ୍ରବାବୁଙ୍କୁ ଦିଆଯିବ। ତାଙ୍କର ଦକ୍ଷତା ଓ ପରିପକ୍ୱ ଗୋଟିଚାଳନା ଯୋଗୁ ଓଡ଼ିଶା କ୍ଷେତ୍ର ପାଇଁ କେନ୍ଦ୍ରରୁ ପର୍ଯ୍ୟାପ୍ତ ସହଯୋଗ ଓ ଅନୁଦାନ ଆସିବାକୁ ସକ୍ଷମ ହେଉଛି। ଏହି ଉର୍ଜାଗଙ୍ଗା ପ୍ରକଳ୍ପ ଦ୍ୱାରା ଦିନକୁ ଦିନ ଯାନବାହନ ପାଇଁ ଲୋଡ଼ା ପଡୁଥିବା ସିଏନ୍‌ଜି ଇନ୍ଧନ ଯୋଗାଣ ହୋଇପାରିବ। ଏହାର ଗ୍ୟାସ ପାଇପ ଲାଇନ ଦ୍ୱାରା ଓଡ଼ିଶାରେ ପ୍ରମୁଖ ବଡ଼ ବଡ଼ ଇସ୍ପାତ ଉତ୍ପାଦନକାରୀ କ୍ଷେତ୍ର ଯଥା: ଟାଟାଷ୍ଟିଲ, ଜିନ୍ଦଲ ଷ୍ଟେନ୍‌ଲେସ, ଭିସା ଷ୍ଟିଲ, ସେଲ୍, ଏସ୍‌ଆର ଷ୍ଟିଲ, ଆରତୀ ଷ୍ଟିଲ, ଭୂଷଣ ପାୱାର ଆଣ୍ଡ ଷ୍ଟିଲ, ନାଲ୍‌କୋ, ବେଦାନ୍ତ ଓ ଆଦିତ୍ୟ ଆଲୁମିନିୟମ କମ୍ପାନୀମାନେ ପ୍ରମୁଖ ଭାବେ ଉପକୃତ ହେବେ। ଏହି ବଡ଼ ବଡ଼ କାରଖାନାକୁ ପାଇପ ଲାଇନ ଯୋଗେ ପ୍ରାକୃତିକ ଗ୍ୟାସ ଯୋଗାଇ ଦିଆଯିବ। ଏହାସହ ଏହାର ପାରିପାର୍ଶ୍ୱିକ ଫାଇଦା ମଧ୍ୟ ସ୍ଥାନୀୟ ଅଧିବାସୀମାନେ ପାଇବା ସହ ବ୍ୟାପକ କର୍ମ ନିଯୁକ୍ତି ସୃଷ୍ଟି ହେବ। ଓଡ଼ିଶା ସରକାର ମଧ୍ୟ ବିଭିନ୍ନ ବାଟରୁ ସରକାରୀ ରାଜସ୍ୱ ପାଇପାରିବେ। ତେବେ ପ୍ରଶାସନିକ ଅବହେଳା ଓ ସ୍ଥାନୀୟ ବାସିନ୍ଦାଙ୍କ କେତେକ ସ୍ଥାନରେ ବିରୋଧ ପରେ ଗେଲ୍ ପକ୍ଷରୁ ସିଙ୍ଗଲ ୱିଣ୍ଡୋ ମାଧ୍ୟମରେ ଅନୁମତି ପ୍ରଦାନ ପାଇଁ ରାଜ୍ୟ ସରକାରଙ୍କୁ ଅନୁରୋଧ କରାଯାଇଛି ଯାହାଦ୍ୱାରା ଧାର୍ଯ୍ୟ ହୋଇଥିବା ସମୟର ଅବଧି ଭିତରେ ପ୍ରକଳ୍ପର କାର୍ଯ୍ୟ ସରିପାରିବ। ପ୍ରଦୂଷଣ ରୋକିବା ପାଇଁ ସିଏନ୍‌ଜିକୁ ପ୍ରୋତ୍ସାହନ ଦେବାକୁ ରାଜ୍ୟ ସରକାରଙ୍କୁ ସହାୟତା ଜରୁରୀ ଯାହାଦ୍ୱାରା ଉପରୋକ୍ତ ଶିଳ୍ପ ସଂସ୍ଥାମାନେ ପ୍ରଦୂଷଣ ହ୍ରାସ କରିବାକୁ ସକ୍ଷମ ହେବେ। ଓଡ଼ିଶା ସରକାର ଆଜି ଅନେକ କେନ୍ଦ୍ରୀୟ ଯୋଜନାରେ ନିଜକୁ ସାମିଲ କରି ଦ୍ରୁତ ଓ ପ୍ରଗତିସମ୍ପନ୍ନ ଓଡ଼ିଶା ବିକାଶକୁ ଆଗେଇ ନେଉଛନ୍ତି। ଅନେକ ପ୍ରକଳ୍ପରେ ଓଡ଼ିଶା ସରକାରଙ୍କୁ କେନ୍ଦ୍ର ପର୍ଯ୍ୟାପ୍ତ ସୁବିଧା ସୁଯୋଗ ଓ ସହାୟତା ପ୍ରଦାନ କରୁଛି। ଉର୍ଜାଗଙ୍ଗା ପ୍ରକଳ୍ପକୁ ତ୍ୱରାନ୍ୱିତ କରି ଏକ ଅଭିବୃଦ୍ଧିସମ୍ପନ୍ନ ଓଡ଼ିଶାକୁ ଆଗେଇ ନେବାର ଦାୟିତ୍ୱ ପ୍ରତିଟି ଓଡ଼ିଆଙ୍କର। ଏ କ୍ଷେତ୍ରରେ ସମସ୍ତ ରାଜନୈତିକ ମତଭେଦକୁ ଭୁଲି ବିକାଶରେ ସାଥୀ ହେବା ଏକ ଗୁରୁତ୍ୱପୂର୍ଣ୍ଣ ରାଷ୍ଟ୍ର ଦାୟିତ୍ୱ କହିଲେ ଅତ୍ୟୁକ୍ତି ହେବନାହିଁ।

ବାଦଲ ଭୂୟାଁ, ପୁରୁଣା ସୋନାରୀ, ଜାମସେଦପୁର, ଦୂରଭାଷ : ୭୪୮୮୯୯୮୫୩୨

ବଡବିଲ ହାଜତ ମୃତ୍ୟୁ ମାମଲାରେ ଏନଏଚଆରସିଙ୍କ ରିପୋର୍ଟ ତଲବ

କେନ୍ଦୁଝର (ପିଏନ୍): କେନ୍ଦୁଝର ଜିଲ୍ଲା ବଡବିଲ ଥାନା ହାଜତରେ ନଭେମ୍ବର ୨୧ ତାରିଖରେ ହତ୍ୟାକାଣ୍ଡରେ ସଂପୃକ୍ତ ଅଭିଯୋଗରେ ଥାନାରେ ଅଟକ ଥିବା ଜଣେ ବ୍ୟକ୍ତିଙ୍କର ଥାନା ହାଜତରେ ସନ୍ଦେହଜନକ ମୃତ୍ୟୁ ହୋଇଛି। ଏହି ଘଟଣାରେ ପୁଲିସ ମୁଖ୍ୟାଳୟ ଅଦ୍ୟାବଧି କୌଣସି କାର୍ଯ୍ୟାନୁଷ୍ଠାନ ନେଇ ନଥିବା ଜଣାପଡିଛି। ଜଣେ ଗରିବ ଶ୍ରେଣୀ ଆଦିବାସୀ ଲୋକ ହୋଇଥିବାରୁ ଘଟଣାକୁ ଚାପି ଦିଆଯାଇଛି। ବିରୋଧୀ ବିଜେପି ଏବଂ କଂଗ୍ରେସ ମଧ୍ୟ ଏପରି ଏକ ସମ୍ବେଦନଶୀଳ ଘଟଣାରେ ଆନ୍ଦୋଳନ ନକରି ଚୁପ ବସିବା ଘଟଣା ସାଧାରଣରେ ସନ୍ଦେହ ସୃଷ୍ଟି କରିଛି। ହାଜତ ମୃତ୍ୟୁ ମାମଲାରେ ସଂପୃକ୍ତ ପୋଲିସ କର୍ମଚାରୀଙ୍କ ବିରୋଧରେ କି କାର୍ଯ୍ୟନୁଷ୍ଠାନ ଗ୍ରହଣ କରାଯାଇଛି ସେ ସଂପର୍କରେ ଡିଆଇଜିଙ୍କ ସମେତ କେନ୍ଦୁଝର ଜିଲ୍ଲାଜଜ୍ ଓ କେନ୍ଦୁଝର ଏସପିଙ୍କୁ ଜାତୀୟ ମାନବାଧିକାର କମିଶନ ରିପୋର୍ଟ ତଲବ କରିଛନ୍ତି। ସୁପ୍ରିମକୋର୍ଟ ଓକିଲ ତଥା ମାନବାଧିକାର କର୍ମୀ ରାଧାକାନ୍ତ ତ୍ରୀପାଠୀଙ୍କ ପିଟିସନ ଆଧାରରେ କମିଶନ ଆସନ୍ତା ୬ ସପ୍ତାହ ମଧ୍ୟରେ ରିପୋର୍ଟ ମାଗିଛନ୍ତି। ପୁଲିସ ଥାର୍ଡ ଡିଗ୍ରୀ ପ୍ରୟୋଗ କରିବାରୁ ତାଙ୍କର ମୃତ୍ୟୁ ହୋଇଥିବା ଏହି ପିଟିସନରେ ଦର୍ଶାଯାଇଥିଲା। ଏଥିପାଇଁ ଦାୟୀ ପୁଲିସ ଅଧିକାରୀ ଏବଂ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ସହ ହାଜତ ମୃତ୍ୟୁ ହୋଇଥିବା ସୁରେଶ ନାଏକଙ୍କ ପରିବାରକୁ କ୍ଷତିପୂରଣ ଦେବାକୁ ପିଟିସନରେ ଉଲ୍ଲେଖ ରହିଛି। ଏହି ଆଧାରରେ ଜାତୀୟ ମାନବାଧିକାର କମିଶନ ସୁରେଶଙ୍କ ମୃତ୍ୟୁର କାରଣ, କାର୍ଯ୍ୟନୁଷ୍ଠାନ ରିପୋର୍ଟ ସମେତ ତଦନ୍ତ ରିପୋର୍ଟ,ପୋଷ୍ଟମୋର୍ଟମ ରିପୋର୍ଟ.ପୋଷ୍ଟମୋର୍ଟମର ଭିଡିଓ,ଭିସେରା ରିପୋର୍ଟ, ପଂଚନାମା ଓ ମାଜିଷ୍ଟ୍ରେଟଙ୍କ ତଦନ୍ତ ରିପୋର୍ଟ ମାଗିଛନ୍ତି। ଘଟଣାରୁ ପ୍ରକାଶ ଯେ,ବଡବିଲ ଥାନା ସେଡିଂ ବସ୍ତି ଅଂଚଳର ସୁରେଶ ନାଏକ ନାମକ ବ୍ୟକ୍ତି ନିଜ ସ୍ତ୍ରୀ ବାସନ୍ତୀ ନାଏକଙ୍କୁ ହତ୍ୟା କରିଥିବା ଅଭିଯୋଗରେ ପୋଲିସ ତାଙ୍କୁ ପଚରା ଉଚୁରା କରୁଥିଲା। ଗତ ନଭେମ୍ବର ୨୦ତାରିଖରେ ଅଭିଯୁକ୍ତ ସୁରେଶକୁ ଗିରଫ କରାଯାଇ ୨୧ତାରିଖରେ କୋର୍ଟ ଚାଲାଣ ହେବା କଥା। କିନ୍ତୁ ୨୧ ତାରିଖ ସକାଳ ପାଖାପାଖି ୬ଟା ସମୟରେ ବେକରେ ରଶି ଲଗାଇ ଆତ୍ମହତ୍ୟା କରିବାକୁ ଉଦ୍ୟମ କରିଥିଲେ। ପୋଲିସ ସୁରେଶକୁ ଉଦ୍ଧାର କରି ବଡବିଲ ଡାକ୍ତରଖାନାକୁ ନେଇଥିଲେ ମଧ୍ୟ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପରେ ବଡବିଲ ଏସ୍‌ଡିପିଓ ସତ୍ୟବିକାଶ ଭୁୟାଁ,ବଡବିଲ ଥାନା ଅଧିକାରୀ ସୁଶାନ୍ତ ଦାଶ ଡାକ୍ତରଖାନାରେ ପହଂଚି ତହସିଲଦାର ତଥା ମାଜିଷ୍ଟ୍ରେଟ କ୍ଷୀରୋଦ କୁମାର ବେହେରାଙ୍କ ଉପସ୍ଥିତିରେ ଶବ ବ୍ୟବଚ୍ଛେଦ କରାଯାଇ ମୃତକର ପୁତ୍ର ଅଜିତ ନାଏକଙ୍କୁ ହସ୍ତାନ୍ତର କରାଯାଇଥିଲା। ପୋଲିସ ହାଜତରେ ସୁରେଶ ନାଏକଙ୍କର ମୃତ୍ୟୁ ହୋଇଥିବାବେଳେ ଘଟଣାକୁ ଲୁଚାଇବା ପାଇଁ ଡାକ୍ତରଙ୍କୁ ହାତ କରି ବଡବିଲ ମେଡିକାଲରେ ମୃତ୍ୟୁ ହୋଇଥିବା ପୋଲିସ ଦର୍ଶାଇ ଖସିଯିବାକୁ ବସିଥିବାବେଳେ ଘଟଣାର କ୍ରାଇମବ୍ରାଂଚ କିମ୍ବା ବିଚାରବିଭାଗୀୟ ତଦନ୍ତ ନିର୍ଦ୍ଦେଶ ଦେବାକୁ ସଦର ବିଧାୟକ ତଥା ବିଜେପି ବିଧାୟକ ଦଳ ନେତା ମୋହନ ଚରଣ ମାଝୀ ଦାବୀ କରିଛନ୍ତି। ଏପରିକି ତଦନ୍ତ ଚାଲିଥିବାବେଳେ ଦାୟୀ ଅଧିକାରୀ ଏବଂ କର୍ମଚାରୀଙ୍କୁ ବଦଳି କରାଯାଇ ନ ଥିବାରୁ ତଦନ୍ତ ପ୍ରଭାବିତ ହେବାର ଆଶଙ୍କା ରହିଥିବା ଶ୍ରୀ ମୋହନ ମାଝୀ ପ୍ରକାଶ କରିଛନ୍ତି। ପୂର୍ବରୁ ୨୦୧୮ ଅଗଷ୍ଟ ୨୫ ତାରିଖରେ କେନ୍ଦ୍ରାପଡା ଜିଲ୍ଲା ମହାକାଳପଡା ଥାନା ପୁଲିସ ଜଣେ ଯୁବକଙ୍କୁ ଏକ ମାମଲାରେ ଗିରଫ କରିବା ପରଦିନ ତାର ମୃତଦେହ ଥାନା ନିକଟରୁ ଉଦ୍ଧାର ହୋଇଥିଲା। ଏହି ମାମଲାରେ ତତ୍କାଳୀନ ଥାନା ଅଧିକାରୀ ଶ୍ୟାମଘନ ବେହେରାଙ୍କୁ ଜେଲ ଯିବାକୁ ପଡିଛି। ମାର୍ଶାଘାଇ ଥାନା ବାଲଣ ଗ୍ରାମର ଶରତ ଚନ୍ଦ୍ର ପାଇଟାଲଙ୍କ ପୁଅ ଅବିନାଶ ପାଇଟାଲ (ମୂଷା)ଙ୍କ ନାମରେ ଏକ ଚୋରୀ ଅଭିଯୋଗ ହୋଇଥିଲା। ପୁଲିସ ୨୦୧୮ ଅଗଷ୍ଟ ୨୫ରେ ମହାକାଳପଡା ପୁଲିସ ତାକୁ ଘରୁ ଉଠାଇ ଆଣିଥିଲା। କିନ୍ତୁ ପରଦିନ ଏକ ନିର୍ମାଣାଧିନ ଘରୁ ଅବିନାଶଙ୍କ ମୃତ ଦେହ ଉଦ୍ଧାର କରାଯାଇଥିଲା। ପୁଲିସ ହତ୍ୟା ଘଟଣାକୁ ଲୁଚାଇବା ପାଇଁ ଆତ୍ମହତ୍ୟା ଦର୍ଶାଉଥିବା ପରିବାର ଏବଂ ଗ୍ରାମବାସୀ ଅଭିଯୋଗ କରିଥିଲେ। ଏହି ଘଟଣାରେ ସରକାର କ୍ରାଇମବ୍ରାଂଚ ନିର୍ଦ୍ଦେଶ ଦେଇଥିଲେ। କ୍ରାଇମବ୍ରାଂଚ ତଦନ୍ତ ରିପୋର୍ଟ ଦାଖଲ କରିବା ପରେ ତତ୍କାଳୀନ ଥାନା ଅଧିକାରୀ ଶ୍ୟାମଘନ ମହାନ୍ତଙ୍କ ବିରୋଧରେ ଗିରଫ ପରୱାନା ଜାରି ହୋଇଥିଲା। କିନ୍ତୁ ସେ ହାଜର ହେବା ପରିବର୍ତ୍ତେ ଲୁଚି ବୁଲୁଥିଲେ। ଗତ ୩ ତାରିଖ ଦିନ କେନ୍ଦ୍ରାପଡା ଏସଡିଜେଏମ କୋର୍ଟରେ ଆତ୍ମସମର୍ପଣ କରି ଜାମିନ ପାଇଁ ଆବେଦନ କରିଥିଲେ। ଏହା ଖାରଜ ହେବାରୁ କେନ୍ଦ୍ରାପଡା ଜିଲ୍ଲା ଓ ଦୌରାଜଜ୍‌ଙ୍କ କୋର୍ଟରେ ଜାମିନ ଆବେଦନ କରିଥିଲେ। ଏହା ନାମଞ୍ଜୁର ହେବାରୁ ତାଙ୍କୁ କେନ୍ଦ୍ରାପଡାର ବାରିମୂଳ ଜେଲକୁ ପଠାଇ ଦିଆଯାଇଛି। ମହାକାଳପଡା ପୁଲିସ ବିରୋଧରେ ଥାନା ହାଜତ ମୃତ୍ୟୁ ମାମଲାରେ କଡା କାର୍ଯ୍ୟନୁଷ୍ଠାନ ନିଆଯାଇଥିବାବେଳେ ବଡବିଲ ଥାନା ହାଜତ ମୃତ୍ୟୁ ଘଟଣାକୁ ଅତି ହାଲୁକାଭାବେ ଗ୍ରହଣ କରିଥିବା ବିଧାୟକ ମୋହନ ଚରଣ ମାଝୀ ପ୍ରକାଶ କରିଛନ୍ତି।

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନଂ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋକ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ ସମ୍ପାଦକୀୟ

ଭୁବନେଶ୍ୱର, ୨୦୨୦, ଫେବୃଆରୀ ୦୭

ସାଇବର ସୁରକ୍ଷା ଉପରେ ପ୍ରଶ୍ନବାଚୀ !

କେନ୍ଦ୍ର ସରକାର ବିମୁଦ୍ରାୟନ ପରେ ଏବେ ଡିଜିଟାଲ ଦେଣନେଣକୁ ଗୁରୁତ୍ୱ ଦେବା ଆରମ୍ଭ କରିଛନ୍ତି । ଏହାଦ୍ୱାରା ଦେଶକୁ 'ମୁଦ୍ରାହୀନତା' (କ୍ୟାସଲେସ୍) ଆଡ଼କୁ ଅଗ୍ରସର କରାଇହେବ ବୋଲି ଭାବୁଛନ୍ତି । ମାତ୍ର ଏହା ସାକାର କରିବାକୁ ହେଲେ ଯେଉଁ ଭିତ୍ତିଭୂମି ଓ ସୁରକ୍ଷା ବ୍ୟବସ୍ଥା ଆବଶ୍ୟକ, ତାହା ଆମ ଦେଶରେ ଏ ପର୍ଯ୍ୟନ୍ତ ପ୍ରତିଷ୍ଠା ହୋଇପାରିନାହିଁ । ବିଶେଷକରି ଯେଉଁ ବ୍ୟବସ୍ଥାକୁ ନେଇ ସରକାର 'ମୁଦ୍ରାହୀନ' ହେବାର ସ୍ୱପ୍ନ ଦେଖୁଛନ୍ତି, ତାହା ନିହାତି ଅସୁରକ୍ଷିତ । ଗତବର୍ଷ ଅକ୍ଟୋବର ମାସରେ ପ୍ରାୟ ୩ ନିୟୁତ ଡେବିଟ୍ କାର୍ଡର ଆର୍ଥିକ ତଥ୍ୟ ଚୋରି ହୋଇଯିବା ଖବର ଚହଳ ସୃଷ୍ଟି କରିଥିଲା । ଏ ନେଇ ବର୍ତ୍ତମାନ ମଧ୍ୟ ତଦନ୍ତ ଜାରି ରହିଛି ଓ ସଂଶୟ ଦୂର ହୋଇନାହିଁ । ଏପରି ସ୍ଥଳେ ସରକାର ଇ-ବ୍ୟାଙ୍କିଂ ଓ ଇ-ୱାଲେଟ୍ ମାଧ୍ୟମରେ କିଣାବିକା ଓ ଦେଣନେଣ କରିବାକୁ ଜନସାଧାରଣଙ୍କୁ ପ୍ରବର୍ତ୍ତାଉଛନ୍ତି । ଭାରତ ଭଳି ଏକ ସର୍ବାଧିକ ଡିଜିଟାଲ ନିରକ୍ଷରଙ୍କ ଦେଶରେ ଏହି ବ୍ୟବସ୍ଥା କିଭଳି କାର୍ଯ୍ୟକାରୀ ହୋଇପାରିବ, ସେ ନେଇ ସରକାରଙ୍କ କିଛି ନିର୍ଦ୍ଦିଷ୍ଟ ଯୋଜନା ମଧ୍ୟ ନାହିଁ । ଗୁରୁତ୍ୱପୂର୍ଣ୍ଣ କଥା ହେଲା ଏ ପର୍ଯ୍ୟନ୍ତ ଶିକ୍ଷିତ ଲୋକେ ମଧ୍ୟ ଇ-ମେଲ୍‌ର ବ୍ୟବହାର ଓ ସୁରକ୍ଷା ବ୍ୟବସ୍ଥା ସମ୍ପର୍କରେ ଅଜ୍ଞ ଥିବାବେଳେ ଇ-ବ୍ୟାଙ୍କିଂ ବ୍ୟବସ୍ଥାକୁ ସାଧାରଣ ଲୋକେ କିପରି ଆପଣାଇବେ, ତାହା ଏକ ବଡ଼ ପ୍ରଶ୍ନ । ସରକାର ବିଭିନ୍ନ ଇ-ୱାଲେଟ୍ ମାଧ୍ୟମରେ କିଣାବିକା ଓ ଦେଣନେଣ କରିବାକୁ ଗଣମାଧ୍ୟମରେ ବିଜ୍ଞାପନ ଦେଇ ପ୍ରବର୍ତ୍ତାଉଛନ୍ତି; ମାତ୍ର କେବଳ ଜନସାଧାରଣ ନୁହନ୍ତି, ଛୋଟଛୋଟ ବ୍ୟବସାୟୀ ମଧ୍ୟ ଏ ପର୍ଯ୍ୟନ୍ତ ପେଟିଏମ୍, ଫ୍ରିଚାର୍ଜ ବା ମୋବିକ୍ୱିକ୍‌ର ନାଁ ଶୁଣିନାହାନ୍ତି ଓ ଯେଉଁମାନେ ଏହାର ବ୍ୟବହାର ବି କରୁଛନ୍ତି ସେମାନେ ବି ଏସବୁ କେତେ ସୁରକ୍ଷିତ ସେଥିନେଇ ନିଃସଂଶୟ ନୁହନ୍ତି । ବର୍ତ୍ତମାନ ସାରା ପୃଥିବୀରେ ସାଇବର ଅପରାଧ ବଢ଼ିଚାଲିଥିବାବେଳେ ଆମ ଦେଶରେ ମଧ୍ୟ ଏହାର ପରିମାଣ ବଢ଼ୁଛି । ଏପରି ସ୍ଥିତିରେ ଜନସାଧାରଣ ଓ ବଣିକମାନଙ୍କୁ ଡିଜିଟାଲ ଶିକ୍ଷା ପ୍ରଦାନ କରିବା ସରକାରଙ୍କ ପ୍ରଥମ କର୍ତ୍ତବ୍ୟ ହେବା ଆବଶ୍ୟକ । କେବଳ ପ୍ରୋତ୍ସାହନ ଯୋଗାଇଦେଲେ ଏସବୁ ଡିଜିଟାଲ ବ୍ୟବସ୍ଥାକୁ ଲୋକେ ଆପଣାଇନେବେ ବୋଲି ଭାବିବା କେବଳ ନିର୍ବୋଧତା ବ୍ୟତୀତ ଆଉ କିଛି ନୁହେଁ । ବାଧ୍ୟବାଧକତାରେ ଯଦି ଲୋକେ ଏହାର ବ୍ୟବହାର କରିବେ, ତେବେ ସେମାନେ ପରବର୍ତ୍ତୀ ସମୟରେ ଯେଉଁ ସମସ୍ୟାର ସମ୍ମୁଖୀନ ହେବେ, ସେଥିରୁ ରକ୍ଷା କରିବା ପାଇଁ ସେତେବେଳେ କେହି ତା' ପାଖରେ ନ ଥିବେ । ବିମୁଦ୍ରାୟନ ପରବର୍ତ୍ତୀ ସଙ୍କଟରୁ ଲୋକେ ଏ ନେଇ ଯଥେଷ୍ଟ ଅନୁଭୂତି ହାସଲ କରିସାରିଛନ୍ତି । ଆମ ଦେଶରେ ସାଇବର ଅସୁରକ୍ଷା ନେଇ ନୋଡାଲ୍ ଏଜେନ୍ସି ଭାବେ କାର୍ଯ୍ୟ କରୁଥିବା ସର୍ଟ-ଇନ୍ ନାମକ ସଂସ୍ଥା ନିକଟରେ ଚେତାବନୀ ଦେଇଛି ଯେ ବର୍ତ୍ତମାନ କ୍ଷୁଦ୍ର ଏଟିଏମ୍ ଓ ବିକ୍ରୟ ଟର୍ମିନାଲ୍‌ଗୁଡ଼ିକ ପ୍ରତି ହ୍ୟାକରଙ୍କ ପକ୍ଷରୁ ବିପଦ ରହିଛି । ତେଣୁ ବାରମ୍ବାର କୁହାଯାଉଛି ଯେ ସୁଦୃଢ଼ ପାସ୍‌ୱାର୍ଡ ଦେବା ସହ ସାର୍ବଜନୀନ ୱାଇଫାଇ ବ୍ୟବହାର ବେଳେ ସୁରକ୍ଷା ସଚେତନ ହେବା ଆବଶ୍ୟକ; କାରଣ ସେଥିରେ ଅବହେଳା କଲେ ନିଜର ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଚୋରି ହେବାର ଆଶଙ୍କା ସର୍ବାଧିକ । କେବଳ ପ୍ରାମାଣିକ ସଫ୍ଟୱେର୍ ଡାଉନ୍‌ଲୋଡ଼ କରିବାକୁ ମଧ୍ୟ କୁହାଯାଇଛି । ଏସବୁ ସତ୍ତ୍ୱେ ମଧ୍ୟ ସାମାନ୍ୟ ଅସାବଧାନ ହେଲେ ତଥ୍ୟ ଚୋରି ହେବାର ଆଶଙ୍କାକୁ ଏଡ଼ାଇ ଦେଇ ହେବ ନାହିଁ । ଥରେ ଆର୍ଥିକ କାରବାରର ତଥ୍ୟ ଚୋରି ହେଲେ ସାରା ଜୀବନର ପୁଞ୍ଜି ମୁହୂର୍ତ୍ତକ ମଧ୍ୟରେ ଆଉ କାହା ଡିଜିଟାଲ ପକେଟ୍‌କୁ ଚାଲିଯିବାର ଆଶଙ୍କା ମଧ୍ୟ ରହିଛି । ଗତ କିଛିଦିନ ଭିତରେ ରାହୁଲ ଗାନ୍ଧି, ବିଜୟ ମାଲ୍ୟା, ବରଖା ଦତ୍ତ, ରବିଶ କୁମାର ପ୍ରମୁଖଙ୍କ ସୋସିଆଲ୍ ମିଡିଆ ଆକାଉଣ୍ଟ ହ୍ୟାକ୍ ହେବା ଆମ ଦେଶର ସାଇବର ସୁରକ୍ଷା ନେଇ ଏକ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି । ବିଭିନ୍ନ ସମୟରେ ସରକାରୀ ୱେବ୍‌ସାଇଟ୍‌ସବୁ ହ୍ୟାକ୍ ହେବାର ନଜିର୍ ମଧ୍ୟ ରହିଛି । ତେଣୁ ସରକାର କେବଳ ଭାରତକୁ 'ଡିଜିଟାଇଜ୍' କରିଦେଲେ ହେବ ନାହିଁ, ସାଇବର ସୁରକ୍ଷା ପ୍ରତି ଅଧିକ ଗୁରୁତ୍ୱ ଦେବାକୁ ହେବ । ଦେଶରେ ଦୀର୍ଘମିଆଦିଭାବେ ଡିଜିଟାଲ ଭିତ୍ତିଭୂମିର ବିକାଶ ସହ ଜନସାଧାରଣଙ୍କୁ ସେ ସମ୍ପର୍କରେ ଶିକ୍ଷିତ କରିବା ଜରୁରୀ । କେବଳ ଦୃଢ଼ ଆଇନ କରିଦେଲେ ସାଇବର ଆକ୍ରମଣକୁ ପ୍ରତିହତ କରିହେବ ବୋଲି ଭାବିବା ଠିକ୍ ନୁହେଁ । ଆଇନ ଠିକ୍ ଭାବେ କାର୍ଯ୍ୟକାରୀ ହେବା ଆବଶ୍ୟକ । ସରକାର ନିଜେ 'ଆଧାର' ନାଁରେ ପ୍ରତ୍ୟେକ ଭାରତୀୟର ସମସ୍ତ ତଥ୍ୟ ନେଇଛନ୍ତି । ଏହା ସଂଗ୍ରହ କରିବାରେ ବେସରକାରୀ ସଂସ୍ଥାଗୁଡ଼ିକୁ ମଧ୍ୟ ସାମିଲ କରାଯାଇଛି । ତେଣୁ ଏସବୁ ତଥ୍ୟ ଯେ ସଂପୂର୍ଣ୍ଣ ସୁରକ୍ଷିତ ରହିଛି, ତାହା ମଧ୍ୟ କେହି ହଲପ୍ କରି କହିପାରିବେ ନାହିଁ । ଅତଏବ ସରକାର ସୁରକ୍ଷା ପ୍ରତି ଯଥେଷ୍ଟ ଧ୍ୟାନ ଦେବାର ଆବଶ୍ୟକତା ଦେଖାଦେଇଛି । ଛୋଟଛୋଟ ସାଇବର ସୁରକ୍ଷାକୁ ଉପେକ୍ଷା କଲେ ଦିନେ କୌଣସି ବଡ଼ ଜାତୀୟ ସଙ୍କଟ ଦେଖା ନ ଦେବ, ସେକଥା କିଏ କହିବ !

ଆଜିର ଅନୁଚିନ୍ତା

ଯେତେ ଯାହା କଲେ ବି ମାତୃଋଣ ଶୁଝିବା ଅସମ୍ଭବ ।

ଭଗବତ୍ ସେବା

ଆଧ୍ୟାତ୍ମିକ ଶିକ୍ଷଣ ସ୍ତମ୍ଭ
କଳ୍ପବଟ ....

ଥରେ ଜଣେ ବ୍ୟକ୍ତି ସନ୍ଥ ଏକନାଥଙ୍କ ନିକଟକୁ ଆସି ପ୍ରଣାମ କରି କହିଲେ ମହାତ୍ମନ ! ମୋତେ ଭଗବତ୍ ଭକ୍ତିର ସରଳ ତଥା ସିଧା ଉପାୟ ବତାଇ ଦିଅନ୍ତୁ । ଆତ୍ମକଲ୍ୟାଣ ଉଦ୍ଦେଶ୍ୟରେ ମୁଁ ବହୁତ ଆଶାନେଇ ଆପଣଙ୍କ ନିକଟକୁ ଆସିଛି । ଏକନାଥ ପ୍ରଶ୍ନ କଲେ- ତୁମେ ବିବାହ କରିଛ କି ? ହଁ, ମୁଁ ବିବାହିତ । ମୋର ସ୍ତ୍ରୀ ଓ ପୁତ୍ର ସନ୍ତାନଟିଏ ଅଛି । ପିତାମାତା ? ସେମାନେ ଅଛନ୍ତି, ହେଲେ ବୟସାଧିକ କାରଣରୁ ଅଥର୍ବ ହୋଇଯାଇଛନ୍ତି । ତୁମେ ସେମାନଙ୍କୁ ଛାଡ଼ି ଚାଲି ଆସିଛ ନା ? ଏକନାଥ ପ୍ରଶ୍ନ କଲେ । ହଁ, ମୁଁ ଆତ୍ମଜ୍ଞାନ ଲାଭ କରିବା ଉଦ୍ଦେଶ୍ୟରେ ବହୁତ ଭାବିଚିନ୍ତି ଏହି ପଦକ୍ଷେପ ନେଇଛି । ସଂସାରର ଆବିଳତା ବିଷୟରେ ଜାଣିବାପରେ ସଂସାର ପ୍ରତି ମୋର ଘୋର ବିତୃଷ୍ଣା ଜାତ ହୋଇଛି । ଏହି ପାପତାପ, ଈର୍ଷାଦ୍ୱେଷ, ଶଠତା, ଅହଂକାର ପରିପୂର୍ଣ୍ଣ ସମାଜରେ କଳୁଷିତ ଜୀବନ ନେଇ ରହିବାକୁ ମୋର ଇଚ୍ଛା ହେଲାନାହିଁ । ତେଣୁ ସବୁର ମୋହ ତ୍ୟାଗକରି ମୁଁ ଆପଣଙ୍କ ନିକଟକୁ ଚାଲିଆସିଛି । ଆଗନ୍ତୁକ ଏକା ନିଃଶ୍ୱାସରେ କହିଗଲେ । ଏହାଶୁଣି ସନ୍ଥ ଏକନାଥ ଆଶ୍ଚର୍ଯ୍ୟ ହୋଇ ପଚାରିଲେ ତୁମର ପତ୍ନୀ ଏଥିନିମନ୍ତେ ତୁମକୁ ଅନୁମତି ଦେଇଛନ୍ତି କି ? ଆଗନ୍ତୁକଙ୍କ ଉତ୍ତର ଥିଲା ନା ମହାତ୍ମନ୍ । ସେ ଗଭୀର ନିଦରେ ଶୋଇଥିଲାବେଳେ ତା'ର ଅଜାଣତରେ ମୁଁ ଚାଲିଆସିଛି ଗୃହତ୍ୟାଗ କରି । ଆଉ ସନ୍ତାନ- ଏକାନାଥ ପ୍ରଶ୍ନ କଲେ । ସନ୍ତାନ ମଧ୍ୟ ମାଆ ନିକଟରେ ନିଦରେ ଶୋଇଥିଲା । ମୁଁ ଖୁବ୍ ସନ୍ତର୍ପଣରେ ଉଠି ଆସିଲାବେଳେ ଅଜାଣତରେ ମୋର ଗୋଡ଼ ତା' ଦେହରେ ବାଜିବାରୁ ନିଦ୍ରିତ ସନ୍ତାନଟି କାନ୍ଦି ଉଠିଲା । ତା'ର କାନ୍ଦିବା ଦେଖି ପତ୍ନୀ ସେହିଭଳି ଆଖିମୁଦି ଶୋଇଥିବା ଅବସ୍ଥାରେ ତା'କୁ କୋଳକୁ ଆଉଜେଇ ଆଣିଲା । ପିଲାଟିର କାନ୍ଦ ବନ୍ଦ ହୋଇଯାଇଥିଲା । ପରେ ଖୁବ୍ ସାବଧାନତାରସହ ମୁଁ ଗୃହ ତ୍ୟାଗ କଲି । ମୋର ଆଶଙ୍କା ଥିଲା ପିଲାର କାନ୍ଦିବା ଶୁଣି ପତ୍ନୀ ଉଠିପଡ଼ିଲେ ଗୃହତ୍ୟାଗ କରିବା ସମ୍ଭବ ହେବନାହିଁ । ମୁଁ ଗୃହ, ପତ୍ନୀ, ଗୃହସ୍ଥ ଧର୍ମ, ସାଂସାରିକ ବନ୍ଧନ ସବୁକିଛି ତୁଟାଇ ଆତ୍ମଜ୍ଞାନ ଲାଭ ସହ ଭଗବାନଙ୍କ ସେବା କରିବା ନିମନ୍ତେ ଇଚ୍ଛୁକ । ଏହାଶୁଣି ସନ୍ଥ ଏକନାଥ କହିଲେ, ଯେଉଁ ଭଗବାନଙ୍କ ସେବା କରିବା ନିମନ୍ତେ ତୁମେ ସମସ୍ତଙ୍କ ଅଲକ୍ଷ୍ୟରେ ଗୃହତ୍ୟାଗ କରି ଚାଲିଆସିଛ ସେ ଭଗବାନ ତ ତୁମ ଘରେ ଅଛନ୍ତି । କିନ୍ତୁ ନିର୍ବୋଧ ହେତୁ ତୁମେ ସେମାନଙ୍କୁ ତ୍ୟାଗ କରିବା ନିମନ୍ତେ ସିଦ୍ଧାନ୍ତ ନେଇଛ । ଭଗବାନ ସକଳ ଘଟରେ ଅଛନ୍ତି । ଯେ ପର୍ଯ୍ୟନ୍ତ ତୁମେ ଘରେ ଥିବା ଭଗବାନଙ୍କ ଉପଯୁକ୍ତ ସେବା ନକରିଛ ସେ ପର୍ଯ୍ୟନ୍ତ ତୁମେ କୌଣସିଥିରେ ସିଦ୍ଧିଲାଭ କରିପାରିବ ନାହିଁ । ବୈକୁଣ୍ଠ ସମାନ ଗୃହର ସଦସ୍ୟମାନଙ୍କୁ ଦୁର୍ଦ୍ଦଶା ଭିତରେ ଛାଡ଼ିଦେଇ ଆସି, ନିଜେ ଶାନ୍ତି ପାଇବାପାଇଁ ସେମାନଙ୍କ ମନରେ ଅଶାନ୍ତି ଭରି ଦେଇ ଯେଉଁ ଉଦ୍ଦେଶ୍ୟ ନେଇ ଆସିଛ ତାହା ସଫଳ ହେବନାହିଁ କେବେ । ଆରେ ମୂର୍ଖ ! ଆତ୍ମୀୟ ଲୋକମାନଙ୍କୁ ତ୍ୟାଗ ନୁହେଁ, ମନର ବିକାରକୁ ତ୍ୟାଗ କରିବା ଉଚିତ । ବିକାରଗ୍ରସ୍ତ ମନ ଭଗବତ୍ ପ୍ରେମ ପଥରେ ଅଲଂଘନୀୟ ପ୍ରାଚୀର ସଦୃଶ ଦଣ୍ଡାୟମାନ ହୋଇଥାଏ । ଭଗବାନ ସର୍ବବ୍ୟାପୀ ସର୍ବଶକ୍ତିମାନ, କ୍ରିୟାଶୀଳ ସତ୍ତା । ଏହି କାରଣରୁ ତାଙ୍କୁ ଉପାସନା କରିନପାରିଲେ ବି ତାଙ୍କର ପ୍ରୀତିଲାଭ ଭଳି କର୍ମ ମାଧ୍ୟମରେ ତାଙ୍କର ସେବା କରିହେବ, ଆତ୍ମଜ୍ଞାନ ଉପଲବ୍ଧି କରିହେବ । ଈଶ୍ୱରଙ୍କ ଆଦେଶପାଳନ ତ ମୁଖ୍ୟ ଉପାସନା । ସେହି ଆଦେଶପାଳନ ହେଉଛି ମନର ସମସ୍ତ ବିକାର ଦୂର କରି ନିଜ କର୍ତ୍ତବ୍ୟ ନିଷ୍ଠାରସହ ପାଳନ କରିବା । ଆଗନ୍ତୁକ ନିଜ ଭୁଲ ବୁଝିପାରିଲେ । ଲଜ୍ଜିତ ହେବାସହ ସନ୍ଥ ଏକନାଥଙ୍କ ନିକଟରେ କ୍ଷମାପ୍ରାର୍ଥନା କରି ଗୃହାଭିମୁଖୀ ହେଲେ ।

ପାଠକୀୟ ମତାମତ ଓ ପରାମର୍ଶ 'ପର୍ଯ୍ୟବେକ୍ଷକ' ସମ୍ପାଦକଙ୍କ ପାଇଁ ବେଶ୍ ମହତ୍ତ୍ୱପୂର୍ଣ୍ଣ । ତା' ବ୍ୟତୀତ ଆପଣଙ୍କ ଅଞ୍ଚଳର ବିକାଶ କ୍ଷେତ୍ରରେ ଥିବା ସମସ୍ୟା, ଆପଣମାନଙ୍କ ଅଭିଯୋଗ, ଆଶଙ୍କା ଓ ଉଦ୍‌ବେଗ ଆଦି ବିଷୟରେ ଜାଣିବାକୁ ଆମେ ଉଦ୍‌ଗ୍ରୀବ । ଇ-ମେଲ୍ କିମ୍ବା ଫାକ୍ସ ଜରିଆରେ ଆପଣମାନେ ସିଧାସଳଖ ସମ୍ପାଦକଙ୍କ ସହ ଯୋଗାଯୋଗ କରିପାରିବେ ।

E-mail: editorpbkc@gmail.com
9853400829 (M), Fax: 0674-2550504

ଗାନ୍ଧି ବନାମ ସାବରକର

......................ସୌମେନ୍ଦ୍ର ଜେନା



ନିକଟରେ ଏବର ଗାନ୍ଧିଙ୍କୁ ସମାଲୋଚନା କରିଥିବା ଜଣେ ସାବରକର ପ୍ରଶଂସକ ପ୍ରାଧ୍ୟାପକ ରାଜନୀତିକ ଅସହିଷ୍ଣୁତାର ଶିକାର ହୋଇଛନ୍ତି । ମୁମ୍ବାଇ ବିଶ୍ୱବିଦ୍ୟାଳୟର ଏକାଡେମୀ ଅଫ ଥିଏଟର ଆର୍ଟସର ନିର୍ଦ୍ଦେଶକ ଯୋଗେଶ ସୋମନଙ୍କୁ ଛୁଟିରେ ପଠାଇ ଦିଆଯାଇଛି । ଶ୍ରୀ ସୋମନ ଏକ ଭିଡିଓରେ ରାହୁଲ ଗାନ୍ଧିଙ୍କୁ କହିଥିଲେ-"ଆପଣ ସାବରକର ନୁହନ୍ତି । ସତକଥା ହେଲା ଆପଣ ପ୍ରକୃତ ଗାନ୍ଧି ନୁହନ୍ତି । ଗାନ୍ଧିଙ୍କ ଗୁଣ ଆପଣଙ୍କ ପାଖରେ ନାହିଁ । ଆପଣଙ୍କ ପପୁଗିରିର ମୁଁ ଦୃଢ ପ୍ରତିବାଦ କରୁଛି ।" ଏହି ସମାଲୋଚନା ପରେ ନକଲି ଗାନ୍ଧିଙ୍କ ଅସଲି ଚେହେରା ଧରାପଡିଯାଇଛି । ରାତିଦିନ ମୋଦିଙ୍କୁ ସମାଲୋଚନା କରୁଥିବା ଏହି ବ୍ୟକ୍ତି କେତେ ଯେ ଅସହିଷ୍ଣୁ ତାହା ଏହି ଘଟଣାରୁ ସ୍ପଷ୍ଟ । କାରଣ ସୋମନଙ୍କ ସମାଲୋଚନା ପରେ ତଥାକଥିତ ଗାନ୍ଧିବାଦୀଙ୍କ ପଛ ଫାଟି ଛତରଛାନ ହୋଇଯାଇଛି । ସେମାନଙ୍କ ଛାତିରେ ଶକ୍ତ ବଜ୍ରପାତ ହୋଇଛି । ରାଜ୍ୟର ଗୃହମନ୍ତ୍ରୀ ଅନିଲ ଦେଶମୁଖ କହିଛନ୍ତି ଯେ ପ୍ରାଧ୍ୟାପକଙ୍କ କାମ ପାଠପଢାଇବା, ବୟାନବାଜି ନୁହେଁ । ଅର୍ଥାତ୍ ତାଙ୍କ ନେତା ସବୁଦିନ ବୟାନ ଦେବାଲାଗି ଠିକା ନେଇଛନ୍ତି । ଦେଶ ବିରୋଧୀଙ୍କ ସପକ୍ଷରେ କହିବା ପାଇଁ ନିକଟରେ ଶିବସେନା ନେତା ସଞ୍ଜୟ ରାଉତ ଏହି ଜୁନିଅର ଗାନ୍ଧିଙ୍କୁ ସମାଲୋଚନା କରିବା ପରେ ମହାରାଷ୍ଟ୍ରରେ ତୁମ୍ଭିତୋଫାନ ହୋଇଛି । ତ୍ରିଦଳୀୟ ମେଣ୍ଟରେ ସଞ୍ଜୟଙ୍କ ବକ୍ତବ୍ୟ କମ୍ପନ ସୃଷ୍ଟି କରିଛି । ତେବେ ସାବରକରଙ୍କୁ ସମାଲୋଚନା କରୁଥିବା ଗାନ୍ଧିଙ୍କ ସାଆନ୍ତ ମାଆ ପ୍ରକୃତ ଗାନ୍ଧି ପରିବାରର ନୁହନ୍ତି । ତାଙ୍କ ସାଆନ୍ତ ବାପା ଥିଲେ ନୱାବ ଜାହାଙ୍ଗିର ଖାଁଙ୍କ ପୁତ୍ର ଫିରୋଜ ଖାଁ ଏବଂ ସାଆନ୍ତ ମାଆ ଥିଲେ ମାଇମୁନା ବେଗମ୍ (ଓରଫ ଇନ୍ଦିରା ପ୍ରିୟଦର୍ଶନୀ) । ଦୁହେଁ ଲଣ୍ଡନର ଏକ ମସଜିଦ୍‌ରେ ଏହି ନାମରେ ବିବାହ କରିଥିଲେ । କିନ୍ତୁ ଭାରତୀୟଙ୍କୁ ଠକିବା ପାଇଁ ଫିରୋଜ ଆଫିଡେଭିଟ୍ ମାଧ୍ୟମରେ ନିଜ ନାମ ଖାଁରୁ ଗାନ୍ଧି କଲେ ଆଉ ମାଇମୁନା ବେଗମ୍ ସ୍ୱାମୀଙ୍କ ସାଙ୍ଗିଆକୁ ନେଇ ଗାନ୍ଧିରେ ପରିଣତ ହେଲେ । ମାଇମୁନା ତାଙ୍କ ଯୁବତୀ କାଳରେ ବିଶୃଙ୍ଖଳିତା ଥିଲେ ବୋଲି ରବିନ୍ଦ୍ରନାଥଙ୍କ ଶାନ୍ତିନିକେତନରୁ ତଡା ଖାଇଥିଲେ । ପୂର୍ବରୁ ଅକ୍ସଫୋର୍ଡରୁ ମଧ୍ୟ ସେ ଅକୃତକାର୍ଯ୍ୟ ହୋଇଥିଲେ । ମାଇମୁନାଙ୍କ ପ୍ରଥମ ପୁତ୍ର ରାଜୀବ ଫିରୋଜଙ୍କ ପୁତ୍ର ଥିଲା ବେଳେ ଦ୍ୱିତୀୟ ପୁତ୍ର ସଞ୍ଜୟ ଥିଲେ ମହମ୍ମଦ ୟୁନୁସଙ୍କ ଔରସରୁ ଜାତ । ଏପରିକି ମାଇମୁନା ପ୍ରଧାନମନ୍ତ୍ରୀ ଥାଇ ଆଫଗାନିସ୍ଥାନ ଗସ୍ତରେ ଥିଲାବେଳେ ବାବରର କବରସ୍ଥଳୀକୁ ବିଳମ୍ବିତ ପ୍ରହରରେ ଯାଇ ମଥା ଟେକିଥିଲେ ବୋଲି ଜଣାଯାଏ । ବାବରଙ୍କ ବଂଶ ଯେମିତି ଭାରତରେ ଶାସନ କରିଥିଲେ ସେମିତି ସେ ଶାସନ କରୁଛନ୍ତି ବୋଲି ତାଙ୍କ ସହ ଥିବା ସଚିବଙ୍କୁ କହିଥିଲେ । ସଞ୍ଜୟଙ୍କ ବିବାହ ମହମ୍ମଦ ୟୁନୁସଙ୍କ ଘରେ ହୋଇଥିବାର ସମସ୍ତେ ଜାଣିଛନ୍ତି । ଏପରିକି ବିମାନ ଦୁର୍ଘଟଣାରେ ମୃତ୍ୟୁବରଣ କଲାପରେ ସଞ୍ଜୟଙ୍କ ପାଇଁ ସବୁଠୁ ଅଧିକ କାନ୍ଦିଥିଲେ ୟୁନୁସ୍ ।

ନେହେରୁଙ୍କ ପ୍ରପିତାମହ ଗଙ୍ଗାରାମ ଘାଜି ଜଣେ କାଶ୍ମୀର ମୁସଲମାନରୁ ଧର୍ମାନ୍ତରିତ ହିନ୍ଦୁ ଥିଲେ । ପରେ ଦିଲ୍ଲୀର ଏକ ନାଳ କଡରେ ବାସ କରିବା ପରେ ସେ ନେହେରୁ ସାଙ୍ଗିଆ ଗ୍ରହଣ କରିଥିଲେ ବୋଲି କୁହାଯାଏ । କେବଳ ଆଫିଡେଭିଟରେ ଗାନ୍ଧି ନାମ ଯୋଡିଥିବା ଫିରୋଜଙ୍କ ଏହି ମୁସଲିମ ପରିବାର ପରବର୍ତ୍ତୀ ସମୟରେ ନିଜକୁ ହିନ୍ଦୁ ଭାବେ ଦର୍ଶାଇବାକୁ ଯାଇ ପ୍ରଚାର କରିଥିଲେ ମଧ୍ୟ ଓଡିଶାର ପୁରୀ ଜଗନ୍ନାଥ ମନ୍ଦିରରେ ଇନ୍ଦିରା ଗାନ୍ଧି ପ୍ରବେଶ କରିପାରି ନ ଥିଲେ । କାରଣ ଶୁଦ୍ଧ ହିନ୍ଦୁର କୌଣସି ପ୍ରମାଣପତ୍ର ତାଙ୍କ ପାଖେ ଆଦୌ ନଥିଲା । ଏହି ପରିବାରର ସହଯୋଗୀ ମହାରାଷ୍ଟ୍ରର ଶିବସେନା ଦଳ ସାବରକରଙ୍କୁ ଭାରତରତ୍ନ ଦେବାକୁ ଏବେ ଦାବି କରିଛି । ସାବରକରଙ୍କ ବିରୋଧୀ ରାହୁଲଙ୍କୁ ସଞ୍ଜୟ ରାଉତ କହିଛନ୍ତି ଯେ ଯେଉଁମାନେ ସାବରକରଙ୍କୁ ଦେଶପ୍ରେମୀ ଭାବେ ଗ୍ରହଣ କରିବାକୁ ପସନ୍ଦ କରୁନାହାନ୍ତି, ସେମାନଙ୍କୁ ଆଣ୍ଡାମାନର ସେଲୁଲାର ଜେଲକୁ ଦୁଇଦିନ ପାଇଁ ପଠାଇଦେଲେ ସେମାନେ ସାବରକରଙ୍କ ତ୍ୟାଗକୁ ବୁଝିପାରିବେ । ପୂର୍ବରୁ ନୂଆଦିଲ୍ଲୀର ଏକ କାର୍ଯ୍ୟକ୍ରମରେ ରାହୁଲ କହିଥିଲେ ଯେ ମୁଁ ରାହୁଲ ଗାନ୍ଧି, ସାବରକର ନୁହେଁ । ଏହାର ଅର୍ଥ ସାବରକରଙ୍କୁ ଗୌଣ କରି ପ୍ରଦର୍ଶନ କରିବା ।

ଏହାପୂର୍ବରୁ ଝାଡଖଣ୍ଡରେ ନିର୍ବାଚନ ପ୍ରଚାର ସମୟରେ ରାହୁଲ ସାବରକରଙ୍କୁ ସମାଲୋଚନା କରିଥିଲେ । କଂଗ୍ରେସର ସମାଲୋଚନା କେବଳ ଏତିକିରେ ସୀମିତ ହୋଇ ରହିନାହିଁ । ଓଡିଶାର ବିଧାନସଭାରେ ଗାନ୍ଧିଙ୍କ ସମ୍ପର୍କିତ ଏକ ପୁସ୍ତକର ପ୍ରକାଶନକୁ ଦଳପକ୍ଷରୁ ବିରୋଧ କରାଯାଇଥିଲା । ଗାନ୍ଧିଙ୍କ ହତ୍ୟା ଏକ ଆକସ୍ମିକ ଘଟଣା ଥିଲା ବୋଲି ଉଲ୍ଲେଖ ଥିବା ଓଡିଆରେ ପ୍ରକାଶିତ ଏବଂ ରାଜ୍ୟ ସରକାରଙ୍କ ଦ୍ୱାରା ବିତରିତ ଏକ ପୁସ୍ତିକାରେ ତ୍ରୁଟିଥିବା ଦର୍ଶାଇ କଂଗ୍ରେସ ବିଧାୟକମାନେ ସେତେବେଳେ ତୁମ୍ଭିତୋଫାନ କରିଥିଲେ । ସମାନ ଢଙ୍ଗରେ ମହାରାଷ୍ଟ୍ରରେ ମଧ୍ୟ ସାବରକରଙ୍କୁ ନେଇ କଂଗ୍ରେସ ବନାମ ଶିବସେନା ଓ ବିଜେପିର ବାକ୍ ଯୁଦ୍ଧ ଏବେ ଜାରି ରହିଛି ।

ଫିରୋଜ ଖାଁ ଓ ମାଇମୁନା ବେଗମଙ୍କ ନାତି ଗୋଟିଏ ଆଫିଡେଭିଟ ମାଧ୍ୟମରେ ଗାନ୍ଧି ସାଙ୍ଗିଆକୁ ଧରି ଅନ୍ୟକୁ ଡୁପ୍ଲିକେଟ ବୋଲି ପ୍ରଚାର କରିବାରେ ଲାଗି ପଡିଛନ୍ତି । କାରଣ ଏବେ ବଜାରରେ ଅପମିଶ୍ରଣର ପ୍ରାବଲ୍ୟ ଅଧିକ । କିନ୍ତୁ ସାବରକର ଭାରତର ସର୍ବାଧିକ କାଳ ବନ୍ଦୀ ଥିବା ସ୍ୱାଧୀନତା ସଂଗ୍ରାମୀ ଥିଲେ । ତାଙ୍କ ନାମରେ ଡୁପ୍ଲିକେଟ ବହି ଛାପି ଯଦି କଂଗ୍ରେସ ଦଳ ତାଙ୍କୁ ଛୋଟ ବୋଲି ଦର୍ଶାଇବାକୁ ଚେଷ୍ଟା କରେ ତାହା ପର୍ବତକୁ ଢେଲାମାଡ ପରି ହେବ । ନିକଟରେ ମଧ୍ୟପ୍ରଦେଶ କଂଗ୍ରେସ ସେବା ଦଳ ପକ୍ଷରୁ ଏକ ନିମ୍ନରୁଚିର ପ୍ରଚାରପତ୍ର ପ୍ରକାଶ କରାଯାଇଛି । ସେହି ପ୍ରଚାରପତ୍ରରେ ସାବରକବରଙ୍କ ଚରିତ୍ରକୁ ନେଇ ଆକ୍ଷେପ ରହିଛି । ସଂଖ୍ୟାଲଘୁ ମହିଳାଙ୍କୁ ବଳାତ୍କାର କରିବାକୁ ସେ ଉତ୍ସାହିତ କରୁଥିଲେ । ମସଜିଦ୍‌କୁ ଟେକା ଫିଙ୍ଗିବା ପାଇଁ ଲୋକଙ୍କୁ ପ୍ରୋତ୍ସାହିତ କରୁଥିଲେ ବୋଲି ସେଥିରେ ଉଲ୍ଲେଖ ଅଛି । 'ବୀର ସାଓରକର କିତନେ ବୀ...' ଶୀର୍ଷକରେ ପ୍ରକାଶିତ ଏହି କୁତ୍ସିତ ପ୍ରଚାରପତ୍ର ବଣ୍ଟନ କରାଯାଇଥିଲା । ଏହାକୁ କେନ୍ଦ୍ରକରି ମହାରାଷ୍ଟ୍ରରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି । ଏପରିକି ରାଜ୍ୟ ସରକାରରେ ଥିବା ଏନ୍‌ସିପି ଦଳ ମଧ୍ୟ ଏହାକୁ ବିରୋଧ କରିଛି । ସାବରକରଙ୍କ ନାତି ଏହା ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି ।

ଏଠାରେ କହିବା ଠିକ୍ ହେବ ଯେ କଂଗ୍ରେସର ଲୋକେ ଅତି ଉତ୍ସାହିତ ହୋଇ ଏବେ ସ୍ୱାଧୀନତା ସଂଗ୍ରାମୀମାନଙ୍କୁ ଗୌଣ ବୋଲି ଦେଖାଇବାକୁ ନାଟକ କରୁଛନ୍ତି । ଦେଶର ସ୍ୱାଧୀନତା ଆଦୌ ଅହିଂସା ମାଧ୍ୟମରେ ମିଳି ନଥିଲା; ବରଂ ଭାରତୀୟମାନଙ୍କ ସୈନ୍ୟଶକ୍ତିର ବିକାଶକୁ ଭୟ କରି ବ୍ରିଟେନ ପ୍ରଶାସନ ଭାରତ ଛାଡିବାକୁ ନିଷ୍ପତ୍ତି ନେଇଥିଲେ । ଏହା ଐତିହାସିକ ଦଲିଲ । କାରଣ ବ୍ରିଟେନ ସରକାର ଗାନ୍ଧିଜୀଙ୍କୁ ନୁହେଁ ସୁଭାଷ ଚନ୍ଦ୍ର ବୋଷଙ୍କୁ ଭୟ କରୁଥିଲେ, ସାବରକରଙ୍କ ରଚନାକୁ ଭୟ କରୁଥିଲେ । ପରାଧୀନ ଭାରତରେ ନେତାଜୀ ଆଜାଦ ହିନ୍ଦ୍ ଫୌଜ ନାମରେ ସେନାବାହିନୀ ଓ ସରକାର ଗଠନ କରି ପୃଥିବୀର ଅନେକ ବଡ ବଡ ରାଷ୍ଟ୍ରଙ୍କ ସମର୍ଥନ ଲାଭ କରିଥିଲେ । ବହୁ ଦେଶର ସରକାର ଆଜାଦ୍ ହିନ୍ଦ୍ ସରକାରକୁ ମାନ୍ୟତା ଦେଇଥିଲେ । ସେମାନେ ଦେଶର ସ୍ୱାଧୀନତା ଘୋଷଣା କରି ବ୍ରିଟେନ୍ ହାତରୁ କେତେକ ରାଜ୍ୟକୁ ହାତକୁ ନେଇ ଜାତୀୟ ପତାକା ଉଡାଇଥିଲେ । ଇଂରେଜ ସେନାଙ୍କ ସହ ସମ୍ମୁଖ ଯୁଦ୍ଧରେ ଲଢି ୨୮ ହଜାର ଆଜାଦ ହିନ୍ଦ୍ ଯବାନ ସହିଦ ହୋଇଥିଲେ । ହେଲେ ସୁଭାଷଙ୍କ ପ୍ରଭାବକୁ ଭୟ କରୁଥିବା କଂଗ୍ରେସୀ ନେତାମାନେ ସୁଭାଷଙ୍କ ଜୀବନ କାଳରେ ବ୍ରିଟେନ ସରକାରଙ୍କ ସହ ସାମିଲ ହୋଇ ତାଙ୍କୁ ଯୁଦ୍ଧ ଅପରାଧୀ ବୋଲି ଘୋଷଣା କରିଥିଲେ । ଇଂରେଜଙ୍କ ସହ ସଂଘର୍ଷରେ ୩୯ ଲକ୍ଷ ଭାରତୀୟଙ୍କ ଭିନ୍ନ ଭିନ୍ନ ସମୟରେ ବଳିଦାନକୁ ପଛକୁ ଠେଲିଦେଇ ଦେଶ ଅହିଂସାରେ ସ୍ୱାଧୀନତା ଲାଭ କଲା ବୋଲି ମିଛ ଇତିହାସ ଲେଖି କଂଗ୍ରେସ ସରକାର ନୂଆ ପିଢିକୁ ସତୁରୀ ବର୍ଷ ଧରି ପଢାଇ ଆସିଛନ୍ତି । ବିଚାରରେ ମତପାର୍ଥକ୍ୟ ଯୋଗୁ ଭଗତ ସିଂହଙ୍କ ପରି ବିପ୍ଳବୀଙ୍କୁ ସନ୍ତ୍ରାସବାଦୀ ଆଖ୍ୟା ଦେଇଛନ୍ତି ।

ଠିକ୍ ସେମିତି ସାବରକରଙ୍କ ଲଢୁଆ ଭୂମିକାକୁ ସଂକୁଚିତ କରିବାକୁ କ୍ଷୁଦ୍ରମନା ଲୋକେ ଏବେ ଦେଶର ବିପ୍ଳବୀ ଇତିହାସକୁ ଗୌଣ ବୋଲି ଦର୍ଶାଇବାକୁ ଚାହୁଁଛନ୍ତି । ବ୍ରିଟେନ ସହ ସାଲିସ-କୁର୍ଣ୍ଣିସରେ ମାତିଥିବା ସ୍ୱାର୍ଥପର ଲୋକେ ପରେ କ୍ଷମତାର ଅଧିକାରୀ ହୋଇ ଦେଶର ମହାନ ନାୟକମାନଙ୍କୁ ଛୋଟ ବୋଲି ଦର୍ଶାଇବାକୁ ଉଦ୍ୟମ କରିଛନ୍ତି । ବ୍ରିଟେନର ଦଲାଲ ପରି କାର୍ଯ୍ୟ କରୁଥିବା ଲୋକେ ପରବର୍ତ୍ତୀ ସମୟରେ ନିଜକୁ ଅସଲି ଏବଂ ଅନ୍ୟକୁ ନକଲି ବୋଲି ଦର୍ଶାଇବାକୁ ପଛାଇନାହାନ୍ତି । ସାବରକରଙ୍କ ଜୀବନର ସଂଘର୍ଷମୟ ବିଷୟକୁ ଯଦି କେହି ଲୁଚାଇବାକୁ ଚାହିଁବ ତେବେ ଇତିହାସ ତାକୁ କ୍ଷମା ଦେବନାହିଁ । କାରଣ ୧୮୫୭ର ସଂଗ୍ରାମକୁ ପ୍ରଥମ ସ୍ୱାଧୀନତା ସଂଗ୍ରାମ ବୋଲି ଉଲ୍ଲେଖ କରି ସେ ଯେଉଁ ପୁସ୍ତକ ରଚନା କରିଥିଲେ, ତାହା ସେତେବେଳେ ବହୁଚର୍ଚ୍ଚିତ ହୋଇଥିଲା । ସେ ହିନ୍ଦୁ ମହାସଭାର ମୁଖ୍ୟ ଥିଲେ । ତେଣୁ ହିନ୍ଦୁଙ୍କ ସ୍ୱାର୍ଥର ରକ୍ଷା ପାଇଁ କହୁଥିଲେ । ଯେତେବେଳେ ଗାନ୍ଧିଜୀଙ୍କ ସମେତ କଂଗ୍ରେସ ନେତୃବୃନ୍ଦ ଦେଶ ବିଭାଜନକୁ ବିରୋଧ ନକରି ଜିନ୍ନାଙ୍କ ନିକଟରେ ଆତ୍ମସମର୍ପଣ କରିଥିଲେ ସେତେବେଳେ ଦେଶର ଇସଲାମିକ ସନ୍ତ୍ରାସ ଯୋଗୁ ହିନ୍ଦୁ ଗଣହତ୍ୟା ଯୋଜନାବଦ୍ଧ ଭାବେ ହୋଇଥିଲା । ଏସବୁକୁ ସାବରକର କଠୋର ସମାଲୋଚନା କରୁଥିଲେ । ସେ ସଂଖ୍ୟାଲଘୁ ତୃଷ୍ଟିକରଣ ରାଜନୀତିକୁ ଘୋର ବିରୋଧ କରୁଥିଲେ । ଇଂରେଜଙ୍କ ବିରୋଧରେ ମଦନଲାଲ ଧୀଙ୍ଗରାଙ୍କ ପରି ଅନେକ ଲଢୁଆ ବିପ୍ଳବୀଙ୍କୁ ସେ ନିର୍ମାଣ କରିଥିଲେ । ମିଛକୁ ବାରମ୍ବାର ଉଚ୍ଚାରଣ କରି ମହାନ୍ ଲୋକମାନଙ୍କୁ ଈର୍ଷା କରିବାର ଏବର କ୍ଷୁଦ୍ରମତିମାନଙ୍କ ଚରଣଚଟା ପ୍ରବୃତ୍ତି ସେମାନଙ୍କ ବୁଦ୍ଧିହୀନତାର ପରିଚୟ ଦେଉଛି । ଦେଶର ଲୋକେ ଏପରି ଲୋକଙ୍କ ପ୍ରଚାରଠାରୁ ଦୂରରେ ରହିବା ଆବଶ୍ୟକ । ଗାନ୍ଧି ସାବରକର ନୁହନ୍ତି କିମ୍ବା ସାବରକର ଗାନ୍ଧି ନୁହଁନ୍ତି । ସେମାନେ ନିଜ ନିଜ କ୍ଷେତ୍ରରେ ପ୍ରସିଦ୍ଧ, ସେମାନଙ୍କ ଅବଦାନ ଅତୁଳନୀୟ, ପରସ୍ପର ବିରୋଧୀ ନୁହେଁ ।

-ଭାରତୀୟ ସମ୍ବାଦ ସେବା (ଭାସ୍),
ଭୁବନେଶ୍ୱର-୭୫୧୦୦୩

ପରାମର୍ଶ

ମନିସା ମ୍ୟାଡାମ୍ ଶ୍ରୀଗଣପତି ମହାବିଦ୍ୟାଳୟରେ ଇଂରାଜୀ ଅଧ୍ୟାପିକା । ସେଦିନ +୨ ପିଲାଙ୍କର 'ରାଜନୀତି ବିଜ୍ଞାନ' ପରୀକ୍ଷାରେ ନିରୀକ୍ଷିକା ଥାଆନ୍ତି । ପରୀକ୍ଷା ହଲ୍‌ରେ ପଦଚାରଣ କରୁ କରୁ ହଠାତ୍ ନଜରକୁ ଆସିଲା ପିଲାଟିଏ କପି କରୁଥିବାର । ମନିସା ଦେଖିଲେ ପିଲାଟି ଆଡ଼ମିଟ୍ କାର୍ଡ଼ ତଳେ ଲୁଚାଇ ରଖିଥିବା କପିରୁ ଦେଖି ଦେଖି ଉତ୍ତର ଖାତାରେ ଲେଖି ଚାଲିଛି । ମନିସାଙ୍କୁ ନିକଟରେ ଦେଖି ପିଲାଟି ଚମକି ପଡ଼ିଲା । କପିଟି ଲୁଚାଇ ଦେବାକୁ ଚେଷ୍ଟା କଲାବେଳେ ମନିସା ତା ହାତରୁ ତତ୍‌କ୍ଷଣାତ୍ ଭିଡ଼ି ଆଣିଲେ କପିଟିକୁ । ସେଥିରେ ପିଲାଟିର ରୋଲ୍ ନମ୍ବର ଲେଖାଇ ଦସ୍ତଖତ ମଧ୍ୟ କରାଇନେଲେ । ପରେପରେ ଏମ୍.ପି. (ମାଲ୍ ପ୍ରାକ୍ଟିସ୍) ଫର୍ମଟିଏ ଆଣି ପିଲାଟିକୁ ବୁକ୍ କରାଇନେଲେ । ପିଲାଟି କାନ୍ଦକାନ୍ଦ ହୋଇ ମନିସା ମ୍ୟାଡାମ୍‌ଙ୍କ ମୁହଁକୁ ଚାହିଁ ରହିଲା । ମନିସା କର୍ତ୍ତବ୍ୟରେ ଖିଲାପ କରିପାରିଲେନି, କାରଣ ସେ ଜାଣିଥିଲେ ଯେ ଜଣେ ପିଲାକୁ ଜ୍ଞାତସାରରେ ହେଉ କି ଅଜ୍ଞାତସାରରେ, କପି କରିବାକୁ ସୁଯୋଗ ଦେବାମାନେ ଆହୁରି ଶହ ଶହ ନିର୍ଦ୍ଦୋଷ ପିଲାଙ୍କ ସହ ଘୋର ଅନ୍ୟାୟ କରିବା ସଙ୍ଗେ ସମାନ । ଏହାଛଡ଼ା ଜଣେ ଶିକ୍ଷକର ନୈତିକତା ହେଲା ସମସ୍ତଙ୍କୁ ସମ ଦୃଷ୍ଟିରେ ଦେଖିବା ।

ପିଲାଟି ଚୁପ୍‌ଚାପ୍ ସିଟ୍‌ରେ ବସି ରହିଲା ବେଲ୍ ପଡ଼ିବା ପର୍ଯ୍ୟନ୍ତ । କିଛି ବି ଲେଖୁ ନଥିଲା । ବେଲ୍ ପଡ଼ିଯିବା ପରେ ବାହାରକୁ ଆସି ଗେଟ୍ ପାଖରେ ଅପେକ୍ଷା କଲା ମ୍ୟାଡାମ୍‌ଙ୍କୁ । ମ୍ୟାଡାମ୍ ଆସିଲାପରେ ପିଲାଟି କାନ୍ଦି କାନ୍ଦି କହିଲା, ମ୍ୟାଡାମ୍ ମୋତେ ଆପଣ ଆଜି ଫେଲ୍ କରାଇଦେଲେ । ମୋର ଗୋଟିଏ ବର୍ଷ ନଷ୍ଟ ହୋଇଗଲା । ଆପଣ ମୋତେ ମାଲ୍‌ପ୍ରାକ୍ଟିସ୍‌ରେ ବୁକ୍ କରାଇଦେଇ କ'ଣ ଲାଭ ପାଇଲେ ? ମୋତେ ଛାଡ଼ି ଦେଇଥିଲେ ଆପଣଙ୍କର କ'ଣ ଏମିତି ଅସୁବିଧା ହୋଇଯାଇଥାଆନ୍ତା ଯେ... ?

ମନିସା ଉତ୍ତର ଦେଲେ, "ଆଜି ହୁଏତ କପିର ଆଶ୍ରୟ ନେଇ ପରୀକ୍ଷାରେ ପାସ୍ କରିଯାଇଥାଆନ୍ତୁ, ମାତ୍ର ଭବିଷ୍ୟତରେ ଜୀବନ ତମାମ୍ ଆସୁଥିବା ବିଭିନ୍ନ ପରୀକ୍ଷାରେ ତୁ ନିଶ୍ଚିତ ଫେଲ୍ ହୋଇଯାଇଥାଆନ୍ତୁ । ଯଦି ଜୀବନରେ ବଡ଼ ହେବାକୁ ଇଚ୍ଛାରଖିଛୁ, ତେବେ 'କପି' ଉପରେ ନିର୍ଭର ନ କରି ନିଜେ ପାଠ ପଢ଼ି ପରୀକ୍ଷା ଦେବାକୁ ଚେଷ୍ଟାକର । ତୋର ସାହସ, ଶକ୍ତି ଓ ଆତ୍ମବିଶ୍ୱାସ ବଢ଼ିବ । ଜୀବନରେ ନିଜେ ନିଜ ଗୋଡ଼ରେ ଠିଆ ହୋଇପାରିବୁ । ଏଇ କେଇପଦ କଥା ସେଦିନ ପିଲାଟି ମନରେ ଗଭୀର ଆଲୋଡ଼ନ ସୃଷ୍ଟି କରିଥିଲା । ପିଲାଟିର ହୃଦ୍‌ବୋଧ ହେଲା ଯେ ସଫଳତାର ପ୍ରଥମ ପାହାଚ ହେଉଛି ପରିଶ୍ରମ ।

ଅନେକ ବର୍ଷ ପରେ ଦିନେ ରାତି ପ୍ରାୟ ନଅଟା ସମୟରେ ମନିସା ପୁରୀରୁ ଭୁବନେଶ୍ୱର ଫେରିବା ରାସ୍ତାରେ ହଠାତ୍ ଏକ ଡକାୟତ ଦଳଙ୍କର ହାବୁଡ଼ରେ ପଡ଼ିଗଲେ । ପ୍ରାୟ ତିନି / ଚାରିଜଣ ଡକାୟତ ତାଙ୍କ ଗାଡ଼ିକୁ ଅଟକାଇ ଲୁଟ୍ କରିବା ଆରମ୍ଭ କଲେ । ମନିସାଙ୍କ ସହ ତାଙ୍କ ଝିଅ ଲିପା ଓ ଡ୍ରାଇଭର୍ ମକରା ମଧ୍ୟ ଥିଲା । କିନ୍ତୁ ଡକାୟତମାନଙ୍କ ହାତରେ ଥିବା ମାରଣାସ୍ତ୍ର ସବୁ ଦେଖି କାହା ପାଟିରୁ କଥା ବାହାରୁ ନଥାଏ । ଭୟରେ ଥରୁଥାଆନ୍ତି ସେମାନେ । ଠିକ୍ ଏହି ସମୟରେ ମନିସାଙ୍କ କାର୍ ସାମ୍‌ନାରେ ଆସି ଅଟକିଗଲା ପି.ସି.ଆର୍. ଭ୍ୟାନ୍‌ଟି, ଧଡ଼୍‌ଧାଡ଼୍ ଓହ୍ଲାଇ ପଡ଼ିଲେ ପୋଲିସ୍ ଇନିସ୍‌ପେକ୍ଟରଙ୍କ ସହ ଜଣେ ହାବିଲଦାର ଓ ଚାରିଜଣ କନେଷ୍ଟବଳ । ଡକାୟତମାନେ ପୋଲିସ୍ ଗାଡ଼ି ଦେଖି ତତ୍‌କ୍ଷଣାତ୍ ଛତ୍ରଭଙ୍ଗ ଦେଇ ଯେ ଯୁଆଡ଼େ ପଳାୟନ କଲେ । ମନିସା ଏକ ମସ୍ତବଡ଼ ବିପଦରୁ ବଞ୍ଚି ଯାଇଥିବାରୁ ଆଶ୍ୱସ୍ତ ଅନୁଭବ କଲେ । କେଉଁ ଭାଷାରେ ପୋଲିସ୍ ଅଫିସରଙ୍କୁ ଧନ୍ୟବାଦ ଦେବେ ଜାଣିପାରୁନଥାନ୍ତି । ହଠାତ୍ ପୋଲିସ୍ ଅଫିସରଟି ମନିସାଙ୍କ ନିକଟକୁ ଯାଇ ଧୀର ତଥା ନମ୍ର ସ୍ୱରରେ ପଚାରିଲା, "ମ୍ୟାଡାମ୍ ଡକାୟତଗୁଡ଼ା ଆପଣଙ୍କଠାରୁ କିଛି ନେଇଯାଇନାହାନ୍ତି ତ ? ଆମେ ତାଙ୍କୁ ଯେପରି ହେଲେ ଧରିବୁ ଆଜି । ଆପଣ ମୋଟେ ବ୍ୟସ୍ତ ହୁଅନ୍ତୁ ନାହିଁ, ନିର୍ଭୟରେ ଚାଲନ୍ତୁ, ଆମେ ଆପଣଙ୍କ ପଛେ ପଛେ ଯାଉଛୁ ।" ଏହା କହି ମ୍ୟାଡାମ୍‌ଙ୍କ ପାଦ ଛୁଇଁ ପ୍ରଣାମ କଲା ଓ ଯିବାକୁ ବାହାରିଲା । ମନିସା ଆଶ୍ଚର୍ଯ୍ୟ ହୋଇ ତାଙ୍କୁ ପଚାରିଲେ, "ଆପଣଙ୍କୁ କେଉଁଠି ଦେଖିଲା ଦେଖିଲା ପରି ଲାଗୁଚି... ହଠାତ୍ ମନେ ପକେଇପାରୁନି । ଆଜି ଆମ ସମସ୍ତଙ୍କୁ ଏକ ବଡ଼ ବିପଦରୁ ବଞ୍ଚେଇଦେଲେ ଆପଣ, ବହୁତ ଧନ୍ୟବାଦ ଏଥିପାଇଁ ।" ଇନିସ୍‌ପେକ୍ଟର ହସି ହସି ଉତ୍ତର ଦେଲେ, "ମ୍ୟାଡାମ୍ ଆପଣ ମୋତେ ଚିହ୍ନି ପାରିଲେନି । ମୁଁ ଆପଣଙ୍କର ଅନେକ ବର୍ଷ ତଳର ଜଣେ ଦୁଷ୍ଟ ଛାତ୍ର, ଯିଏ କି ସେଦିନ କପି କରି ଆପଣଙ୍କ ହାତରେ ଧରାପଡ଼ିଯାଇଥିଲା, ମାତ୍ର ସବୁଦିନ କାହା ଉପରେ ନିର୍ଭର ନ କରି ସ୍ୱାଧୀନ ଭାବରେ ବଞ୍ଚିବାପାଇଁ ଯେଉଁ ପରାମର୍ଶ ପାଇଥିଲା, ତାହାକୁ ସାଇତି ରଖି ଆଜି ଜୀବନରେ ଜଣେ ସଚ୍ଚୋଟ ପୋଲିସ୍ ଅଫିସର ହୋଇପାରିଛି ।" ଏହା କହି ମ୍ୟାଡାମ୍‌ଙ୍କୁ ସାଲ୍ୟୁଟ୍ ମାରି ଚାଲିଗଲା । କୌଣସି ଭଲ କାମଟିଏ କରିବା ପାଇଁ କେବଳ ଇଚ୍ଛା ଯଥେଷ୍ଟ ନୁହେଁ, ଇଚ୍ଛାପୂର୍ତ୍ତି ଲାଗି ଦୃଢ଼ପ୍ରତିଜ୍ଞ ହୋଇ କାମରେ ଲାଗିବା ଦରକାର । ମନିସାଙ୍କ ଆଖିରୁ ଝରି ଆସିଥିଲା ଦୁଇ ଠୋପା ଖୁସିର ଲୁହ ।

ଡ. ପ୍ରତିଭା ମହାରଥୀ
ଖାରବେଳନଗର, ୟୁନିଟ୍-୩,
ଭୁବନେଶ୍ୱର ମୋ- ୯୪୩୭୦୩୬୮୦୯

କିଛି କଥା : କିଛି ବ୍ୟଥା

--------କୈଳାଶ ଚନ୍ଦ୍ର ପଣ୍ଡା--------

ସମୟ ଅପରାହ୍ନ । ଟ୍ରେନ୍‌କୁ ଅପେକ୍ଷା କରି ବସିଥାଏ ଭୁବନେଶ୍ୱର ରେଲୱେ ଷ୍ଟେସନରେ । ଗାଡି ଆସିବାକୁ ଆଉ ପ୍ରାୟ ଦୁଇ ଘଣ୍ଟା ବିଳମ୍ବ । ବସିବସି ବିରକ୍ତି ଲାଗିବାରୁ ଇଚ୍ଛା ହେଲା ଚା କପଟିଏ ପିଇ ସେ ବିରକ୍ତିକୁ ଅବସର ଦେବି । ଆଜିକାଲି ଚା ତ ଖାଲି ଚା ନୁହେଁ, ଏହା ଏକ ମହୌଷଧି । ଆଉ ଥୋକେ କୁହନ୍ତି ଏହା ଏ ଯୁଗର ଅମୃତ । ମନଭିତରୁ ଅନେକଗୁଡିଏ ନକାରାତ୍ମକ ଓ ବିରକ୍ତିକର ଭାବନାକୁ ଦୂରେଇ ଦେଇ ମନକୁ ସତେଜ ଓ ପ୍ରଫୁଲ୍ଲ ରଖିବା ସଂଗେ ସଂଗେ ଅନେକ ତୁଚ୍ଛା ଭାବନାକୁ ମନ ଭିତରକୁ ପ୍ରବେଶ କରିବାକୁ ଦିଏନା । ମନ ଓ ହୃଦୟକୁ ଏକ ତାଜାପଣରେ ଭରପୁର କରିଦିଏ । ଏହି ସମୟରେ ଦୁଇଜଣ ନିଜନିଜ ଭିତରେ ଆଲୋଚନା କରୁକରୁ ଆସି ମୋ' ପାଖ ସିଟ୍‌ରେ ବସିଲେ । ସେମାନଙ୍କ ଆଲୋଚନାର କିଛି ଅଂଶ ମୋ' କାନରେ ବାଜିବା ମାତ୍ରେ ମୁଁ ଅନୁଭବ କଲି ଆଉ ଚା ପିଇବାର ଆବଶ୍ୟକତା ନାହିଁ । ଯଦି ଚା ପିଇବାକୁ ଚାଲିଯାଏ ତା'ହେଲେ ସେମାନଙ୍କ ବକ୍ତବ୍ୟର ମାଦକତା ଉପଭୋଗ କରିବା ପରିବର୍ତ୍ତେ ସେଥିରୁ ବଂଚିତ ହେବି । ଅଗତ୍ୟା ଚୁପଚାପ କରି ସେମାନଙ୍କ ଆଲୋଚନାକୁ ଶୁଣିଲି । ଭାରି ମଜା ଲାଗୁଥାଏ । ମୋ' ମନ ଭିତରକୁ ପ୍ରବେଶ କରିନଥିବା ଅନେକ କଥା ସେମାନେ ଆଲୋଚନା କରୁନଥାନ୍ତି । ସେମାନଙ୍କ ବକ୍ତବ୍ୟଗୁଡିକ ସବୁ ବାସ୍ତବତା ଉପରେ ପର୍ଯ୍ୟବେସିତ ଥିଲା । ସେମାନେ ଯେ ଖୁବ୍ ଉଚ୍ଚଶିକ୍ଷିତ ଏହା ସେମାନଙ୍କ ଚାଲିଚଳଣ, କଥାବାର୍ତ୍ତାରୁ ପରିଷ୍କାର ଜଣାପଡୁଥିଲା । ମୋର ଦୃଢ଼ ହୃଦୟଙ୍ଗମ ହେଲା ଯେ ପାଞ୍ଚ ଟଂକାର ଚା ପିଇ ଯେତିକି ସତେଜତା ଓ ଆନନ୍ଦ ଅନୁଭବ କରିବି, ତାହାଠାରୁ କାହିଁରେ କ'ଣ ଅଧିକ ଆନନ୍ଦ ସେମାନଙ୍କ ଆଲୋଚନାକୁ ପାଇବି । ସେମାନେ ମଧ୍ୟ ଅନୁଭବ କରୁଥାଆନ୍ତି ମୁଁ ସେମାନଙ୍କ କଥୋପକଥନକୁ ନିବିଷ୍ଟ ଚିତ୍ତରେ ଶୁଣୁଛି । ସେମାନଙ୍କ ବକ୍ତବ୍ୟ ଓ ଆଲୋଚନା ଗୋଟିଏ ହିନ୍ଦି ଫିଲ୍ମ ଉପରେ ହିଁ ଥିଲା । ସେ ଫିଲ୍ମର ନାମ ଥିଲା 'Oh my God' । ଏହି ଫିଲ୍ମରେ ଭାରତୀୟ ସଂସ୍କୃତି, ସଭ୍ୟତା ଓ ଦେବାଦେବୀମାନଙ୍କୁ ସମାଲୋଚନା କରାଯାଇଥିଲା । ସେ ଭଦ୍ରଲୋକ ଦୁଇଜଣ ସଦ୍ୟ କୌଣସି ଗୋଟିଏ ସଭାରୁ ଫେରିଥାଆନ୍ତି । ସେହି ସଭାରେ ଜଣେ ଯୁବ ବିଚାରପତି ଅତିଥି । ତାଙ୍କର ଆଲୋଚ୍ୟ ବିଷୟ ଥିଲା "ସାଧାରଣ ଜନତାର ମୌଳିକ ଅଧିକାର" । ଏ ସଂପର୍କରେ ବିଚାରପତିଙ୍କ କିଛି ବକ୍ତବ୍ୟକୁ ସେମାନେ ଆଲୋଚନା କରୁଥିଲେ । ଏହି ଫିଲ୍ମ ବିରୋଧରେ ମାନ୍ୟବର ଅଦାଲତରେ କେଶ ହୋଇଥିଲା ଏହାର ପ୍ରଚାର ଓ ପ୍ରସାରକୁ ବିରୋଧ କରି । ଶେଷରେ ସର୍ବୋଚ୍ଚ ଅଦାଲତ ରାୟ ଦେଲେ ପ୍ରତ୍ୟେକ ବ୍ୟକ୍ତିର ବାକ୍ ସ୍ୱାଧୀନତା ରହିଛି । ଜଣେ ବ୍ୟକ୍ତି ନିଜର ମନୋଭାବକୁ ପ୍ରକାଶ କରିପାରିବ କିମ୍ବା ଚିତ୍ରଣ କରିପାରିବ, ଏପ୍ରକାର ସ୍ୱାଧୀନତା ତା'ର ରହିଛି । ଯଦି ଏହା କାହାକୁ ଭଲ ନଲାଗେ କିମ୍ବା ଅରୁଚିକର ମନେହୁଏ ତା'ହେଲେ ସେମାନେ ସେ ଫିଲ୍ମକୁ ଦେଖି ନପାରନ୍ତି । କୌଣସି କାର୍ଯ୍ୟ କିଛି ଲୋକଙ୍କୁ ଭଲ ନଲାଗିଲେ ଆଉ କିଛି ଲୋକଙ୍କୁ ତ' ଭଲ ଲାଗିବ । ସମସ୍ତଙ୍କର ମତାମତ ନେଇ ଜଣେ ତ' ଫିଲ୍ମଟିଏ କରିବ ନାହିଁ କିମ୍ବା କିଛି ଲେଖିବ ନାହିଁ । ଯଦି ଏପରି କରାଯାଏ ତା'ହେଲେ ବ୍ୟକ୍ତି ସ୍ୱାଧୀନତାର ନିଶ୍ଚୟ ହାନି ଘଟିବ । ନାଗରିକର ସାମ୍ବିଧାନିକ କ୍ଷମତା ଉପରେ ଅଂକୁଶ ଲଗାଇବା ଭଳି ହେବ । ଏହାର ଅର୍ଥ ଏୟା ନୁହେଁ ଦେଶର ସ୍ୱାର୍ଥହାନି କରିବାଭଳି କୌଣସି ବକ୍ତବ୍ୟକୁ ଗ୍ରହଣ କରାଯାଇପାରିବ କିମ୍ବା କୌଣସି ନିର୍ଦ୍ଦିଷ୍ଟ ବ୍ୟକ୍ତିର କୁତ୍ସା ଓ ଚରିତ୍ରସଂହାରକୁ ସାମାଜିକ ସ୍ୱୀକୃତି ମିଳିବ । ଯେଉଁ କଥା ବା ଯେଉଁ କାର୍ଯ୍ୟ ସାର୍ବଜନୀନ ତାହା ଯେ ସମସ୍ତଙ୍କୁ ଭଲ ଲାଗିବ କିମ୍ବା ସଭିଏଁ ତାହାକୁ ଗ୍ରହଣ କରିନେବେ, ଏପରି ନୁହେଁ । ଏପରି ହେଲେ ସେ ବ୍ୟକ୍ତି ନିଜକୁ ଦୂରେଇ ନେଇଯାଇପାରେ ନତୁବା ଚୁପ ରହିପାରେ ।

ଏହାପରେ ସେମାନଙ୍କ ଦ୍ୱିତୀୟ ପ୍ରସଂଗ ଥିଲା ଏହିପରି । ଆମ ସମାଜରେ ଓକିଲାତିକୁ କେବଳ ପଇସା ରୋଜଗାର ପାଇଁ ପେସା କରୁଥିବା କିଛି ଓକିଲ ଅଛନ୍ତି । ସେମାନେ କେବଳ ସତ-ମିଛ କହି ଟଂକା ରୋଜଗାର କରନ୍ତି ଓ ନାମ କମାନ୍ତି । ସେହିପରି ଓକିଲଙ୍କ ପାଇଁ ସବୁପଥ ହିଁ ସୁପଥ । କୁପଥ ଶବ୍ଦଟି ସେମାନଙ୍କ ପାଇଁ ଅଜ୍ଞାତ । ଏହି ନାମ କମେଇବା ପାଇଁ ସେମାନଙ୍କର ଗୋଟିଏ ବଉଳ ଗଛର ଛାଇ ଦରକାର, ପେଣ୍ଡାଲଟିଏ ଦରକାର, ମାଇକଟିଏ ଦରକାର ଆଉ କିଛି ଅଂଧ (ଗଧ) ସମର୍ଥକ ଆବଶ୍ୟକ । ବୟସ ହୋଇଯାଇଥିବାରୁ ବରିଷ୍ଠ ଶବ୍ଦଟି ତାଙ୍କ ପାଖରେ ଆପେ ଆପେ ସଂଯୋଗ ହୋଇ ଯାଇଥାଏ । ଏଣୁ ସେମାନେ ଯେତେ ଖରାପ ମଣିଷ ହେଲେବି ଅନେକ ତାଙ୍କୁ ସମ୍ମାନ ଜଣାନ୍ତି । ଏଇଠି ପ୍ରଶ୍ନ ଉଠେ ବରିଷ୍ଠ କାହାକୁ କହିବା ? ଜଣେ ବୟସରେ ବରିଷ୍ଠ ହୋଇଗଲେ କ'ଣ ବରିଷ୍ଠ ? ଉଚ୍ଚତାରେ ଅଧିକ ହୋଇଗଲେ କ'ଣ ବରିଷ୍ଠ ? ଚୁଟି ପାଚି ଧଳା ହୋଇଗଲେ କ'ଣ ବରିଷ୍ଠ ? ମୋ' ମତରେ ଏହା ଆଦୌ ବରିଷ୍ଠତା ନୁହେଁ । ଜ୍ଞାନରେ ବରିଷ୍ଠତା ଦରକାର, ବିବେକରେ ବରିଷ୍ଠତା ଦରକାର, ଯାହାର ଜ୍ଞାନ ନାହିଁ, ବିବେକ ନାହିଁ, ତାହାର ଯେତେ ବୟସ ହୋଇ ଯାଇଥିଲେ ବି ସିଏତ ମଣିଷ ନୁହେଁ-ପଶୁ । ଏଣୁ ସେହିପରି ଲୋକମାନେ ବରିଷ୍ଠତା ଦାବି କରିବା ଏବଂ ଅନ୍ୟମାନେ ସେମାନଙ୍କୁ ବରିଷ୍ଠତାର ସମ୍ମାନ ଦେବା, ନିଶ୍ଚୟ ନିର୍ବୋଧତା । ଏହିପରି ବରିଷ୍ଠ ବ୍ୟକ୍ତିମାନେ ଜଣେ ଜଣେ ସାମାଜିକ କଳଙ୍କ । ଆମ ଆଇନ ମଧ୍ୟ ଏହି ବରିଷ୍ଠତା ଉପରେ ଗୁରୁତ୍ୱ ଦେଇ ଅନେକ ଅକର୍ମା ଓ ଅଯୋଗ୍ୟ ଲୋକଙ୍କୁ ଗାଦିନସୀନ କରୁଛି । ଯାହା ଯୁଗୋପଯୋଗୀ ଓ ସମାଜ ପାଇଁ ମଂଗଳକର ସେହିପରି ଆଇନ ପ୍ରଣୟନ ହେବା ଜରୁରୀ ।

ଅନେକ ସମୟରେ ଆମ ସମାଜରେ ଅନେକ ଦୁଷ୍ଟ ବ୍ୟକ୍ତି, 'ଠାକୁର ଘରେ କିଏ ନା ମୁଁ କଦଳୀ ଖାଇନାହିଁ' ନ୍ୟାୟରେ ନିଜକୁ ସତ୍‌ଚରିତ୍ର ପ୍ରମାଣ କରିବାକୁ ଯାଇ ସତ୍ୟକୁ କୁଠାରାଘାତ କରନ୍ତି । ତିଳକୁ ତାଳ କରି ପୋଲିଶ, କୋର୍ଟ-କଚେରୀ ପର୍ଯ୍ୟନ୍ତ ଯିବାକୁ ପଛାନ୍ତି ନାହିଁ । ଏହାଦ୍ୱାରା ସେମାନେ ସତ୍ୟର ଅପଳାପ ପୂର୍ବକ ଅନେକ ସାମାଜିକ ବିଶୃଙ୍ଖଳା ସୃଷ୍ଟି କରନ୍ତି । ସମାଜ ସେମାନଙ୍କୁ କ'ଣ କୁହେଁ ସେମାନେ ନିଜେ କେବେ ବୁଝନ୍ତି ନାହିଁ । ସତ୍ୟକୁ ଲୁଚେଇ ସେମାନେ ନିଜକୁ ସତୀ ସାଧ୍ୱୀ କିମ୍ବା ଗାନ୍ଧୀ-ଗୋପବନ୍ଧୁ ପ୍ରମାଣ କରିବାକୁ ଚେଷ୍ଟା କରନ୍ତି । ଏହିପରି ବ୍ୟକ୍ତିମାନେ ଜଣେ ଜଣେ ସାମାଜିକ କଳଙ୍କ । ସେମାନଙ୍କର ଏହିପରି କାର୍ଯ୍ୟ ଅନେକ ସମୟରେ ନିରିହ ଓ ଭଦ୍ରଲୋକମାନଙ୍କୁ ଅନେକ ଅସୁବିଧାରେ ପକାଇଦିଏ । କିନ୍ତୁ ସେମାନେ ଯଥେଷ୍ଟ ଧୈର୍ଯ୍ୟର ସହ ସତ୍ୟର ସାମ୍ନା କରନ୍ତି ଏବଂ ମୁକାବିଲା କରନ୍ତି । ଶେଷରେ ସେମାନେ ସାମାଜିକ ସ୍ୱୀକୃତି ମଧ୍ୟ ପାଆନ୍ତି, ତା'ସହିତ ଆକୁଣ୍ଠ ଜନସମର୍ଥନ । ବ୍ୟକ୍ତିଗତ କୁତ୍ସା ସର୍ବାଦୌ ନିନ୍ଦନୀୟ । ତାହା ଲେଖାରେ ହେଉ ବା ଭାଷାରେ ହେଉ । ଏସବୁ ଶୁଣିସାରିବା ପରେ ମୁଁ ଭାବିଲି ନାମ କମେଇବା ପାଇଁ ଏପରି ହୀନ ଉଦ୍ୟମ ଆଦୌ ଠିକ୍ ନୁହେଁ । ସେମାନେ ବୁଝିବା ଉଚିତ ନାଁ କେବେ କମାଯାଏନା । ଏହା ଆପେଆପେ ଆସେ ନଡ଼ିଆ ଭିତରକୁ ପାଣି ଭଳି ଏବଂ ଚାଲିଯାଏ ହାତୀ ଖାଇଥିବା କଇଥ ପରି ।

-ସମ୍ପାଦକ "ପ୍ରେମ ପୃଥିବୀ", ଭଦ୍ରକ,
ମୋ-୯୪୩୭୩୩୫୧୮୯

ମୋ ଗାଁ

ଓଡିଶାରେ ଜାତୀୟ ପରିବାର ସ୍ୱାସ୍ଥ୍ୟ ସର୍ବେକ୍ଷଣ-୫ କାର୍ଯ୍ୟକାରୀ କରିବ ଆଇଆଇଏଚ୍ଏମ୍ଆର୍

INTERNATIONAL INSTITUTE OF HEALTH MANAGEMENT RESEARCH, DELHI
ADMISSION OPEN
MR D

ଭୁବନେଶ୍ୱର(ପିଏନ): ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ ତତ୍ତ୍ୱାବଧାନରେ ଏବଂ ଇଣ୍ଟରନ୍ୟାସ୍‌ନାଲ ଇନ୍‌ଷ୍ଟିଚ୍ୟୁଟ୍ ଫର୍ ପପ୍ୟୁଲେସନ ସାଇନ୍ସେସ୍ (ଆଇଆଇପିଏସ୍) ସମନ୍ୱୟରେ ୨୦୧୯-୨୦ ଜାତୀୟ ପରିବାର ସ୍ୱାସ୍ଥ୍ୟ ସର୍ବେକ୍ଷଣ (ଏନ୍ଏଫ୍ଏଚ୍ଏସ୍-୫) ଆୟୋଜନ କରାଯାଇଛି। ଏନ୍ଏଫ୍ଏଚ୍ଏସ୍-୫ ଓଡିଶାରେ ଫିଲ୍ଡୱର୍କର ସଂଚାଳନ କରାଯିବା ପାଇଁ ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ହେଲ୍‌ଥ ମ୍ୟାନେଜ୍‌ମେଣ୍ଟ ରିସର୍ଚ୍ଚ (ଆଇଆଇଏଚ୍ଏମ୍ଆର୍)କୁ ଏକ କଠୋର ଚୟନ ପ୍ରକ୍ରିୟା ମାଧ୍ୟମରେ ମନୋନିତ କରାଯାଇଛି। ଆଇଆଇଏଚ୍ଏମ୍ଆର୍ ଦ୍ୱାରା ଓଡିଶାରେ ଏନ୍ଏଫ୍ଏଚ୍ଏସ୍-୪ (୨୦୧୫-୧୬)କୁ ସଫଳତାର ସହ କାର୍ଯ୍ୟକାରୀ କରାଯାଇଥିଲା। ବର୍ତ୍ତମାନ, ଆଇଆଇଏଚ୍ଏମ୍ଆର୍ ଭୁବନେଶ୍ୱରରେ ୩୫୦ ଅନୁସନ୍ଧାନକାରୀ (ପୁରୁଷ ଅନୁସନ୍ଧାନକାରୀ, ମହିଳା ଅନୁସନ୍ଧାନକାରୀ ଓ ସ୍ୱାସ୍ଥ୍ୟ ଅନୁସନ୍ଧାନକାରୀ)ଙ୍କ ପାଇଁ ମାସିକ ରାଜ୍ୟସ୍ତରୀୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମର ଆୟୋଜନ କରାଯାଉଛି। ପ୍ରଶିକ୍ଷଣ ପରେ ଏହି ଅନୁସନ୍ଧାନକାରୀମାନେ ଓଡିଶାର ୩୦ଟି ଜିଲ୍ଲାର ପ୍ରାୟ ୨୫,୦୦୦ରୁ ଅଧିକ ଘରୁ ତଥ୍ୟ ସଂଗ୍ରହ କରିବେ। ଏଥିରେ ୧୫ରୁ ୪୯ ବର୍ଷ ବୟସର କିଛି ନିର୍ଦ୍ଦିଷ୍ଟ ମହିଳାମାନଙ୍କର ଏବଂ ୧୫ରୁ ୫୪ ବର୍ଷ ବୟସର ମନୋନିତ ପୁରୁଷମାନଙ୍କର ସାକ୍ଷାତକାର ସାମିଲ ରହିବ।

ଏହି ଅବସରରେ ଗଣମାଧ୍ୟମକୁ ସମ୍ବୋଧନ କରି ଆଇଆଇଏଚଏମଆର, ଟ୍ରଷ୍ଟି ସେକ୍ରେଟାରୀ, ଡା ଏସଡି ଗୁପ୍ତା କହିଛନ୍ତି ଯେ, "୨୦୧୫-୨୦୧୬ର ଆମର ଗତ ସର୍ବେକ୍ଷଣରେ(ଏନଏଫଏଚଏସ-୪) ରାଜ୍ୟରୁ ପରିବାର ନିଯୋଜନ, ଅଣ-ସଂକ୍ରାମକ ରୋଗ ଏବଂ ସାମୁହିକ ସ୍ୱାସ୍ଥ୍ୟ ସୂଚକ ସମ୍ବନ୍ଧିତ ଅନେକ ବିଷୟବସ୍ତୁ ନେଇଆସିଥିଲୁ। ଏନଏଫଏଚଏସ-୫ର ପ୍ରକ୍ରିୟା ବର୍ତ୍ତମାନ ଆରମ୍ଭ ହୋଇଯାଇଛି। ଆମେ ଆମର ସ୍ୱେଚ୍ଛାସେବୀମାନଙ୍କୁ ପ୍ରଶିକ୍ଷିତ କରୁଛୁ। ବର୍ତ୍ତମାନ ଆଜିଠାରୁ ଫିଲ୍ଡ ୱାର୍କ ପାଇଁ ତଥ୍ୟ ସଂଗ୍ରହ ଆରମ୍ଭ ହୋଇଯାଇଛି।" ଓଡ଼ିଶା ପାଇଁ ଏନଏଫଏଚଏସ-୫ର କୋ-ଅର୍ଡିନେଟର ଡା ପ୍ରଦୀପ ପଣ୍ଡା କହିଛନ୍ତି ଯେ, "ୟୁନିୟନ ହେଲଥ ମିନିଷ୍ଟର ଅଧିନରେ ଅନେକ ଏଜେନ୍ସି ମାଧ୍ୟମରେ ପ୍ରସ୍ତୁତ ଏନଏଫଏଚଏସ ଏବଂ ଏହାର ରିପୋର୍ଟ ଗୁଡ଼ିକ ସବୁଠାରୁ ଅଧିକ ବିଶ୍ୱସ୍ତ ତଥ୍ୟଗୁଡ଼ିକ ମଧ୍ୟରୁ ଅନ୍ୟତମ। ଆଇଆଇଏଚଏମଆର ଓଡ଼ିଶା ଏବଂ ଅନ୍ୟ ରାଜ୍ୟ ଗୁଡ଼ିକ ପାଇଁ ଫିଲ୍ଡ ରିସର୍ଚ୍ଚ ଓ ତଥ୍ୟ ସଂଗ୍ରହ ଏଜେନ୍ସି ଭାବେ ଚୟନୀତ ହୋଇ ଆସୁଛି।"

ଏନ୍ଏଫ୍ଏଚ୍ଏସ୍-୫ ହେଉଛି ଏକ ଜାତୀୟ ସର୍ବେକ୍ଷଣ ଯାହାକୁ ଭାରତରେ ଜନସଂଖ୍ୟା, ପରିବାର ନିଯୋଜନ, ମା' ଓ ଶିଶୁର ସ୍ୱାସ୍ଥ୍ୟ, ଶିଶୁ ଅସ୍ତିତ୍ୱ, ଏଚ୍ଆଇଭି/ଏଡ୍ସ୍, ଯୌନ ସଂଚାରିତ ସଂକ୍ରମଣ (ଏସ୍‌ଟିଆଇଏସ୍), ପ୍ରଜନନ ସ୍ୱାସ୍ଥ୍ୟ, ପୋଷଣ ଆଦି ପ୍ରସଙ୍ଗ ଉପରେ ସୂଚନା ପ୍ରଦାନ କରିବା ପାଇଁ ପ୍ରସ୍ତୁତ କରାଯାଇଛି। ଏନ୍ଏଫ୍ଏଚ୍ଏସ୍-୫ର ଦୁଇଟି ସ୍ୱତନ୍ତ୍ର ଉଦ୍ଦେଶ୍ୟ ରହିଛି: ପ୍ରଥମଟି ହେଉଛି ଭାରତ ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର ମନ୍ତ୍ରଣାଳୟ ଦ୍ୱାରା ଆବଶ୍ୟକ କରାଯାଉଥିବା ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ସମ୍ବନ୍ଧିତ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ପ୍ରଦାନ କରିବା। ଅନ୍ୟଟି ହେଉଛି ଗୁରୁତ୍ୱପୂର୍ଣ୍ଣ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ପ୍ରସଙ୍ଗଗୁଡିକ ଉପରେ ସୂଚନା ପ୍ରଦାନ କରିବା। ତେବେ ଅଧିକାଂଶ ଅନ୍ୟ ସଙ୍କେତକଗୁଡିକୁ ମଧ୍ୟ ଜିଲ୍ଲା ସ୍ତରରେ ରିପୋର୍ଟ କରାଯିବ। ଏହି ଇନ୍‌ଷ୍ଟିଚ୍ୟୁଟ୍ ହସ୍ପିଟାଲ ଓ ସ୍ୱାସ୍ଥ୍ୟ ପରିଚାଳନା କ୍ଷେତ୍ରରେ ଶିକ୍ଷା, ପ୍ରଶିକ୍ଷଣ ଓ ଅନୁସନ୍ଧାନ କାର୍ଯ୍ୟ ସମ୍ପାଦନ କରିଥାଏ। ସେହିପରି ଏକ ଯୁବ ସଂସ୍ଥା ଆଇଆଇଏଚ୍ଏମ୍ଆର୍ ଦିଲ୍ଲୀ ଏହାର ଅତ୍ୟାଧୁନିକ ପାଠ୍ୟକ୍ରମ, ଭିତିଭୂମି ସୁବିଧା ଓ ଅଭିଜ୍ଞ ଫ୍ୟାକଲ୍ଟି ମାଧ୍ୟମରେ ନିଜ ପାଇଁ ଏକ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିପାରିଛି। ଏହା ଜାତୀୟ ଓ ଆନ୍ତର୍ଜାତୀୟ ସ୍ତରରେ ହସ୍ପିଟାଲ ଓ ସ୍ୱାସ୍ଥ୍ୟ ପରିଚାଳନା କ୍ଷେତ୍ରରେ ଏକ ଗୌରବମୟ ସ୍ଥାନ ହାସଲ କରିଛି।

ସାମସଙ୍ଗ ପକ୍ଷରୁ ୪୦ଟି ନୂତନ ଏୟାର କଣ୍ଡିସନର୍‌ର ଶୁଭାରମ୍ଭ

ଭୁବନେଶ୍ୱର : ଭାରତର ସର୍ବବୃହତ ଓ ସବୁଠାରୁ ବିଶ୍ୱସନୀୟ ଉପଭୋକ୍ତା ଇଲେକ୍ଟ୍ରନିକ ଏବଂ ମୋବାଇଲ ଫୋନ ବ୍ରାଣ୍ଡ ସାମସଙ୍ଗ ପକ୍ଷରୁ ଏହାର ନୂତନ ଶ୍ରେଣୀର ଏୟାର କଣ୍ଡିସନର ଶୁଭାରମ୍ଭ କରାଯାଇଛି, ଯେଉଁଥିରେ ରହିଛି ୱାଇ-ଫାଇ କ୍ଷମତା ସହିତ ୱିଣ୍ଡ ଫ୍ରି ଏସି ୨.୦, ହ୍ୟୁମାନ ଡିଟେକ୍‌ସନ ଓ ଗ୍ରୀନ ଆର୩୨ ଗ୍ୟାସ, ପ୍ରିମିୟମ ଟ୍ରିପଲ ଇନଭର୍ଟର ସିରିଜ, ଇକୋ ଇନଭର୍ଟର, ଅନ/ଅଫ ସ୍ପ୍ଲିଟ ଓ ୱିଣ୍ଡୋ ଏସି। ୨୦୨୦ ଲାଇନ ଅପରେ ରହିଛି ୪୦ଟି ମଡେଲ, ଯାହାକୁ ଅତ୍ୟନ୍ତ ସୁନ୍ଦର ଭାବେ ଡିଜାଇନ କରାଯାଇଛି ଓ ଏହାର ମୂଲ୍ୟ ଓ ଶକ୍ତି ସବୁଘର ପାଇଁ ଉପଯୋଗୀ। ଏଥିରେ ରହିଛି ଆକର୍ଷଣୀୟ ଫ୍ଲୋରାଲ ପ୍ୟାଟର୍ଣ୍ଣ ଓ ପ୍ରିମିୟମ ଷ୍ଟ୍ରିପ ଡିଜାଇନ। ସାମସଙ୍ଗରେ ମଧ୍ୟ ଏହାର କପର କଣ୍ଡିସନର ରେଞ୍ଜକୁ ୩୨ଟି ମଡେଲକୁ ସଂପ୍ରସାରିତ କରିଛି। ଏହାର ଡିଜିଟାଲ ଇନଭର୍ଟର କମ୍ପ୍ରେସର ରେଞ୍ଜରେ ୧୦ ବର୍ଷର ୱାରେଣ୍ଟି, ପ୍ରିମିୟମ ଟ୍ରିପଲ ସିରିଜରେ କପର କଣ୍ଡିସନର ମଡେଲ ଓ ୱିଣ୍ଡ ଫ୍ରି ୨.୦ରେ ରହିଛି ୫ ବର୍ଷର କଣ୍ଡିସନର ୱାରେଣ୍ଟି ଏବଂ ପିସିବି କଣ୍ଟ୍ରୋଲରେ ୫ ବର୍ଷର ୱାରେଣ୍ଟି। ଏହି ନୂତନ ଏସି ରେଞ୍ଜର ମୂଲ୍ୟ ଟ.୩୫,୯୯୦ ରୁ ଆରମ୍ଭ ହୋଇ ମୂଲ୍ୟ ଟ.୭୩,୯୯୦ ପର୍ଯ୍ୟନ୍ତ ରହିଛି। ଏହି ନୂତନ ମଡେଲ ଗୁଡ଼ିକ ଚଳିତବର୍ଷ ଜାନୁଆରୀ ଠାରୁ ସମସ୍ତ ଷ୍ଟୋରଗୁଡ଼ିକରେ ଉପଲବ୍ଧ ହୋଇଯିବ। ଏହା ସମ୍ପର୍କରେ ସାମସଙ୍ଗ ଇଣ୍ଡିଆ, କଞ୍ଜ୍ୟୁମର ଇଲେକ୍ଟ୍ରନିକ ବିଜନେସ, ଏଚଭିଏସି ଡିଜାଇନ, ବରିଷ୍ଠ ଉପାଧ୍ୟକ୍ଷ ଶ୍ରୀ ରାଜୀବ ଭୁଟାନି କହିଛନ୍ତି ଯେ, "ଆମର ଗବେଷଣାରୁ ଜଣାଯାଇଛି ଯେ ଭାରତର ଏସି ଗ୍ରାହକମାନେ ଦୀର୍ଘସ୍ଥାୟୀତ୍ୱ, ସୁଲଭ ମୂଲ୍ୟ ଓ ଶକ୍ତି ଦକ୍ଷତା ଉପରେ ଅଧିକ ଗୁରୁତ୍ୱ ପ୍ରଦାନ କରିଥାନ୍ତି।

ସର୍ବଭାରତୀୟ ମା' ବାସୁଳି କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ

ୟୁ ଏଣ୍ଡ ମି ବାଲେଶ୍ୱର ବିଜୟୀ

କେନ୍ଦୁଝର(ପିଏନ)- କେନ୍ଦୁଝର ଜିଲା ହାଟଡିହୀ ବ୍ଲକ ହାଟଡିହୀ ମଠ କପୁଣ୍ଡି ମିନି ଷ୍ଟାଡିୟମ ଠାରେ ସର୍ବଭାରତୀୟ ମା ବାସୁଳି କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ ୪ର୍ଥ ଦିନ ରେ ପହଂଚିଛି। ଚଣ୍ଡିଆ ବିରଂଚିପୁର ଏସଟି ଜାଭିୟର ସ୍କୁଲ ନିର୍ଦ୍ଦେଶକ ଉଦୟନାଥ କର, ନନ୍ଦିପଦା ଥାନା ଓଆଇସି ପ୍ରଶାନ୍ତ ମହାନ୍ତି,ସାମାଜିକ କର୍ମି ସତିଶ ଯାଦବ,ଜିଲା ପରିଷଦ ସୁରେନ୍ଦ୍ର ଜେନା ପ୍ରମୁଖ ଅତିଥି ଭାବେ ଯୋଗ ଦେଇ ଥିଲେ। ୪ର୍ଥ ଦିନ ମ୍ୟାଚ ୟୁ ଏଣ୍ଡ ମି ବାଲେଶ୍ୱର ଓ ଭୁବନେଶ୍ୱର ପ୍ରଗତି ସ୍ପୋର୍ଟିଂ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ୨୫ ଓଭର ମ୍ୟାଚ ବିଶିଷ୍ଟ ଟୁର୍ଣ୍ଣାମେଣ୍ଟ ରେ ୟୁ ଏଣ୍ଡ ମି ବାଲେଶ୍ୱର ପ୍ରଥମେ ଟସ୍ ଜିତି ଫିଲ୍ଡିଂ କରିବାକୁ ନିଷ୍ପତି ନେଇଥିଲା। ଭୁବନେଶ୍ୱର ପ୍ରଗତି ସ୍ପୋର୍ଟିଂ ୧୮.୩ ଓଭରରେ ୧୦ ଉଇକେଟ ବିନିମୟରେ ୭୨ ରନ ସଂଗ୍ରହ କରିଥିଲା। ଜବାବରେ ୟୁ ଏଣ୍ଡ ମି ବାଲେଶ୍ୱର ୨୧.୪ ଓଭରରେ ୮ ଉଇକେଟ ହରାଇ ୭୪ ରନ ସଂଗ୍ରହ କରି ବିଜୟୀ ହୋଇଛି। ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ବିଶାଳ ଦାଶ ଙ୍କୁ ପ୍ରଦାନ କରାଯାଇଥିଲା। ବିଜୟୀ ଓ ରନର୍ସଅପ ଦଳକୁ ପୁରସ୍କୃତ କରାଯାଇଥିଲା। ଅମ୍ପାୟର ଭାବେ ଲଲାଟ କେଶରୀ ନନ୍ଦ ଓ ରଂଜନ ମହାନ୍ତି,ଭାଷ୍ୟକାର ଭାବେ ସଂଜୟ ମଜୁମଦାର, ଗଣେଶ କୁଅଁର,ସୁଧାଂଶୁ ଶେଖର ମହାନ୍ତି ଓ ଜ୍ଞାନ ରଂଜନ ଘଡେଇ,ସ୍କୋରର ଭାବେ ଜ୍ୟୋତି ରଂଜନ ଜେନା,ପ୍ରତାପ ଦେବତା., ଭଗବାନ ନାୟକ ଓ ସୁକାନ୍ତ ବେହେରା ଦାୟିତ୍ୱ ତୁଲାଇ ଥିଲେ।ଆଂଚଳିକ ଯୁବପରିଷଦର ସଭାପତି ଚିନ୍ମୟ ନାୟକ,ସଂପାଦକ ଚିତ ରଂଜନ ପାତ୍ର, ଉପଦେଷ୍ଟା ମନୋଜ କୁମାର ପାତ୍ର, ବରିଷ୍ଠ କର୍ମକର୍ତା ଅମୀୟ ରଂଜନ ନାୟକ,ଅମୂଲ୍ୟ କୁମାର ଜେନା ଓ ଧବଳେଶ୍ୱର ପଟ୍ଟନାୟକ,ପଦ୍ମନାଭ ସାମଲ,ବିଭୁତି ଭୂଷଣ ଜେନା,କହ୍ନୁ ଜେନା,ବଳରାମ ଜେନା,ଦେବାଶିଷ ବାରିକ,ପ୍ରଦୀପ ଜେନା,ବିଜୟ ମଲିକ,ମାନସ ଜେନା, ,ଚାଂଦିଆ ମୁଦୁଲି,ସୁଧାଂସୁ ମଲିକ,ବିପିନ ଜେନା,ମଂଟୁ ଜେନା,ପ୍ରଫୁଲ ସ୍ୱାଇଁ,ହାଡିବନ୍ଧୁ ଭୂୟାଁ ,ସିତାରାମ ଜେନା , ମଂଟୁ ଜେନା ପ୍ରମୁଖ ଯୁବପରିଷଦର କର୍ମକର୍ତା ମାନେ ଖେଳ ପରିଚାଳନାରେ ସହ ଯୋଗ କରିଥିଲେ।

ହିରୋ ମୋଟୋସ୍ପୋର୍ଟସ ଟିମ ର୍‍ୟାଲି ପାଇଁ ଶୁଭଦିନ

ପାଓଲୋ ଗୋନକ୍ଲେଭସଙ୍କ ଷ୍ଟେଜ ୪ ରେ ଚତୁର୍ଥ ସ୍ଥାନ ଅକ୍ତିଆର

ଶୀର୍ଷ ୨୦ରେ ବୁହ୍ଲର, ସି.ଏସ ସନ୍ତୋଷଙ୍କ ର୍‍ୟାଙ୍କରେ ଉନ୍ନତି

ଭୁବନେଶ୍ୱର :ହିରୋ ମୋଟୋସ୍ପୋର୍ଟସ ଟିମ ର୍‍ୟାଲି ଏକ ସକରାତ୍ମକ ମନୋଭାବ ସହ ଷ୍ଟେଜ ୪ ଆରମ୍ଭ କରିଛି। ଏହି ଷ୍ଟେଜରେ ନିଓମ ଠାରୁ ଏଆଇ ଉଲା ୬୭୨ କି.ମି ଯେଉଁଥିରେ ସ୍ୱତନ୍ତ୍ର ୪୫୩କି.ମି ପର୍ଯ୍ୟନ୍ତ ଯାତ୍ରା ରହିଛି। ପାଓଲୋ ପୂର୍ବ ଷ୍ଟେଜରେ ୧୨ତମ ସ୍ଥାନରେ ଥିବା ବେଳେ ଏହି ଷ୍ଟେଜରେ ଚତୁର୍ଥ ସ୍ଥାନ ଅକ୍ତିଆର କରିଛନ୍ତି। ଏହି ପ୍ରଦର୍ଶନ ଯୋଗୁଁ ପାଓଲୋଙ୍କର ର୍‍ୟାଙ୍କ ସମ୍ପୂର୍ଣ୍ଣ ତାଲିକାରେ ୧୧୦ରୁ ଉପରକୁ ଉଠି ୭୭ରେ ପହଂଚିଛି।

ସେବାଷ୍ଟିନ ବୁହ୍ଲର ନିଜର ନିୟନ୍ତ୍ରର ପ୍ରଦର୍ଶନରେ ପ୍ରଭାବିତ କରିଛନ୍ତି। ସେ ଏହି ଷ୍ଟେଜରେ ୨୧ତମ ସ୍ଥାନରେ ଅକ୍ତିଆର କରିଥିବା ବେଳେ ସମ୍ପୂର୍ଣ୍ଣ ତାଲିକାରେ ୨୦ନମ୍ବର ସ୍ଥାନକୁ ଉନ୍ନତ ହୋଇଛନ୍ତି। ସି.ଏସ ସନ୍ତୋଷଙ୍କ ପାଇଁ ମଧ୍ୟ ଆଜି ଏକ ଭଲ ଦିନ ଥିଲା। ସେ ଷ୍ଟେଜରେ ୪୪ତମ ସ୍ଥାନ ଏବଂ ସମ୍ପୂର୍ଣ୍ଣ ତାଲିକାରେ ୪୨ତମ ସ୍ଥାନକୁ ଉନ୍ନତ ହୋଇଛନ୍ତି। ନିଜ ଟିମର ଅନ୍ୟମାନେ ସଂଘର୍ଷ କରୁଥିବା ବେଳେ ଜୋକ୍ୱିମ ରୋଡ୍ରିଗସ ଆଜି ଉନ୍ନତ ପ୍ରଦର୍ଶନ କରି ୨୩ତମ ସ୍ଥାନ ଅକ୍ତିଆର କରିଛନ୍ତି। ଗତ ଷ୍ଟେଜରେ ତାଙ୍କର ର୍‍ୟାଙ୍କ ୩୧ଥିଲା।

ଷ୍ଟେଜ ୫ ର୍‍ୟାଲି ସିଟି ଅଫ ହାଇଲ ରେ ୫୬୪ କି.ମି ଦୂରତା ଯାତ୍ରା କରିବ। ଏଥିରେ ୩୫୩ କି.ମି ର ସ୍ୱତନ୍ତ୍ର ବିଭାଗ ରହିଛି।

ଜଗନ୍ନାଥପୁର ବାଳିକା ଉଚ୍ଚ ବିଦ୍ୟାଳୟର ୨୭ତମ ବାର୍ଷିକ ଉତ୍ସବ

କଟକ(ପିଏନ)-ଜଗନ୍ନାଥପୁର ବାଳିକା ଉଚ୍ଚ ବିଦ୍ୟାଳୟର ୨୭ତମ ବାର୍ଷିକ ଉତ୍ସବ ବିଦ୍ୟାଳୟ ପରିସରରେ ତା ୦୭.୦୧.୨୦୨୦ ରିଖରେ ଅନୁଷ୍ଠିତ ହୋଇଥିଲା। ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ବାଙ୍କୀର ମାନ୍ୟବର ବିଧାୟକ ଶ୍ରୀଯୁକ୍ତ ଦେବୀ ରଞ୍ଜନ ତ୍ରିପାଠୀ, ମୁଖ୍ୟ ବକ୍ତା ଭାବେ ପ୍ରବଚକ ଓ ଶିକ୍ଷାବିତ୍ ଶ୍ରୀଯୁକ୍ତ ଗଣେଶ୍ୱର ସ୍ୱାଇଁ ଏବଂ ସମ୍ମାନୀତ ଅତିଥି ଭାବେ ଜଗନ୍ନାଥପୁର ଗ୍ରାମପଞ୍ଚାୟତର ସରପଞ୍ଚ ଶ୍ରୀମତୀ ସଜିତା ଦାସ, ସମିତି ସଭ୍ୟା ଶ୍ରୀମତୀ ସସ୍ମିତା ନାଏକ ଏବଂ ବାଙ୍କୀ ଶିକ୍ଷାମଣ୍ଡଳ ଅଧିକାରୀ ଶ୍ରୀଯୁକ୍ତ ଅଶୋକ ମହାନ୍ତି ଯୋଗ ଦେଇଥିଲେ। ୨୦୧୯ ମାଟ୍ରିକ୍ ପରୀକ୍ଷାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଛାତ୍ରୀ ପିଙ୍କି ବାରିକଙ୍କୁ ଡ. ବିଜୟାଭଞ୍ଜ ମେଧାବୃତ୍ତି, ୨ୟ ସ୍ଥାନ ଅଧିକାର କରିଥିବା ଛାତ୍ରୀ ପୂଜା ବେହେରାଙ୍କୁ ଡ. ରମାମଣୀ ସାହୁ ମେଧା ବୃତ୍ତି ଏବଂ ୩ୟ ସ୍ଥାନ ଅଧିକାର କରିଥିବା ଛାତ୍ରୀ ଶର୍ମିଷ୍ଠା ରଣାଙ୍କୁ ମିନତୀ ସାହୁ ମେଧାବୃତ୍ତି ପ୍ରଦାନ କରାଯାଇଥିଲା। ଶେଷରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶ୍ରୀ ଉମାକାନ୍ତ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ଏହାପରେ ଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇଥିଲା।

କୁଣ୍ଡେଶ୍ୱର ମକର ମେଳା ପାଇଁ ପ୍ରସ୍ତୁତି ବୈଠକ

କେନ୍ଦୁଝର(ପିଏନ) : କୁଣ୍ଡେଶ୍ୱର ମକର ମେଳା ନିମନ୍ତେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ମେଳାରେ ଯୋଗ ଦେଇ କୁଣ୍ଡେଶ୍ୱର ମନ୍ଦିର ପରିଚାଳନା କମିଟିର ସଭାପତି ଶ୍ରୀ ଲକ୍ଷ୍ମୀଧର ମିଶ୍ର ସମସ୍ତ ସଦସ୍ୟ ମାନଙ୍କୁ ସୁଚାରୁରୂପରେ ମକର ମେଳା ସମ୍ପାଦନ କରିବା ସହ ବହିରାଗତ ଯାତ୍ରୀ ମାନଙ୍କର ସମସ୍ତ ସୁବିଧା ବ୍ୟବସ୍ଥା କରାଇବା ପାଇଁ ତାଗିଦ୍ କରିଥିଲେ। ଆଜିର ଏହି ସଭାରେ ସଭାପତିଙ୍କ ବାଦ୍ ସଂଜୟ ଜେନା, ସମୀର ଜେନା, ଅଥନ ଜେନା, କୈଳାସ ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ। ଏଠାରେ ସୂଚନାଯୋଗ୍ୟ କି ୧୫.୦୧.୨୦୨୦ରୁ ୨୪.୦୧.୨୦୨୦ ପର୍ଯ୍ୟନ୍ତ ହେବାକୁ ଥିବା ଏହି ମକର ମେଳାରେ ଶକ୍ତିମୟୀ ଲୋକନାଟ୍ୟ ଯାତ୍ରା ପରିବେଷଣ କରିବାର ଅଛି। ଏଣୁ ବହୁ ମାତ୍ରାରେ ଶ୍ରଦ୍ଧାଳୁ ଯୋଗଦାନ କରି ମକର ମେଳାକୁ ସାଫଲ୍ୟ ମଣ୍ଡିତ କରିବା ପାଇଁ କମିଟିର କର୍ମକର୍ତା ନିବେଦନ କରିଛନ୍ତି।

ଅବସରପ୍ରାପ୍ତ କର୍ମଚାରୀ ସଂଘର ବୈଠକ

କେନ୍ଦୁଝର(ପିଏନ): ଆଜି ଜିଲ୍ଲା ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘର ମାସିକ ବୈଠକ ନିଜସ୍ୱ ସଭାଗୃହରେ ଅନୁଷ୍ଠିତ ହୋଇ ନିମ୍ନୋକ୍ତ ପ୍ରସ୍ତାବମାନ ଗ୍ରହଣ କରାଯାଇଅଛି। ଆଗାମୀ ଗଣତନ୍ତ୍ର ଦିବସର ପତାକା ଉତୋଳନ କାର୍ଯ୍ୟକ୍ରମ କାର୍ଯ୍ୟାଳୟ ପ୍ରାଙ୍ଗଣରେ ସକାଳ ୮ଟାରେ ଅନୁଷ୍ଠିତ ହେବାକୁ ଧାର୍ଯ୍ୟ କରାଯିବାରୁ ସମସ୍ତ ସଭ୍ୟମାନେ ସକାଳ ୭.୩୦ ସୁଦ୍ଧା ଉପସ୍ଥିତ ରହିବା ନିମନ୍ତେ ଅନୁରୋଧ କରାଗଲା। କେନ୍ଦୁଝରସ୍ଥିତ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ୍ ଶାଖା ପରିଚାଳକଙ୍କ ସହ ଆଲୋଚନା କରି ଫେବୃୟାରୀ ୨୦ତାରିଖରେ ପେନସନ୍ ଭୋଗିଙ୍କ ଏକ ସଭା ନିଶ୍ଚିତ କରିବାକୁ ସଂଘର ସମ୍ପାଦକଙ୍କୁ ଦାୟୀତ୍ୱ ନ୍ୟସ୍ତ କରାଗଲା। ସଂଘର ବାର୍ଷିକ ସମ୍ମିଳନୀ ମାର୍ଚ୍ଚ ୧୧ତାରିଖରେ ହେବାର ଆପାତତଃ ସ୍ଥିର ହେଲା ଏବଂ ସ୍ଥାନ ଓ ସମୟ ଫେବୃୟାରୀ ୫ତାରିଖ ବୈଠକରେ ଜଣାଇବାର ନିଷ୍ପତି ନିଆଗଲା। ଆଜିକାର ଅତିଥି ପ୍ରଦୀପ କୁମାର ରାଉତ, ସିଏଏ ଓ ଏନଆରସି ସମ୍ବନ୍ଧରେ ବିସ୍ତୃତ ଭାବରେ ବୁଝାଇ ଥିବାରୁ ତାଙ୍କୁ ଧନ୍ୟବାଦ ଅର୍ପଣ କରାଗଲା।

ନିଆଁରେ ପୋଡି ହୋଇ ମହିଳାଙ୍କ ମୃତ୍ୟୁ ଘଟଣା

ଜଣକୁ ଗିରଫ କରି କୋର୍ଟ ଚାଲାଣ କଲା ପୋଲିସ

କେନ୍ଦୁଝର (ପିଏନ): ଝୁମ୍ପୁରା ଥାନା ଅନ୍ତର୍ଗତ ଅର୍ଶଳା ଗ୍ରାମରେ ନିଆଁରେ ପୋଡି ହୋଇ ୨ଦିନ ପୂର୍ବରୁ ମହିଳା ଲିନାରାଣୀ ମହାନ୍ତଙ୍କ ମୃତ୍ୟୁ ଘଟଣାରେ ଲିନାଙ୍କ ମା' ଦମୟନ୍ତୀ ମହାନ୍ତ,ତାଙ୍କ ଝିଅକୁ ପୋଡି ମାରି ଦେଇଥିବାର ଏତଲା ଦେଇଥିଲେ। ଏତଲା କ୍ରମେ ତଦନ୍ତ କରି ପୋଲିସ ୮/୧ରିଖ ଲିନାଙ୍କ ସ୍ୱାମୀ କୁନାଲ ମହାନ୍ତ ଙ୍କୁ ଗିରଫ କରି ସନ୍ଧ୍ୟା ସମୟରେ କୋର୍ଟ ଚାଲାଣ କରାଯାଇଥିବା ଥାନାଧିକାରୀ ବିରଚିଂ ବାଗ ସୂଚନା ଦେଇଛନ୍ତି। କେଶ ନଂ ୫/୨୦୨୦ ରୁଜୁ ହୋଇଥିବା ବେଳେ, ଅଭିଯୁକ୍ତଙ୍କ ବିରୁଦ୍ଧରେ ଧାରା ୪୯୮ ଏ/୩୦୨/ ୩୦୪ ବି/ ୪ଡିପି ଆର୍କ୍ଟ ଲଗାଯାଇଛି।

ବେଆଇନ ବାଣ ପ୍ରସ୍ତୁତ ସମୟରେ ବିସ୍ଫୋରଣ: ଜଣେ ମୃତ, ଜଣେ ଗୁରୁତର

ନେଉଳପୁର,:-ବୈରୀ ଥାନା ପଞ୍ଚିମ ବଡଚଣା ଅଞ୍ଚଳରେ ଗୁରୁବାର ଅପରାହ୍ନରେ ବେଆଇନ ବାଣ ଭିଡୁଥିଲା ବେଳେ ବିସ୍ଫୋରଣ ହୋଇ ଘର ପୋଡିଯିବା ସହିତ ଘର ମାଲିକର ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣେ ଗୁରୁତର ହୋଇ କଟକ ବଡ ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ଜଣାଯାଇଛି। ବୈରୀ ଥାନା ଅଧିନସ୍ଥ ଶାଳପଡା(କୁଆଁରିଆକୂଳ) ଗାଁର ଖଗେଶ୍ୱର ମଲିକଙ୍କ ଘରେ ଆଜି ନିଜେ ଖଗେଶ୍ୱର ଓ ନିକଟ ଗାଁ କଣ୍ଟେଇଝରର ନରହରି ଉଭୟ ବାଣ ଭିଡୁଥିବା ବେଳେ କୌଣସି କାରଣରୁ ବାଣ ବିସ୍ଫୋରଣ ହୋଇ ନିଆଁ ଲାଗିଯାଇଥିଲା। ଫଳରେ ଚାଳ ଘରଟି ସଂପୂର୍ଣ୍ଣ ପୋଡିଯାଇଛି ଏବଂ ବାଣ ବିସ୍ଫୋରଣରେ ଖଗେଶ୍ୱର ଏବଂ ନରହରି ଉଭୟ ପୋଡିଯାଇଥିଲେ। ପରେ ବାଣ ସଦ୍ଦ ଶୁଣି ନିକଟସ୍ଥ ସାହି ଲୋକେ ଭୟଭିତ ହୋଇ ବାହାରକୁ ଚାଲିଆସିଥିଲେ। ଏପଟେ ଖଗେଶ୍ୱରର ଘର ପୋଡି ଯାଉଥିବା ଦେଖିଥିଲେ। ଘର ଭିତରେ ଥିବା ପରିବାର ଲୋକେ ପାଟିକରିବାରୁ ସାହିପଡିଶା ଘଟଣାସ୍ଥଳରେ ପହଞ୍ଚିଥିଲେ। କିଛି ଲୋକେ ପୋଡିଯାଉଥିବା ଘରକୁ ଲିଭାଇବା ପାଇଁ ଉଦ୍ୟମ କରୁଥିବା ବେଳେ କିଛି ଲୋକ ଖଗେଶ୍ୱର ଓ ନରହରିକୁ ବାହାରକୁ ଆଣିଥିଲେ। ଖଗେଶ୍ୱର ଏବଂ ନରହରି ଉଭୟଙ୍କ ଶରୀର ପୋଡିଯାଇଥିବା ବେଳେ ସେମାନଙ୍କୁ ବଡଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ମାତ୍ର ଡାକ୍ତର ସେଠାରେ ଖଗେଶ୍ୱରକୁ ମୃତ ଘୋଷଣା କରିଥିବା ବେଳେ ନରହରିକୁ ଗୁରୁତର ଅବସ୍ଥାରେ କଟକ ପଠାଯାଇଥିଲା। ଖବରପାଇ ବୈରୀ ଥାନା ଦାୟିତ୍ୱରେ ଥିବା ଡିଏସପି ଦିପକ କୁମାର ଗୋଛାୟତ, ଏସଆଇ ବିଶ୍ୱଜିତ ବିଶ୍ୱାଳଙ୍କ ସମେତ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ପରେ ସେଠଶରେ କର୍ମଚାରୀଙ୍କୁ ଛାଡି ଫେରିଥିଲେ।

କିଆ ମୋଟର୍ସ ଇଣ୍ଡିଆ ପକ୍ଷରୁ ଅଷ୍ଟ୍ରେଲିଆନ୍ ଓପନ୍ ବଲ୍‌କିଡ୍‌ସ ଇଣ୍ଡିଆ ପ୍ରୋଗ୍ରାମ ୨୦୨୦ର ଦ୍ୱିତୀୟ ସିଜନ୍‌ର ବିଜେତା ଘୋଷିତ

ଭୁବନେଶ୍ୱର : କିଆ ମୋଟର୍ସ କର୍ପୋରେଶନର ପୂର୍ଣ୍ଣ ମାଲିକାନା ବିଶିଷ୍ଟ ସହାୟକ କମ୍ପାନୀ ତଥା ବିଶ୍ୱର ଅଷ୍ଟମ ସର୍ବବୃହତ୍ ଅଟୋମେକର, କିଆ ମୋଟର୍ସ ଇଣ୍ଡିଆ ପକ୍ଷରୁ ଆଜି ଏହାର ଅଷ୍ଟ୍ରେଲିଆନ୍ ଓପନ୍ ବଲ୍‌କିଡ୍‌ସ ଇଣ୍ଡିଆ ପ୍ରୋଗ୍ରାମର ୨ୟ ସିଜନ୍‌ର ବିଜେତାଙ୍କ ନାମ ଘୋଷଣା କରାଯାଇଛି। ୧୨ରୁ ୧୫ ବର୍ଷ ବୟସର ୧୦ ଜଣ ମନୋନୀତ ପିଲାଙ୍କୁ ଏକ ବ୍ୟାପକ ପ୍ରଶିକ୍ଷଣ ପ୍ରକ୍ରିୟାର ସାମ୍ନା କରିବାକୁ ହେବ ଏବଂ ଜାନୁଆରୀ ୨୦୨୦ରେ ଆୟୋଜିତ ହେବାକୁ ଥିବା ଆଇକୋନିକ୍ ଗ୍ରାଣ୍ଡ ସ୍ଲାମ୍‌ରେ ସମଗ୍ର ବିଶ୍ୱରୁ ଆସିଥିବା ବଲ୍‌କିଡ୍‌ସ ମଧ୍ୟରେ ଭାରତର ପ୍ରତିନିଧିତ୍ୱ କରିବେ। ତେବେ ଏହି ଅଷ୍ଟ୍ରେଲିଆନ୍ ଓପନ୍ ବଲ୍‌କିଡ୍‌ସ ଇଣ୍ଡିଆ ପ୍ରୋଗ୍ରାମର ବିଜେତା ମଧ୍ୟରେ ହାଇଦ୍ରାବାଦର ଆଦିତ୍ୟ ବିଏମ୍‌ଭି ଓ ସଂସ୍କୃତି ଭଡକଙ୍କୁ, ଅହମ୍ମଦାବାଦର ଅଥର୍ବ ହିତେନ୍ଦ୍ର, କୋଲକତାର ଅତ୍ରିଜୋ ସେନ୍‌ଗୁପ୍ତା, ଗୁରୁଗ୍ରାମର ଦିବ୍ୟାଂଶୁ ପାଣ୍ଡେ ଓ ହର୍ଷିତ୍ ପଣ୍ଡିତ୍, ପଞ୍ଚକୁଲାର ରିକୁଲ୍ ଭାଟିଆ ଏବଂ ଚଣ୍ଡୀଗଡର ସଂଗ୍ରାମ ସିଂଗଲା ରହିଛନ୍ତି।

୨୦୧୯ରେ ବଲ୍‌କିଡ୍‌ସ ପ୍ରୋଗ୍ରାମର ପ୍ରଥମ ସଂସ୍କରଣ ସଫଳ ହେବା ପରେ ଚଳିତ ବର୍ଷ ଭାରତରୁ ପ୍ରାୟ ୨୫୦ରୁ ଅଧିକ ଯୁବ ଟେନିସ୍ ଖେଳାଳି ଟ୍ରାଏଲ୍‌ରେ ଅଂଶଗ୍ରହଣ କରିଥିଲେ; ଯେଉଁଠାରେ ସେମାନେ ନିଜର ଟେନିସ୍ ବିଶେଷଜ୍ଞତା, ଚତୁରତା ଓ ସଂଚାର ଦକ୍ଷତା ପ୍ରଦର୍ଶନ କରିଥିଲେ। ଟେନିସ୍ ପ୍ରେମୀମାନଙ୍କୁ ଜୀବନବ୍ୟାପୀ ଏକମାତ୍ର ସୁଯୋଗ ପ୍ରଦାନ କରିବା ପାଇଁ ଅଷ୍ଟ୍ରେଲିଆନ୍ ଓପନ୍ ବଲ୍‌କିଡ୍‌ସ ଇଣ୍ଡିଆ ପ୍ରୋଗ୍ରାମର ୨ୟ ସିଜନ୍ ପାଇଁ ଟ୍ରାଏଲ୍ ୧୦ଟି ସହରରେ ଆୟୋଜିତ ହୋଇଥିଲା। ଏହି ପ୍ରୋଗ୍ରାମର ଔପଚାରିକ ଦଳ ଭାରତର ବିଭିନ୍ନ ଅଂଶରୁ ଆସିଥିବା ବେଳେ ଏହା ଦେଶବ୍ୟାପୀ ଯୁବପିଢୀଙ୍କ ମଧ୍ୟରେ ରହିଥିବା ଅତ୍ୟଧିକ ଉତ୍ସାହର ଏକ ଇଚ୍ଛାପତ୍ର ସଦୃଶ। ୧୦ ଜଣ ପିଲାଙ୍କୁ ନେଇ ଗଠିତ ହୋଇଥିବା ଚୂଡାନ୍ତ ଦଳକୁ ଅଷ୍ଟ୍ରେଲିଆନ୍ ଓପନ୍‌ର ଅଧିକାରୀମାନେ ଚୟନ କରିଥିଲେ। ସେମାନେ ପିଲାମାନଙ୍କ ସମ୍ମୁଖରେ ରୋଲିଙ୍ଗ୍ ଟେକ୍‌ନିକ୍, ସର୍ଭିସିଙ୍ଗ୍ ଟେକ୍‌ନିକ୍ ଆଦି ଗମ୍ଭୀର ପରୀକ୍ଷଣର ଏକ ଶୃଙ୍ଖଳା ରଖିଥିଲେ ଯାହାକି ସେମାନଙ୍କର ଖେଳ ମନୋଭାବ ଓ ସେମାନଙ୍କ ଅନ୍-କୋର୍ଟ କମ୍ୟୁନିକେସନ ସ୍କିଲ୍‌କୁ ପରୀକ୍ଷା କରିଥିଲା।

କିଆ ମୋଟର୍ସ ଇଣ୍ଡିଆର ବିକ୍ରି ଓ ବିପଣନ ବିଭାଗ ଉପାଧ୍ୟକ୍ଷ ତଥା ମୁଖ୍ୟ ଶ୍ରୀଯୁକ୍ତ ମନୋହର ଭଟ୍ କହିଥିଲେ, "ମୁଁ ସମସ୍ତ ପିଲାମାନଙ୍କୁ ଶୁଭେଚ୍ଛା ଜଣାଉଛି ଯେଉଁମାନେ ଅଷ୍ଟ୍ରେଲିଆନ୍ ଓପନ୍ ୨୦୨୦ ପାଇଁ ଔପଚାରିକ ବଲ୍‌କିଡ୍‌ସ ଭାବେ ଚୟନ ହୋଇଛନ୍ତି। ନିଜର ଅଭିଳାଷ ଓ ଆକାଂକ୍ଷାକୁ ଆଗକୁ ବଢାଇବା ଏବଂ ଏହାକୁ ନେଇ ବଞ୍ଚିବାରେ ସକ୍ଷମ ହେବା ତୁଳନାରେ ଅନ୍ୟ କିଛି ମହାନ ନୁହେଁ। କିଆ ମୋଟର୍ସ ସର୍ବଦା ଏହାର ମୂଳ ବ୍ୟବସାୟଠାରୁ ଆଗକୁ ବଢିବା ସହ ଉପଭୋକ୍ତାମାନଙ୍କ ଆକାଂକ୍ଷାକୁ ଜାଣିବା ପାଇଁ ସେମାନଙ୍କୁ ପ୍ରୋତ୍ସାହିତ ଓ ପ୍ରେରିତ କରି ସେମାନଙ୍କ ସହ ସଂଯୋଗ ହୋଇଥାଏ। ଅନେକ କ୍ରୀଡାପ୍ରେମୀ ଖେଳ ପ୍ରତି ନିଜର ଲକ୍ଷ୍ୟକୁ ବିଶ୍ୱାସ କରୁଥିବା ଦେଖି ବହୁତ ଖୁସି ଲାଗୁଛି ଏବଂ କିଆଠାରେ ଆମେ ସେମାନଙ୍କୁ ସେମାନଙ୍କର ସ୍ୱପ୍ନ ପୂରା କରିବା ଲାଗି ଏହି ସୁଯୋଗ ପ୍ରଦାନ କରିବାକୁ ସକ୍ଷମ ହୋଇଥିବାରୁ ଆମେ ଗର୍ବିତ। ଅଷ୍ଟ୍ରେଲିଆନ୍ ଓପନ୍ ବଲ୍‌କିଡ୍‌ସ ଇଣ୍ଡିଆ ପ୍ରୋଗ୍ରାମର ୨ୟ ସଂସ୍କରଣ ପାଇଁ ମିଳିଥିବା ପ୍ରତିକ୍ରିୟାକୁ ନେଇ ଆମେ ଖୁବ୍ ଉତ୍ସାହିତ ଏବଂ ଆଗାମୀ ଦିନରେ କ୍ରୀଡା ଏବଂ ଭାରତରେ ଜୀବିତ ରହିଥିବା ସ୍ପୋର୍ଟସ୍‌ମ୍ୟାନସିପ୍ ସ୍ପିରିଟ୍‌କୁ ଏହିଭଳି ଅଭିଯାନ ମାଧ୍ୟମରେ ସମର୍ଥନ ଦେବା ଜାରି ରଖିବୁ।

ହାଇକୋର୍ଟ ସ୍ଥାୟୀ ବେଂଚ ଓ ବୌଦ୍ଧ ଜିଲାକୁ ଉତରାଂଚଳ ରାଜସ୍ୱ ଆୟୁକ୍ତରେ ସାମିଲ ଦାବିରେ ୧୨ ଘଂଟିଆ ବୌଦ୍ଧ ବନ୍ଦ

ବୌଦ୍ଧ: ପଶ୍ଚିମ ଓଡ଼ିଶାରେ ହାଇକୋର୍ଟର ସ୍ଥାୟୀ ବେଂଚ ପ୍ରତିଷ୍ଠା ଓ ବୌଦ୍ଧଜିଲାକୁ ଉତରାଂଚଳ ରାଜସ୍ୱ ଆୟୁକ୍ତରେ ସାମିଲ ଦାବୀ ନେଇ ଆଜି ପଶ୍ଚିମ ଓଡ଼ିଶା ସମେତ ସମଗ୍ର ବୌଦ୍ଧ ଜିଲାରେ ବନ୍ଦ ପାଳନ କରାଯାଇଛି। ଦୀର୍ଘଦିନ ହେଲା ବୌଦ୍ଧଜିଲା ଓକିଲ ସଂଘ ଏହି ଦାବୀ ନେଇ ଆନ୍ଦୋଳନ ଜାରି ରଖିଛି। ଆନ୍ଦୋଳନ ସତ୍ୱେ ରାଜ୍ୟ ଓ କେନ୍ଦ୍ର ସରକାର ଏହି ନ୍ୟାର୍ଯ୍ୟ ଦାବି ପ୍ରତି ଉଦାସିନତା ମନୋଭାବ ପ୍ରଦର୍ଶନ କରିଆସୁଥିବାରୁ ଏହା ସାଧାରଣରେ ପ୍ରତିକ୍ରିୟା ପ୍ରକାଶ ପାଇଛି। ତାହାର ପ୍ରତିଫଳନ ଆଜିର ବୌଦ୍ଧ ବନ୍ଦରେ ଜଣାପଡିଛି। ବନ୍ଦରେ ସାମିଲ ହୋଇଥିଲେ ସହରର ପ୍ରାୟ ସମସ୍ତ ସଂଗଠନ ଓ ସାଧାରଣ ଜନତା। ବୁଧବାର ଦିନ ପଶ୍ଚିମ ଓଡିଶାରେ ହାଇକୋର୍ଟର ସ୍ଥାୟୀ ବେଂଚ ଦାବୀ ନେଇ ଓକିଲ ସଂଘ ପକ୍ଷରୁ ୧୨ ଘଂଟିଆ ପଶ୍ଚିମ ଓଡିଶା ବନ୍ଦ ପାଳନ କରିଛନ୍ତି। ବୌଦ୍ଧ ଜିଲାରେ ମଧ୍ୟ ଏହି ବନ୍ଦ ପାଳନ ପୁରାପୁରି ହୋଇଛି। ବୌଦ୍ଧ ଓକିଲ ସଂଘ ପକ୍ଷରୁ ପଶ୍ଚିମ ଓଡିଶାରେ ହାଇକୋର୍ଟର ସ୍ଥାୟୀ ବେଂଚ ଓ ବୌଦ୍ଧ ଜିଲାକୁ ଦକ୍ଷିଣାଂଚଳ ରାଜସ୍ୱ ଆୟୁକ୍ତର ଅଣାଯାଇ ଉତରାଂଚଳ ରାଜସ୍ୱ ଆୟୁକ୍ତରେ ସାମିଲ ହେବା ନେଇ ଦୀର୍ଘ ଦିନ ହେଲା ଦାବୀ ହୋଇଆସୁଅଛି। କିନ୍ତୁ ରାଜ୍ୟ କି କେନ୍ଦ୍ର ସରକାର ଏଥିପ୍ରତି ଦୃଷ୍ଟି ଦେଉନଥିବାରୁ ବୌଦ୍ଧ ଜିଲାରେ ସାଧାରଣ ନାଗରିକ ବହୁ ହଇରାଣ ହେଉଅଛନ୍ତି। ଏଣୁ ଜିଲାବାସୀ ନିଜର ହକ ପାଇଁ ବୁଧବାର ଦିନ ମିଳିତ ହୋଇ ଏହି ବନ୍ଦରେ ସାମିଲ ହୋଇଛନ୍ତି। ଜିଲା ଓକିଲ ସଂଘ ଓ ସିଭିଲ ଆଣ୍ଡ କ୍ରିମିନାଲ ସଂଘ ପକ୍ଷରୁ ସକାଳ ୬ ଟାରୁ ଖୋର୍ଦ୍ଧା-ବଲାଙ୍ଗିର ଜାତୀୟ ରାଜପଥର ତଥା ବୌଦ୍ଧ ସହରର ଏନଏସିଛକ ଓ ବ୍ରିଜ ଛକ ଠାରେ ଠିଆ ହୋଇ ଗାଡି ଚଳାଚଳ ସଂପୂର୍ଣ୍ଣ ବନ୍ଦ କରିଥିଲେ। ଫଳରେ ଜାତୀୟ ରାଜପଥ ଉପରେ ଶହ ଶହ ସଂଖ୍ୟାରେ ଗାଡି ଚଳାଚଳ ଠପ ହୋଇଯାଇଥିଲା। ଗାଡି ଚଳାଚଳ ବନ୍ଦ ଯୋଗୁଁ ବହୁ ସଂଖ୍ୟାରେ ଯାତ୍ରୀ ହଇରାଣ ହୋଇଥିଲେ। ଏହି ବନ୍ଦରେ ସ୍ୱତପ୍ରବୃତ ଭାବରେ ସହରର ବଣିକସଂଘ, ଟ୍ରକ ମାଲିକ ସଂଘ, ବେସରକାରୀ ବସ ସଂଘ, ଟ୍ୟାକ୍ସି ସଂଘ, ଅଟୋରିକସା ସଂଘ, ରାମଲୀଳା ନାଟ୍ୟ ସଂସଦ , ଭୈରବୀ କ୍ଲବ ଓ ବିଭିନ୍ନ ଅନୁଷ୍ଠାନ ବନ୍ଦରେ ସାମିଲ ହୋଇ ବନ୍ଦ ପାଳନ କରିଥିଲେ। ବନ୍ଦ ସମୟରେ ଜିଲା କୋର୍ଟ ପରିସରରେ ଟ୍ରକ ମାଲିକ ସଂଘ ସଭାପତି ଶିବପ୍ରସାଦ ମିଶ୍ର, ବଣିକ ସଂଘ ସଦସ୍ୟ ରାଜକପୁର ଅଗ୍ରୱାଲା, ବସ ସଂଘର ସମ୍ପାଦକ ରାଜକିଶୋର ପଟାନାୟକ, ଭୈରବୀ କ୍ଲବର ସଦସ୍ୟ ପଙ୍କଜ ମେହେର,ଓ ଅନ୍ୟମାନେ କୋର୍ଟ ସମ୍ମୁଖରେ ବିଭିନ୍ନ ନାରାଦେବା ସହ ଜିଲାବାସୀଙ୍କ ଏକ ବିଶେଷ ଦାବୀ କହିବା ସହ ବିଚାରପତି ମାନଙ୍କୁ କୋର୍ଟ ଭିତରକୁ ନଯିବାକୁ ଅନୁରୋଧ କରିଥିଲେ। ଫଳରେ ଜିଲା ଦୌରାଜଜ ଅରବିନ୍ଦ କୁମାର ଗୁରୁ ଆନ୍ଦୋଳନ କାରୀଙ୍କ ସହ ଆଲୋଚନା କରିବା ପରେ ସମସ୍ତ ବିଚାରପତି ଫେରିଯାଇଥିଲେ। ବନ୍ଦ ଯୋଗୁଁ ବୌଦ୍ଧରେ କୋର୍ଟ କାର୍ଯ୍ୟ ସଂପୂର୍ଣ୍ଣ ଅଚଳ ହୋଇପଡିଥିଲା ଏହା ପରେ ଆନ୍ଦୋଳନକାରୀ ମାନେ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଯାଇ ବନ୍ଦ କରିଦେଇଥିଲେ।

ମୋ ଓଡ଼ିଶା

ଲିଭିଗଲା ବିପ୍ଳବର ବହ୍ନି...

'ଆଇନ ପିଠିରୁ ଚମଡ଼ା ଉତାରି କରିବାକୁ ହବ ଜୋତା..., ବେଆଇନ ଭାବେ ଆଣିବାକୁ ହେବ ମଣିଷର ସ୍ୱାଧୀନତା... ଭଳି କବିତା ପଂକ୍ତିରେ ସେ ସୃଷ୍ଟି କରିଥିଲେ ବିପ୍ଳବର ବହ୍ନି। ଚରମପତ୍ର ଦେଲି ଭଗବାନ ଚରମପତ୍ର ଘେନ..., ଆଗାମୀ କାଲିର ଏଇ ପ୍ରଭାତରେ ଖାଲିକର ତମେ ଗୋଲକ ସିଂହାସନ... ପଂକ୍ତିରେ ସେ ଭଗବାନଙ୍କୁ ଆହ୍ୱାନ ଦେବାର ସତ୍‌ସାହସ ବି କରିଥିଲେ। ଖାସ୍ ଏଇଥିପାଇଁ କବିତା ସାମ୍ରାଜ୍ୟ ଭିତରେ ବାରି ହୋଇପଡୁଥିଲେ ରବି ସିଂ। ଜେଲ, ଜରିମାନା, ଲାଠି, ଗୁଳି ଭିତରେ ଜୀବନ କାଟିଥିବା ରବି ସିଂ ସ୍କୁଲ ମାଟି ମାଡ଼ି ନଥିଲେ। ବରଂ ଯାହା ପଢ଼ିଥିଲେ, ଆପେ ଆପେ। ସେ ଏକ ସାକ୍ଷାତକାରରେ କହିଥିଲେ, ଜୀବନରେ ଯନ୍ତ୍ରଣା ନଥିଲେ କି ସଂଗ୍ରାମ କରି ନ ଥିଲେ କବିତାରେ କେବେ ବି ବିପ୍ଳବର ସ୍ୱର ଫୁଟିବ ନାହିଁ। ବୋଧେ ସେଇଥିପାଇଁ ସେ ଯେଉଁଠି ଭୋକିଲା ଲୋକଟେ ଦେଖୁଥିଲେ, ସେଇଠି ତା'ର ଯନ୍ତ୍ରଣା ଦେଖି ଅଟକି ଯାଉଥିଲେ, ଆଉ ଲେଖୁଥିଲେ। ଆଜି ସେଇ ଅଗ୍ନିବର୍ଷୀ କବିଙ୍କ କଲମ ନୀରବ ହୋଇଯାଇଛି। ଯନ୍ତ୍ରଣାରେ ଜର୍ଜରିତ ତାଙ୍କ କବିପ୍ରାଣ ଶାନ୍ତ ପଡ଼ିଛି। ସବୁ ବନ୍ଧନ ଶିଥିଳ କରିଦେଇ କବିତାରେ କହିଯାଇଛନ୍ତି 'ମୃତ୍ୟୁଠାରୁ ଜୀବନଟା ଅତୀବ ଭୀଷଣ...., ମୃତ୍ୟୁର ଶିବିରେ ଅଛି ଅପାର ଆନନ୍ଦ...'। ଏକାଧାରାରେ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ, ମହାନ ବିପ୍ଳବୀ ସଂଗ୍ରାମୀ, ବରିଷ୍ଠ ସାମ୍ବାଦିକ, ପ୍ରଗତିଶୀଳ ଲେଖକ, ମାର୍କ୍ସବାଦୀ ଚିନ୍ତକ, ସୁବକ୍ତା.....। ମା, ମାଟି ଓ ମାତୃଭାଷା ପାଇଁ ତାଙ୍କର ଗଭୀର ମମତାବୋଧ ଥିଲା। ଚବିଶ ଘଣ୍ଟା ଭିତରେ ଗୋଲୋକ ସିଂହାସନ ଖାଲି କରିବାକୁ ଭଗବାନଙ୍କୁ ଚରମପତ୍ର ଦେଇପାରନ୍ତି ସେ। ଆଇନ ପିଠିରୁ ଚମଡ଼ା ଉତାରି ସ୍ୱାଧୀନ ମଣିଷ ପାଇଁ ଜୋତା ତିଆରିବାର ସ୍ୱପ୍ନ ବି ଦେଖିପାରନ୍ତି ସେ। କାରଣ ସେ କେବଳ ସେ। ଅଦ୍ୱିତୀୟ, ଅବିକଳ୍ପ। ବିପ୍ଳବର ବହ୍ନିଶିଖା; ବିଦ୍ରୋହର ବଲ୍‌ଗା; କବି ସିଂ। ତାଙ୍କ ଶାଣିତ ଶବ୍ଦର ଧାରରେ କଟିଯାଇଛି କେତେ କେତେ ଶିର, ସିଂହାସନ। ତାଙ୍କ ସାଲିସ୍‌ହୀନ ସଂଗ୍ରାମ ଓ ପ୍ରତିବାଦୀ ସ୍ୱରରେ ଭୁଶୁଡ଼ି ପଡ଼ିଛି କେତେ କେତେ ସାମ୍ରାଜ୍ୟ, ଶାସନ-ଇମାରତ୍। ସମାଜ ପାଇଁ, ସାହିତ୍ୟ ପାଇଁ ସାରା ଜୀବନକୁ ଉତ୍ସର୍ଗ କରିଦେଇଥିବା ଏବଂ ବିପ୍ଳବର ବୈଶାଖୀ ସାଜି ଓଡ଼ିଶାର ତରୁଣକୁଳକୁ ବିଦ୍ରୋହର ଗୀତ ଶିଖାଇଥିବା ସେହି ସଂକ୍ରାନ୍ତି ପୁରୁଷ କବି ରବି ସିଂ ଆଉ ନାହାନ୍ତି। ଅଗ୍ନି ଉଦ୍‌ଗୀରଣକାରୀ କବିତାର ସେ ପ୍ରଚଣ୍ଡ ଆଗ୍ନେୟଗିରି ଏବେ ଚିରନିଦ୍ରାରେ ସୁପ୍ତ। ବିଦ୍ରୋହର ସେ ମଧ୍ୟାହ୍ନ ମାର୍ତ୍ତଣ୍ଡ ଏବେ ଅସ୍ତମିତ।

ସ୍ୱର୍ଗତଃ ସିଂ ୧୯୩୧ ଜାନୁଆରୀ ୨୭ ତାରିଖରେ ଜଗତ୍‌ସିଂହପୁର ଜିଲ୍ଲା ନବାପାଟଣା ସିଂହାରପୁର ଗ୍ରାମରେ ଜନ୍ମଗ୍ରହଣ କରିଥିଲେ। ତାଙ୍କ ବାପା ରାମଚନ୍ଦ୍ର ସିଂହ ଓ ମା' ଶାରଦା ଦେବୀ ଥିଲେ ସ୍ୱାଧୀନତା ସଂଗ୍ରାମୀ। କବି ସିଂହଙ୍କର କୌଣସି ଆନୁଷ୍ଠାନିକ ଶିକ୍ଷାଗତ ଯୋଗ୍ୟତା ନଥିଲେ ମଧ୍ୟ ସ୍ୱକୀୟ ସାଧନା ବଳରେ ଅନେକ ଭାଷାରେ ସେ ଦକ୍ଷତା ଅର୍ଜନ କରିଥିଲେ। ୧୯୫୫ ସାରସ୍ୱତ ସାଧନା ଆରମ୍ଭ କରିଥିବା କବି ସିଂ ବିବାହ ପୂର୍ବରୁ ଏକମାତ୍ର କବିତା ସଂକଳନ 'ଚରମପତ୍ର' ରଚନା କରିଥିଲେ। ପତ୍ନୀ ସ୍ୱର୍ଗତଃ ବକୁଳ ସିଂହଙ୍କ ପ୍ରେରଣା ଓ ପ୍ରୋତ୍ସାହନରେ କବି ସିଂହ ୫୦ରୁ ଅଧିକ ପୁସ୍ତକ ରଚନା କରିଥିଲେ। ତାଙ୍କ ପୁସ୍ତକ ମଧ୍ୟରେ କବିତା ସଂକଳନ ଲାଲ ପାଗୋଡ଼ାର ପ୍ରେତ, ଖସାଅ ମୁକୁଟ, ପୃଥିବୀ ଟଳମଳ, ବାଟୋଇ, ଦୁର୍ଗମ ଗିରି, ଝଡ଼ ଗାନ୍ଧାର, ଫୁଙ୍ଗୁଳା ଫର୍ଦ୍ଦ, ପଥଭୁଲା ରାଜହଂସ, ପଥପ୍ରାନ୍ତର କବିତା, ଶିଥିଳ ବଳଗ, ଭ୍ରୂକୁଟୀ, ବିଦୀର୍ଣ୍ଣ, ଅପ୍ରୀତିକର କବିତା ଆଦି ଅନ୍ୟତମ। ଏହାଛଡ଼ା ସେ ଅନେକ ପ୍ରବନ୍ଧ ସଂକଳନ ମଧ୍ୟ ରଚନା କରିଛନ୍ତି। ତାଙ୍କ ଆତ୍ମଜୀବନୀ ନିସଙ୍ଗ ପଦାତିକ ତିନି ଖଣ୍ଡରେ ପ୍ରକାଶ ପାଇଥିଲା। କବିତା ସଂକଳନ ଚରମ ପତ୍ର ପାଇଁ ସେ ୧୯୬୧ରେ ଓଡ଼ିଶା ସାହିତ୍ୟ ଏକାଡ଼େମୀ ପୁରସ୍କାର ପାଇଥିଲେ। ଏହାବ୍ୟତୀତ ୨୦୧୭ରେ ଅତିବଡ଼ି ଜଗନ୍ନାଥ ଦାସ ସମ୍ମାନ, ୧୯୮୯ରେ ଝଙ୍କାର ପୁରସ୍କାର, ସାହିତ୍ୟ ଭାରତୀ ସମ୍ମାନ, ୧୯୯୬ରେ ଉତ୍କଳ ସାହିତ୍ୟ ସମାଜ ସମ୍ମାନ, ସୋଭିଏତ୍ ଦେଶ ନେହରୁ ସମ୍ମାନ, ବିପ୍ଳବୀ ଧରଣୀଧର ଭୂୟାଁ ସମ୍ମାନ, ସାରଳା ପୁରସ୍କାର, କବି ଅନନ୍ତ ପଟ୍ଟନାୟକ ସମ୍ମାନ ଆଦି ବହୁ ସମ୍ମାନ ଲାଭ କରିଥିଲେ। ସାହିତ୍ୟ ସହିତ କବି ସିଂଙ୍କର ରାଜନୀତିରେ ମଧ୍ୟ ସମ୍ପୃକ୍ତି ରହିଥିଲା। ୧୯୪୮ରେ କଂଗ୍ରେସ ସୋସିଆଲିଷ୍ଟ ପାର୍ଟିରେ ଓ ପରେ ୧୯୫୩ରେ ଅବିଭାଜିତ କମ୍ୟୁନିଷ୍ଟ ପାର୍ଟିରେ ଯୋଗ ଦେଇଥିଲେ। ଏହାବ୍ୟତୀତ ବହୁ ସାରସ୍ୱତ ଅନୁଷ୍ଠାନର କର୍ମକର୍ତ୍ତା ଭାବେ କାର୍ଯ୍ୟ କରୁଥିଲେ। ୧୯୭୫ରେ ଜାତୀୟ ଜରୁରୀକାଳୀନ ପରିସ୍ଥିତି ସମୟରେ ସେ ବହୁଦିନ ଜେଲରେ ଥିଲେ। ପୂର୍ବତନ ମୁଖ୍ୟମନ୍ତ୍ରୀ ହରେକୃଷ୍ଣ ମହତାବ, ପୂର୍ବତନ ମୁଖ୍ୟମନ୍ତ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ, ସଂଗ୍ରାମୀ ଗୁରୁଚରଣ ପଟ୍ଟନାୟକ, ପ୍ରାଣନାଥ ପଟ୍ଟନାୟକଙ୍କ ସହିତ କାମ କରିବାକୁ ସୁଯୋଗ ପାଇଥିଲେ। ତାଙ୍କରି ଏକ ସ୍ମରଣୀୟ କବିତାର ଧାଡ଼ି ମନେପକାଇ ତାଙ୍କୁ ଶ୍ରଦ୍ଧାଞ୍ଜଳୀ ଅର୍ପଣ କରୁଛୁ 'ପୁଣି ମୁଁ ଆସିବି ଫେରି, ସଂଗ୍ରାମ ତ ହୋଇନାହିଁ ଶେଷ। ପୁଣି ମୁଁ ଆସିବି ଫେରି, ବିଦ୍ରୋହର ରଚି ଅଧିବାସ। ଫେରି ମୁଁ ଘେରିବି ଦୁର୍ଗ ପୁନର୍ବାର ଫେରାର ଫଉଜ, ସାମ୍ୟ ଆଉ ଶାନ୍ତି ପାଇଁ ସୃଷ୍ଟି କରି ଧ୍ୱଂସର ମଉଜ।

ନାଟ୍ୟସାରଥି ଅଭୟ କୁମାର ଦାସ, ଗୋଡରା, ମାହାଙ୍ଗା, କଟକ, ଦୂରଭାଷ : ୯୪୩୭୧୪୨୭୧୭

ବଡବିଲ-ପୁରୀ ଇଉରସିଟି ଏକ୍ସପ୍ରେସ୍‌ରେ ମାତିଛନ୍ତି ଲୁଟିଆ, ପୀଡିତ ପୋଲିସ ପ୍ରଶାସନର ଦ୍ୱାରସ୍ଥ

କେନ୍ଦୁଝର (ପିଏନ୍): ତାରିଖ ଜାନୁୟାରୀ ୨୬, ୨୦୨୦, ଭୁବନେଶ୍ୱର ଷ୍ଟେସନରୁ କେନ୍ଦୁଝର-ପୁରୀ ଇଉରସିଟି ଏକ୍ସପ୍ରେସ୍‌ରେ ନିଜ ଘରକୁ ଫେରିବା ପାଇଁ ଉଠିଲେ ସଚିନ୍ଦ୍ର କୁମାର ପାତ୍ର। ଯାହାଙ୍କ ଘର ମୟୁରଭ ଜିଲ୍ଲା କରିଆ ଥାନା ଅନ୍ତର୍ଗତ ରାଣୀପାଟ ଗ୍ରାମରେ। ବାଙ୍ଗାଲୋରରେ ସ୍ୱିଗି ନାମକ ଏକ କମ୍ପାନୀରେ ଖାଦ୍ୟ ଯୋଗାଣ ଏଜେନ୍ସିରେ ଡେଲିଭରୀ ବୟ ଭାବେ କାମ କରୁଥିବା ସଚିନ୍ଦ୍ର ଉକ୍ତ ଟ୍ରେନ୍‌ରେ କେନ୍ଦୁଝର ପର୍ଯ୍ୟନ୍ତ ଟିକେଟ୍ କାଟି ଟ୍ରେନ୍‌ରେ ଆସିଲେ। କେନ୍ଦୁଝରର ବସନ୍ତପୁର ଷ୍ଟେସନ ପରେ ତାଙ୍କ ପାଖରେ ବସିଥିବା ଜଣେ ପୁରୁଷ ତାଙ୍କୁ ଖାଇବାକୁ ବିସ୍କୁଟ ଦେଇଥିଲେ। ଉକ୍ତ ବିସ୍କୁଟ୍‌କୁ ଖାଇବା ପରେ ଅଚେତ୍ ହୋଇଯାଇଥିଲେ ସଚିନ୍ଦ୍ର। ବଡବିଲ୍ ଷ୍ଟେସନରେ କିଛି ଲୋକଙ୍କର ପ୍ରଚେଷ୍ଟା ହେତୁ ନିଜର ଚେତା ଫେରିପାଇଥିଲେ ଏବଂ ସେତେବେଳକୁ ତାଙ୍କର ସବୁ ସାର୍ଟିଫିକେଟ୍, ଏଟିଏମ୍ କାର୍ଡ, ପ୍ୟାନ୍‌କାର୍ଡ, ଡିଏଲ୍ ପ୍ରଭୃତି ଜରୁରୀ କାଗଜାତ୍ ଥିବା ଏୟାର୍ ବ୍ୟାଗ୍ ଓ ତାଙ୍କର ଯୋତାକୁ ମଧ୍ୟ ଦୁର୍ବୃତ୍ତ ନେଇଯାଇଥିଲେ। ପୀଡିତଙ୍କ କହିବା ଅନୁସାରେ ବଡବିଲ ଷ୍ଟେସନ୍‌ରେ ସେ ଓହ୍ଲାଇ ଖାଲି ପାଦରେ ଚାଲି ଚାଲି ନିଜର ସାଙ୍ଗଙ୍କ ପାଖକୁ ଯାଇ କୌଣସି ପ୍ରକାରେ ନିଜର ଘର ରାଣୀପାଟ ଗ୍ରାମକୁ ପହଂଚିଥିଲେ। ଏହି ସନ୍ଦର୍ଭରେ ଅଭିଯୋଗ ଜଣାଇବା ନିମନ୍ତେ କେନ୍ଦୁଝର ଜିଆରପି ଥାନାକୁ ଯିବାରୁ ସଂପୃକ୍ତ ଥାନା କର୍ମଚାରୀ କହିଲେ କି କେବଳ ଟିକେଟ୍ ଚେକିଂରେ ସାହାଯ୍ୟ କରିବା ଆମମାନଙ୍କର ଦାୟିତ୍ୱ, ବାକି ଏଫ୍‌ଆଇର ରଖି ଛାନ୍‌ଭିନ୍ କରିବା ଆମର କ୍ଷମତା ପରିସରଭୁକ୍ତ ନୁହଁ। ସେହିପରି ଟାଉନ୍ ଥାନା କେନ୍ଦୁଝରକୁ ଯାଇ ଅଭିଯୋଗ କରିବାରୁ ସଂପୃକ୍ତ ଥାନା କର୍ମଚାରୀ ମଧ୍ୟ ଏହି ସମାନ ଉତ୍ତର ଦେଲେ। ଫଳରେ ଫେବୃୟାରୀ ୧ ତାରିଖ ନିଜର ସମସ୍ୟା ନେଇ ମାନ୍ୟବର ଏସ୍‌ପି ମହୋଦୟଙ୍କ ଦ୍ୱାରସ୍ଥ ହୋଇଥିଲେ ପୀଡିତ ସଚିନ୍ଦ୍ର ପାତ୍ର। ମାନ୍ୟବର ଏସ୍‌ପିଙ୍କ ଦେଖା ନମିଳିବାରୁ ସେ ନିରାଶ ହୋଇ ଫେରିଯାଇଥିବା ଜଣାପଡିଛି।

କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ନାହାଁନ୍ତି ଅସ୍ଥିଶଲ୍ୟ ବିଶେଷଜ୍ଞ

କେନ୍ଦୁଝର (ପିଏନ୍): ଆଦିବାସୀ ଅଧ୍ୟୁଷିତ କେନ୍ଦୁଝର ଜିଲ୍ଲାର ମୁଖ୍ୟ ଚିକିତ୍ସାଳୟ ବର୍ତ୍ତମାନ ପୁଣି ଚର୍ଚ୍ଚାରେ ଅଛି। ୧୩ଟି ବ୍ଲକ ତଥା ଅନ୍ୟୂନ ୫ଲକ୍ଷ ଜନସଂଖ୍ୟା ବିଶିଷ୍ଟ କେନ୍ଦୁଝର ଜିଲ୍ଲାର ଏକମାତ୍ର ଆଶା ଭରସା କହିଲେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ବୁଝାଏ। ମାତ୍ର ଦୀର୍ଘଦିନ ଧରି ନାନାଦି ପ୍ରକାର ଅସୁବିଧା ଦେଖାଦେଉଥିଲେ ମଧ୍ୟ ମୁଖ୍ୟ ଚିକିତ୍ସାଳୟ କର୍ତ୍ତୃପକ୍ଷଙ୍କର ଅମନଯୋଗି କାର୍ଯ୍ୟକଳାପ ହେତୁ ଜିଲ୍ଲାର ଅଧିବାସୀମାନେ ନାନାଦି ପ୍ରକାର ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଶାରିରୀକ ଦିବ୍ୟାଙ୍ଗମାନଙ୍କୁ ଭିନ୍ନକ୍ଷମ ପ୍ରମାଣପତ୍ର ଦେବାନିମନ୍ତେ କେନ୍ଦୁଝର ମୁଖ୍ୟ ଚିକିତ୍ସାଳୟରେ ଏକ କମିଟିର ଗଠନ ହୋଇଛି। କମିଟିର ଏକ ଅଭିନ୍ନ ଅଙ୍ଗ ଭାବେ ଅସ୍ଥିଶଲ୍ୟ ବିଶେଷଜ୍ଞ ଏହି ଗୁରୁଦାୟିତ୍ୱ ତୁଲାଇବା କଥା। ମାତ୍ର ଦୀର୍ଘଦିନ ଧରି କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଅସ୍ଥିଶଲ୍ୟ ବିଶେଷଜ୍ଞଙ୍କର ଅନୁପସ୍ଥିତି ହେତୁ ଭିନ୍ନକ୍ଷମ ପ୍ରମାଣପତ୍ର ନିମନ୍ତେ ଆବେଦନ କରିଥିବା ଲୋକମାନେ ନାନାଦି ପ୍ରକାର ହଇରାଣ ହରକତର ସମ୍ମୁଖୀନ ହେବା ସହ ପ୍ରମାଣପତ୍ର ପାଇପାରୁନାହାଁନ୍ତି। ଯେଉଁଥିପାଇଁ କେନ୍ଦୁଝର ଅଧିବାସୀମାନଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି ହେଉଛି। ଏଣୁ ଘଟଣାଟିକୁ ଗୁରୁତର ସହ ଗ୍ରହଣ କରି ଯଥାଶୀଘ୍ର ଅସ୍ଥିଶଲ୍ୟ ବିଶେଷଜ୍ଞ ବ୍ୟବସ୍ଥା କରିବା ପାଇଁ ଜନସାଧାରଣରେ ଦାବି ହେଉଛି।

ଆର୍.କେ. ପବ୍ଲିକ ସ୍କୁଲର ପ୍ରଥମ ବାର୍ଷିକ ଉତ୍ସବ

ବାଲିଚନ୍ଦ୍ରପୁର (ପିଏନ୍): ବଡ଼ଚଣା ବ୍ଲକ ଅନ୍ତର୍ଗତ ପଲାଇସ୍ଥିତ ଆର୍.କେ. ପବ୍ଲିକ ସ୍କୁଲର ପ୍ରଥମ ବାର୍ଷିକ ଉତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି। ସମାଜସେବୀ ଅଶୋକ ସାମଲଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ ବାଲିଚନ୍ଦ୍ରପୁର ଥାନା ଅଧିକାରୀ ସୁକାନ୍ତ କୁମାର ପାତ୍ର ଯୋଗଦେଇ ପିଲାମାନଙ୍କୁ ଗଢ଼ି ତୋଳିବାରେ ଅଭିଭାବକମାନଙ୍କର ପ୍ରମୁଖ ଭୂମିକା ରହିଛି। ଛାତ୍ରଛାତ୍ରୀ ମାନେ କେବଳ ପାଠ ପଢ଼ି ଡାକ୍ତର ଇଞ୍ଜିନିୟର ନୁହେଁ, ଯିଏ ଯେଉଁ କ୍ଷେତ୍ରରେ ଭଲ ପ୍ରଦର୍ଶନ କରୁଛି ସେମାନଙ୍କୁ ସେହି କ୍ଷେତ୍ରରେ ଆଗେଇ ନିଆଯିବା ଦରକାର। ଏଥିପାଇଁ ଚିନ୍ତା ଓ ଚେତନାରେ ପରିବର୍ତ୍ତନର ଆବଶ୍ୟକତା ରହିଛି ବୋଲି ମତବ୍ୟକ୍ତ କରିଥିଲେ। ଅନ୍ୟତମ ଅତିଥିଭାବେ ସ୍ତମ୍ଭକାର ଅଭୟ ଦାସ, ଭୁବନେଶ୍ୱର ଶିକ୍ଷା ନିର୍ଦ୍ଦେଶାଳୟର ବରିଷ୍ଠ କର୍ମଚାରୀ ମଙ୍ଗୁଳି ଚରଣ ବେହେରା, ବାବା ଭୈରବାନନ୍ଦ ସ୍ୱୟଂଶାସିତ ମହାବିଦ୍ୟାଳୟର ଇଂରାଜୀ ଭାଷା ସାହିତ୍ୟ ଅଧ୍ୟାପକ ଯଜ୍ଞେନ୍ଦ୍ର କୁମାର ରାଉତ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ବିଧାନଚନ୍ଦ୍ର ସାମଲ, ଛାୟା ଫାଉଣ୍ଡେସନ୍‌ର ଅଧ୍ୟକ୍ଷା ଅମିତା ଦାସ ପ୍ରମୁଖ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ବହୁ ଉପାଦେୟ କଥା ବୁଝାଇବା ସହିତ ଆଗାମୀ ଦିନରେ ବିଦ୍ୟାଳୟକୁ ସରସସୁନ୍ଦର କରି ଗଢ଼ି ତୋଳିବା ପାଇଁ ବଦ୍ଧପରିକର ବୋଲି ପ୍ରକାଶ କରିଥିଲେ। ଏହି ଅବସରରେ ଛାୟା ଫାଉଣ୍ଡେସନ ତରଫରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ପ୍ରତିଯୋଗୀଙ୍କୁ ଅତିଥିମାନେ ଟ୍ରଫି ପ୍ରଦାନ କରିଥିବା ବେଳେ ଅତିଥିମାନଙ୍କୁ ଫାଉଣ୍ଡେସନ୍‌ର ଅଧ୍ୟକ୍ଷା ଶ୍ରୀମତୀ ଦାସ ଟ୍ରଫି ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ। ପବ୍ଲିକ୍ ସ୍କୁଲର କୁନି କୁନି ପିଲାମାନଙ୍କ ଦ୍ୱାରା ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଆର୍.କେ. ପବ୍ଲିକ ସ୍କୁଲର ମୁଖ୍ୟ ସୁବ୍ରତ କୁମାର ଦାସ ବିଦ୍ୟାଳୟ ସମ୍ପର୍କରେ ବିବରଣୀ ରଖିବା ସହିତ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଉତ୍ସବକୁ ଛାୟା ଫାଉଣ୍ଡେସନ୍‌ର ସଭ୍ୟ ବିକ୍ରମ ପ୍ରଧାନ, ଦିପକ କୁମାର ମହାନ୍ତି, ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ଓ କର୍ମଚାରୀମାନେ ପରିଚାଳନାରେ ସହଯୋଗ କରିଥିଲେ।

ଉତ୍କଳଗୌରବ ମଧୁସୂଦନ ଦାସଙ୍କ ୮୬ତମ ଶ୍ରାଦ୍ଧ ଦିବସ ପାଳିତ

ଭୁବନେଶ୍ୱର (ପିଏନ୍): ସ୍ଥାନୀୟ ରାଜଭବନ ସମ୍ମୁଖ ୟୁନିଟ୍-୮ସ୍ଥିତ ମହାନ ସ୍ୱାଧୀନତା ସଂଗ୍ରାମୀ, ଓଡ଼ିଆ ଭାଷା ଆନ୍ଦୋଳନର ମୁଖ୍ୟ ପୁରୋଧା, ସ୍ୱାଭିମାନୀ, ସୁକବି, ଲେଖକ, ଆଇନ୍ ବିଶାରଦ ତଥା ବହୁମୁଖୀ ବ୍ୟକ୍ତିତ୍ୱର ଅଧିକାରୀ ଉତ୍କଳଗୌରବ ମଧୁସୂଦନ ଦାସଙ୍କ ପ୍ରତିମୂର୍ତ୍ତିଠାରେ ୮୬ତମ ଶ୍ରାଦ୍ଧ ଦିବସ ପୂଜ୍ୟପୂଜା ସଂସ୍କୃତି ସୁରକ୍ଷା ଅଭିଯାନ ପକ୍ଷରୁ ପାଳିତ ହୋଇଯାଇଛି। ତାଙ୍କ ପ୍ରତିମୂର୍ତ୍ତିରେ ଅଭିଯାନ ପକ୍ଷରୁ ପୁଷ୍ପମାଲ୍ୟ ଅର୍ପଣ ସହ ସ୍ମୃତିଚାରଣ ପୂର୍ବକ ଅଭିଯାନର ଅଧ୍ୟକ୍ଷ, ବରିଷ୍ଠ ସାମ୍ବାଦିକ, ଚିନ୍ତକ ପ୍ରଦ୍ୟୁମ୍ନ ଶତପଥୀ ମତବ୍ୟକ୍ତ କରି କହିଲେ ଯେ, ମଧୁବାବୁ ଥିଲେ ବହୁମୁଖୀ ପ୍ରତିଭାର ଅଧିକାରୀ। ଓଡ଼ିଶାର ସ୍ୱାଧୀନତା ସଂଗ୍ରାମୀ, ପ୍ରଥମ ଓଡ଼ିଆ ସ୍ନାତକ, ବିହାର-ଓଡ଼ିଶା ବିଧାନସଭା ସଦସ୍ୟ, ପ୍ରଥମ ମନ୍ତ୍ରୀ, ବିଶିଷ୍ଟ ଆଇନ ବିଶାରଦ ତଥା ଓଡ଼ିଶାର ବିଚ୍ଛିନ୍ନାଞ୍ଚଳର ଏକତ୍ରୀକରଣ ପାଇଁ ସେ ଯେଉଁ ସଂଗ୍ରାମ ଜାରି ରଖିଥିଲେ ତାହା ଅବିସ୍ମରଣୀୟ। ଅଧ୍ୟାପନା ସହ ଓକିଲାତି ବିଦ୍ୟାରେ ବେଶ୍ ସୁଖ୍ୟାତି ଅର୍ଜନ କରିବା ସହିତ ଯୁବକମାନଙ୍କୁ ନିଜ ସ୍ୱାର୍ଥ ଛାଡ଼ି ଦେଶମାତୃକାର ସେବା କରିବା ପାଇଁ ଆହ୍ୱାନ ଦେଇଥିଲେ। ଏହାଛଡ଼ା କବିତା, ସାହିତ୍ୟ ତଥା ସମାଜସେବା କ୍ଷେତ୍ରରେ ତାଙ୍କର ଅବଦାନ ଚିରଦିନ ପାଇଁ ମନେରହିବ ବୋଲି ମତ ରଖିଥିଲେ। ଉତ୍କଳ ସ୍ୱାଭିମାନର ପ୍ରତୀକ ଭାବେ ସେ ସୁଖ୍ୟାତି ଅର୍ଜନ କରିଥିଲେ। ଶିଳ୍ପର ଉନ୍ନତି ସହିତ ସାହିତ୍ୟ ରଚନା, ସମାଜ ସଂସ୍କାର ପ୍ରଭୃତିରେ ସେ ଅଗ୍ରଣୀ ସାରଥୀ ଭୂମିକା ନିର୍ବାହ କରିଥିଲେ। ଏହି ଅବସରରେ ତାଙ୍କୁ ସ୍ମରଣ ପୂର୍ବକ ସ୍ଲୋଗାନମାନ ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅଭିଯାନର ବରିଷ୍ଠ ସଦସ୍ୟ ଶିକ୍ଷାବିତ୍ ସୀତାବଲ୍ଲଭ ମହାପାତ୍ର, ଗିରିଧାରୀ ପଟ୍ଟନାୟକ, ବ୍ରଜବନ୍ଧୁ ପରିଡ଼ା, ବିଜୟ ପରିଡ଼ା, ନାରାୟଣ ଚନ୍ଦ୍ର ଓଝା, ଉତ୍କଳ ସମ୍ମିଳନୀର ଦିଲ୍ଲୀପ ଦାସଶର୍ମା, ଶିବଶଙ୍କର ଡାକୁଆ, ସୀତାଂଶୁ ଶେଖର ମହାରଣା, ସଂଗ୍ରାମ ବଳିୟାରସିଂହ, ସମିତା ମହାରଣା ପ୍ରମୁଖ ଯୋଗଦେଇଥିଲେ ବୋଲି ମୁଖପାତ୍ର ଅରବିନ୍ଦ ତ୍ରିପାଠୀ ଜଣାଇଛନ୍ତି।

ବିଶ୍ୱ କ୍ୟାନସର୍ ଦିବସ ଉପଲକ୍ଷେ ପ୍ରାର୍ଥନା ସଭା

ଭୁବନେଶ୍ୱର (ପିଏନ୍): ସ୍ୱେଚ୍ଛାସେବୀ ସାମାଜିକ ସଂଗଠନ 'ୟୁଥ୍ ଫର୍ ଭଲ୍ୟୁଓାରି ୱାର୍କ' ତରଫରୁ 'ବିଶ୍ୱ କ୍ୟାନସର୍ ଦିବସ' ଉପଲକ୍ଷେ ଦୀପ ଲଗାଇ ଏକ ପ୍ରାର୍ଥନା ସଭା ସମାଜବାଦୀ ପାର୍ଟି କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଥିଲା। ସମଗ୍ର ବିଶ୍ୱରେ କ୍ୟାନସର୍ ରୋଗରେ ଆକ୍ରାନ୍ତ ରୋଗୀମାନଙ୍କର ଆରୋଗ୍ୟ କାମନା କରିବା ସହିତ ଉପସ୍ଥିତ ସମସ୍ତ ସ୍ୱେଚ୍ଛାସେବୀ କ୍ୟାନସର୍ ଆକ୍ରାନ୍ତ ରୋଗୀଙ୍କ ଆରୋଗ୍ୟ ପାଇଁ ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା କରିଥିଲେ। ଏଥି ସହ କ୍ୟାନସର୍ ରୋଗର କାରଣ ଓ ପ୍ରାଥମିକ ସ୍ତରରେ ଏହା ଜଣାପଡ଼ିଲା ପରେ କିଭଳି ନିରାକରଣ ହୋଇପାରିବ, ତା ଉପରେ ମଧ୍ୟ ଆଲୋଚନା ହୋଇଥିଲା। ସରକାର ଓ ବିଭିନ୍ନ ସ୍ୱେଚ୍ଛାସେବୀ ସଙ୍ଗଠନ କ୍ୟାନସର୍ ଉପରେ କରୁଥିବା ସଚେତନତା କାର୍ଯ୍ୟକ୍ରମ ଜନସାଧାରଣମାନେ ଅନୁସରଣ କରିବାକୁ ନିବେଦନ କରିଥିଲେ। 'ସ୍ୱାସ୍ଥ୍ୟ ହିଁ ସମ୍ପଦ' ଏହି ଉକ୍ତିଟି କେତେ ମୂଲ୍ୟଯୁକ୍ତ ତାହା ଉପରେ ବିସ୍ତୃତ ଆଲୋଚନା ହେବା ସହ ମଦ୍ୟପାନ, ଧୂମ୍ରପାନ, ତମାଖୁ ସେବନ ପ୍ରଭୃତି କ୍ଷତିକାରକ ଉପାଦନ କିଭଳି ଭାବେ ସ୍ୱାସ୍ଥ୍ୟକୁ ହାନି କରିଥାଏ ଓ ଏଥିରୁ ଦୂରେଇ ରହିବା ପାଇଁ ସ୍ୱେଚ୍ଛାସେବୀମାନେ ଶପଥ ଗ୍ରହଣ କରିଥିଲେ। ବିଭିନ୍ନ ସମୟରେ ଦେଖାଯାଏ ଯେ, ଅର୍ଥାଭାବରେ କ୍ୟାନସର୍ ରୋଗୀଟି ଉପଯୁକ୍ତ ଚିକିତ୍ସା ନ ପାଇ ଯନ୍ତ୍ରଣାଜର୍ଜରିତ ହୋଇ ମୃତ୍ୟୁମୁଖରେ ପଡ଼ିଥାଏ। ଏଥିପାଇଁ ସ୍ୱେଚ୍ଛାସେବୀମାନେ ପ୍ରତି ମାସରେ ନିଜ ଆୟରୁ କିଛି ଅଂଶ କ୍ୟାନସର୍ ପୀଡ଼ିତଙ୍କ ପାଇଁ ଦାନ କରିବା ସହିତ ଏ ଦିଗରେ ଅନ୍ୟମାନଙ୍କୁ ପ୍ରବର୍ତ୍ତାଇ ପାଣ୍ଠି ସଂଗ୍ରହ କରିବେ ବୋଲି ନିଷ୍ପତ୍ତି ନେଇଥିଲେ। ଏହି କାର୍ଯ୍ୟକ୍ରମକୁ ଅନୁଷ୍ଠାନର ଅଧ୍ୟକ୍ଷ ମୀର ଅହମଦ୍ ଅଲ୍ଲୀ ସଂଯୋଜନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସୁଦର୍ଶନ ପ୍ରଧାନ, ଦୀପକ ନାୟକ, ବିନୋଦ ରାଉତ, ନଳିନୀକାନ୍ତ ନାୟକ, ଦେବାଶିଷ ମହାପାତ୍ର, ଲୋକନାଥ ସାହୁ, ରମେଶ ପାଣିଗ୍ରାହୀ, ସୋନମ୍, ନରେଶ ବେହେରା ପ୍ରମୁଖ ଯୋଗ ଦେଇଥିଲେ।

ଓଲାଶୁଣୀ ଗୁମ୍ଫା ଉନ୍ନୟନ ଟ୍ରଷ୍ଟର ସମୀକ୍ଷା ବୈଠକ

ବାଲିଚନ୍ଦ୍ରପୁର (ପିଏନ୍): ଓଡ଼ିଶାପ୍ରସିଦ୍ଧ ଓଲାଶୁଣୀ ଗୁମ୍ଫାଯାତ୍ରା ଅବସରରେ ସପ୍ତମ ଓଲାଶୁଣୀ ଗୁମ୍ଫା ମହୋତ୍ସବ ଭବ୍ୟ କାର୍ଯ୍ୟକ୍ରମ ସହିତ ଉଦ୍‌ଯାପିତ ହୋଇଯାଇଛି। ଓଲାଶୁଣୀ ଗୁମ୍ଫା ଉନ୍ନୟନ ଟ୍ରଷ୍ଟ ଓ ସନ୍ଥ ଅରକ୍ଷିତ ଦାସ ଫାଉଣ୍ଡେସନ, ପଲାଇ ପକ୍ଷରୁ ଆୟୋଜିତ ହେଉଥିବା ମହୋତ୍ସବର ପରିଚାଳନା ଓ ଆୟବ୍ୟୟର ସମୀକ୍ଷା ବୈଠକ ଗତ ରବିବାର ଦିନ ପୌରାଣିକସ୍ଥଳୀ ଗାଙ୍ଗୀପୀଠରେ ଅନୁଷ୍ଠିତ ହୋଇଥିଲା। ଉନ୍ନୟନ ନ୍ୟାସର ଅଧ୍ୟକ୍ଷ ଶରତ ଚନ୍ଦ୍ର ପ୍ରଧାନ ଏଥିରେ ସଭାପତିତ୍ୱ କରିଥିଲେ। ମହୋତ୍ସବର କାର୍ଯ୍ୟକ୍ରମରେ ଯୋଗଦେଇଥିବା ବଡ଼ଚଣା ବିଧାୟକ ଅମର ପ୍ରସାଦ ଶତପଥୀ, କେନ୍ଦ୍ରାଂଚଳ ରାଜସ୍ୱ କମିଶନର ଅନିଲ କୁମାର ସାମଲ, ଯାଜପୁର ଜିଲ୍ଲାପାଳ ରଂଜନ କୁମାର ଦାସ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ନିର୍ଦ୍ଦେଶକ ତଥା ଅତିରିକ୍ତ ଶାସନ ସଚିବ ବିଜୟ ନାୟକଙ୍କୁ ଧନ୍ୟବାଦ ଜ୍ଞାପନ ସହିତ ସମ୍ବର୍ଦ୍ଧିତ ସାଧୁସନ୍ଥ ଓ ବିଦ୍ୱାନମଣ୍ଡଳୀଙ୍କୁ କୃତଜ୍ଞତା ଜ୍ଞାପନ କରାଯାଇଥିଲା। ଏଥିପାଇଁ ଜିଲ୍ଲା ସଂସ୍କୃତି ପରିଷଦର ସହଯୋଗ ଓ ସହାୟତା ପାଇଁ ମଧ୍ୟ ଅଧ୍ୟକ୍ଷଙ୍କୁ କୃତଜ୍ଞତା ଦିଆଯାଇଥିଲା। ଖୁବ୍‌ଶୀଘ୍ର ଓଲାଶୁଣୀ ପୀଠଠାରେ ସ୍ଥାୟୀ ସଂସ୍କୃତି ମଣ୍ଡପ ନିର୍ମାଣର କାର୍ଯ୍ୟାନ୍ୱୟନ ନେଇ ବିଧାୟକ ଓ ଜିଲ୍ଲାପାଳଙ୍କ ଦୃଷ୍ଟିଆକର୍ଷଣ କରାଯିବା ସହିତ ପର୍ଯ୍ୟଟନ ଅଭ୍ୟର୍ଥନା ଭବନ ପରିଚାଳନା ପାଇଁ ଟ୍ରଷ୍ଟକୁ ଦାୟିତ୍ୱ ଦେବାପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ଟ୍ରଷ୍ଟର ମ୍ୟାନେଜିଂ ଟ୍ରଷ୍ଟି ଶୁଭେନ୍ଦୁ କୁମାର ଭୂୟାଁ ପ୍ରାରମ୍ଭିକ ସୂଚନା ଦେବା ସହିତ ଓଲାଶୁଣୀପୀଠର ସାମଗ୍ରିକ ବିକାଶ ପାଇଁ ସମସ୍ତଙ୍କର ସହଯୋଗ କାମନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉପାଧ୍ୟକ୍ଷ ଦାମୋଦର ସ୍ୱାଇଁ, ଜିଲ୍ଲା ପରିଷଦ ସଦସ୍ୟ ବିପିନବିହାରୀ ଜେନା, ଅବସରପ୍ରାପ୍ତ ଅଧ୍ୟକ୍ଷ ରବୀନ୍ଦ୍ର ନାଥ ସାମଲ, ଶିକ୍ଷାବିତ୍ ବିଧାନ ଚନ୍ଦ୍ର ସାମଲ, ପୂର୍ବତନ ସରପଂଚ ଉମେଶ ଚନ୍ଦ୍ର ସାମଲ, ଗାଙ୍ଗୀପୀଠର ସନ୍ୟାସୀ କୌସ୍ତୁଭ ବ୍ରହ୍ମଚାରୀ, ବସନ୍ତରାଜ ସାମଲ, ଶ୍ରୀକାନ୍ତ କୁମାର ସାମଲ, ସୁମନ୍ତ କୁମାର ଭୂୟାଁ, ଦେବଦତ୍ତ ସାମଲ, ପ୍ରମୋଦ କୁମାର ଦାସ, ସାରଦା ପ୍ରସନ୍ନ ଦାସ, ସୁବ୍ରତ କୁମାର ସାମଲ, ସ୍ନେହାଶିଷ ସାମଲ, ଭରତପୁର ଓ ବିକ୍ରମତିରଣ ଗ୍ରା.ପ.ର ସରପଂଚଙ୍କ ପ୍ରତିନିଧିମାନେ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

୨ ବାଇକ୍ ମୁହାଁମୁହିଁ ଧକ୍କା, ୪ ଗୁରୁତର

କେନ୍ଦୁଝର (ପିଏନ୍): ୨୦ନଂ ଜାତୀୟ ରାଜପଥର ଘଷିପୁରା ଥାନା ଖପରାଖାଇ ଛକ ନିକଟରେ ୨ବାଇକ୍ ମୁହାଁମୁହିଁ ଧକ୍କା ହେବାରୁ ୪ବାଇକ୍ ଆରୋହୀ ଗୁରୁତର ଆହତ ହୋଇଛନ୍ତି। ଆହତମାନଙ୍କୁ ଘଟଣାସ୍ଥଳରୁ ଅଗ୍ନିଶମ କର୍ମଚାରୀଙ୍କ ଦ୍ୱାରା ଆନନ୍ଦପୁର ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଅବସ୍ଥା ଗୁରୁତର ହେବାରୁ ୨ଜଣଙ୍କୁ କଟକ ସ୍ଥାନାନ୍ତର କରାଯାଇଛି। ରଙ୍ଗ୍ ରୁଟ୍‌ରେ ଗାଡି ଚଳାଚଳ ଯୋଗୁଁ ଏଭଳି ଦୁର୍ଘଟଣା ଘଟିଥିବା ସନ୍ଦେହ ହେଉଛି। ଘଷିପୁରା ପୋଲିସ୍ ଦୁର୍ଘଟଣାଗ୍ରସ୍ତ ୨ ବାଇକ୍‌କୁ ଜବତ କରି ତଦନ୍ତ ଚଳାଇଛି।

ଅତିବଡ଼ୀ ଜଗନ୍ନାଥ ଦାସ



ଓଡ଼ିଆ ସାହିତ୍ୟର ପଞ୍ଚସଖା ଯୁଗର କବି ଅତିବଡ଼ୀ ଜଗନ୍ନାଥ ଦାସ ଥିଲେ ପଣ୍ଡିତ ଓ ଆଧ୍ୟାତ୍ମିକ ପୁରୁଷ। ସେ ଓଡ଼ିଆ ଜାତିର ଜୀବନବେଦ ଭାଗବତର ସ୍ରଷ୍ଟା। ତାଙ୍କ ଭାଗବତ, ସଂସ୍କୃତ ଭାଗବତର ଆକ୍ଷରିକ ଅନୁବାଦ ନୁହେଁ। ଡ.ଆର୍ତ୍ତବଲ୍ଲଭ ମହାନ୍ତିଙ୍କ ମତରେ ଜଗନ୍ନାଥ ଦାସଙ୍କ ଭାଗବତ, ମୂଳ ଭାଗବତ ଠାରୁ ଭିନ୍ନ। ସେ ସମକାଳୀନ ସାମାଜିକ ଅବସ୍ଥାକୁ ଦୃଷ୍ଟିରେ ରଖି ଭାଗବତ ରଚନା କରିଥିଲେ। ମୂଳଭାଗବତରେ ଯେଉଁଠି ସାମାଜିକ ମୂଲ୍ୟବୋଧ ନ ଥିବା ଅନୁଭବ କରିଥିଲେ, ସେହି ଅଂଶ ସେ ପରିହାର କରିଥିଲେ। ସମାଜର ଉପକାର ପାଇଁ ସେ ଭାଗବତ ରଚନା କରିଥିଲେ। ଏକାଦଶ ସ୍କନ୍ଧ ପର୍ଯ୍ୟନ୍ତ ସେ ଲେଖିଥିଲେ। ଦ୍ୱାଦଶ ଓ ତ୍ରୟୋଦଶ ସ୍କନ୍ଧ ରଚନା କରିଥିଲେ ଯଥାକ୍ରମେ ମହାଦେବ ଦାସ ଏବଂ ଦ୍ୱାରିକା ଦାସ। ଏହି ଭାଗବତର ଅଧ୍ୟାୟ ତିନିଶହ ବୟାଳିଶ। କଥିତ ଅଛି ଜଗନ୍ନାଥ ଦାସଙ୍କ ମାତା ପୁରାଣ ଶୁଣିବା ପାଇଁ ଥରେ ମନ୍ଦିରକୁ ଯାଇଥିଲେ। ମାତ୍ର ଦକ୍ଷିଣା ଦେବାକୁ ସକ୍ଷମ ନଥିବାରୁ ପୁରାଣ ପଣ୍ଡା ଶୁଣାଇବାକୁ ମନା କରିଦେଇଥିଲେ। ମନ ଦୁଃଖରେ ଘରକୁ ଫେରି ପୁତ୍ରଙ୍କୁ ଓଡ଼ିଆରେ ଭାଗବତ ରଚନା ପାଇଁ ଉପଦେଶ ଦେଇଥିଲେ। ପୁଣି, ଏଥି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥ, ତାଙ୍କୁ ନିର୍ଦ୍ଦେଶ ଦେଇଥିବା ରାମଦାସଙ୍କ ଦାର୍ଢ୍ୟତାଭକ୍ତି ରସାମୃତରେ ଉଲ୍ଲେଖିତ। ପ୍ରଭୁ ସ୍ୱପ୍ନରେ କହିଥିଲେ - ଭୟ ନକର ତୁମ୍ଭେ କିଛି, ଗୀତ ତୁ କର ମୁହିଁ ଅଛି। ଜଗନ୍ନାଥ ଦାସ ପୁରୀ ନିକଟବର୍ତ୍ତୀ କପିଳେଶ୍ୱରପୁରରେ ଜନ୍ମ ହୋଇଥିଲେ। କମ୍ ବୟସରେ ବିଭିନ୍ନ ଶାସ୍ତ୍ରରେ ପାରଦର୍ଶିତା ଲାଭ କରିଥିଲେ। ଉଣେଇଶ ବର୍ଷ ବୟସରେ ଶ୍ରୀକ୍ଷେତ୍ର ଆସି, ଶ୍ରୀଜଗନ୍ନାଥଙ୍କ ସେବାରେ ନିଜକୁ ଉତ୍ସର୍ଜିତ କରିଥିଲେ। ଶ୍ରୀ ଚୈତନ୍ୟ, ତାଙ୍କୁ ନିତ୍ୟ ସହଚର ଭାବେ ଗ୍ରହଣ କରିଥିଲେ। ଶ୍ରୀ ଚୈତନ୍ୟ ହିଁ ତାଙ୍କୁ ଅତିବଡ଼ୀ ଉପାଧି ଦେଇଥିଲେ। ଜଗନ୍ନାଥ ଦାସଙ୍କ ଅନ୍ୟ ପ୍ରସିଦ୍ଧ ରଚନା ମଧ୍ୟରେ ଗୁପ୍ତ ଭାଗବତ, ଅର୍ଥକୋଇଲି, ଶୂନ୍ୟ ଭାଗବତ, ତୁଳାଭିଣା, ବ୍ରହ୍ମଗୀତା, ଭାଗବତ ସାର, ଦାରୁବ୍ରହ୍ମ ଗୀତା ଆଦି ପ୍ରଧାନ। ଫେବୃଆରୀ ୩ ତାରିଖ କିନ୍ତୁ ତିଥି ଓ ନକ୍ଷତ୍ର ଅନୁଯାୟୀ ମାଘ ସପ୍ତମୀ ଦିନ ଏହି କିମ୍ବଦନ୍ତୀ ଆଧ୍ୟାତ୍ମିକ ସାହିତ୍ୟ ସ୍ରଷ୍ଟାଙ୍କ ମହାପ୍ରୟାଣ ଘଟିଥିଲା।

ଆଦିକବି ସାରଳା ଦାସ

ଓଡ଼ିଆ ସାହିତ୍ୟର ଆଦିକବି ସାରଳା ଦାସ। କଟକ ଜିଲ୍ଲାର ଝଙ୍କଡ଼ ପ୍ରଗଣା ଅନ୍ତର୍ଗତ ତେନ୍ତୁଳିଆପଦା ଗ୍ରାମରେ ଦରିଦ୍ର କୃଷକ ପରିବାରରେ ତାଙ୍କ ଜନ୍ମ। ସେ ଜାତିରେ ଶୁଦ୍ର ଥିଲେ। ତାଙ୍କ ଜନ୍ମ ତାରିଖ ଏ ପର୍ଯ୍ୟନ୍ତ ସ୍ଥିର ହୋଇପାରିନାହିଁ। ତାଙ୍କ ପିତୃଦତ୍ତ ନାମ ସିଦ୍ଧେଶ୍ୱର ପରିଡ଼ା। ଇଷ୍ଟଦେବୀ ଶାରଳାଙ୍କ କୃପାରୁ ସେ ସାରଳା ଦାସ ନାମରେ ଖ୍ୟାତ ହେଲେ। ମା'ସାରଳାଙ୍କ କରୁଣାରୁ ସେ ମୂର୍ଖରୁ ପଣ୍ଡିତ ହୋଇଥିଲେ। ଠାକୁରାଣୀଙ୍କ ମନ୍ଦିରରେ ପ୍ରତିଦିନ ପଢ଼ାଯାଉଥିବା ସଂସ୍କୃତ ମହାଭାରତ ପୁରାଣ ଶୁଣି ସେ ଓଡ଼ିଆ ମହାଭାରତ ରଚନା କରିଥିଲେ। ଓଡ଼ିଆ ପଦ୍ୟ ରଚନାରେ ତାଙ୍କ ଲେଖା ପ୍ରାଚୀନ ବୋଧ ହେଉଥିବାରୁ ସେ ଆଦିକବି ଭାବେ ପରିଚିତ। ପୁରୀ ମୁକ୍ତିମଣ୍ଡପର ପଣ୍ଡିତମାନେ ସନ୍ତୁଷ୍ଟ ହୋଇ ତାଙ୍କୁ ଶୁଦ୍ରମୁନି ଉପାଧି ପ୍ରଦାନ କରିଥିଲେ। ନିଜ ଗ୍ରନ୍ଥମାନଙ୍କରେ ନିଜକୁ ମୂର୍ଖ, ଅଜ୍ଞାନ ତଥା କେବଳ ମା'ଶାରଳାଙ୍କ ଆଶୀର୍ବାଦ ଯୋଗୁଁ କାବ୍ୟ ଲେଖିଥିବା ସେ ବର୍ଣ୍ଣନା କରିଛନ୍ତି। ତେବେ ଅନେକ ଶାସ୍ତ୍ର ପୁରାଣରେ ତାଙ୍କର ଗଭୀର ପ୍ରବେଶ ଥିଲା। ଅନେକ ଗ୍ରନ୍ଥ ଅଧ୍ୟୟନ କରି ଅସୀମ ଜ୍ଞାନର ସେ ଅଧିକାରୀ ହୋଇଥିଲେ। ଓଡ଼ିଆ ଭାଷା ସାହିତ୍ୟର ସେ ଜଣେ ବିରଳ ପ୍ରତିଭା। ତାଙ୍କ ପ୍ରମୁଖ ଗ୍ରନ୍ଥ ମଧ୍ୟରେ ବିଲଙ୍କା ରାମାୟଣ, ମହାଭାରତ, ଚଣ୍ଡୀ ପୁରାଣ, ଲକ୍ଷ୍ମୀନାରାୟଣ ବଚନିକା ଅନ୍ତର୍ଭୁକ୍ତ। ଆହୁରି ଅନେକ ଗ୍ରନ୍ଥ ଆଦିକବିଙ୍କ ଦ୍ୱାରା ରଚିତ ବୋଲି ଲେଖିଥିଲେ ମଧ୍ୟ ତାହା ପ୍ରକୃତରେ ପ୍ରମାଣିତ ହୋଇପାରିନାହିଁ। ନିଜ ସାଧନା ପୀଠ ବଡ଼ ସାରୋଳରେ ମାଘ ସପ୍ତମୀ ଦିନ ସାରଳା ଦାସ ଦେହ ତ୍ୟାଗ କରିଥିଲେ।

ଅଭୟ କୁମାର ଦାସ,
ଗୋଡରା, ମାହାଙ୍ଗା, କଟକ,
ଦୂରଭାଷ : ୯୪୩୭୧୪୨୭୧୭

DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10 c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.KG. & U.KG.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Mahaditya Publication

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

Pragyan Communication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.KG., U.KG.,
Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com

ମୋ ସହର

କ୍ଷୁଦ୍ର ଚାଷୀଙ୍କୁ ଋଣ ଦେବାକୁ ପଛଘୁଂଚା ଦେଉଛି ଇଣ୍ଡସଇଣ୍ଡ ବ୍ୟାଙ୍କ

ନେଉଳପୁର, (ପି.ଏନ.)-କ୍ଷୁଦ୍ରଚାଷୀ ମାନଙ୍କ ଉତଥାନ ତଥା ମତ୍ସ୍ୟ ପକ୍ଷୀ ଓ ପଶୁ ଚାଷକରି ଅନ୍ୟ ରାଜ୍ୟ ଭଳି ନିଜ ରାଜ୍ୟକୁ ପରିଣତି କରିବା ଲକ୍ଷ୍ୟରେ ସରକାର ବିଭିନ୍ନ ଯୋଜନା ପ୍ରଣୟନ କରିଛନ୍ତି। କୃଷି ଓ କୃଷକର ଉନ୍ନତି ହେଲେ ରାଜ୍ୟ ବିକଶିତ ହେବାସହ ଅନ୍ୟ ରାଜ୍ୟ ଉପରେ ନିର୍ଭରଶୀଳ ନ ହୋଇ ନିଜେ ଆତ୍ମ ନିର୍ଭରଶୀଳ ହୋଇପାରିବ। ରାଜ୍ୟରେ ବିଭିନ୍ନ ସମୟରେ ଆଳୁ,ପିଆଜ, ମାଛ ଓ ଅଣ୍ଡା ଆଦି ଦ୍ରବ୍ୟ ପାଇଁ ଅନ୍ୟ ରାଜ୍ୟ ଉପରେ ନିର୍ଭର କିରଥାଏ। ରାଜ୍ୟ କୃଷି ବିଭାଗ ପ୍ରତ୍ୟେକ ବର୍ଷ ନିଜର ଅଭାବ ମେଂଟାଇବା ସହ କ୍ଷୁଦ୍ର ଓ ମଧ୍ୟବିତ ଚାଷୀ ମାନଙ୍କ ଆର୍ଥୀକ ବିକାଶ ପାଇଁ ସବସିଡ ଆକାରରେ ବିଭିନ୍ନ ଋଣ ଯୋଜନା ପ୍ରଣୟନ କରୁଛନ୍ତି। ବିଭାଗ ପକ୍ଷରୁ ମନୋନିତ ଚାଷୀଙ୍କ ତାଲିକା ରାଷ୍ଟ୍ରାୟତ ବ୍ୟାଙ୍କସହ ସରକାରଙ୍କ ଦ୍ୱାରା ପରିଚାଳିତ ବ୍ୟାଙ୍କ ମାନଙ୍କୁ ଆସିଥାଏ। ଏଥିରେ କେତେକ ବ୍ୟାଙ୍କ ଏହାକୁ ପାଳନ କରିଥିବା ବେଳେ ଅନ୍ୟ କେତେକ ବ୍ୟାଙ୍କ ଏହାକୁ ଆଗ୍ରାହ୍ୟ କରୁଥିବା ଅଭିଯୋଗ ହେଉଛି। ଏଭଳି ଏକ ଘଟଣା ବଡଚଣା ବ୍ଲକ ଅନ୍ତର୍ଗତ ସୁଙ୍ଗୁଡା ଗ୍ରାମର ମହମ୍ମଦ ରଲିୟାସଙ୍କ କ୍ଷେତ୍ରରେ ଦେଖିବାକୁ ମିଳିଛି। ମତ୍ସ୍ୟ ପୋଖରୀ ଯୋଜନାରେ ଆବଦେନକାରୀ ଜିଲ୍ଲା ମତ୍ସ୍ୟ ଅଧିକାରୀଙ୍କ ଅନୁମୋଦନ ଲାଭ କରି ୧୬/୧/୧୯ରିଖ ମେମୋ ନଂ୧୪୯ରେ ଚଣ୍ଡିଖୋଲସ୍ଥିତ ଇଣ୍ଡସଇଣ୍ଡ ଶାଖାକୁ ଋଣ ମଞ୍ଜୁର ପାଇଁ ଚିଠି ଆସିଥିଲା। ସରକାରଙ୍କ ନିୟମ ମୁତାବକ ଏକ ଏକର ଜମିରେ ପୋଖରୀ ଖୋଳାଇ ମତ୍ସ୍ୟ ଚାଷ ପାଇଁ ଆନୁସଙ୍ଗିକ ବ୍ୟବସ୍ଥା କରାଇଲେ ୩ଲକ୍ଷ ୪୦ ହଜାର ଟଙ୍କା ମଞ୍ଜୁର କରାଯିବାର ବ୍ୟବସ୍ଥା ରହିଛି। ବ୍ୟାଙ୍କର ସମସ୍ତ ବିଧି ବ୍ୟବସ୍ଥାକୁ ପାଳନ କରି ପୋଖରୀ ଖୋଲୀବା ସହ ବ୍ୟାଙ୍କ ଓ ମତ୍ସ୍ୟ ବିଭାଗ ଅଧିକାରୀ ତିନି ତିନି ଥର ସ୍ଥାନ ପରିଦର୍ଶନ କରିଥିଲେ। ପ୍ରାୟ ଏକ ବର୍ଷ ବିତିଗଲା ପରେ ବ୍ୟାଙ୍କ ମ୍ୟାନେଜର ଅନିନ୍ଦ୍ର ମହାପାତ୍ର ତାଙ୍କୁ ଋଣ ନଦେଇ ହତାଶ କରିଛନ୍ତି। ଏ ସଂପର୍କରେ ତାଙ୍କୁ ପଚାରିବାରୁ ଏହା ମୋର କତୃତ୍ୱ ବାହାରେ ଏଥିପାଇଁ ଆମର କମିଟି ଅଛି ସେମାନେ ଯାହା ନିଷ୍ପତି ନେବେ ବୋଲି କହିଥିଲେ। ବଡଚଣା ବ୍ଲକ ସହ ମତ୍ସ୍ୟ ଅଧିକାରିଣି କୋକିଳା ମଞ୍ଜରୀଙ୍କୁ ସାକ୍ଷାତ କଲାପରେ ସେ କହିଥିଲେ ଆମ୍ଭର ଯାହା ଆନୁସଙ୍ଗିକ ବ୍ୟବସ୍ଥା କରାଯାଇଛି। ବ୍ୟାଙ୍କ କତୃପକ୍ଷ ଯଦି ଏଥିପ୍ରତି ସମ୍ବେଦନଶୀଳ ନହେବେ ଆମ୍ଭେ କଣ କରିପାରିବୁ ଜିଲ୍ଲା ସ୍ତରୀୟ ବୈଠକରେ ଏଥିରେ ଯତ୍ନବାନ ହେବାକୁ ସମସ୍ତ ବ୍ୟାଙ୍କକୁ ଆମ୍ଭେ ଅବଗତ କରୁଅଛି। ଏଥିରୁ ପ୍ରଶ୍ନଉଠେ ସରକାରଙ୍କ ଯୋଜନାକୁ ଯଦି ବ୍ୟାଙ୍କ କତୃପକ୍ଷ ଅଣଦେଖା କରିବେ ତେବେ ଚାଷ ଓ ଚାଷୀର କଣ ବିକାଶ ହେବ। ମହାଜନ ଋଣ ଓ ହାତର ଉଧାରୀ କରିଥିବା ଚାଷୀ ଶେଷରେ ଆତ୍ମହତ୍ୟା ଶେଷ ରାସ୍ତା ବୋଲି ଇଲିୟାସ ପ୍ରକାଶ କରିଛନ୍ତି। ଏଥିପ୍ରତି ଉଚ୍ଚ କତୃପକ୍ଷ ଦୃଷ୍ଟି ଦେବାକୁ ଦାବୀ ହେଉଛି।

ଭାରତୀୟ ଜାତୀୟ କିଷାନ କଂଗ୍ରେସ ଉପାଧ୍ୟକ୍ଷଙ୍କ ଓଡ଼ିଶା ଗସ୍ତ

ଭୁବନେଶ୍ୱର, (ପିଏନ)- ସମଗ୍ର ରାଜ୍ୟରେ ଚାଷୀକୁଳ ଅସୁରକ୍ଷିତ। ବିଗତ ୬ ବର୍ଷଧରି କେନ୍ଦ୍ରର ବିଜେପି ଓ ରାଜ୍ୟ ବିଜେଡ଼ି ସରକାରର ୨୦ ବର୍ଷ ଶାସନ କାଳରେ ଚାଷୀର ମେରୁଦଣ୍ଡ ଭାଙ୍ଗିଯାଇଛି। ଚାଷୀଙ୍କ ବିକାଶ ପାଇଁ ଏହି ଉଭୟ ସରକାରର ପ୍ରଚାର ଓ ପ୍ରସାର ସର୍ବସ୍ୱ ହୋଇଛି। ବାସ୍ତବତା କିନ୍ତୁ ଭିନ୍ନ। ଚାଷୀ ଅଭାବି ବିକ୍ରିର ଶୀକାର ହୋଇ ଆତ୍ମହତ୍ୟା କରିବାକୁ ବାଟ ବାଛି ନେଇଛି। କୃଷି ଉତ୍ପାଦନ ପାଇଁ ବିନିଯୋଗ କରୁଥିବା ଅର୍ଥରେ ଚାଷୀ ତାର ଉପଯୁକ୍ତ ମୂଲ୍ୟ ପାଇ ପାରୁନାହିଁ। ପ୍ରଧାନମନ୍ତ୍ରୀ ଫସଲବୀମା ଯୋଜନା କେବଳ କମ୍ପାନୀ ପ୍ରିତିରେ ଚାଲିଛି। ଜଳସେଚନ କ୍ଷେତ୍ରରେ ଚାଷପାଇଁ ଘୋର ନୈରାଶ୍ୟଜନକ ପରିସ୍ଥିତି। ବିମୁଦ୍ରୀକରଣଓ କୃଷି କ୍ଷେତ୍ରରେ ଚାଷୀପାଇଁ କର ଉପରେ କର ବଢ଼ିଚାଲିଛି। ଭାଗଚାଷୀ ବେସାହାରା। ରାଜ୍ୟରେ ଦାଦନ ଶ୍ରମିକ ବୃଦ୍ଧି, ଏଭଳି ସଙ୍ଗୀନ ପରିସ୍ଥିତିରେ ଚାଷୀମାନଙ୍କୁ ସୁରକ୍ଷା ଦେବା ସମସ୍ତଙ୍କର ଦାୟିତ୍ୱ ଓ କର୍ତବ୍ୟ। ତେଣୁ କଂଗ୍ରେସ ଦଳ ଏକ ନୂତନ ଦିଶା ନେଇ ଚାଷୀମାନଙ୍କର ସାମଗ୍ରୀକ ବିକାଶ ଦିଗରେ ହକ୍ ଦାବୀ ହାସଲ ପାଇଁ ପ୍ରୟାସ ନେଇଛି। ତେଣୁ ଆଜି ଫେବୃୟାରୀ ୧ ତାରିଖ ଦିନ ଅଖିଳ ଭାରତ କଂଗ୍ରେସ କମିଟି କିଷାନ କଂଗ୍ରେସ ଉପାଧ୍ୟକ୍ଷ ଶ୍ରୀ ସୁରେନ୍ଦ୍ର ସୋଲାଙ୍କି ଆଜି ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟକୁ ଗସ୍ତକରି କିଷାନ କଂଗ୍ରେସ ତଥା ରାଜ୍ୟର ବହୁ ଚାଷୀନେତାମାନଙ୍କ ବୈଠକରେ ଯୋଗ ଦେବାପାଇଁ କାର୍ଯ୍ୟକ୍ରମ ରହିଛି। ଏଣୁ ପିସିସି କିଷାନ କଂଗ୍ରେସ ରାଜ୍ୟ କମିଟିର ସମସ୍ତ କର୍ମକର୍ତା, ସମସ୍ତ ଜିଲା ଓ ବ୍ଲକ ସଭାପତି ଏହି କାର୍ଯ୍ୟକ୍ରମରେ ଯୋଗଦାନ କରିବାକୁ ରାଜ୍ୟ କିଷାନ କଂଗ୍ରେସ ଅଧକ୍ଷ ଅମୀୟ କୁମାର ପଟ୍ଟନାୟକ ଏକ ପ୍ରେସ ଇସ୍ତାହାରରେ ଜଣାଇଛନ୍ତି। ସର୍ବ ପୂରାତନ କଂଗ୍ରେସ ଦଳ ହିଁ ସମ୍ବିଧାନର ସୁରକ୍ଷା ଓ ସାଧାରଣ ଜନତାଙ୍କ ସେବାରେ ଆଗାମୀ ଦିନରେ ବଳିଷ୍ଠ ନେତୃତ୍ୱ ନେବ ବୋଲି ଶ୍ରୀ ପଟ୍ଟନାୟକ ସୂଚନା ଦେଇଛନ୍ତି।

ନାଗରିକ ସଂଶୋଧନ ଆଇନକୁ ବିରୋଧ କରି ବନ୍ଦ ପାଳନ ଦେଢ ଘଂଟାରେ ଶେଷ

ନେଉଳପୁର, (ପି.ଏନ)-ଜାତୀୟ ନାଗରିକ ଶଂଶୋଧନ ଅଧିନିୟମକୁ ବିରୋଧ ପାଇଁ ବୁଧବାର ଚଣ୍ଡିଖୋଲରେ ବନ୍ଦ ପାଳନ ଆହ୍ୱାନ ଦିଆଯାଇ ଥିଲା। ଏଥିରେ ମୁସଲିମ ସଂଗଠନ ସମେତ ଅନେକ ସଂଗଠନ ପକ୍ଷରୁ ଆହ୍ୱାନ ଦିଆଯାଇଥିଲା। ପୂର୍ବାହ୍ନ ୯ ଘଂଟାରୁ ଆରମ୍ଭ କରାଯାଇଥିବା ବନ୍ଦ ପାଳନ ଜନସାଧାରଣ ସମର୍ଥନ ୧୦.୩୦ ମିନିଟିରେ ସାରିବାକୁ ବାଧ ହୋଇଥିଲେ। କେବଳ ମୁସଲିମ ସଂଗଠନ ଓ ଦଳିତ ସଂଗଠନର ଅଳ୍ପ କେତେକ ନେତୃତ୍ୱ ଏଥିରେ ସାମିଲ ହୋଥିବା ବେଳେ ପ୍ରଚାର ପତ୍ରରେ ଉଲ୍ଲେଖ ଥିବା ଅନ୍ୟ ବର୍ଗତ କୌଣସି ବ୍ୟକ୍ତିଙ୍କୁ ଏହି ବନ୍ଦ ପାଳନରେ ଦେଖିବାକୁ ମିଳୀ ନଥିଲା। ପ୍ରଚାର ପ୍ରସାର କରାନଯାଇ ବନ୍ଦ ପାଳନ ଆହ୍ୱାନ ଦିଆଯାଇ ଥିବାରୁ ଦୂରାଦୂରାନ୍ତରୁ ଆସିଥିବା ଯାତ୍ରୀ ମାନେ ନାହିଁ ନଥିବା ହଇରାଣ ହୋଇଥିଲେ। ଏହି ବନ୍ଦ ପାଳନରେ ଗୟାଧର ମଲିକ, ଚଣ୍ଡିତଳ ସରପଂଚ ସେଖ ମୋମିନ, ସୁଙ୍ଗୁଡା ପଂଚାୟତର ନାଏବ ସରପଂଚ ମସୀର ଆଲାମ, ପବନେଶ୍ୱର ଜେନା, ମନୋରଞ୍ଜନ ଜେନାଙ୍କ ସହ ଅଳ୍ପ ସଂଖ୍ୟକ ଲୋକ ଏଥିରେ ସାମିଲ ହୋଇଥିବାର ଦେଖିବାକୁ ମିଳିଥିଲା। ବଡଚଣା ପୋଲିସ ପକ୍ଷରୁ ଆଇନ ଶୃଙ୍ଖଳାକୁ ଦୃଷ୍ଟିରେ ରଖି ଏକ ପ୍ଲାଟୁନ ପୋଲିସ ମୃତୟନ କରାଯାଇଥିଲା।

କନ୍ଧମାଳର ସ୍ୱାର୍ଥ ଓ ପ୍ରଗତି ପ୍ରତି ସଂଘର୍ଷ କରୁଥିବା ଶିକ୍ଷିତ ଦକ୍ଷ ଯୁବକ ସମାଜସେବୀ ରାଧାମୋହନ

ଫୁଲବାଣୀ,(ପିଏନ)-କନ୍ଧମାଳ ଜିଲ୍ଲାର ଜିଲ୍ଲାର ସ୍ୱାର୍ଥ ଓ ପ୍ରଗତି ପାଇଁ ସଂଘର୍ଷ ଜାରି ରଖିଛନ୍ତି ରାଧାମୋହନ ମହାପାତ୍ର । ବହୁବର୍ଷ ପୂର୍ବରୁ ସୋସିଆଲ୍ ମିଡିଆ ମାଧ୍ୟମରେ କନ୍ଧମାଳ ଜିଲ୍ଲାର ଉନ୍ନତୀ ପାଇଁ ଦାବିକରିଆସୁଛନ୍ତି । ଗତ ୨ବର୍ଷ ତଳେ ୩ଦଫା ଦାବୀ ପୂରଣ ନେଇ ବିଶାଳ ସମାବେଶ ଓ ର୍ୟାଲୀ ମଧ କରି ଜିଲ୍ଲାପାଳଙ୍କୁ ଦାବୀପତ୍ର ପତ୍ର ପ୍ରଦାନ କରିଥିଲେ । ୩ଦଫା ଦାବୀ ସମୂହ ଫୁଲବାଣୀ ବ୍ଲକ୍ ନୂଆରୀପଦର ସାଲୁଙ୍କୀ ନଦୀ ସ୍ଲାଇପୋଲ ନିର୍ମାଣ, କନ୍ଧମାଳ ଜିଲ୍ଲାର ସଦର ମହକୁମା ଫୁଲବାଣୀ ଠାରେ ସରକାରୀ ମେଡିକାଲ କଲେଜ୍ ପ୍ରତିଷ୍ଠା, କନ୍ଧମାଳକୁ ରେଳ ସଂଯୋଗ । ଗତ ୨୦୧୯ ରେ ମାନ୍ୟବର ମୁଖ୍ୟମନ୍ତ୍ରୀ ବିଜୁ ଯୁବ ମହୋତ୍ସବରେ ଯୋଗଦେଇ ପ୍ରଥମ ଦାବୀଟି ପୂରଣ କରିବା ପାଇଁ ଘୋଷଣା କରିଥିଲେ । କନ୍ଧମାଳ ଜିଲ୍ଲାରେ ସରକାରୀ ମେଡିକାଲ କଲେଜ ଓ ହସ୍ପିଟାଲ୍ ପ୍ରତିଷ୍ଠା ନିମନ୍ତେ ପିପୁଲସ୍ ଫରମ୍ର ଆବାହକ ତଥା ବରିଷ୍ଠ ସାମ୍ବାଦିକ ସୁନିଲ୍ ପଟ୍ଟନାୟକ ଏବଂ ସଭାପତି ଶ୍ରୀ ରାଧାମୋହନ ମହାପାତ୍ର ବାରମ୍ବାର ବିଭିନ୍ନ ଢଙ୍ଗରେ ଦାବୀଗୁଡିକୁ ଉପସ୍ଥାପନା କରିଆସୁଥିଲେ । ଏହି ଦାବୀ ଗୁଡିକୁ ସହ ସହ ଲୋକ ସମର୍ଥନ କରି କନ୍ଧମାଳର ଉନ୍ନତୀ ନିମନ୍ତେ ପିପୁଲସ୍ ଫରମ୍ ସହିତ ସାମିଲ୍ ହୋଇଥିବା ଦେଖିବାକୁ ମିଳିଛି । ମେଡିକାଲ୍ କଲେଜ୍ ଓ ରେଳ ସଂଯୋଗକୁ ନେଇ ବିଭିନ୍ନ ସମୟରେ ଗଣଧାରଣା ତ କେତେବେଳେ ବାଇକ୍ ର୍ୟାଲି, କେତେବେଳେ ଦସ୍ତଖତ ଅଭିଯାନ, ତ କେତେବେଳେ ମୁଖ୍ୟମନ୍ତ୍ରୀ ଓ ପ୍ରଧାନମନ୍ତ୍ରୀଙ୍କୁ ପୋଷ୍ଟକାର୍ଡ ମାଧ୍ୟମରେ ପ୍ରଦାନ , ବିଭିନ୍ନ ଉପାୟରେ ଦାବୀ କରିଆସୁଛନ୍ତି । କେନ୍ଦ୍ର ଓ ରାଜ୍ୟ ସରକାର ଦ୍ୱିତୀୟ ଦାବୀ ଟି କନ୍ଧମାଳରେ ମେଡିକାଲ୍ କଲେଜ୍ ମଧ ପୁରା କରିବା ପାଇଁ ଘୋଷଣା କରିଛନ୍ତି । ବିଭିନ୍ନ ସମୟରେ ପିପୁଲସ୍ ଫରମ୍ର ସଭାପତି ଶ୍ରୀ ମହାପାତ୍ର ଓ ଆବାହକ ସୁନିଲ୍ ପଟ୍ଟନାୟକ ମେଡିକାଲ୍ ଯାଇ ଫଳ ବଣ୍ଟନ, ଶୀତଦିନେ ନିଃସହାୟକୁ କମ୍ବଳ ବଣ୍ଟନ । ଶିଶୁ ସଦନ ଅନୁଷ୍ଠାନର ପିଲାମାନଙ୍କ ସହିତ ମିଷ୍ଠାନ ବଣ୍ଟନ କରୁଥିବା ଦେଖିବାକୁ ମିଳୁଛି । ସେହିଭଳି ବିଭିନ୍ନ ସମୟରେ ବିଭିନ୍ନ ଯୁବ ସଂଗଠନକୁ ମୁଖ୍ୟ ଅତିଥି ଭାବେ ନିମନ୍ତ୍ରିତ ହୋଇ ମଧ କନ୍ଧମାଳର ଯୁବ ପିଢିଙ୍କୁ ଉତ୍ସାହିତ କରୁଥିବା ଦେଖିବାକୁ ମିଳୁଛି । କିଛିଦିନ ପୂର୍ବେ ଏସ୍.ଏସ୍.ଡି. କ୍ଲବ୍ ପକ୍ଷରୁ ଏକ ଟୁର୍ଣ୍ଣାମେଣ୍ଟରେ ଫୁଲବାଣୀ ବିଧାୟକ ଶ୍ରୀଯୁକ୍ତ ଅଙ୍ଗଦ କହଁର ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ଶ୍ରୀ ରାଧାମୋହନ ବାବୁ ଉଦ୍ଘାଟକ ଭାବେ ଯୋଗଦେଇଥିଲେ ।

କନ୍ଧମାଳ ଜିଲ୍ଲାର ସ୍ୱାର୍ଥ ପାଇଁ ବର୍ତ୍ତମାନ ପିପୁଲସ୍ ଫରମ୍ ସଂଗଠନ ଅଞ୍ଚା ଭିଡିଛି । ପିପୁଲସ୍ ଫରମ୍ର ତୃତୀୟ ଦାବୀ କନ୍ଧମାଳ ଜିଲ୍ଲାକୁ ରେଳ ସଂଯୋଗୀକରଣ ନେଇ ବାରମ୍ବାର ଶ୍ରୀ ରାଧାମୋହନ ଦିଲ୍ଲୀକୁ ଯାଇ ରେଳ ବିଭାଗୀୟ ଅଧିକାରୀଙ୍କ ସହିତ ଆଲୋଚନା କରୁଛନ୍ତି । ଏହି ସଂଗଠନକୁ ମଧ ବିଭିନ୍ନ ମାନ୍ୟଗଣ୍ୟ ବ୍ୟକ୍ତିମାନେ, ସମାଜସେବୀ ଓ ଜିଲ୍ଲାର ଜନସାଧାରଣ ହାତମିଳେଇ କନ୍ଧମାଳର ନ୍ୟାର୍ଯ୍ୟଦାବୀ ନିମନ୍ତେ ଲଢେଇ କରିବେ ବୋଲି ମତପ୍ରକାଶ କରୁଥିବା ଜଣାପଡୁଛି ।

ରାସ୍ତାକଡରୁ ବିଦେଶୀ ମଦ ଦୋକାନ ଉଚ୍ଛେଦ ପାଇଁ ଦାବିପତ୍ର

କେନ୍ଦ୍ରାପଡା : ସାନ୍ତସାହି - ଗଣ୍ଡାଖିଆ କେନାଲ ବନ୍ଧ ମୁଖ୍ୟ ରାସ୍ତାରେ ୨ନମ୍ବର ବ୍ଲକର ଅନତି ଦୂରରେ ନାନୋ ସୋରୁମ ନିକଟ ଟାଉନ ବଳରାମପୁରରେ ଏକ ବିଦେଶୀ ମଦ ଦୋକାନ ଖୋଲାଯାଇଛି। ସେହି ରାସ୍ତାଦେଇ ଦୈନିକ ୨୦ହଜାରରୁ ଉର୍ଦ୍ଧ୍ୱ ଲୋକଯିବା ଆସିବା କରୁଥିବା ବେଳେ ବହୁ ଅସୁବିଧାର ସମ୍ମୁଖିନ ହେଉଥିବା କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ଓସ୍ତପୁର, କଂସାର, ପୁରୁଷୋତମପୁର, ଆୟବା ଏବଂ ପଟ୍ଟାମୁଣ୍ଡାଇ ବ୍ଲକର କେତେକ ପଂଚାୟତର ଅଧିବାସୀମାନେ ଜନ ଅଭିଯୋଗ ଶୁଣାଣି ଶିବିରରେ ଜିଲ୍ଲାପାଳଙ୍କୁ ଅଭିଯୋଗ କରିଛନ୍ତି । ସେମାନେ ଅଭିଯୋଗ କରିଛନ୍ତି ଯେ ଏହାଦ୍ୱାରା ସେହି ଅଂଚଳରେ ବ୍ୟାପକ ଭାବେ ନିଶାଦ୍ରବ୍ୟ ସେବନ ଦ୍ୱାରା ସେହି କେନାଲ ରାସ୍ତାର ଉଭୟ ପାର୍ଶ୍ୱରେ ଗାଡି,ମଟର,ବାଇକ ପ୍ରଭୃତି ରଖାଯାଇ ସଂକୀର୍ଣ୍ଣ ରାସ୍ତାଟି ଅବରୋଧ ହେବା,ଦୈନିକ ଶହ ଶହ ମଦୁଆ ମଦ୍ୟପାନ କରି ସେହି ରାସ୍ତାରେ ଯାଉଥିବା ଯାତ୍ରୀମାନଙ୍କୁ ଚଳପ୍ରଚଳରେ ଗୁରୁତର ବାଧା ଉପୁଜାଉଛନ୍ତି। ମଦ୍ୟପମାନେ ସେ ଅଂଚଳରେ ଆତଙ୍କ ଜାରି ରଖିଥିବାରୁ ସେହି ରାସ୍ତାଦେଇ ଗ୍ରାମାଂଚଳର ଲୋକ, ଝିଅ, ବୋହୂ, ଛାତ୍ରଛାତ୍ରୀ ଭୟରେ ଯିବାଆସିବା କରିବାକୁ ବନ୍ଦ କରିଦେଲେଣି । ମଦ ଦୋକାନ ଯୋଗୁଁ ଲୋକମାନଙ୍କ ମାନସମ୍ମାନ, ସୁରକ୍ଷା ଓ ବଂଚିବାର ଅଧିକାର ଭାରତୀୟ ସମ୍ବିଧାନର ଧାରା ୧୯ ଧ୍ୱଂସ ପାଇବାକୁ ବସିଛି ବୋଲି ସେମାନେ ଅଭିଯୋଗ କରିଛନ୍ତି । ତେଣୁ ଜନସାଧାରଣଙ୍କ ସାମ୍ବିଧାନିକ ସ୍ୱାର୍ଥ ରକ୍ଷା ଦୃଷ୍ଟିରୁ ଜିଲ୍ଲାପାଳ ତୁରନ୍ତ ବିହୀତ ପଦକ୍ଷେପ ଗ୍ରହଣ କରି ସେଠାରୁ ମଦ ଦୋକାନଟି ଉଚ୍ଛେଦ କରିବାକୁ ଉପରୋକ୍ତ ଗ୍ରାମପଂଚାୟତ ଗୁଡିକ ପକ୍ଷରୁ ସନ୍ତୋଷ କୁମାର ବେହେରା, କଂସାର ସରପଂଚ ପ୍ରଦ୍ୟୁମ୍ନ କୁମାର ଜେନା, ଓସ୍ତପୁର ସରପଂଚ ସନାତନ ବାରିକ, ପୁରୁଷୋତମପୁର ସରପଂଚ ରମେଶ ଚନ୍ଦ୍ର ସାହାଣୀ, ବାନାମ୍ବର ବେହେରା, ଭରତ ଚନ୍ଦ୍ର ବେହେରା, ଆଦିକନ୍ଦ ବେହେରାଙ୍କ ସମେତ ଶତାଧିକ ପଂଚାୟତବାସୀ ଜିଲ୍ଲାପାଳଙ୍କୁ ଭେଟି ଦାବି କରିଥିଲେ ।

ଶିକ୍ଷକ ସଂଘ ଦ୍ୱାରା ସମ୍ବାଦ ଆମ ଓଡ଼ିଶାର ରକ୍ତ ଦାତା ସମ୍ବର୍ଦ୍ଧିତ

ଜୟପାଟଣା: ଗତ ସୁବାଷ ଚନ୍ଦ୍ର ବୋଷ ଓ ବୀର ସୁରେନ୍ଦ୍ର ସାଏ ଙ୍କ ଜୟନ୍ତୀ ଅବସରରେ ସମ୍ବାଦ ଆମ ଓଡ଼ିଶା ଆନୁକୁଲ୍ୟରେ ଜୟପାଟଣା କଲ୍ୟାଣ ମଣ୍ଡପ ଠାରେ ଆୟୋଜିତ ଶିବିରରେ ରକ୍ତଦାନ କରିଥିବା ନୂତନ ପେନସନ୍ ଭୋଗି ପ୍ରାଥମିକ ଶିକ୍ଷକ ସଂଘ ଜୟପାଟଣାର ସ୍ୱେଚ୍ଛାକୃତ ଭାବେ ରକ୍ତ ଦାନ କରିଥିବା ଶିକ୍ଷକମାନଙ୍କୁ ସଂଘ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଛି ।ସଭାପତି ଲଳିତ କୁମାର ନାଏକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଂଗଠନିକ ସଭାରେ ବିଗତ ଦିନରେ ଆୟୋଜିତ ସଡ଼କ ସୁରକ୍ଷା ଓ ରକ୍ତ ଦାନ ରେ ସାମିଲ ହୋଇ ସାମାଜିକ କର୍ତବ୍ୟ ସଂପାଦନ କରିଥିବାରୁ ସଂଘର ସମସ୍ତ ସଦସ୍ୟଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।ଏହି ସମ୍ବର୍ଦ୍ଧନା ସଭାରେ ସାଂଗଠନିକ ଦକ୍ଷତା ଦୃଢ଼ୀକରଣ, ଶିକ୍ଷକମାନଙ୍କର ଏମ୍.ଏ.ସି.ପି., ଇ.ପି.ଏଫ୍. ଓ.ପି.ଏସ୍. ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏତଦ୍ୱ୍ୟତୀତ ଗ୍ରେଡ୍ ପେ ଓ କ୍ୟାଡ଼ର ଭୁକ୍ତକୁ ନେଇ ଅହେତୁକ ବିଳମ୍ବ ହେତୁ ସଭାରେ ଉଦବେଗ ପ୍ରକାଶ କରାଯାଇଥିଲା। ଏହି ସଭାରେ ୨୫୦ ରୁ ଅଧିକ ଶିକ୍ଷକ ଥିବା ବେଳେ ସଂପାଦକ ରମାକାନ୍ତ ମାଝୀ, ଉପ ସଭାପତି ଅନନ୍ତ ନାରାୟଣ ପଣ୍ଡା, କାର୍ଯ୍ୟକାରୀ ସଭାପତି ସିଦ୍ଧାର୍ଥ ମିଶ୍ର, କ୍ଷମାସାଗର ରାଉତ, ସହ ସଂପାଦକ ତ୍ରିନାଥ ନାଏକ, ନବ କିଶୋର ନାଏକ, ଦିବାକର ପଟ୍ଟନାୟକ, ପ୍ରମୋଦ ପଟ୍ଟନାୟକ, ଅଶୋକ ମୁଣ୍ଡ, ସଞ୍ଜୟ କୁମାର ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ ।

ଆମେରିକାରେ ବେବି ପାଉଡର୍-କ୍ୟାନସର ବିବାଦ ମାମଲାରେ ଜନ୍‌ସନ୍ ଆଣ୍ଡ୍ ଜନ୍‌ସନ୍ ଦୋଷମୁକ୍ତ

ଭୁବନେଶ୍ୱର, : ଦଶନ୍ଧୀ ଧରି କରାଯାଇଥିବା ସ୍ୱାଧୀନ କ୍ଲିନିକାଲ୍ ପ୍ରମାଣଗୁଡ଼ିକୁ ବିଚାରକ ମଣ୍ଡଳୀ ଯତ୍ନ ସହକାରେ ବିଚାର ନେଇଛନ୍ତି, ଯେଉଁଥିରୁ ଜଣାପଡ଼ିଛି ଯେ, ଜନ୍‌ସନ୍‌ର ବେବି ପାଉଡର୍ ହେଉଛି ସୁରକ୍ଷିତ, ଏଥିରେ କୌଣସି ଆଜବେସ୍‌ଟସ୍ ନାହିଁ। ଜନସନ୍ ଆଣ୍ଡ୍ ଜନ୍‌ସନ୍ ସପକ୍ଷରେ ଏହା ହେଉଛି ଚତୁର୍ଥ ରାୟ। ମିସୋରି ମହିଳାଙ୍କଠାରେ ହୋଇଥିବା କ୍ୟାନସର୍ ପାଇଁ ଜନସନ୍ ଆଣ୍ଡ୍ ଜନ୍‌ସନ୍ ଦାୟୀ ନୁହେଁ ବୋଲି ଯୁକ୍ତରାଷ୍ଟ୍ର ଆମେରିକାର ବିଚାରକ ମଣ୍ଡଳୀ ନିଷ୍ପତି ନେଇଛି ଯାହା ହେଉଛି କଂପାନିର ଲୋକପ୍ରିୟ ଉତ୍ପାଦର ଆଉ ଏକ ବିଜୟ। ଯୁକ୍ତରାଷ୍ଟ୍ର ଆମେରିକାର ମିସୋରିର ସେଂଟ୍ ଲାଉସି (ଫରେଷ୍ଟ) ମାମଲାରେ ଜନସନ୍ ଆଣ୍ଡ୍ ଜନ୍‌ସନ୍ ସପକ୍ଷରେ ରାୟ ଆସିଛି ଯେଉଁଥିରୁ ଜଣାପଡ଼ିଛି ଯେ ଭିକି ଫରେଷ୍ଟଙ୍କ ରୋଗର କାରଣ ଜନ୍‌ସନ୍‌ର ବେବି ପାଉଡର୍ ନୁହେଁ। "ଜନ୍‌ସନ୍ ଆଣ୍ଡ୍ ଜନ୍‌ସନ୍ କଂପାନିର ପ୍ରବକ୍ତା କହିଛନ୍ତି ଯେ ଏହି ସବୁ ମାମଲାଗୁଡ଼ିକ ମଧ୍ୟରେ ଜନ୍‌ସନ୍ ଆଣ୍ଡ୍ ଜନ୍‌ସନ୍ ସପକ୍ଷରେ ଏହା ହେଉଛି ଚତୁର୍ଥ ରାୟ ଏବଂ ଅଷ୍ଟମ ଡିଫେନସ୍ ରାୟ।''

ଦଶନ୍ଧୀ ଧରି କରାଯାଇଥିବା ସ୍ୱାଧୀନ କ୍ଲିନିକାଲ୍ ପ୍ରମାଣଗୁଡ଼ିକୁ ବିଚାରକ ମଣ୍ଡଳୀ ଯତ୍ନ ସହକାରେ ବିଚାର ନେଇଛନ୍ତି, ଯେଉଁଥିରୁ ଜଣାପଡ଼ିଛି ଯେ, ଜନ୍‌ସନ୍‌ର ବେବି ପାଉଡର୍ ହେଉଛି ସୁରକ୍ଷିତ, ଏଥିରେ କୌଣସି ଆଜବେସ୍‌ଟସ୍ ନାହିଁ ଏବଂ ଏହା କ୍ୟାନସରର କାରଣ ନୁହେଁ ବୋଲି ସେ କହିଛନ୍ତି ।

୫-ଟିର ସଫଳ ରୂପାୟନ ନେଇ ପ୍ରଶ୍ନବାଚୀ : ଅବ୍ୟବସ୍ଥା ଘେରରେ ବ୍ଲକ୍ ସମନ୍ୱିତ ଶିଶୁ ବିକାଶ ବିଭାଗ

ଭଦ୍ରକ, (ପିଏନ)- ଶିଶୁ ଓ ମହିଳାମାନଙ୍କ ସର୍ବାଙ୍ଗୀନ ଉନ୍ନତିକୁ ଲକ୍ଷ୍ୟରେ ରଖି ୧୯୭୫ ମସିହାରେ ଭାରତ ସରକାର ସମନ୍ୱିତ ଶିଶୁ ବିକାଶ ବିଭାଗର ଶୁଭାରମ୍ଭ କରିଥିଲେ। ଏହି ବିଭାଗ ଅଧୀନରେ ବିଭିନ୍ନ ଯୋଜନାମାନ ଆରମ୍ଭ କରାଯାଇଥିଲା। କିନ୍ତୁ ଓଡ଼ିଶାରେ ଏହା ଗତ ୧୯୯୪-୯୫ ମସିହାରେ କାର୍ଯ୍ୟକାରୀ ହୋଇଥିଲା। ଅନୁରୂପ ଭାବେ ଭଦ୍ରକ ଜିଲା ବନ୍ତ ବ୍ଲକ୍‌ରେ ଏହା ୧୯୯୭-୯୮ ମସିହାରୁ କାର୍ଯ୍ୟକାରୀ ହୋଇଆସୁଛି। ତେବେ ବର୍ତମାନର ବିଜେଡି ସରକାର ଗତବର୍ଷ ଡିସେମ୍ବର ମାସରେ ଏହି ବିଭାଗଟିକୁ ୫-ଟି ଓ ମୋ ସରକାରରେ ଅନ୍ତର୍ଭୁକ୍ତ କରିଛନ୍ତି। ମାତ୍ର ଏବେ ଏହି ବିଭାଗଟିର ଅବ୍ୟବସ୍ଥାକୁ ଦେଖିଲେ ସରକାରଙ୍କ ଯୋଜନାର ସଫଳ ରୂପାୟନ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ବିଭାଗଟିର ନିଜସ୍ୱ ଗୃହ ଏବେ ନିର୍ମାଣଧୀନ ଥାଇ ଏହାର ଅର୍ଦ୍ଧାଧିକ କାର୍ଯ୍ୟ ପୁରାତନ ଭଂଗା ଦଦରା ଘରେ ବିପଦ ସଂକୁଳ ପରିସ୍ଥିତିରେ ଚାଲୁଥିବାବେଳେ ବ୍ଲକ୍ ପକ୍ଷରୁ ରାଜୀବ ସେବା କେନ୍ଦ୍ରରେ ମିଶନ ଶକ୍ତିକୁ ଅସ୍ଥାୟୀ ରୂପେ ମିଳିଥିବା ଏକ କୋଠରୀରେ ବିଭାଗୀୟ ଅଧିକାରୀଙ୍କ ସହ କର୍ମଚାରୀମାନେ ନିଜର କାର୍ଯ୍ୟ ସଂପାଦନ କରୁଛନ୍ତି। ୨୫ଟି ପଂଚାୟତରେ ପାଖାପାଖି ୨୩୮ ଟି ଅଙ୍ଗନୱାଡି କେନ୍ଦ୍ର ଏହି ବିଭାଗ ଅଧୀନରେ ଥିବାବେଳେ ଏହାକୁ ତଦାରଖ କରିବା ପାଇଁ ବିଭାଗର ନିଜସ୍ୱ ଗାଡି ଗତ ପ୍ରାୟ ୬ ମାସ ହେବ ଅଚଳ ହୋଇପଡିଥିବାରୁ ଏଥିରେ ଘୋର ବ୍ୟାହତ ସୃଷ୍ଟି ହେଉଛି।

ଅଧିକାରୀ ଜଣକ କେନ୍ଦ୍ର ଗୁଡିକର ତଦାରଖ ପାଇଁ ବହୁବିଧ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଅଙ୍ଗନୱାଡି କେନ୍ଦ୍ର ମାଧ୍ୟମରେ ୬ ବର୍ଷ ବୟସ ପର୍ଯ୍ୟନ୍ତ ପ୍ରତି ଶିଶୁଙ୍କୁ ଟୀକାକରଣ, ସ୍ୱାସ୍ଥ୍ୟ, ପୃଷ୍ଟିହୀନତା ଦୂରୀକରଣ, ଶିକ୍ଷା, ପ୍ରାପ୍ତ ବୟସ୍କାଙ୍କୁ ଶାରୀରିକ ଶିକ୍ଷା ପ୍ରଦାନ ଭଳି ବହୁ ବ୍ୟବସ୍ଥା ରହିଥିଲେ ମଧ୍ୟ ଅନେକ କେନ୍ଦ୍ର ଅବ୍ୟବସ୍ଥା ମଧ୍ୟରେ ଗତି କରୁଥିବାରୁ ଏ ସମସ୍ତ କାର୍ଯ୍ୟର ସଠିକ୍ ତଦାରଖ ଠିକ୍ ସମୟରେ କରାଯାଇପାରୁନାହିଁ। କର୍ମଚାରୀଙ୍କ ଅଭାବ ଯେପରିକି ଆବଶ୍ୟକ ମୁତାବକ ସୁପରଭାଇଜର, କିରାଣୀ ଓ ପିଅନ ନଥିବାରୁ ମଧ୍ୟ କାର୍ଯ୍ୟ ସଂପାଦନରେ ମଧ୍ୟ ବାଧା ସୃଷ୍ଟି ହେଉଛି।

ଏହି ବିଭାଗ ସହ ମିଶନ ଶକ୍ତି ଯୋଡି ହୋଇଯାଇଥିବାରୁ ଏହାର ବିଭିନ୍ନ କାର୍ଯ୍ୟକ୍ରମକୁ ଠିକ୍ ଭାବେ ସଂପାଦନା କରିବା ପାଇଁ ମଧ୍ୟ ଆବଶ୍ୟକ କର୍ମଚାରୀ ନଥିବାରୁ ନାହିଁ ନଥିବା ସମସ୍ୟା ସୃଷ୍ଟି ହେଉଛି। ଏହିଭଳି ଭାବେ ଏହି ବିଭାଗଟି ମନ୍ଥର ଗତିରେ ଗତି କରୁଥିବାବେଳେ ଏହାର ସ୍ଥାୟୀ ସମାଧାନ କରାନଗଲେ ସରକାରଙ୍କ ୫-ଟିର ସଫଳ ରୂପାୟନ କିଭଳି ହୋଇପାରିବ, ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିବା ସହ ବିଭାଗୀୟ ଅଧିକାରୀମାନେ ଏଥିପ୍ରତି ଦୃଷ୍ଟି ଦେବାକୁ ବୁଦ୍ଧିଜୀବୀ ମହଲରେ ଦାବି ହୋଇଛି।

ବାପୁ ମେମୋରିଆଲ କ୍ରିକେଟ ଉଦ୍‌ଘାଟିତ

ପ୍ରଥମ ଦିବସରେ କ୍ରେଜି ଇଲେଭେନ ଓ ଜେଏମସିଟି ବିଜୟୀ

ଭଦ୍ରକ, (ପିଏନ)- ବାପୁ ଫ୍ରେଣ୍ଡସ୍ କ୍ଲବ୍ ଆନୁକୂଲ୍ୟରେ ୫ମ ବାପୁ ମୋମୋରିଆଲ ଟି-୨୦ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଆଜି ଚରମ୍ପା ଜାଭିୟର୍ସ ସ୍କୁଲ ନିକଟସ୍ଥ କ୍ରୀଡ଼ାଙ୍ଗନ ଠାରେ ଉଦଘାଟିତ ହୋଇଯାଇଛି। ଉକ୍ତ ଟୁର୍ଣ୍ଣାମେଣ୍ଟକୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବରିଷ୍ଠ ନାଗରିକ ଗୌରହରି ଦାସ ଓ ସୁବ୍ରତ ଦାସ ଉଦଘାଟନ କରିଥିଲେ। ଆଜି ଖେଳାଯାଇଥିବା ଦୁଇଟି ମ୍ୟାଚରେ ତଳାଙ୍ଗର ଜେଏମସିଟି କ୍ରିକେଟ କ୍ଲବ ଓ କ୍ରେଜି ଇଲେଭେନ ବିଜୟୀ ହୋଇଛନ୍ତି। ପ୍ରଥମ ମ୍ୟାଚ ଜେଏମସିଟି ଓ ଭଦ୍ରକ ବାଇପାସର ସାଳନ୍ଦୀ କ୍ଲବ ମଧ୍ୟରେ ଖେଳାଯାଇଥିଲା।

ଜେଏମସିଟି ପ୍ରଥମେ ଟସ ଜିଣି ବ୍ୟାଟିଂ କରି ବିଶ୍ୱନାଥ ବାରିକଙ୍କ ୫୧ ରନ ସହାୟତାରେ ନିର୍ଦ୍ଧାରିତ ୧୫ ଓଭରରେ ୱିକେଟ ହରାଇ ୧୯୭ ରନ କରିଥିଲା। ଏହାର ଜବାବରେ ସାଳନ୍ଦୀ କ୍ଲବ ୧୦୪ରନ କରି ପରାସ୍ତ ହୋଇଥିଲା। ଅଲରାଉଣ୍ଡ ସାଫଲ୍ୟ ପାଇଁ ପ୍ରଭାତ ମଲ୍ଲିକ ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ। ଦ୍ୱିତୀୟ ମ୍ୟାଚଟି ବାରିକଛକ କ୍ରେଜି ଇଲେଭେନ ଓ ଅନ୍ନପାଳ ଫୁରିଅସ୍ ଆଟାକ ମଧ୍ୟ ଖେଳାଯାଇଥିଲା। ଟସ ଜିଣି ପ୍ରଥମେ ବ୍ୟାଟିଂ କରି କ୍ରେଜି ଇଲେଭେନ ୪ୱିକେଟ ହରାଇ ୨୭୯ ରନ ସଂଗ୍ରହ କରିଥିଲ।

ଦଳ ପକ୍ଷରୁ ଇମ୍ରାନ ଖାନ ୧୧୨ ଓ ରିଆଜ ଖାନ ୪୯ରନସଂଗ୍ରହ କରିଥିଲେ। ଏହାର ଜବାବରେ ଫୁରିଅସ ଆଟାକ ଦଳ ୧୧୧ରନ କରି ପରାସ୍ତ ହୋଇଥିଲା। ଇମ୍ରାନ ଖାନ ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ। ଉକ୍ତ ଦୁଇ ମ୍ୟାଚକୁ ଇଶ୍ୱର ରାଓ, ମାନସ ଘଡ଼ାଇ ପରିଚାଳନା କରିଥିବାବେଳେ, ରାଜେଶ ନାୟାର ସ୍କୋରର ଦାୟିତ୍ୱ ତୁଲାଇଥିଲେ। ରଂଜିତ ଦାସ, ଭବାନୀ ମହାପାତ୍ର, ରାଜେଶ ଦାସ, ଦେବାଶିଶ ସାହୁ, ଟି ଶିବା, ଲାକ୍ଷାଦିପ ଦାସ, ସୁଦିପ୍ତ ପଟ୍ଟନାୟକ, ବାପି ସ୍ୱାଇଁ, ସଂଜିତ ଦାସ, ପ୍ରିୟବ୍ରତ ଛତାର, ମ୍ୟାଚ ପରିଚାଳନାରେ ସହଯୋଗ କରିଥିଲେ।

ମଦୁଆମାନଙ୍କୁ ସାବାଡ କରିବାକୁ ଟାଉନ ପୋଲିସର ହେଲମେଟ ଚେକିଂ

କେନ୍ଦ୍ରାପଡା (ପିଏନ)- ମଦୁଆମାନଙ୍କୁ ସାବାଡ କରିବା ପାଇଁ ଟାଉନ ଥାନା ପୋଲିସ ପକ୍ଷରୁ ଏକ ନୂତନ ଅଭିଯାନ ସୋମବାର ସଂନ୍ଧ୍ୟାରୁ ଆରମ୍ଭ କରାଯାଇଛି। ମଦ ଦୋକାନ ବା ମଦବାର ନିକଟକୁ ମଦପିଇବାକୁ ଓ କିଣିବାକୁ ଆସୁଥିବା ମଦୁଆମାନଙ୍କ ନିମନ୍ତେ ଟାଉନ ପୋଲିସ ପକ୍ଷରୁ ମଦବାର ନିକଟରେ ଡ୍ରାଇଭିଂ ଲାଇସେନ୍ସ ଓ କାଗଜପତ୍ର ଚେକିଂ ଆରମ୍ଭ କରାଯାଇଛି। ଏହାଦ୍ୱାରା ମଦୁଆମାନେ ସାଙ୍ଗରେ ଗାଡିର କାଗଜପତ୍ର ଓ ଡ୍ରାଇଭିଂ ଲାଇସେନ୍ସ ଧରି ଆସିବେ ନଚେତ ଫାଇନ କଟାଯିବ। ଟାଉନ ଥାନା ଅଧିକାରୀ ଜ୍ୟୋତିରଞ୍ଜନ ସାମନ୍ତରାୟଙ୍କ ନିର୍ଦ୍ଦେଶରେ ସୋମବାର ସନ୍ଧ୍ୟାରେ ବଳଗଣ୍ଡି ଓ ତିନିମୁହାଣି ଛକରେ ଥିବା ମଦ ବାର ନିକଟରେ ସୌମ୍ୟରଞ୍ଜନ ଜାଲିଙ୍କ ନେତୃତ୍ୱରେ ଚେକିଂ କରାଯାଇ ଗାଡିଚାଳକଙ୍କୁ ସଚେତନ କରାଯିବା ସହ ୪ହଜାର ଟଙ୍କା ଫାଇନ ଆଦାୟ କରାଯାଇଥିବା ବେଳେ ଏସ.ଆଇ ପ୍ରଜ୍ଞାଶ୍ରୀ ନାୟକଙ୍କ ନେତୃତ୍ୱରେ ଛଗରିଆ, ଗୋପଛକ, ଇଛାପୁର, କେଶପୁରବଜାର, କାକଟଛକ, ମେଡିକାଲଛକ ଓ ବ୍ଲକ ଛକରେ ଗାଡିଚାଳକମାନଙ୍କୁ ସଚେତନ କରାଯିବା ସହ ୪ହଜାର ଟଙ୍କା ଫାଇନ ଆଦାୟ କରାଯାଇଥିବା ସୂଚନା ମିଳିଛି।

ବୈରୀ ରେଳ ଷ୍ଟେସନରେ ରହଣି କରିବ କେନ୍ଦୁଝର-ଭୁବନେଶ୍ୱର ପାସେଞ୍ଜର ଏବଂ ନିର୍ମନ ହେବ ଫ୍ଲାଏ ଓଭର ବ୍ରିଜ

ନେଉଳପୁର,(ପି.ଏନ.)-ବୈରୀ ଅଂଚଳର ବୁଦ୍ଧିଜୀବି ଓ ସ୍ଥାନୀୟ ଜନସାଧାରଣଙ୍କ ଦାବୀ କ୍ରମେ ରାଜ୍ୟ ବିଜେପି ମୁଖପାତ୍ର ଅମର ନାୟକଙ୍କ ସହଯୋଗରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ବୈରୀ ଷ୍ଟେସନରେ ଏକ ଫ୍ଲାଇ ଓଭର ବ୍ରିଜ ଓ କେନ୍ଦୁଝର-ଭୁବନେଶ୍ୱର ପାସେଞ୍ଜର ଟ୍ରେନ ରହଣୀ ପାଇଁ ଏକ ଦାବୀ ପତ୍ର ପ୍ରଦାନ କରାଯାଇଥିଲା। ଚଟିଆ ଦ୍ୱିତୀୟ ଶ୍ରୀକ୍ଷେତ୍ର ଘଟଗାଁ ମା ତାରେଣୀ ପୀଠକୁ ଯୋଗାଯୋଗ ସ୍ଥାପନ ଏବଂ ଆଦିବାସୀ ଲୋକଙ୍କ ଚଳପ୍ରଚଳ ପାଇଁ ବୈରୀ ରେଳ ଷ୍ଟେସନ କେନ୍ଦୁଝର ପାସେଞ୍ଜର ରହଣୀ ।ପଇଁ ଦୀର୍ଘଦିନ ହେବ ଦାବୀ ହୋଇ ଆସୁଥିଲା। ଏଥି ସହିତ ଛତିଆ-କଳକଳା ରାସ୍ତାରେ ଢେଙ୍କାନାଳ ଓ କଟକକୁ ଯାତାୟତ ପାଇଁ ଉଦ୍ଦିଷ୍ଟ ରାସ୍ତାରେ ବୈରୀ ଠାରେ ରେଲୱ ଓଭରବ୍ରିଜ ପାଇଁ ମଧ ଦାବୀ ହୋଇ ଆସୁଥିଲା। କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ କେନ୍ଦ୍ର ରେଳମନ୍ତ୍ରୀ ପିୟୁଷ ଗୋଏଲଙ୍କୁ ଚିଠି ଲେଖି ନିବେଦନ କରିଥିଲେ। ଶ୍ରୀ ପ୍ରଧାନଙ୍କ ନିବେଦନ ଓ ସ୍ଥାନୀୟ ଅଧିବାସୀଙ୍କ ଦାବୀକୁ ଉପଲବ୍ଧି କରି ଇଷ୍ଟକୋଷ୍ଟ ରେଲୱ ଖୋର୍ଦ୍ଧା ଡିଭିଜନକୁ ନିର୍ଦ୍ଦେଶନାମା ଦାବୀ କରିଛନ୍ତି। କେନ୍ଦୁଝରରୁ ଭୁବନେଶ୍ୱର ଯିବା ସମୟରେ ସକାଳ ୯ଟା ୫୯ ମିନିଟିରେ ଏକ ମିନିଟି ବୈରୀ ଷ୍ଟେସନରେ ରହି ସକାଳ ୧୦ଟାରେ ଛାଡିବ। ସେହିପରି ଭୁବନେଶ୍ୱରରୁ କେନ୍ଦୁଝରରୁ ଫେରିବା ସମୟରେ ସନ୍ଧ୍ୟା ୫ଟା୨୪ରେ ପହଂଚି ୫ଟା୨୫ରେ ଛାଡିବା ପାଇଁ ସ୍ଥରୀକୃତ ହୋଇଅଛି। ଟ୍ରେନ ରହଣି ଓ ଫ୍ଲାଇ ଓଭର ବ୍ରିଜ ନିର୍ମାଣ କରାଯିବା ପାଇଁ ବିଜ୍ଞପ୍ତି ଜାରି ହେବା ପରେ ସ୍ଥାନୀୟ ଅଂଚଳରେ ଖୁସିର ଲହରୀ ଖେଳି ଯାଇଛି। ଏଥିରେ ମୁଖ୍ୟତଃ କେନ୍ଦ୍ରମନ୍ତ୍ରୀ ଶ୍ରୀ ୍ପରଧାନ ଓ ରେଳ ବିଭାଗ ମନ୍ତ୍ରୀ ଶ୍ରିଅ ଗୋଏଲଙ୍କ ସହିତ ସ୍ଥାନୀୟ ବିଜେପି ନେତା ଶ୍ରୀ ଅମର ନାୟକଙ୍କୁ କୃତଜ୍ଞତା ଜଣାଇଛନ୍ତି।

ଏଣିକି ଆଉ ଅନୁକମ୍ପା ନାହିଁ, ମଦ୍ୟପ ଓ ବେପରୁଆ ଗାଡିଚାଳନା ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ

କନ୍ଧମାଳ,(ପିଏନ)- ମଦୁଆ ଡ୍ରାଇଭର ଓ ବେପରୁଆ ଗାଡିଚାଳକଙ୍କ ପ୍ରତି ଏଣିକି ଆଉ ଟିକିଏ ବି ଅନୁକମ୍ପା ପ୍ରଦର୍ଶନ କରାଯିବ ନାହିଁ। ସେମାନଙ୍କ ବିରୁଦ୍ଧରେ ହେବ ଶକ୍ତ କାର୍ଯ୍ୟାନୁଷ୍ଠାନ। ଏହି ସୂଚନା ଦେଇଛନ୍ତି କନ୍ଧମାଳ ଆରଟିଓ ଗତିକୃଷ୍ଣ ସାମନ୍ତରାଏ। ପୂର୍ବରୁ କିଛି କିଛି ସ୍ଥାନରେ ଅନୁକମ୍ପା ଦେଖାଉଥିଲେ ଆରଟିଓ କର୍ମଚାରୀ। ମଦ୍ୟପ ଓ ଆରଟିଓଙ୍କ ସଂପର୍କ କୁଆଡେ ନିବିଡ ଥିଲା। ଫଳରେ ସେମାନେ ସୁପ୍ରିମକୋର୍ଟ କମିଟି କିମ୍ବା ସରକାରଙ୍କ ନିର୍ଦ୍ଦେଶକୁ କଡାକଡି ଭାବେ ମାନୁନଥିଲେ। କେନ୍ଦ୍ର ସରକାରଙ୍କ ପକ୍ଷରୁ ନୂତନ ମୋଟରଯାନ ସଂଶୋଧିତ ଆଇନ କାର୍ଯ୍ୟକାରୀ ପରେ ରାଜ୍ୟରେ ଆରଟିଓ ମାନେ କିଭଳି ମଦ୍ୟପଙ୍କ ପ୍ରତି କୋହଳ ମନୋଭାବ ପୋଷଣ କରୁଥିବା ନେଇ ପରିବହନ କମିଶନ ପ୍ରତି ଆରଟିଓ ଙ୍କୁ କଡା ଚିଠି ଲେଖିଛନ୍ତି।

ପରିବହନ କମିଶନର ସୋମବାର ଆରଟିଓ ମାନଙ୍କୁ ତାଗିଦ୍ କରିବାସହ ନୂତନ ମୋଟରଯାନ ସଂଶୋଧିତ ଆଇନକୁ କଡାକଡି କାର୍ଯ୍ୟକାରୀ କରିବାଲାଗି ଚେତାଇ ଦେଇଛନ୍ତି। ଯେଉଁମାନେ ବେପରୁଆ ଗାଡିଚାଳନା କରୁଛନ୍ତି ସେମାନଙ୍କ ଡ୍ରାଇଭିଂ ଲାଇସେନ୍ସ ତୁରନ୍ତ ବାତିଲ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ମଦ୍ୟପ ଡ୍ରାଇଭର, ଓଭରଲୋଡିଂ ଗାଡି, ଅଧିକା ବେଗରେ ଗାଡି ଚଳାଇବା, ଗାଡି ଚଳାଇବା ସମୟରେ ମୋବାଇଲରେ କଥା ହେବାକୁ ଆଦୌ ବରଦାସ୍ତ କରାଯିବ ନାହିଁ ତୁରନ୍ତ କାର୍ଯ୍ୟାନୁଷ୍ଠାନ ହେବ ବୋଲି ଆରଟିଓ ସାମନ୍ତରାଏ କହିଛନ୍ତି।

ସେହିପରି କ୍ରାଇମବ୍ରାଂଚ ରିପୋର୍ଟ ସହିତ ଆରଟିଓ ଓ ଇ-ଚାଲାଣ ମଧ୍ୟରେ ତାଳମେଳ ରହୁନି। କ୍ରାଇମବ୍ରାଂଚ ନୋଟିସକୁ କାର୍ଯ୍ୟକାରୀ ନକରି ଆରଟିଓ ମାନେ ଧରିବସିଥିବା ଜଣାପଡିଛି। ମଦ୍ୟପ ମାନଙ୍କ ପ୍ରତି ଆରଟିଓଙ୍କ କୋହଳ ମନୋଭାବ ଥିବା କମିଶନର ଜାଣିବାକୁ ପାଇବା ପରେ ଏହି କଡା ଚିଠି ଦେଇଥିବା ଜଣାପଡିଛି। ବର୍ତମାନ କନ୍ଧମାଳର ମଦ୍ୟପ ଡ୍ରାଇଭର ଓ ବେପରୁଆ ଗାଡିଚାଳନା ପାଇଁ ଜବରଦସ୍ତ ଫାଇନ କଟାଯାଉଥିବା ଦେଖିବାକୁ ମିଳିଛି। ନୂଆବର୍ଷ ଠାରୁ ଏହାକୁ ଅଧିକ କଡାକଡି କରାଯାଇଛି ବୋଲି ଆରଟିଓ କହିଛନ୍ତି।

ପର୍ଯ୍ୟବେକ୍ଷକ
PARYABEKHYAK पर्यवेक्षक

ଇଭି ଇଣ୍ଡିଆ ପକ୍ଷରୁ ଅଟୋ ଏକ୍ସପୋ ୨୦୨୦ରେ ଉଚ୍ଚ ମାନର ଇଲେକ୍ଟ୍ରିକ୍ ଦୁଇ ଚକିଆ ଯାନ ଉନ୍ମୋଚିତ

ଭୁବନେଶ୍ୱର : ସର୍ବଭାରତୀୟ ସ୍ତରରେ ସଂପ୍ରସାରଣ ପାଇଁ ଲକ୍ଷ୍ୟ ରଖିଥିବା ଇଭି ଇଣ୍ଡିଆ ପକ୍ଷରୁ ଗ୍ରେଟର ନୋଏଡାରେ ଆୟୋଜିତ ହୋଇଥିବା ଇଣ୍ଡିଆନ ଅଟୋ ଏକ୍ସପୋ ୨୦୨୦ର ୧୪ତମ ସଂସ୍କରଣରେ ଏହାର ଦୁଇଟି ଦୁଇଚକିଆ ଯାନ ଟେସେରୋ ଓ ଫୋରସେଟିକୁ ଉନ୍ମୋନ କରାଯାଇଛି। ଇଭି ଇଣ୍ଡିଆ ହେଉଛି ଏକ ଇଲେକ୍ଟ୍ରିକ୍ ଦୁଇ ଚକିଆଯାନ ଷ୍ଟାର୍ଟଅପ୍ ସଂସ୍ଥା ଓ ଏହାର ଟେସେରୋ ହେଉଛି ଏକ ଇ-ବାଇକ୍ ଓ ଫୋରସେଟି ହେଉଛି ଏକ ରେଟ୍ରୋ ସ୍କୁଟରଯେଉଁଥିରେ ଅନେକ ଅତ୍ୟାଧୁନିକ ସୁବିଧା ସୁଯୋଗ ଓ ଉଚ୍ଚ ମାନର ପ୍ରଯୁକ୍ତି ରହିଛି। ଏହି ଦୁଇ ଉତ୍ପାଦ ଖୁବଶୀଘ୍ର ବଜାରକୁଆସିବ। ଅଟୋ ଏକ୍ସପୋରେ ପ୍ରଦର୍ଶିତ କରାଯାଇଥିବା ଏହି ଦୁଇ ଯାନ ଦେଖିବାକୁ ଯେତିକି ଷ୍ଟାଇଲିସ, ସେଥିରେ ସେହିପରିମାଣର ସୁବିଧା ସୁଯୋଗ ମଧ୍ୟ ରହିଛି।ଏହି ଅବସରରେ ଇଭି ଇଣ୍ଡିଆର ସହ ପ୍ରତିଷ୍ଠାତା ଓ ନିର୍ଦ୍ଦେଶକ ଶ୍ରୀଯୁକ୍ତ ହର୍ଷ ଡିଡୱାନିଆ କହିଛନ୍ତି ଯେ, "ଏକ ସ୍ୱତନ୍ତ୍ରଇଲେକ୍ଟ୍ରିକ୍ ଦୁଇ ଚକିଆ ଷ୍ଟାର୍ଟଅପ୍ ସଂସ୍ଥା ଭାବେ ଆମେ ଆମର ସଦ୍ୟତମ ଉତ୍ପାଦକୁ ଉପସ୍ଥାପନ କରି ବହୁତ ଉତ୍ସାହିତ।ଆମେ ଦୁଇଚକିଆ ଯାନ ଚାଳକଙ୍କ ଯନ୍ତ୍ରଣା ଏବଂ ଆମ ଦେଶରେ ପରିବେଶର ସ୍ଥିତିକୁ ବହୁତ ଭଲ ଭାବେ ବୁଝିଛୁ। ସବୁକିଛିକୁ ବିଚାରକୁ ନେଇ ଆମେ ଟେସେରୋ ଓ ଫୋରସେଟିକୁ ପ୍ରସ୍ତୁତ କରିଛୁ ଯାହା ଅତ୍ୟାଧୁନିକ ପ୍ରଯୁକ୍ତି ଓ ଦୁନିଆରପରିବେଶ ସ୍ୱାସ୍ଥ୍ୟ ମଧ୍ୟରେ ଏକ ସନ୍ତୁଳନ ଆଣିବ। ଭାରତୀୟ ଅଟୋମୋବାଇଲ ଶିଳ୍ପ ପରିବର୍ତ୍ତନର ସମୟ ଦେଇ ଗତିକରୁଥିବା ବେଳେ ମୋର ବିଶ୍ୱାସ ରହିଛି ଯେ ଆମର ଏହି ନୂଆ ଉତ୍ପାଦଗୁଡ଼ିକ ଗ୍ରାହକମାନଙ୍କ ମଧ୍ୟରେ ଉତ୍ସାହ ସୃଷ୍ଟିକରିବ ଓ ଆମେ ବଜାରରୁ ସକାରାତ୍ମକ ପ୍ରକ୍ରିୟା ହାସଲ କରିବୁ।ଅଟୋ ଏକ୍ସପୋ ୨୦୨୦ରେ ସ୍ଥାପନ କରାଯାଇଥିବା ଇଭି ପାଭିଲିୟନରେ ଇଭିର ଉତ୍ପାଦଗୁଡ଼ିକୁ ପ୍ରଦର୍ଶିତ କରାଯାଇଛି।କଂପାନିର ଜେନିଆ, ଫୋରୟୁ ଓ ୱିଣ୍ଡ ଉତ୍ପାଦଗୁଡ଼ିକୁ ପ୍ରଦର୍ଶନ କରାଯାଇଛି।

ଆଇସିଏଆଇ ପକ୍ଷରୁ ଚଳିତ କେନ୍ଦ୍ର ବଜେଟ୍ ଉପରେ ଆଲେଚନାଚକ୍ର

ଭୁବନେଶ୍ୱର : ଦି ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଚାର୍ଟାର୍ଡ଼ ଏକାଉଂଟେଂଟ୍ ଅଫ୍ ଇଣ୍ଡିଆ (ଆଇସିଏଆଇ) ଭୁବନେଶ୍ୱର ଶାଖା ତଥା ଏହାର ପୂର୍ବ ଭାରତ ଆଂଚଳିକ ପରିଷଦ ପକ୍ଷରୁ ନୟାପଲି ସ୍ଥିତ କାର୍ଯ୍ୟାଳୟରେ ଚଳିତ କେନ୍ଦ୍ର ବଜେଟ୍ - ୨୦୨୦ ଉପରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଅଛି। ଭୁବନେଶ୍ୱର ଆୟକର ବିଭାଗର ପ୍ରମୂଖ ମୂଖ୍ୟ କମିସନର ଶ୍ରୀଯୁକ୍ତ ପି.କେ ଦାସ (ଆଇଆର ଏସ୍)ମୂଖ୍ୟ ଅତିଥି ଭାବେ ଏହାକୁ ଉଦ୍‌ଘାଟନ କରି ଚଳିତ ବଜେଟ୍‌ର ବିଭିନ୍ନ ଦିଗ ଉପରେ ଆଲୋକପାତ କରିବା ସହିତ ଏହା କିପରି ବିଭିନ୍ନ ବର୍ଗର ଲୋକଙ୍କୁ ସୁହାଇବ ତାହାରି ଉପରେ ବିସ୍ତୃତ ଭାବେ ବ୍ୟାଖ୍ୟା କରିଥିଲେ। ଅନୁଷ୍ଠାନର ଉପାଧ୍ୟକ୍ଷ ସିଏ ବିଭୁପ୍ରସାଦ ମହାପାତ୍ର ନିମନ୍ତ୍ରିତ ଅତିଥି ମାନଙ୍କ ପରିଚୟ ପ୍ରଦାନ କରିଥିଲେ। ଅଧ୍ୟକ୍ଷ ସିଏ ସୁଜ୍ଞାନ କୁମାର ସାହୁ ସ୍ୱାଗତ ଭାଷଣ ସହ ବିଷୟବସ୍ତୁ ଉପରେ ସମ୍ୟକ ସୂଚନା ଦେଇଥିଲେ। ଆଲୋଚନା ଅଧିବେଶନର ସଭାପତି ତଥା ଭୁବନେଶ୍ୱର ଶାଖାର ପୂର୍ବତନ ଅଧ୍ୟକ୍ଷ ସିଏ ଶରତ ଚନ୍ଦ୍ର ଭଦ୍ରା, ଦିଲ୍ଲିର ଏକାଡେମିସିଏନ୍ ଓ ଲେଖକ ସିଏ ଡା. ଗିରିଶ ଆହୁଜା, ପୁର୍ବତନ ଅଧ୍ୟକ୍ଷ ସିଏ ଅରୁଣ କୁମାର ସାବତ ପ୍ରମୁଖ ମଧ ଚଳିତ ବଜେଟ୍‌ର ପ୍ରଭାବ ଉପରେ ଦୁର ଦୃଷ୍ଟି ସମ୍ପନ୍ନ ବକ୍ତବ୍ୟ ଦେଇଥିଲେ। କୋଲକତାର ବକ୍ତା ସିଏ ଅଭିଷେଖ ତିବ୍ରେୱାଲ ବଜେଟ୍‌ରେ ପରୋକ୍ଷ କରର ବ୍ୟବସ୍ଥା ଉପରେ ସବିଶେଷ ଦୃଷ୍ଟି ଆକର୍ଷଣ କରିଥିଲେ। ଭୁବନେଶ୍ୱର ଶାଖାରୁ ପ୍ରାୟ ୩୦୦ ଜଣ ସିଏ ସଭ୍ୟ ଏହି ଆଲୋଚନାଚକ୍ରରେ ଭାଗନେଇ ନିଜ ନିଜର ଜ୍ଞାନ ପ୍ରକାଶ ସହ ପ୍ରଶ୍ନ ଉତର କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ।

ଆଇସିଆଇସିଆଇ ବ୍ୟାଙ୍କ ପକ୍ଷରୁ ଓଡ଼ିଶାରେ ଏଚ୍‌ଏନ୍‌ଆଇଙ୍କ ପାଇଁ 'ସଂପତି ପରିଚାଳନା ଶାଖା' ଉଦ୍‌ଘାଟିତ

ଭୁବନେଶ୍ୱର:ଆଇସିଆଇସିଆଇ ବ୍ୟାଙ୍କ ପକ୍ଷରୁ ଆଜି ଭୁବନେଶ୍ୱରର ସହିଦ ନଗର ଠାରେ ନୂଆ 'ସଂପତି ପରିଚାଳନା ଶାଖା' ଉଦଘାଟିତ ହୋଇଯାଇଛି। ଏକ ଘରୋଇ କ୍ଷେତ୍ରର ବ୍ୟାଙ୍କ ତରଫରୁ ରାଜ୍ୟରେ ଏହା ହେଉଛି ପ୍ରଥମ ସଂପତି ପରିଚାଳନା ଶାଖା ଯାହା ସ୍ୱତନ୍ତ୍ର ଭାବେ ଧନୀକ ଶ୍ରେଣୀ (ଏନଏଚଆଇ) ଗ୍ରାହକଙ୍କ ଆବଶ୍ୟକତାକୁ ସ୍ୱତନ୍ତ୍ର ଭାବେ ପୂରଣ କରିବ। ଏଚଏନଆଇ ଗ୍ରାହକମାନଙ୍କୁ ଅଗ୍ରାଧିକାର ଭିତିକ ସେବା ପ୍ରଦାନ କରିବା ଲାଗି ଏହି ଶାଖାକୁ ପ୍ରସ୍ତୁତ କରାଯାଇଛି ଏବଂ ଏଥିରେ ଲକର ସୁବିଧା ମଧ୍ୟ ରହିଛି। ଚଳିତ ଆର୍ଥିକ ବର୍ଷରେ ବ୍ୟାଙ୍କ ପକ୍ଷରୁ ଖୋଲାଯାଇଥିବା ୧୬ ନୂଆ ଶାଖାର ଏକ ଅଂଶ ହେଉଛି ଏହି ଶାଖା। ଏହି ଶାଖାକୁ ନାଲ୍‌କୋର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଶ୍ରୀଯୁକ୍ତ ଶ୍ରୀଧର ପାତ୍ର ଉଦଘାଟନ କରିଛନ୍ତି। ଆଇସିଆଇସିଆଇ ବ୍ୟାଙ୍କର ପୂର୍ବ, ଆନ୍ଧ୍ର ପ୍ରଦେଶ ଓ ତେଲେଙ୍ଗାନାର ଖୁଚୁରା ବ୍ୟବସାୟ ମୁଖ୍ୟ ଶ୍ରୀଯୁକ୍ତ ସିଦ୍ଧାର୍ଥ ମିଶ୍ର କହିଛନ୍ତି ଯେ, 'ବିବିଧ ପ୍ରକାରର ଗ୍ରାହକଙ୍କ ଆବଶ୍ୟକତାକୁ ପୂରଣ କରିବା ଲାଗି ବ୍ୟକ୍ତିଗତ ସୁହାଇବା ଭିତିକ ଉତ୍ପାଦ ଓ ସେବା ପ୍ରଦାନ କରିବା ଉପରେ ଆଇସିଆଇସିଆଇ ବ୍ୟାଙ୍କ ବିଶ୍ୱାସ କରେ। ଏହି ବିଶ୍ୱାସକୁ ନେଇ, ଆମେ 'ସଂପତି ପରିଚାଳନା' ଶାଖାକୁ ଉପସ୍ଥାପନ କରୁଛୁ ଯାହା ହେଉଛି ରାଜ୍ୟରେ ଏଭଳି ଧରଣର ପ୍ରଥମ ଶାଖା। ଏହି ଶାଖାକୁ ସ୍ୱତନ୍ତ୍ର ଭାବେ ଏଚଏନଆଇ ଗ୍ରାହକଙ୍କ ପାଇଁ ପ୍ରସ୍ତୁତ କରାଯାଇଛି ଓ ଏହା ସେମାନଙ୍କୁ ସୁହାଇବା ଭଳି ବ୍ୟାଙ୍କିଙ୍ଗ ସେବା, ନିବେଶ ଏବଂ ଆର୍ଥିକ ସେବା ଏକ ଉନ୍ନତ ପରିବେଶ ମଧ୍ୟରେ ପ୍ରଦାନ କରିବ। ଏହି ଶାଖା ସେମାନଙ୍କ ଅନୁଭୂତିକୁ ଆହୁରି ଚିନ୍ତାମୁକ୍ତ ଓ ନିରବଚ୍ଛିନ୍ନ କରିବା ଲାଗି ଅଭିଜ୍ଞ ରିଲେସନସିପ୍ ମ୍ୟାନେଜରଙ୍କ ଜରିଆରେ ସେବା ସଂପ୍ରସାରିତ କରିବ।''

୨୦୧୯ରେ ବିଶ୍ୱର ଶୀର୍ଷ ୧୦ ଡାଉନଲୋଡ ହୋଇଥିବା ମୋବାଇଲ ଆପ୍ ମଧ୍ୟରେ ସେୟାରଇଟ

ଭୁବନେଶ୍ୱର : ମୋବାଇଲ ଡାଟା ଏବଂ ଆନାଲିଟିକ୍ସ ସେବା ପ୍ରଦାନକାରୀ ଆପ୍ ଆନି ପକ୍ଷରୁ ସଦ୍ୟ ପ୍ରକାଶିତ ରିପୋର୍ଟ ଦ ଷ୍ଟେଟ ଅଫ ମୋବାଇଲ ଇନ ୨୦୨୦ ଅନୁସାରେ ୧.୮ ବିଲିୟନ ଡାଉନଲୋଡ ସହ ସେୟାରଇଟ ଶୀର୍ଷ ୧୦ ସର୍ବାଧିକ ଡାଉନଲୋଡ ହୋଇଥିବା ମୋବାଇଲ ଆପ୍ଲିକେସନ ମଧ୍ୟରେ ସ୍ଥାନ ପାଇଛି । ଏହି ରିପୋର୍ଟରେ ୨୦୧୯ ମସିହାରେ ମୋବାଇଲ ଆପ୍ଲିକେସନ ଉଦ୍ୟୋଗ ଓ ସେମାନଙ୍କର ପ୍ରଦର୍ଶନ ଉପରେ ଆଲୋକପାତ କରାଯାଇଛି । ଏହି ଉଦ୍ୟୋଗ ୨୦୧୯ ମସିହାରେ ୨୦୪ ବିଲିୟନ ଡାଉନଲୋଡ ରେକର୍ଡ କରିଛି ଯାହା ୨୦୧୭ ଅପେକ୍ଷା ପ୍ରାୟ ୨୫ ପ୍ରତିଶତ ଅଧିକ । ସେୟାରଇଟ ଭାରତରେ ପ୍ରାୟ ୪୦୦ ମିଲିୟନ ଡାଉନଲୋଡ ହୋଇଛି । ଏଥିପାଇଁ ଏଏଲଟି ବାଲାଜି, ହଙ୍ଗାମା ଏବଂ ହଟ୍‌ଷ୍ଟାର ସହଭାଗୀତା ମୁଖ୍ୟତଃ ଦାୟୀ ।

ଫାଣ୍ଟାସି ସ୍ପୋର୍ଟସ୍‌ର ବିକାଶକୁ ଗୁରୁତ୍ୱ ଦେଇ ଆଇଏଫ୍‌ଏସ୍‌ଜି, ଏଫ୍‌ଆଇଏଫ୍‌ଏସ୍‌କୁ ପରିବର୍ତ୍ତିତ

ଭୁବନେଶ୍ୱର: ଇଣ୍ଡିଆନ୍ ଫେଡେରେସନ ଅଫ୍ ସ୍ପୋଟର୍ସ ଗେମିଙ୍ଗ୍ (ଆଇଏଫ୍‌ଏସ୍‌ଜି) ପକ୍ଷରୁ ଏହାର ନାମ ପରିବର୍ତ୍ତନ ସମ୍ପର୍କରେ ଘୋଷଣା କରାଯାଇଛି । ଆଇଏଫ୍‌ଏସ୍‌ଜି ଏହାର ନାମକୁ ଫେଡେରେସନ ଅଫ୍ ଇଣ୍ଡିଆନ୍ ଫାଂଟାସି ସ୍ପୋର୍ଟସ୍ (ଏଫ୍‌ଆଇଏଫ୍ ଏସ୍)କୁ ପରିବର୍ତ୍ତନ କରିଛି । ଆଇଏଫ୍‌ଏସ୍‌ଜି ତଥା ବର୍ତ୍ତମାନର ଏଫ୍‌ଆଇଏଫ୍‌ଏସ୍‌କୁ ୨୦୧୭ରେ ପ୍ରତିଷ୍ଠା କରାଯାଇଥିଲା; ଯାହାର ଉଦ୍ଦେଶ୍ୟ ଥିଲା କୌଶଳ ଆଧାରିତ ସମସ୍ତ ପ୍ରକାରର ଅନ୍‌ଲାଇନ୍ ସ୍ପୋର୍ଟସ୍ (ଯେଉଁଥିରେ ଇ-ସ୍ପୋର୍ଟସ୍, ଫାଂଟାସି ସ୍ପୋର୍ଟସ୍ ଓ କାଜୁଆଲ ସ୍ପୋର୍ଟସ୍ ଗେମ୍ ଆଦି ସାମିଲ ରହିଛି)ର ସ୍ପୋର୍ଟସ୍ ଗେମିଙ୍ଗ୍ ଇଣ୍ଡଷ୍ଟ୍ରୀକୁ ସ୍ୱ-ନିୟନ୍ତ୍ରିତ କରିବା।

ଶିବ୍ ନାଦାର୍ ବିଶ୍ୱବିଦ୍ୟାଳୟ ପକ୍ଷରୁ ଏମ୍‌ବିଏ ପାଠ୍ୟକ୍ରମ ପାଇଁ ନାମଲେଖା ପ୍ରକ୍ରିୟା ଆରମ୍ଭ

ଭୂବନେଶ୍ୱର: ଦେଶର ଏକ ପ୍ରମୁଖ ବହୁ-ଶୃଙ୍ଖଳାମୂଳକ ତଥା ଅନୁସନ୍ଧାନ ଉନ୍ମୁଖ ବିଶ୍ୱବିଦ୍ୟାଳୟ, ଶିବ୍ ନାଦାର୍ ବିଶ୍ୱବିଦ୍ୟାଳୟ ପକ୍ଷରୁ ଜୁଲାଇ ୨୦୨୦ରୁ ଆରମ୍ଭ ହେଉଥିବା ଏହାର ଏମ୍‌ବିଏ ପାଠ୍ୟକ୍ରମର ଏକାଡେମିକ୍ ସେସନ୍ ପାଇଁ ନାମଲେଖା ପ୍ରକ୍ରିୟା ଆରମ୍ଭ ହୋଇଛି। ଏହି ବିଶ୍ୱବିଦ୍ୟାଳୟରେ ମ୍ୟାନେଜ୍‌ମେଂଟ୍ ଷ୍ଟଡିଜ୍‌ରେ ଅଣ୍ଡର୍ ଗ୍ରାଜୁଏଟ୍ ଓ ଡକ୍ଟୋରାଲ ପାଠ୍ୟକ୍ରମ ମଧ ଉପଲବ୍ଧ ହେଉଛି। ସ୍କୁଲ୍ ଅଫ୍ ମ୍ୟାନେଜ୍‌ମେଂଟ୍ ଆଣ୍ଡ ଏଂଟରପ୍ରେନ୍ୟୋର୍ ସିପ୍‌ରେ ଏମ୍‌ବିଏ ଓ ବିଏମ୍‌ଏସ୍ ପାଠ୍ୟକ୍ରମ ପାଇଁ ୬୦ଟି ଲେଖାଏଁ ସିଟ୍ ରହିଛି। ଆଇଗ୍ଲୋବାଲ ମାଷ୍ଟର ଅଫ୍ ବିଜ୍‌ନେସ୍ ଆଡ୍‌ମିନିଷ୍ଟ୍ରେସନ୍ (ଏମ୍‌ବିଏ) ଛାତ୍ରଛାତ୍ରୀମାନଙ୍କୁ 'ଇଣ୍ଡଷ୍ଟ୍ରୀ ରେଡି' ଓ 'ଏଂଟରପ୍ରେନ୍ୟୋରିଆଲି ଓରିଏଂଟେଡ୍' ହେବା ପାଇଁ ସହଯୋଗ କରୁଛି। ଏଥିପାଇଁ ଯେକୌଣସି ମାନ୍ୟତାପ୍ରାପ୍ତ ବିଶ୍ୱବିଦ୍ୟାଳୟରୁ ସର୍ବନିମ୍ନ ୫୦% ମାର୍କ କିମ୍ବା ସମକକ୍ଷ ସିଜିପିଏ ସହ ଏକ ବ୍ୟାଚେଲର୍ ଡିଗ୍ରୀ ରହିଥିବ। ଯେକୌଣସି କ୍ଷେତ୍ରରେ ସର୍ବନିମ୍ନ ୬୦% ମାର୍କ କିମ୍ବା ଏକ ସମକକ୍ଷ ସିଜିପିଏ ସହ ସ୍ନାତୋକତର ଡିଗ୍ରୀ ହାସଲ କରିଥିବେ। ଫାଇନାଲ ଇୟର ବା ଶେଷ ବର୍ଷ ପରୀକ୍ଷା ଫଳର ଅପେକ୍ଷାରେ ଥିବା ଛାତ୍ରଛାତ୍ରୀମାନେ ମଧ ଆବେଦନ କରିପାରିବେ। ଏହା ମଧ୍ୟରୁ ଯେକୌଣସି ଗୋଟିଏ ପରୀକ୍ଷାରେ ଆଡ୍‌ମିଶନ ଆଧାରିତ ସ୍କୋର୍: ସିଏଟି ୨୦୧୯, ଏନ୍‌ଏମ୍‌ଏଟି ୨୦୧୯, ଏକ୍ସଏଟି ୨୦୨୦, ସିଏମ୍‌ଏଟି ୨୦୨୦, ୨୦୧୬ର ଭ୍ୟାଲିଡ୍ ଜିଏମ୍‌ଏଟି ସ୍କୋର କିମ୍ବା ଇନ୍-ହାଉସ୍ ଏସ୍‌ଏମ୍‌ଏଟି ପରୀକ୍ଷା ଦେଇଥିଲେ। ଫୁଲ୍-ଟାଇମ୍ ପିଏଚ୍‌ଡି ସ୍କଲାରଙ୍କ ପାଇଁ ପ୍ରଥମ ଦୁଇ ବର୍ଷ ପାଇଁ ମାସିକ ୫୦,୦୦୦ ଟଙ୍କା ଓ ପରବର୍ତ୍ତୀ ଦୁଇ ବର୍ଷ ପାଇଁ ମାସିକ ୫୫,୦୦୦ ଟଙ୍କାର ବେତନ ଦିଆଯାଉଛି। ଇଚ୍ଛୁକ ଆବେଦନକାରୀଙ୍କୁ www.sme.snu.edu.inରେ ଚଳିତ ମାସ ୧୫ ତାରିଖ ସୁଦ୍ଧା ଅନ୍‌ଲାଇନ୍ କମନ୍ ଆପ୍ଲିକେସନ ଫର୍ମ ପୂରଣ କରିବାକୁ ହେବ।

ରୟାଲ୍ ଷ୍ଟାଗ୍ ବାରେଲ୍ ଲାର୍ଜ ସର୍ଟ ଫିଲ୍ମର 'ନୱାବ' ଚଳଚିତ୍ରର ମୁକ୍ତିଲାଭ

ଭୁବନେଶ୍ୱର : ରୟାଲ୍ ଷ୍ଟାଗ୍ ବାରେଲ୍ ସିଲେକ୍ଟ ଲାର୍ଜ ସର୍ଟ ଫିଲ୍ମ ର ଅବଦାନ 'ନୱାବ' ଚଳଚିତ୍ର ଏକ ଭାଙ୍ଗିପଡିଥିବା ମଣିଷର ଅଜଣା ସ୍ଥାନରୁ ପାଉଥିବା ସହାନୁଭୁତି ଉପରେ ଅଧାରିତ । ପ୍ରତିଭାବାନ ଲେଖିକା ମାନସି ଜୈନ ନିର୍ଦ୍ଦେଶିତ ଚଳଚ୍ଚିତ୍ର ରେ ଅପାରଶକ୍ତି ଖୁରାନା, ମଲ୍ଲିକା ଦୁଆ ଓ ମାରିଆ ଗୋରେଟ୍ଟୀ ଏକ ଅପାରମ୍ପାରିକ ଭୁମିକାରେ ଅବତୀର୍ଣ୍ଣ ହୋଇଛନ୍ତି । 'ନୱାବ' ର କାହାଣୀରେ ୪ ବର୍ଷର ବିବାହ ବନ୍ଧନ ପରେ ଜଣେ ପତ୍ନୀ ତାର ସ୍ୱାମୀ ଏବଂ ପୋଷା କୁକୁର କୁ ଛାଡି ଚାଲିଯାଇଛି । ନିଜକୁ ସମ୍ଭାଳିବାକୁ ଅସମର୍ଥ ପୁରୁଷ ଜଣକ ପୋଷା କୁକୁର କୁ ଛାଡି ଦେବାକୁ ମନସ୍ଥ କରିଥିଲେ ମଧ ଛାଡି ପାରୁନଥିଲେ ଏବଂ ଅବଶେଷରେ ତାହାକୁ ସାଥି ରୂପରେ ପାଇଛନ୍ତି ।ଫିଲ୍ମ ସମ୍ବନ୍ଧ ରେ କଳାକାର ଅପାରଶକ୍ତି ଖୁରାନା କହିଛନ୍ତି, 'ନୱାବ ଏକ ହୃଦୟ ସ୍ପର୍ଶୀ କାହାଣୀ ଯାହା ଜୀବନ ଉପରେ ଅନେକ ଗୁରୁତ୍ୱପୂର୍ଣ୍ଣ ଶିକ୍ଷା ପ୍ରଦାନ କରିଛି । ଏହି ଚଳଚିତ୍ର ରେ ମାନସି ଙ୍କ ପରି ଲେଖିକା ଓ ନିର୍ଦ୍ଦେଶିକା ଙ୍କ ସହ କାମ କରି ଆତ୍ମ ସନ୍ତୋଷ ମିଳିଛି । ରୟାଲ୍ ଷ୍ଟାଗ୍ ବାରେଲ୍ ସିଲେକ୍ଟ ଲାର୍ଜ ସର୍ଟ ଫିଲ୍ମ ଭଳି ମଂଚ ସାଧାରଣ ମଣିଷ ଙ୍କ ଜୀବନ ଓ ସଂଘର୍ଷ ଉପରେ ଚଳଚିତ୍ର ବନାଉଛି । ଏହା ଖୁବ ଆଶ୍ୱାସନାର ବିଷୟ ଯେ, ନୱାବ ଫିଲ୍ମ ପେୟାର ଆୱାର୍ଡ ର କ୍ଷୁଦ୍ର ଚଳଚିତ୍ର ବର୍ଗ ପାଇଁ ମନୋନୀତ ହୋଇଛି । ମୋର ବିଶ୍ୱାସ ଆଗାମୀ ଦିନରେ ଆମେ ଏଥିରେ ସଫଳ ହୋଇପାରିବୁ ।'ନିର୍ଦ୍ଦେଶିକା ମାନସି ଜୈନ କହିଛନ୍ତି, 'ନୱାବ ଚଳଚିତ୍ର ରେ ଆମ ଚତୁପାର୍ଶ୍ୱରେ ଘଟୁଥିବା ବିଷୟକୁ ପ୍ରଦର୍ଶନ କରାଯାଇଛି । ଏହି ପରିପ୍ରେକ୍ଷିରେ ମୁଁ ପଚାରିବାକୁ ଚାହିଁଥିଲି ଯେ, ଆମେ ଭାଙ୍ଗି ପଡିଥିବା ସମୟରେ କଣ ଅନ୍ୟମାନଙ୍କ ପ୍ରତି ସ୍ନେହ ଓ ସହାନଭୁତି ଦେଖାଇ ପାରିବା ? ସାଧାରଣତଃ ଲୋକମାନେ ପୋଷା ଜନ୍ତୁ ମାନଙ୍କୁ ଛାଡିଦେବାର ଅନେକ ନଜିର ଅଛି । ଏଥିପାଇଁ ସେମାନଙ୍କ ପାଖରେ ବଳିଷ୍ଠ ଯୁକ୍ତି ମଧ୍ୟ ବି ଅଛି । ତେବେ ଆମେ ପୋଷା ଜନ୍ତୁ ରଖିବାର ଏବଂ ସେ ସଂପର୍କ ପ୍ରତି ପ୍ରତିବଦ୍ଧତା ହେବାର ୨୦ଟି କାରଣ କେବେ ଚିନ୍ତା କରିଛୁ କି ? ଏହା ମୋର ରୟାଲ୍ ଷ୍ଟାଗ୍ ବାରେଲ୍ ସିଲେକ୍ଟ ଲାର୍ଜ ସର୍ଟ ଫିଲ୍ମ ରେ ତୃତୀୟ ଚଳଚିତ୍ର ।

ଇଡ଼ିଆଇଆଇର ଉଦ୍ୟୋଗୀ ପ୍ରଶିକ୍ଷଣ କାର୍ଯ୍ୟକ୍ରମ

ଭୁବନେଶ୍ୱର : ଉଦ୍ୟୋଗୀଙ୍କ ପାଇଁ ଶିକ୍ଷା, ଗବେଷଣା, ତାଲିମ ଓ ପ୍ରତିଷ୍ଠାନ ନିର୍ମାଣ କ୍ଷେତ୍ରରେ ପ୍ରଶିକ୍ଷଣ ପ୍ରଦାନକାରୀ ଜାତୀୟ ସଂବଳ ପ୍ରତିଷ୍ଠାନ ଭାରତୀୟ ଉଦ୍ୟୋଗୀ ବିକାଶ ପ୍ରତିଷ୍ଠାନ (ଇଡ଼ିଆଇଆଇ) ଗତ ୫ ବର୍ଷରେ ୩୨,୯୦୦ ବ୍ୟକ୍ତିଂକୁ ତାଲିମ ପ୍ରଦାନ କରିଛି । ଏସେନ୍‌ଚୁଓର ସହଯୋଗରେ 'ସ୍କିଲ ଟୁ ସକ୍‌ସେସ୍ ୨୦୨୦' ଅନ୍ତର୍ଗତ କ୍ଷୁଦ୍ର ଦକ୍ଷ ଉଦ୍ୟୋଗୀ ବିକାଶ କାର୍ଯ୍ୟକ୍ରମ (ଏମଏସଡ଼ିପି)ରେ ଏହି ତାଲିମ ପ୍ରଦାନ କରାଯାଇଛି । ଅବହେଳିତ ଜନତାଂକ ମଧ୍ୟରେ ଉଦ୍ୟୋଗୀ ସୃଷ୍ଟି ଲକ୍ଷ୍ୟରେ ପ୍ରତିଷ୍ଠାନ ପକ୍ଷରୁ କାର୍ଯ୍ୟକ୍ରମ ପ୍ରସ୍ତୁତ କରାଯାଇଛି । ଏହି କାର୍ଯ୍ୟକ୍ରମ ଅଧୀନରେ ୨୧,୯୦୦ ତାଲିମପ୍ରାପ୍ତ ହିତାଧିକାରୀ ଉଦ୍ୟୋଗ ପ୍ରତିଷ୍ଠା କରିପାରିଛନ୍ତି । ୨୦୧୫-୧୬ ରୁ ୨୦୧୯-୨୦ ମସିହା ମଧ୍ୟରେ ପୁଡୁଚେରୀ, ଆସାମ, ଉତ୍ତରାଖଂଡ଼, ଗୋଆ, ମଧ୍ୟପ୍ରଦେଶ, ମହାରାଷ୍ଟ୍ର, ତେଲେଙ୍ଗାନା, ଆନ୍ଧ୍ରପ୍ରଦେଶ, କର୍ଣ୍ଣାଟକ, କେରଳ ଓ ତାଲିମନାଡୁରେ ଏହି ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା । ଇଡ଼ିଆଇଆଇ ଦକ୍ଷିଣାଚଂଳ ମୁଖ୍ୟ ତଥା ପ୍ରଫେସର ଡ଼କ୍ଟର ରମଣ ଗୁଜରାଲ ଏହି ଅବସରରେ କହିଛନ୍ତି ଯେ, ଅର୍ଥନୈତିକ ଦୃଷ୍ଟିରୁ ସମ୍ଭାବନା ଥିବା ଦକ୍ଷତା ଓ ଉଦ୍ୟୋଗୀ ତାଲିମ ପାଇଁ ପ୍ରତିଷ୍ଠାନ ପକ୍ଷରୁ ଏମଏସ୍‌ଡ଼ିପି ପକ୍ଷରୁ ପ୍ରଶିକ୍ଷାର୍ଥୀଙ୍କ ପାଇଁ ୧ ମାସିଆ ତାଲିମ କାର୍ଯ୍ୟକ୍ରମ ପ୍ରସ୍ତୁତ କରାଯାଇଛି । ବୈଷୟିକ ଜ୍ଞାନ, ମାନଯୁକ୍ତ ପରିଚାଳନା, ପ୍ୟାକେଜିଂ ମାନ, ଲାଇସେନ୍‌ସ , ପ୍ରମାଣପତ୍ର ଓ ପଂଜିକରଣ, ଉତ୍ପାଦ ମାନ ପରୀକ୍ଷଣ ଓ ବଜାର ସଂଯୋଗୀକରଣ ଦକ୍ଷତା ଆହରଣ ପାଇଁ ଇଡ଼ିଆଇଆଇ ସହାୟକ ହୋଇଛି । ଏହି ତାଲିମ ଉଦ୍ୟୋଗୀ ଜୀବନ ପ୍ରାରମ୍ଭରେ ସେମାନଙ୍କ ପାଇଁ ଆତ୍ମବିଶ୍ୱାସ ସୃଷ୍ଟିରେ ସହାୟକ ହୋଇପାରିଛି । ପରିବେଶରେ ସେମାନେ ସଫଳତା ଲାଭ କରିପାରିଛନ୍ତି ।

ଭୋଡାଫୋନ୍ ଆଇଡିଆ ପକ୍ଷରୁ ଭୋଡାଫୋନ୍ ରେଡ୍ ବ୍ରାଣ୍ଡ୍ ଅଧୀନରେ ପୋଷ୍ଟପେଡ୍ ସେବା ପ୍ରଦାନ କରାଯିବ

ଭୁବନେଶ୍ୱର: ଭୋଡାଫୋନ୍ ଆଇଡିଆ ଲିମିଟେଡ୍ ପକ୍ଷରୁ ଏହାର ପ୍ରିମିୟମ ବ୍ରାଣ୍ଡ୍ ଭୋଡାଫୋନ୍ ରେଡ୍ ଅଧୀନରେ ସ୍ୱତନ୍ତ୍ର ଭାବେ ପୋଷ୍ଟ ପେଡ୍ ସେବା ପ୍ରଦାନ କରାଯିବ ବୋଲି ଘୋଷଣା କରାଯାଇଛି। ମୁମ୍ବାଇରୁ ଏହି ସେବା ଆରମ୍ଭହୋଇ ପର୍ଯ୍ୟାୟକ୍ରମେ ଦେଶର ଅନ୍ୟ ସମସ୍ତ ସର୍କଲ୍‌ରେ ଲାଗୁ କରାଯିବ।ଉଭୟ ଭୋଡାଫୋନ୍ ଓ ଆଇଡିଆର ବ୍ରାଣ୍ଡ୍ ଅଧୀନରେ ସମସ୍ତ ଷ୍ଟୋର ଏବଂ ଡିଜିଟାଲ୍ ଚ୍ୟାନେଲ୍‌ରେ ଭୋଡାଫୋନ ରେଡ୍‌ପୋଷ୍ଟପେଡ୍ ପ୍ଲାନ୍ ଉପଲବ୍ଧ ହେବ। ସମସ୍ତ ନୂଆ ପୋଷ୍ଟପେଡ୍ ଗ୍ରାହକଙ୍କୁ ସିଧାସଳଖ ଭୋଡାଫୋନ୍ ରେଡ୍‌ରେ ସେମାନଙ୍କପସନ୍ଦ ଓ ବ୍ୟବହାର ଅନୁସାରେ ସାମିଲ କରାଯିବ ଓ ଆଇଡିଆର ପୋଷ୍ଟପେଡ୍ ସେବା ଆଇଡିଆ ନିର୍ବାଣର ଗ୍ରାହକମାନେମଧ୍ୟ ଭୋଡାଫୋନ୍ ପୋଷ୍ଟ୍‌ପେଡ୍ ସେବାକୁ ପରିବର୍ତ୍ତିତ ହୋଇପାରିବେ। ଏଂଟରପ୍ରାଇଜେସ୍ ଆଇଡିଆ ପୋଷ୍ଟ୍‌ପେଡ୍‌ଗ୍ରାହକମାନଙ୍କ ପାଇଁ ମଧ୍ୟ ଏହି ପରିବର୍ତ୍ତନ ଲାଗୁ ହେବ।ମୁମ୍ବାଇ ସର୍କଲର ଆଇଡିଆ ନିର୍ବାଣ ଗ୍ରାହକମାନଙ୍କୁ ଭୋଡାଫୋନ ରେଡ୍‌କୁ ସ୍ୱାଗତ କରି ଅଭନୀଶ ଖୋସଲା, ମାର୍କେଟିଂନିର୍ଦ୍ଦେଶକ, ଭୋଡାଫୋନ୍ ଆଇଡିଆ କହିଛନ୍ତି ଯେ, "ଆମର ପୋଷ୍ଟପେଡ୍ ସେବାକୁ ଭୋଡାଫୋନ୍ ରେଡ୍ ଅଧୀନରେସମନ୍ୱିତ କରି ଆମେ ଗୋଟିଏ କଂପାନି, ଗୋଟିଏ ନେଟୱର୍କର ବିଷୟବସ୍ତୁକୁ ଆଗକୁ ବଢ଼ାଉଚୁ।

ଫୋର୍ଟିଗୋ ନେଟ୍‌ୱାର୍କ ପକ୍ଷରୁ ଭୁବନେଶ୍ୱରର ଟ୍ରାନସ୍‌ପୋର୍ଟର ମାନଙ୍କ ନିମନ୍ତେ ନୂତନ ସେବା

ଭୁବନେଶ୍ୱର : ରୋଡ ଟ୍ରାନସ୍‌ପୋର୍ଟ ଇକୋ ସିଷ୍ଟମର ଟ୍ରାନସ୍‌ପୋର୍ଟର ମାଲିକମାନଙ୍କ କାର୍ଯ୍ୟଶୈଳୀକୁ ସରଳୀକରଣ କରିବା ଲକ୍ଷ୍ୟରେ ଟେକ୍‌ନୋଲୋଜୀ ଯୁକ୍ତ ଲଜିଷ୍ଟିକ୍ ସର୍ଭିସ୍ ପ୍ରଦାନକାରୀ ସଂସ୍ଥା ଫୋର୍ଟିଗୋ ନେଟ୍‌ୱାର୍କସ୍ ପ୍ରାଇଭେଟ୍ ଲିମିଟେଡ୍ ପକ୍ଷରୁ ଭୁବନେଶ୍ୱରରେ ନିଜର ବ୍ୟବସାୟିକ ସଂପ୍ରସାରଣ କରାଯାଇଛି। କଟକ, ଖୋର୍ଦ୍ଧା, ପାରାଦ୍ୱୀପ, ଅନୁଗୁଳ ଏବଂ କେନ୍ଦୁଝର ଆଦି ସହରର ଟ୍ରାନ୍ସପୋର୍ଟ ମାଲିକମାନେ ଫୋର୍ଟିଗୋ ନେଟ୍‌ୱାର୍କର ଡିଜିଟାଲ ପ୍ଲାଟଫର୍ମ ମାଧ୍ୟମରେ ଏହି ସେବା ସହ ଯୁକ୍ତ ହୋଇ ପାରିବେ। କ୍ଲାଉଡ ବେସଡ୍ ଟେକ୍‌ନୋଲୋଜୀ ପ୍ଲାଟଫର୍ମ ଫୋର୍ଟିଗୋ ନେଟ୍‌ୱାର୍କସ୍ ସଂପ୍ରତି ଭୁବନେଶ୍ୱରଠାରେ ଏହାର ଏକ ଲାଇଭ ପ୍ରଦର୍ଶନ କରିଛି। ଏହି ପ୍ଲାଟଫର୍ମରେ ଯୁକ୍ତ ଲୋକମାନଙ୍କର ଆୟରେ ୨୦-୪୦% ବୃଦ୍ଧି ହେବା ସହ ସମସ୍ତ ଟ୍ରାନ୍ସପୋଟରମାନେ ଟ୍ରିପ ମଧ୍ୟରେ ଖାଲି ସମୟ କିମ୍ବା ଟୋଲଗେଟ୍‌ରେ ଅଧିକ ସମୟ ଅପେକ୍ଷା କରିବାର ଚିନ୍ତାରୁ ଦୂର ହୋଇପାରିବେ। କାରଣ ଫୋର୍ଟିଗୋ ନେଟ୍‌ୱାର୍କ ଫ୍ରି ଫାଷ୍ଟଟ୍ୟାଗ୍ ସହ ଅନଲାଇନ୍ ମାଧ୍ୟମରେ ଫୁଏଲ ଓ ଟୋଲ ଟ୍ୟାକ୍ସ ପ୍ରଦାନ କରିଥାଏ। ଟ୍ରିପ୍ ଏକ୍ସପେନସେସ୍ ରେମିଟାନ୍ସ ମ୍ୟାନେଜମେନ୍ଟ ସିଷ୍ଟମ(ଟର୍ମସ୍) ମାଧ୍ୟମରେ ଡ୍ରାଇଭରମାନଙ୍କର ପେମେନ୍ଟ, ଫୁଏଲ ପେମେନ୍ଟ ଓ ଟୋଲ ଟ୍ୟାକ୍ସ ଫିରେ ବର୍ଷକୁ ଟ୍ରକ ପିଛା ୨୫୦୦୦ଟଙ୍କାର ଖର୍ଚ୍ଚ କମାଯାଇପାରିବ। ଟ୍ରାନ୍ସପୋର୍ଟରମାନଙ୍କ ଦ୍ୱାରା କରାଯାଉଥିବା ପ୍ରତ୍ୟେକ ନେଣଦେଣ ପୋର୍ଟାଲରେ ଦେଖାଯାଇପାରିବ। ଟ୍ରାନ୍ସପୋର୍ଟରମାନେ ଏହି ପ୍ଲାଟଫର୍ମ ମାଧ୍ୟମରେ ସେମାନଙ୍କର ଟ୍ରକ୍‌କୁ ଟ୍ରାକ୍ କରିପାରିବା ସହ ରୋଡ୍ ସାଇଡ୍ ଆସିଷ୍ଟାନ୍ସ, ଆଇଓସି ପକ୍ଷରୁ ଇନସିଡେନ୍ଟ ମ୍ୟାନେଜମେନ୍ଟ, ଫ୍ରି ପାର୍କିଂ ଏବଂ ଟ୍ରକ ଡ୍ରାଇଭରମାନଙ୍କ ପାଇଁ ବିଶ୍ରାମର ସୁବିଧା ମଧ୍ୟ ପାଇପାରିବେ। ଦ୍ରବ୍ୟ ପରିବହନ କ୍ଷେତ୍ରରେ ଜିଏସ୍‌ଟିକୁ ନେଇ ପ୍ରଯୁକ୍ତିଗତ ସମସ୍ୟାକୁ ମଧ୍ୟ ଫୋର୍ଟିଗୋ ଦୂର କରିଥାଏ। ଏହି ଅବସରରେ ଫୋର୍ଟିଗୋ ନେଟ୍‌ୱାର୍କ କୋ-ଫାଉଣ୍ଡର ଏବଂ ସିଇଓ ଅନୀ ମଣ୍ଡଳ କହିଲେ, 'ଡିଜିଟାଲକରଣ ଯୋଗୁଁ ଦେଶର ଛୋଟ ଛୋଟ ସହରରେ ବ୍ୟବସାୟିକ ସୁଯୋଗ ସୃଷ୍ଟି ହୋଇଛି। ଦେଶର ବଡ ବଡ ଟ୍ରାନ୍ସପୋର୍ଟର ମାନଙ୍କ ସହ ଆମେ ଭଲ ବ୍ୟବସାୟ କରୁଛୁ ଏବଂ ଆଶା କରୁଛୁ ଯେ, ଫୋର୍ଟିଗୋକୁ ଏକ ଦୀର୍ଘ ମିଆଦି ସପ୍ଲାଇ ଚେନ୍ ପାର୍ଟନର ଭାବେ ସ୍ଥାପିତ କରିପାରିବୁ।

ଜାତିଗତ ଜନଗଣନାକୁ କେନ୍ଦ୍ରର ପ୍ରତ୍ୟାଖାନ; ଓଡ଼ିଶାକୁ ଧକ୍କା, ପ୍ରତିବାଦ ହେଉ : ସାମାଜିକ ନ୍ୟାୟ ସାମ୍ମୁଖ୍ୟ

ଭୁବନେଶ୍ୱର : କେନ୍ଦ୍ର ଗୃହ ରାଷ୍ଟ୍ରମନ୍ତ୍ରୀ ନିତ୍ୟାନନ୍ଦ ରାୟ ଆଜି ରାଜ୍ୟସଭାରେ ବିବୃତ୍ତି ରଖି ଜାତିଗତ ଜନଗଣନା ଦାବିକୁ ପ୍ରତ୍ୟାଖାନ କରିଛନ୍ତି । ଓଡ଼ିଶା ସରକାର ଗତ ଜାନୁଆରୀ ୧୧ତାରିଖ ଛୁଟି ଦିନ କ୍ୟାବିନେଟ୍ ବୈଠକ ଡାକି ଜନଗଣନାରେ ପଛୁଆବର୍ଗ ଜନଗଣନା ପାଇଁ କେନ୍ଦ୍ରକୁ ଅନୁରୋଧ କରିଥିଲେ । ବିଜେଡ଼ି ସଂସଦୀୟ ଦଳ ବୈଠକରେ ମଧ ରାଜ୍ୟର ସାଂସଦମାନେ ଏହି ଦାବିକୁ ପାର୍ଲାମେଣ୍ଟରେ ଦୃଢ ଭାବରେ ସ୍ଥାପିତ କରିବାକୁ ମାନ୍ୟବର ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ । ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ବିଜେଡ଼ି ସଂସଦୀୟ ଦଳ ନେତା ପିନାକୀ ମିଶ୍ର ଓ ରାଜ୍ୟ ସଭାରେ ସାଂସଦ ସସ୍ମିତ ପାତ୍ର ପଛୁଆବର୍ଗ ଜନଗଣନା ପାଇଁ ଦାବି କରିଥିଲେ । ମାତ୍ର କେନ୍ଦ୍ର ଗୃହରାଷ୍ଟ୍ର ମନ୍ତ୍ରୀ ଆଜି ଓଡ଼ିଶାର ଏହି ଦାବିକୁ ଏଡ଼ାଇ ଯାଇଛନ୍ତି । କେନ୍ଦ୍ର ସରକାରଙ୍କ ଓଡ଼ିଶା ପ୍ରତି ଅବହେଳାର ଏହା ଅନ୍ୟ ଏକ ନଗ୍ନ ଉଦାହରଣ । ରାଜ୍ୟର ୫୪ ଭାଗ ପଛୁଆବର୍ଗ ଜନସାଧାରଣ ଏହାଫଳରେ ତାଙ୍କର ସାମ୍ବିଧାନିକ ଅଧିକାରରୁ ବଞ୍ଚିତ ହେବେ । ବିଗତ ୨୦ ବର୍ଷ ଧରି ସେମାନେ ନାମଲେଖା ଓ ନିଯୁକ୍ତି କ୍ଷେତ୍ରରେ ସଂରକ୍ଷଣରୁ ବଞ୍ଚିତ ହୋଇଚାଲିଛନ୍ତି । ଆଜି ଯେତେବେଳେ ରାଜ୍ୟ ସରକାର ୧ଲକ୍ଷ ୩୧ ହଜାର ସରକାରୀ ପଦବୀ ପୂରଣ କରିବାକୁ ଯାଉଛନ୍ତି, ସେତିକିବେଳେ ୨୭ଭାଗ ସଂରକ୍ଷଣ ଦିଆଯାଇପାରିଲେ ପଛୁଆବର୍ଗ ଜନସାଧାରଣ ୩୫ ହଜାର ଚାକିରୀ ପାଇପାରନ୍ତେ । ମାତ୍ର ଓଡ଼ିଶା ସରକାର ୧୧.୨୫ ନିଯୁକ୍ତି କ୍ଷେତ୍ରରେ ସଂରକ୍ଷଣ ଦେଉଥିବା ଯୋଗୁଁ ଏହି ବର୍ଗ ମାତ୍ର ୧୫ହଜାର ପଦବୀରେ ନିଯୁକ୍ତି ସୁଯୋଗ ପାଇବେ । ଅର୍ଥାତ୍ ୨୦ହଜାର ପଦବୀ ପଛୁଆବର୍ଗଙ୍କୁ ହରାଇବାକୁ ପଡ଼ିବ । ସେହିଭଳି ମେଡ଼ିକାଲ, ଇଂଜିନିୟରିଂ ଓ ଏମ୍.ବି.ଏ ସମେତ କଲେଜ ଓ ୟୁନିଭରସିଟ୍ ଆଡ୍‌ମିସନ୍‌ରେ ନାମଲେଖାରେ ଆଦୌ ସଂରକ୍ଷଣ ନଥିବାରୁ ଏହି ବର୍ଗର ଛାତ୍ରଛାତ୍ରୀମାନେ ୧୯୯୪ ମସିହାରୁ ନିଜର ସାମ୍ବିଧାନିକ ଅଧିକାରରୁ ବଞ୍ଚିତ ହୋଇଆସୁଛନ୍ତି । ତେଣୁ ଏହାକୁ ଆଖି ଆଗରେ ରଖି ଓଡ଼ିଶା ସରକାର ଓ ରାଜ୍ୟର ସାଂସଦମାନେ ଏହାର ପ୍ରତିବାଦ କରିବାକୁ ରାଜ୍ୟର ପଛୁଆବର୍ଗଙ୍କର ଅଧିକାର ନେଇ ଲଢେଇ କରୁଥିବା ସଂଗଠନ "ସାମାଜିକ ନ୍ୟାୟ ସାମ୍ମୁଖ୍ୟ" ଦାବି କରିଛି ।

ରିଅଲ୍‌ମି ପକ୍ଷରୁ ଏହାର ଶକ୍ତିଶାଳୀ ସ୍ମାର୍ଟଫୋନ୍ ରିଅଲ୍‌ମି ସି୩ର ବଜାର ପ୍ରବେଶ

ଭୁବନେଶ୍ୱର: ଦ୍ରୁତଅଭିବୃଦ୍ଧିଶୀଳ ସ୍ମାର୍ଟଫୋନ୍ ବ୍ରାଣ୍ଡ ରିଅଲ୍‌ମି ପକ୍ଷରୁ ଆଜି ଭାରତୀୟ ବଜାରରେ ଏହାର 'ଏଂଟର୍‌ଟେନ୍‌ମେଂଟ୍ କା ସୁପରଷ୍ଟାର'- ରିଅଲ୍‌ମି ସି୩ର ଉନ୍ମୋଚନ କରାଯାଇଛି, ଯାହାକି ହେଉଛି ଏକ ଶକ୍ତିଶାଳୀ ଏଂଟ୍ରି ଲେଭେଲ୍ ସ୍ମାର୍ଟଫୋନ୍। ରିଅଲ୍‌ମି ସି୩ ପ୍ରଦର୍ଶନ, ବ୍ୟାଟେରୀ, ଡିସ୍‌ପ୍ଲେ ଓ କ୍ୟାମେରା ଭଳି ୪ଟି ପ୍ରମୁଖ କ୍ଷେତ୍ରରେ ଏକ ସୁପରଷ୍ଟାର। ଏହି ବର୍ଗରେ ପ୍ରଥମ ଥର ପାଇଁ ସି୩ରେ ବିଶ୍ୱର ପ୍ରଥମ ମିଡିଆଟେକ୍ ହେଲିଓ ଜି୭୦ ପ୍ରୋସେସର ଦିଆଯାଇଛି, ଯାହାକି ଉଭୟ ସାଧାରଣ ଉପଭୋକ୍ତା ଓ ଗେମର୍‌ମାନଙ୍କ ପାଇଁ ଶକ୍ତିଶାଳୀ ଓ ଦ୍ରୁତ ପ୍ରଦର୍ଶନ ସୁନିଶ୍ଚିତ କରିବ। ଏହି ରିଅଲ୍‌ମି ସି୩ ସ୍ମାର୍ଟଫୋନ୍ ବ୍ଲେଜିଙ୍ଗ୍ ରେଡ୍ ଓ ଫ୍ରୋଜେନ୍ ବ୍ଲୁ ଭଳି ଦୁଇଟି କଲର୍‌ରେ ବଜାରକୁ ଆସିବ। ଏହାର ପ୍ରଥମ ସେଲ୍ ଆସନ୍ତା ଫେବୃଆରୀ ୧୪ ତାରିଖରେ ଆରମ୍ଭ ହେବ। ସି୩ ସ୍ମାର୍ଟଫୋନ୍‌ର ୩ଜିବି+୩୨ଜିବି ଭାରିଆଂଟ୍‌ର ମୂଲ୍ୟ ୬୯୯୯ ଟଙ୍କା ରହିଥିବା ବେଳେ ଏହାର ୪ଜିବି+୬୪ଜିବି ଭାରିଆଂଟ୍‌ର ମୂଲ୍ୟ ୭୯୯୯ ଟଙ୍କା ରହିଛି। ଏହି ରିଅଲ୍‌ମି ସି୩ ଏହାର ପ୍ରଥମ ବିକ୍ରୟ ପରଠାରୁ ଫ୍ଲିପ୍‌କାର୍ଟ, ରିଅଲ୍‌ମି ଡଟ୍ କମ୍ ଓ ନିର୍ଦ୍ଦିଷ୍ଟ ପାର୍ଟନର୍ ଷ୍ଟୋରରେ ଉପଲବ୍ଧ ହେବ। ପ୍ରଥମ ସେଲ୍ ପାଇଁ ଫ୍ଲିପ୍‌କାର୍ଟରେ ଯେକୌଣସି ସ୍ମାର୍ଟଫୋନ୍‌ର ଏକ୍ସଚେ ଉପରେ ସର୍ବନିମ୍ନ ୧୦୦୦ ଟଙ୍କାର ରିହାତି ସୁବିଧା ପ୍ରଦାନ କରାଯିବ। ଫ୍ଲିପ୍‌କାର୍ଟ ଓ ରିୟଲ୍‌ମି ଡଟ୍ କମ୍‌ରୁ ଏହି ସ୍ମାର୍ଟଫୋନ୍ କିଣିଲେ ଗ୍ରାହକ ୩୪୯ ଟଙ୍କାର ୩୪୯ ଟଙ୍କାର ଜିଓ ବେନିଫିଟ୍ ପାଇପାରିବେ। ଗ୍ରାହକମାନେ ୭୫୫୦ ଟଙ୍କାର ଲାଭ ସହ ୨୨୦୦ ଟଙ୍କାର ତୁରନ୍ତ କ୍ୟାସ୍‌ବ୍ୟାକ୍ ମଧ ପାଇପାରିବେ।ରିଅଲ୍‌ମି ସି୩ରେ ୫୦୦୦ ଏମ୍‌ଏଏଚ୍ ବ୍ୟାଟେରୀ, ୬.୫୨ ଇଂଚ୍ ଏଚ୍‌ଡି+ ମିନି-ଡ୍ରପ୍ ଫୁଲ୍‌ସ୍କ୍ରିନ୍, ବିଶ୍ୱର ପ୍ରଥମ ମିଡିଆଟେକ୍ ହେଲିଓ ଜି୭୦ ପ୍ରୋସେସର୍, ମିଡିଆଟେକ୍ ଗେମିଙ୍ଗ ଟେକ୍ନୋଲୋଜି, ଏଲ୍‌ପିଡିଡିଆର୍୪ଢ ରାମ୍, ଡୁଆଲ ସିମ୍ ସ୍ଲଟ୍, ୨୫୬ ଜିବି ପର୍ଯ୍ୟନ୍ତ ସଂପ୍ରସାରଣଯୋଗ୍ୟ ମେମୋରୀ, ୧୨+୨ ଏମ୍‌ପି ଦୁଇଟି ପଛ କ୍ୟାମେରା ସେଟ୍‌ଅପ୍, ୫ଏମ୍‌ପି ସେଲ୍‌ଫି କ୍ୟାମେରା, କ୍ରୋମା ବୁଷ୍ଟ, ପୋର୍ଟ୍ରେଟ୍ ମୋଡ୍, ସ୍ଲୋମୋଶନ ଭିଡିଓ ରେକର୍ଡିଙ୍ଗ, ଅଟୋମାଟିକ୍ ଏଚ୍‌ଡିଆର୍ ମୋଡ୍, ୧୦୮୦ପି ଭିଡିଓ ସୁଟିଙ୍ଗ୍ ସପୋର୍ଟ, ଫୋକସ୍ ମୋଡ୍ ଭଳି ବୈଶିଷ୍ଟ୍ୟ ରହିଛି। ଏହି ସ୍ମାର୍ଟଫୋନ୍‌ର ଶୁଭାରମ୍ଭ ଅବସରରେ ରିଅଲ୍‌ମି ଇଣ୍ଡିଆର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଏବଂ ରିଅଲ୍‌ମିର ଉପାଧ୍ୟକ୍ଷ ଶ୍ରୀ ମାଧବ ସେଠ୍ କହିଛନ୍ତି ଯେ, "ଆମର ଏଂଟ୍ରି ଲେଭେଲ ସି ସିରିଜ୍ ସ୍ମାର୍ଟଫୋନ୍‌କୁ ଭାରତରେ ଆମର ବିଶ୍ୱସନୀୟ ଉପଭୋକ୍ତାଙ୍କଠାରୁ ଚମତ୍କାର ପ୍ରତିକ୍ରିୟା ମିଳିଥିଲା ଓ ଆମେ ଏହି ସ୍ମାର୍ଟଫୋନ୍‌ର ୧୦.୨ ନିୟୁତ ୟୁନିଟ୍ ବିକ୍ରି କରିଥିଲୁ। ଏହାକୁ ଦୃଷ୍ଟିରେ ରଖି ସି୩ କ୍ଷେତ୍ରରେ ମଧ ଆମକୁ ସମାନ ସଫଳତା ମିଳିବ ବୋଲି ଆମେ ଆଶା ରଖିଛୁ।

କିଆ ମୋଟର୍ସ ଇଣ୍ଡିଆ ପକ୍ଷରୁ ଭାରତରେ ନୂତନ କାର୍‌ର ଶୁଭାରମ୍ଭ

ଭୁବନେଶ୍ୱର: କିଆ ମୋଟର୍ସ କର୍ପୋରେଶନର ସହାୟକ କମ୍ପାନୀ କିଆ ମୋଟର୍ସ ଇଣ୍ଡିଆ ପକ୍ଷରୁ ଆଜି ଅଟୋ ଏକ୍ସପୋ ୨୦୨୦ରେ ଭାରତୀୟ ବଜାର ପାଇଁ ଦୁଇଟି ନୂତନ ମଡେଲ୍ ଶୁଭରମ୍ଭ କରାଯାଇଛି। ପ୍ରଥମ ଥର ପାଇଁ ଉନ୍ମୋଚିତ ହୋଇଥିବା ଏହି କିଆ ସୋନଟେ ବ୍ରାଣ୍ଡର ଏକ ଫ୍ୟୁଚର ଗ୍ଲୋବାଲ କମ୍ପାକ୍ଟ ଏସୟୁଭି ପ୍ରଦର୍ଶିତ କରିଥିଲା। ଏହି କନ୍‌ସେପ୍ଟକୁ ୨୦୨୦ର ୨ୟ ଭାଗରେ ଭାରତୀୟ ବଜାରରେ ଶୁଭାରମ୍ଭ ପାଇଁ ବିକଶିତ କରାଯିବ। ଏହି କାର୍ଣ୍ଣିଭାଲ ଔପଚାରିକ ଭାବେ ଭାରତରେ ୩ଟି ଭିନ୍ନ ଭିନ୍ନ ବିଶେଷତ୍ୱ ସହ ଏହାର ପ୍ରିମିୟମ ଭାରିଆଂଟ୍‌ସପାଇଁ ଟ.୨୪.୯୫ ଲକ୍ଷ(ଏକ୍ସଶୋ'ରୁମ୍), ଏହାର ପ୍ରେଷ୍ଟିଜ୍ ଭାରିଆଂଟ୍ ପାଇଁ (ଏକ୍ସଶୋ'ରୁମ୍) ଟ. ୨୮.୯୫ଲକ୍ଷ ଓ ଏହାର ଲିମୋଜିନ୍ ଭାରିଆଂଟ୍ ପାଇଁ ଟ. ୩୩.୯୫ଲକ୍ଷ(ଏକ୍ସଶୋ'ରୁମ୍)ର ପ୍ରାରମ୍ଭିକ ମୂଲ୍ୟରେ ଶୁଭାରମ୍ଭ ହୋଇଛି। କିଆ ଏହି ନୂତନ କାର୍ ପାଇଁ ପ୍ରଥମ ଦିନର ଅର୍ଡର୍‌ରେ ୧୪୦୦ ବୁକିଙ୍ଗ୍ ହାସଲ କରିଥିଲା ଏବଂ ବର୍ତ୍ତମାନ ସୁଦ୍ଧା ଏହି କାର୍ ପାଇଁ କମ୍ପାନୀ ୩୫୦୦ରୁ ଅଧିକ ବୁକିଙ୍ଗ ହାସଲ କରିଛି। କିଆ ସୋନେଟ୍ କନ୍‌ସେପ୍ଟକୁ ଆଜି ପ୍ରଥମ ଥର ପାଇଁ ଉନ୍ମୋଚନ କରାଯାଇଛି ଯାହାକି ଭାରତରେ କିଆ ପକ୍ଷରୁ ଉପଲବ୍ଧ କରାଯାଇଥିବା ୩ୟ ଉତ୍ପାଦର ପ୍ରାକ୍ ପ୍ରଦର୍ଶନ କରିଛି। ଏକ ଆଧୁନିକ, ଗତିଶୀଳ ଓ ନିର୍ଭୀକ ଡିଜାଇନ୍ ସହ ସୋନେଟ୍‌ରେ ଏକାଧିକ ଫାର୍ଷ୍ଟ-ଇନ୍-କ୍ଲାସ୍ ଫିଚର ରହିଛି। ଆଜି ଭାରତୀୟ ବଜାର ପାଇଁ ଲଂଚ୍ ହୋଇଥିବା କାର୍ଣ୍ଣିଭାଲ ଏକ ୨.୨ ଲିଟର ଭିଜିଟି ବିଏସ୍୬ ଡିଜେଲ ଇନ୍ ଦ୍ୱାରା ପରିଚାଳିତ ହେଉଥିବା ବେଳେ ଏଥିରେ ସହଜ ଓ ବାଧାହୀପ ପ୍ରଦର୍ଶନ ପାଇଁ ୮-ସ୍ପିଡ୍ ସ୍ପୋର୍ଟସ୍‌ମାଟିକ୍ ଟ୍ରାନ୍ସମିଶନ ସହ ଏକ କ୍ଲାସ୍-ଲିଡିଙ୍ଗ୍ ଡ୍ରାଇଭ୍‌ଟ୍ରେନ୍ ରହିଛି ୟୁଭିଓ କନେକ୍ଟ ୩୭ଟି ସ୍ମାର୍ଟ ଫିଚର ପ୍ରଦାନ କରୁଥିବା ବେଳେ ଏହାକୁ ପ୍ରାରମ୍ଭିକ କ୍ରୟ ପରେ ୩ ବର୍ଷ ପାଇଁ ମାଗଣାରେ ଭାରତୀୟ ଗ୍ରାହକଙ୍କ ଲାଗି ଉପଲବ୍ଧ କରାଯାଇଛି। କିଛି ନିର୍ଦ୍ଦିଷ୍ଟ ୟୁଭିଓ ଫିଚରଗୁଡ଼ିକୁ ଉପଭୋକ୍ତାମାନେ ସ୍ମାର୍ଟୱାଚ୍ ମାଧ୍ୟମରେ ଆକ୍‌ସେସ୍ କରିପାରିବେ ଯାହାଫଳରେ ସେମାନେ କାର୍ କନେକ୍ଟିଭିଟିକୁ ଏକ ନୂତନ ସ୍ତରକୁ ନେଇପାରିବେ। ନୂଆ କାର୍ଣ୍ଣିଭାଲ ପ୍ରିମିୟମ ଏଭିପି ବର୍ତ୍ତମାନ ଦେଶବ୍ୟାପୀ କିଆ ଶୋ'ରୁମ୍‌ଗୁଡିକରୁ ଅର୍ଡର ପାଇଁ ଉପଲବ୍ଧ ହେଉଛି।

PARADIP PORT TRUST
e-TENDER CALL NOTICE
Name of the work : **"Cleaning of spillage soil from the road of Zone-II area for a period of one year"**.Estimate Cost:**Rs.67,63,899/-**.
Last Date & time of submission of Bid: **24.02.2020 upto 17.15 Hrs**. For details please refer the Website**http://eprocure.gov.in/eprocure/app**
Executive Engineer,
Harbour Works Division No.II
PPT/PR/649/19-20, Dt.06/02/2020

Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com
ସମ୍ପାଦକ:ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray